୫୧
# ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୧/୨୦୨୪ (୧୬ ପୃଷ୍ଠା) Bhubaneswar, Wednesday, December 11/2024 Page 16 ₹ 7.00 | SAMBALPUR
୫୧ଶ ଭାଗ ୧୮ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 18 ମୂଲ୍ୟ₹୭/-




KAMLA PASAND
Anokha Swad
KP GROUP Quality Since 1965
SILVER COATED ELAICHI
Anokha Swad
KAMLA PASAND
SILVER COATED ELAICHI
Watch at : f YouTube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.

୫୧

# ଧରିତ୍ରୀ
DHARITRI



## ୧୦ ବର୍ଷରେ ମଲେଣି ୮୫୭ ହାତୀ

ଭୁବନେଶ୍ୱର,୧୦।୧୨(ଅନିଲ ଦାସ)

ଗତ ୧୦ ବର୍ଷ (୨୦୧୪-୧୫ରୁ ୨୦୨୩-୨୪) ମଧ୍ୟରେ ରାଜ୍ୟର ବିଭିନ୍ନ ଜଙ୍ଗଲରେ ୮୫୭ ହାତୀଙ୍କର ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୩୦୫ ହାତୀ ରୋଗର ଶିକାର ହୋଇ ମୃତ୍ୟୁବରଣ କରିଥିବା ବେଳେ ୧୪୯ ହାତୀ ବିଦ୍ୟୁତ ଆଘାତ, ପ୍ରାକୃତିକ କାରଣରୁ ୨୨୯, ଶିକାର ଦ୍ୱାରା ୩୦, ବିଷ ଦ୍ୱାରା ୨, ରେଳ ଦୁର୍ଘଟଣା ଦ୍ୱାରା ୨୯, ସଡ଼କ ଦୁର୍ଘଟଣା ଦ୍ୱାରା ୭, ପ୍ରତିହିଂସା ପରାୟଣ ଦ୍ୱାରା ୧୬ ମରିଛନ୍ତି। ତେବେ ୯୦ଟି ହାତୀ କେଉଁ କାରଣରୁ ମରିଛନ୍ତି ତାହା ଅସ୍ପଷ୍ଟ ରହିଛି। ଭାଜପା ସଭ୍ୟ ପ୍ରଶାନ୍ତ ଜଗଦ୍ଦେବଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ୨୦୨୪ ନଭେମ୍ବର ସୁଦ୍ଧା ରାଜ୍ୟରେ ୨୧୦୩ ହାତୀ ଅଛନ୍ତି। ୨୦୧୫ରେ ୧୯୫୪ ହାତୀ ଥିବାବେଳେ ୨୦୧୭ରେ ୧୯୭୬, ୨୦୨୪ ମେ'ରେ ୨୦୯୮ ଏବଂ ୨୦୨୪ ନଭେମ୍ବର ସୁଦ୍ଧା ରାଜ୍ୟରେ ହାତୀ ସଂଖ୍ୟା ୨୧୦୩ରେ ପହଞ୍ଚିଛି। ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ ୧୦୩ଟି ହାତୀ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ମମତାଙ୍କୁ 'ଇଣ୍ଡିଆ'ର ସମର୍ଥନ ବଢ଼ୁଛି
ପୃଷ୍ଠା-୧୦

ଆଜିର ସମ୍ପାଦକୀୟ
ମନ ଛି

# ଧନ୍‌କରଙ୍କ ବିରୋଧରେ ଅନାସ୍ଥା

ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି କୌଣସି ରାଜନୈତିକ ଦଳ ବା ନେତାଙ୍କ ପ୍ରତି ଆନୁଗତ୍ୟ ପ୍ରଦର୍ଶନ ନ କରି ନିରପେକ୍ଷତା ଅବଲମ୍ବନ କରିବେ ବୋଲି ଆଶା କରାଯାଏ। କିନ୍ତୁ ଭାରତର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଶାସକ ଦଳ ପ୍ରତି ଢଳୁଥିବା ଅଭିଯୋଗ କରି ମଙ୍ଗଳବାର ଇଣ୍ଡିଆ ବ୍ଲକ୍ ଏମ୍‌ପିମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ଧନ୍‌କର ଗୃହରେ ଶାସକ ପକ୍ଷକୁ ସୁହାଇଲା ଭଳି ପଦକ୍ଷେପ ନେବା ସହ ବିରୋଧୀ ସଦସ୍ୟମାନଙ୍କୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବାକୁ ସୁଯୋଗ ଦେଉ ନ ଥିବାରୁ ଅନାସ୍ଥା ଆଣିବାକୁ ବାଧ୍ୟ ହୋଇଥିବା ପ୍ରାୟ ୬୦ ସଦସ୍ୟଙ୍କ ସ୍ୱାକ୍ଷର ସମ୍ବଳିତ ନୋଟିସରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଉଲ୍ଲେଖ କରିଛି। ବିଶେଷକରି ଆଦାନୀ ଗ୍ରୁପ୍‌ର ଲାଞ୍ଚ ଅଭିଯୋଗ ସଂକ୍ରାନ୍ତ ପ୍ରସଙ୍ଗ ସରଗରମ ଥିବାବେଳେ ଆମେରିକୀୟ ଶିଳ୍ପପତି ଜର୍ଜ ସୋରୋସ୍‌ଙ୍କ ସଂସ୍ଥା ସହ କଂଗ୍ରେସର ସମ୍ପର୍କକୁ ନେଇ ସଂସଦରେ ହଟ୍ଟଗୋଳ ଜାରି ରହିଛି। ଏଭଳି ସ୍ଥଳେ ଉଚ୍ଚ ସଦନ ମୁଖ୍ୟଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିବା ଦେଶର ସଂସଦୀୟ ଇତିହାସରେ ପ୍ରଥମ ଘଟଣା।


ଜଗଦୀପ୍ ଧନ୍‌କର

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ରାଜ୍ୟ ସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ପକ୍ଷପାତମୂଳକ କାର୍ଯ୍ୟ କରୁଥିବା ଅଭିଯୋଗକରି ତାଙ୍କୁ ବହିଷ୍କାର କରିବା ପାଇଁ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଅନାସ୍ଥା ପ୍ରସ୍ତାବ ଆଣିବାକୁ ମଙ୍ଗଳବାର ନୋଟିସ ଦେଇଛନ୍ତି। ଏହି ନୋଟିସରେ କଂଗ୍ରେସ, ଆର୍‌ଜେଡି, ଟିଏମ୍‌ସି, ସିପିଆଇ, ସିପିଆଇ(ଏମ୍), ଜେଏମ୍‌ଏମ୍, ଆପ୍ ଏବଂ ଡିଏମ୍‌କେ ସମେତ ଇଣ୍ଡିଆ ବ୍ଲକ୍‌ର ପ୍ରାୟ ୬୦ ଜଣ ଏମ୍‌ପି ସ୍ୱାକ୍ଷର କରିଛନ୍ତି। କୌଣସି ଉପରାଷ୍ଟ୍ରପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅଣାଯିବା ଭାରତର ସଂସଦୀୟ ଇତିହାସରେ ପ୍ରଥମ ବୋଲି କୁହାଯାଉଛି। ରାଜ୍ୟ ସଭା ମହାସଚିବଙ୍କୁ ଏହି ନୋଟିସ ଦିଆଯାଇଛି। ସଂସଦୀୟ ଗଣତନ୍ତ୍ରର ସ୍ୱାର୍ଥ ପାଇଁ ବିରୋଧୀ ଏଭଳି ପଦକ୍ଷେପ ନେଇଥିବା କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି।

ରାଜ୍ୟ ସଭା ଅଧ୍ୟକ୍ଷ ଧନ୍‌କର ଉଚ୍ଚ ସଦନ କାର୍ଯ୍ୟ ପରିଚାଳନାରେ ଅତ୍ୟନ୍ତ ପକ୍ଷପାତ ନୀତି ଗ୍ରହଣ କରିବାରୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ବ୍ୟତୀତ ଇଣ୍ଡିଆ ବ୍ଲକ୍ ପାଖରେ ଅନ୍ୟ ବିକଳ୍ପ ନ ଥିଲା। ଏହା ବିରୋଧୀ ଦଳଗୁଡ଼ିକ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ନିଷ୍ପତ୍ତି ହୋଇଥିଲେ ମଧ୍ୟ ସଂସଦୀୟ ଗଣତନ୍ତ୍ରର ସ୍ୱାର୍ଥ ପାଇଁ ସେମାନେ ଏହା କରିବାକୁ ବାଧ୍ୟ ହୋଇଥିବା ଜୟରାମ ଏକ୍ସ'ରେ ଲେଖିଛନ୍ତି। ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଧନ୍‌କରଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଥିଲେ। ରାଜ୍ୟ ସଭାରେ ଶାସକ ଦଳର ସଦସ୍ୟମାନଙ୍କୁ କଂଗ୍ରେସ-ସୋରୋସ୍ ସମ୍ପର୍କ ପ୍ରସଙ୍ଗ ଉଠାଇବା ପାଇଁ ଧନ୍‌କର ଅନୁମତି ଦେବା ପରେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ସୋମବାର ବିରୋଧୀ ନିଷ୍ପତ୍ତି ନେଇଥିଲେ। ଶୀତ ଅଧିବେଶନ ଆରମ୍ଭ ଦିନରୁ ପାର୍ଲାମେଣ୍ଟର ☞ପୃଷ୍ଠା-୨

# ୧୭ରୁ ରତ୍ନଭଣ୍ଡାର ମରାମତି

- ଛୁଟି, ବିଶେଷ ଦିନରେ କାର୍ଯ୍ୟ ବନ୍ଦ ରହିବ
- ମରାମତି ସମୟରେ ବାହାରକାଠ ନିକଟରୁ ଦର୍ଶନ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଡିସେମ୍ବର ୧୭ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବ। ପ୍ରତିଦିନ ଦ୍ୱିତୀୟ ଭୋଗ ମଣ୍ଡପ ଓ ଦ୍ୱିପ୍ରହର ଧୂପ ଶେଷ ପରେ ଅପରାହ୍ନ ୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ରତ୍ନଭଣ୍ଡାରର ମରାମତି କାର୍ଯ୍ୟ କରିବା ନେଇ ନିଷ୍ପତ୍ତି ହୋଇଛି। ଦୈନନ୍ଦିନ ନୀତିକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ। କାର୍ଯ୍ୟ ସମୟରେ ଶ୍ରଦ୍ଧାଳୁମାନେ କେବଳ ବାହାର କାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ତେବେ କିଛି ବିଶେଷ ଦିନ, ଶନିବାର, ରବିବାର, ଡିସେମ୍ବର ୩୧, ଇଂରାଜୀ ନବବର୍ଷ ଏବଂ ନୀତିବହୁଳ ଦିବସରେ ମରାମତି କାର୍ଯ୍ୟ ବନ୍ଦ ରହିବ। ଯେଉଁଦିନ କାର୍ଯ୍ୟ ବନ୍ଦ ରହିବ, ତା' ପୂର୍ବଦିନରୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯିବ। ଫଳରେ ଭକ୍ତମାନେ ଜାଣିପାରିବେ। ୩ ମାସ ଭିତରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଶେଷ କରିବାକୁ ଏଏସ୍‌ଆଇ ସମୟ ମାଗିଛି। ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏହି ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ☞ପୃଷ୍ଠା-୨

# ସ୍ତ୍ରୀଙ୍କ ନିର୍ଯାତନାରୁ ଆତ୍ମହତ୍ୟା

## ମିଥ୍ୟା ମାମଲାରେ ଫସାଇ ୩ କୋଟି ଦାବି କରୁଥିଲେ

**ମହିଳାମାନେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ନିର୍ଯାତନାର ଶିକାର ହେଉଥିବା ନେଇ ଅନେକ ସମୟରେ ଅଭିଯୋଗ ସାମ୍ନାକୁ ଆସିଥାଏ। କିନ୍ତୁ ଜଣେ ପୁରୁଷ ନିଜ ସ୍ତ୍ରୀ ଓ ତାଙ୍କ ବାପଘର ଲୋକଙ୍କ ଦ୍ୱାରା ନିର୍ଯାତିତ ହୋଇ ଅତିଷ୍ଠ ହେବା ପରେ ଶେଷରେ ଆତ୍ମହତ୍ୟା କରିବା ଏକ ବିରଳ ଘଟଣା, ଯାହାକି ଉତ୍ତର ପ୍ରଦେଶର ଅତୁଲ ସୁଭାଷଙ୍କ କ୍ଷେତ୍ରରେ ଘଟିଛି। ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ଅତୁଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ଘର ମିଥ୍ୟା ଅଭିଯୋଗ ଆଣି ଅନେକ ମାମଲାରେ ଫସାଇଥିଲେ। କେବଳ ଏତିକି ନୁହେଁ, ସେମାନେ ଅତୁଲଙ୍କୁ ବ୍ଲାକ୍‌ମେଲିଂ କରି ତାଙ୍କଠାରୁ ୩ କୋଟି ଟଙ୍କା ମଧ୍ୟ ଦାବି କରିଥିଲେ। ସ୍ତ୍ରୀଙ୍କଠାରୁ ଅଲଗା ହେବା ପରେ ଅତୁଲ ଏକୁଟିଆ ରହୁଥିଲେ। ତାଙ୍କ ବିରୋଧରେ ଚାଲିଥିବା ମାମଲାକୁ ନେଇ ସେ ମାନସିକ ଯନ୍ତ୍ରଣା ଭୋଗୁଥିଲେ। ୨୦୨୪ ଡିସେମ୍ବର ୯ରେ ବେଙ୍ଗାଲୁରୁରେ ଅତୁଲ ଜୀବନ ହାରିବାକୁ ବାଧ୍ୟ ହୋଇଛନ୍ତି। ଅତୁଲ ଆତ୍ମହତ୍ୟା କରିବା ପୂର୍ବରୁ ଲେଖିଥିବା ୨୪ ପୃଷ୍ଠା ସମ୍ବଳିତ ସୁଇସାଇଡ୍ ନୋଟ୍ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହେବା ସହ ସମ୍ପ୍ରତି ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଅମୀମାଂସିତ ଘରୋଇ ବିବାଦର ସମାଧାନ ପାଇଁ ବେଳ ଥାଉ ଥାଉ ଉଭୟ ପକ୍ଷ ଆଗେଇ ଆସିଥିଲେ ଏଭଳି କରୁଣ ପରିଣତିକୁ ଏଡ଼ାଯାଇପାରିଥାନ୍ତା ବୋଲି ଅନେକେ ମତ ଦେଉଛନ୍ତି।**


ଅତୁଲ ସୁଭାଷ

ବେଙ୍ଗାଲୁରୁ,୧୦।୧୨

କର୍ଣ୍ଣାଟକର ବେଙ୍ଗାଲୁରୁସ୍ଥିତ ଏକ ଘରୋଇ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଅତୁଲ ସୁଭାଷ ଆତ୍ମହତ୍ୟା କରିଛନ୍ତି। ମରାଠାହାଲ୍ଲି ଅଞ୍ଚଳରେ ଥିବା ଅତୁଲଙ୍କ ଘରୁ ତାଙ୍କ ମୃତଦେହ ମିଳିଛି। ଅତୁଲଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ଓ ପରିବାର ଲୋକେ ମିଥ୍ୟା ମାମଲା ରୁଜୁ କରାଉ ଏହାର ସମାଧାନ ପାଇଁ ୩ କୋଟି ଟଙ୍କା ଦାବି କରୁଥିଲେ। ସେ ଏଥିରେ ଅତିଷ୍ଠ ହୋଇ ଆତ୍ମହତ୍ୟା କରିଥିବା ମଙ୍ଗଳବାର ପୋଲିସ କହିଛି।

ଉତ୍ତରପ୍ରଦେଶର ୩୪ ବର୍ଷୀୟ ପ୍ରଯୁକ୍ତି ବିଶେଷଜ୍ଞ ଅତୁଲ ସୁଭାଷ ବେଙ୍ଗାଲୁରୁର ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସଫ୍ଟୱେର ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ସେ ୨୪ ପୃଷ୍ଠାର ଏକ ସୁଇସାଇଡ୍ ନୋଟ୍ ☞ପୃଷ୍ଠା-୨

DSPL - 247


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଶ୍ରୀ ସୂର୍ଯ୍ୟବଂଶୀ ସୁରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୧୧ ଡିସେମ୍ବର ୨୦୨୪ | ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

OIPR-27068/13/0023/2425

**ଆଜିର ମନ୍ତବ୍ୟ**
ସାଇବର ଅପରାଧ ଓ ଜଳବାୟୁ ପରିବର୍ତ୍ତନ ସମ୍ପ୍ରତି ମାନବ ଅଧିକାର ପ୍ରତି ନୂଆ ବିପଦ ଭାବେ ଉଭା ହୋଇଛି।
– ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ନୃତ୍ୟାଞ୍ଜଳି ପକ୍ଷରୁ ତ୍ରିମୁଖୀ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନଂ. ୩ ଭୁବନେଶ୍ୱରର ବାର୍ଷିକୋତ୍ସବ, ସ୍ଥାନ: ଇଷ୍ଟ କୋଷ୍ଟ ରେଲ୍‌ୱେ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଖବରକାଗଜ 'ବିଶ୍ୱବାଣୀ'ର ବିଂଶତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କବି ସୁବ୍ରମଣ୍ୟ ଭାରତୀଜୀଙ୍କ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବ ସମାରୋହ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୧୮ତମ ଦେବଦାସୀ ରାଷ୍ଟ୍ରୀୟ ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ପୁସ୍ତକ 'ଧୂଳିଗଙ୍ଗା' ଉନ୍ମୋଚନ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍–୩, ସମୟ: ସନ୍ଧ୍ୟା ୬ଟା।
- ରୋଟାରୀ କ୍ଲବ ପକ୍ଷରୁ ଉତ୍କଳ ଉତ୍କର୍ଷ ଚିନ୍ତନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସ୍ଥାନ: ସନ୍ଧ୍ୟା ୬ଟା ୩୦।

## କଟକ
- ବିଡବ୍ଲ୍ୟୁଏଫ୍ ଟୁର ସୁପର ୧୦୦ ଟୁର୍ନାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୪ର ଦ୍ୱିତୀୟ ଦିବସ, ସ୍ଥାନ: କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଆମେ ଓଡ଼ିଆ ପକ୍ଷରୁ ସର୍ବଭାରତୀୟ ଓଡ଼ିଆ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ଟାଉନ୍ ହଲ, ଚୌଧୁରୀବଜାର, ସମୟ: ଅପରାହ୍ନ ୧ଟା।

## ଖୋର୍ଦ୍ଧା
- ବିଏଚ୍‌ପିର ଶୌର୍ଯ୍ୟ ଦିବସ, ସ୍ଥାନ: ତଳସାହି ଦୁଲଣା ମନ୍ଦିର, ଖୋର୍ଦ୍ଧା, ସମୟ: ଅପରାହ୍ନ ୫ଟା ୩୦।

## ବାଲେଶ୍ୱର
- ମହାରାଜା ବୈକୁଣ୍ଠନାଥ ଦେବଙ୍କ ଅବଦାନ ସମ୍ପର୍କିତ ଆଲୋଚନା ଚକ୍ର,ସ୍ଥାନ:ନୃତ୍ୟସଙ୍ଗୀତ କଳାମନ୍ଦିର, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା୩୦।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ଚତୁର୍ଥ ଦିବସ,ସ୍ଥାନ:ଆଇଟିଆଇ ଛକ, ବାଲେଶ୍ୱର,ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଭୀମକୁଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପାଟଣା ବ୍ଲକ୍ ଡୁମୁରିଆ, ସମୟ: ପୂର୍ବାହ୍ନ ୧୧ ଟା।
- ମା'ଦୁଆରଶୁଣିଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ମଠ କପୁଣ୍ଡି, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।
- ମା'ଗଡ଼ଚଣ୍ଡୀଙ୍କ ମନ୍ଦିରରେ ଏକାଦଶୀ ମେଳା ଏବଂ ଭଜନ ଉତ୍ସବ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ଟା ୩୦।

## ମୟୂରଭଞ୍ଜ
- ଲେଟ୍‌କଟ୍ କ୍ଲବ୍ ପକ୍ଷରୁ ଟି–୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଲେଟ୍‌କଟ୍ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ମୟୂରଭଞ୍ଜ ମହୋତ୍ସବରେ କବିତା କ୍ରିଷ୍ଣମୂର୍ତ୍ତିଙ୍କ ବଲିଉଡ୍ ସଙ୍ଗୀତ ପରିବେଷଣ, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ଗଞ୍ଜାମ
- ବାଣିଜ୍ୟ ବିଭାଗର ପାଠଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବଳଦେବ ସ୍ୱାମୀ ବସ୍ ମାଲିକ ସଂଘ ବୈଠକ, ସ୍ଥାନ: ବୁଗୁଡା,ବୁଦ୍ଧଖୋଲ ପାଦଦେଶ,ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ପାରାଦୀପ ପୋର୍ଟ ବଣିକସଂଘ ପକ୍ଷରୁ ସାଧାରଣ ବୈଠକ, ସ୍ଥାନ: ଦୁର୍ଗା ମନ୍ଦିର ପାଖ, ବଡ଼ପଡିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- କେନ୍ଦ୍ରାପଡ଼ା କ୍ରିକେଟ୍ ସୁପରଲିଗ୍ ମ୍ୟାଚ୍‌ରେ ବାଲାବାବା କ୍ରିକେଟ୍ କ୍ଲବ ବନାମ ଗୋପବନ୍ଧୁ କ୍ରିକେଟ୍ କ୍ଲବ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଶିଶୁ ବୈଜ୍ଞାନିକଙ୍କ ପ୍ରକଳ୍ପ ପ୍ରଦର୍ଶନୀ, ସ୍ଥାନ:ଇଚ୍ଛାପୁର ହାଇସ୍କୁଲ, କେନ୍ଦ୍ରାପଡ଼ା ସହର, ସମୟ:ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଗୀତା ଜୟନ୍ତୀ, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ଗୀତା ଜୟନ୍ତୀ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଗ୍ରୁପ ବି ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଏମ୍‌ଏମ୍‌ସିସି ସମ୍ବଲପୁର ବନାମ କରିମ୍ ଏକାଡେ଼ମୀ ନାଗପୁର, ସ୍ଥାନ:ଫତେଗଡ଼ ନାଲିସାଗର ଖେଳପଡ଼ିଆ, ସମୟ:ପୂର୍ବାହ୍ନ ୧୧ଟା।
- ଡାକଟିକେଟ ପ୍ରଦର୍ଶନୀ ଅବସରରେ ଲୋଗୋ ଓ ବିବରଣୀ ପୁସ୍ତିକା ଉନ୍ମୋଚନ, ସ୍ଥାନ:ନୟାଗଡ଼ ମୁଖ୍ୟ ଡାକଘର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ରାୟଗଡା ବ୍ଲକସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ହାଲୁଆ ଗ୍ରାମ ତୋଟା, ସମୟ: ପୂର୍ବାହ୍ନ ୧୦ ଟା।
- ଓଡିଶା ବିକଳାଙ୍ଗ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବୈଜ୍ଞାନିକ ପ୍ରଦଶନୀ, ସ୍ଥାନ: ମ୍ୟୁନିସିପାଲଟି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଜିଲାସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ : ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ : ସକାଳ ୬ଟା।
- ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ରେଙ୍ଗାଲି ନୂଆଁ ରମ୍ପେଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ବୁର୍ଲା ଭିମସାର ପରସରସ୍ଥ ନର୍ସିଂ କଲେଜ, ସମୟ: ପୂର୍ବାହ୍ନ ୧୧ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜନ ସମ୍ବଲପୁରୀ ନାଟକ ବୀର ସୁରେନ୍ଦ୍ର ସାଏ ମଞ୍ଚସ୍ଥ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ଓଡିଶା ଲନ୍‌ବଲ ୧୬ ଜଣିଆ ଟିମ୍‌ର ଦିଲ୍ଲୀ ଗସ୍ତ ସ୍ଥାନ: ବଲାଙ୍ଗୀର ରେଲୱେ ଷ୍ଟେଶନ, ସମୟ: ସକାଳ ୮ଟା।
- ବଲାଙ୍ଗୀର ଲୋକ ଉତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତୀୟ ନମୁନା ସଂଗ୍ରହ ଆୟାମ ପ୍ରମୁଖଙ୍କ ବଲାଙ୍ଗୀର ଗସ୍ତ ପରିପ୍ରେକ୍ଷୀରେ ବୈଠକ , ସ୍ଥାନ: ଆର୍ଯ୍ୟ ମନ୍ଦିର ପରିସର, ବଲାଙ୍ଗୀର, ସମୟ: ଅପରାହ୍ନ ୧୨ଟା ୩୦।

## ସୁବର୍ଣ୍ଣପୁର
- ମା' ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଭାଲିଆପଦର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତଃରାଜ୍ୟ ଢୁଲେଶ୍ୱର କ୍ରିକେଟ କପ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଢୁଲେଶ୍ୱର, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରଶିକ୍ଷଣ ସଂକଳ୍ପ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ୯ଟା ୩୦।
- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଗୋପପୁର ଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଅମ୍ବାପାଲି, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ଅଷ୍ଟମ ଦିବସ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଶିକ୍ଷଣ ଉନ୍ମେଷ କାର୍ଯ୍ୟକ୍ରମ, ସ୍ଥାନ: ଜୁବୁଲି ହଲ, ଗୁମାଡେରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ୩ୟ ଦିବସ, ସ୍ଥାନ: ମନମୋହନ ସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଭାରତ ସ୍କାଉଟ୍ସ ଓ ଗାଇଡ୍ସର୍ ଜିଲା କ୍ୟାମ୍ପୋରି ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବରଙ୍ଗାକଛାର ହାଇସ୍କୁଲ, ସମୟ: ସକାଳ ୯ଟା।
- ବଡ଼ଗାଁ ଯୁକ୍ତ ଦୁଇ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କଲେଜ ନିକଟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ଗାଁ ବ୍ଲକ କଣ୍ଟିଆମୁରା ଗ୍ରାମରେ ରାତ୍ରିକାଳୀନ ରାହାସ ଯାତ୍ରା, ସ୍ଥାନ: କଣ୍ଟିଆମୁରା ରାହାସ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ରାଉରକେଲା
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ପୋର୍ଟସ ମିଟ୍‌ର ୪ର୍ଥ ଦିବସ, ସ୍ଥାନ: ସେକ୍ଟର–୨୧, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ କଲେଜରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ମା' ମହାମାୟୀ ମନ୍ଦିର ରତ୍ନମୁଦ ପାଇଁ ଯଜ୍ଞ ଓ ପୂଜାରମ୍ଭ, ସ୍ଥାନ: ଖପର ସାହି, ସମୟ: ସକାଳ ୮ଟା।
- ଚିନ୍ମୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସୁନାମୁଣ୍ଡା ଦେବଗଡ଼, ସମୟ: ସକାଳ ୯ଟା।
- ବାଲ ଭାରତୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୯ଟା।
- ମା' ମହାମାୟୀ ମନ୍ଦିର ରତ୍ନମୁଦ୍ ଆଭରଣ, ସ୍ଥାନ: ଖପର୍ ସାହି, ସମୟ: ପୂର୍ବାହ୍ନ ୧୧ଟା। ପ୍ରସାଦ ବଣ୍ଟନ, ସମୟ: ଅପରାହ୍ନ ୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଟାଉନହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋପାଳପୁର, ଥୁଆମୂଳ ରାମପୁରର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ନୂଆପଡ଼ା
- ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା।
- କାଞ୍ଚନବେନ ରସିକ ଲାଲ ଢୋଲକିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ସୁନାବେଡ଼ା, ସମୟ: ସକାଳ ୯ଟା।
- ତୁଳସୀ ପୂଜା ମହୋତ୍ସବ, ସ୍ଥାନ: ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ୍, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ମଙ୍ଗଳଙ୍କ କୁପ୍ରଭାବରେ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ନୂଆ ଯୋଜନା ମାଧ୍ୟମରେ ବ୍ୟବସାୟରେ ଶାଖା ପ୍ରଶାଖା ଖୋଲିବା ସମ୍ଭାବନା ରହିଛି। ପାରିବାରିକ କ୍ଷେତ୍ରର ଅସଜଡ଼ା ପରିସ୍ଥିତି ମାନସିକ ସ୍ଥିତିକୁ ଶିଥିଳ କରିପାରେ। ପ୍ରିୟଜନଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଭ୍ରମଣ ପାଇଁ ମନ ବଳାଇବେ।

**ବୃଷ** ରାଶିରେ ବୃହସ୍ପତିଙ୍କ ସ୍ଥିତିବଶତଃ ଯାତ୍ରା,ମନୋରଞ୍ଜନ କାର୍ଯ୍ୟକ୍ରମ, ସୁସ୍ୱାଦୁ ଭୋଜନାଦି ପ୍ରଦାନ କରି ଆନନ୍ଦ ଦାନ କରିବ। ବିଭିନ୍ନ କ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଅଫିସରେ ଭଲ୍ ସମ୍ପର୍କ ଥିବା ବନ୍ଧୁମାନେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ନିକଟରୁ ଦୂରେଇ ରହିଲା ଭଳି ଅନୁଭବ କରିପାରନ୍ତି।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଯୋଗଦେବେ। ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ସକାଶେ ଆଲୋଚନା କରିପାରନ୍ତି। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସଙ୍ଗକୁ ବ୍ୟବସାୟ, ରପ୍ତାନି ବାଣିଜ୍ୟରେ ଉନ୍ନତିର ଆଶା ରହିଛି। ଶାରୀରିକ ସୁସ୍ଥତା କେତେକାଂଶରେ ବ୍ୟାହତ ହୋଇପାରେ।

**କର୍କଟ** ନବମସ୍ଥ ଚନ୍ଦ୍ର ପାପାକ୍ରାନ୍ତ ହେତୁ କୌଣସି କାମରେ ସ୍ଥିରତା ରହିବନାହିଁ। ପାରିବାରିକ ଅସ୍ଥିରତା ରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ ସହଯୋଗ କେତେକାଂଶରେ ମନକୁ ହାଲୁକା ରଖିବ। ସଭାସମିତିରେ ଆଲୋଚନା, ସାଙ୍ଗଠନିକ ପ୍ରକ୍ରିୟା, ପ୍ରଶାସନିକ ତତ୍ପରତା, ଆନୁଷ୍ଠାନିକ କ୍ଷେତ୍ରରେ ଲୋକ ସମ୍ପର୍କ ଅକ୍ଷୁଣ୍ଣ ରହିବ।

**ସିଂହ** ଆଜିର ଗ୍ରହସ୍ଥିତି ସାମଗ୍ରିକ ଦୃଷ୍ଟିକୋଣରୁ ଭଲ ରହିଥିବାରୁ କୌଣସି କଥା ଅପୂର୍ଣ୍ଣ ରହିବ ନାହିଁ। କର୍ମକ୍ଷେତ୍ରରେ ଉନ୍ନତ ଚିନ୍ତା ଓ ସୁପରିକଳ୍ପିତ ଯୋଜନାକୁ ବାସ୍ତବମୁଖୀ କରାଇବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ସତର୍କ ନ ରହିଲେ ବିବାଦ ଘେରରେ ପଡ଼ିବେ। ଆର୍ଥିକ ଅନଟନ ପୂରଣ ସକାଶେ କରଜ କରିବେ।

**କନ୍ୟା** କୋଣସ୍ଥାନରେ ଶୁକ୍ରଙ୍କ ପ୍ରଭାବରେ ବନ୍ଧୁଙ୍କ ବଦାନ୍ୟତା, ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଆତ୍ମୀୟଙ୍କ ସହଯୋଗ ମନୋବୃତ୍ତି ଓ ପାରିବାରିକ ସହାନୁଭୂତି ମାଧ୍ୟମରେ ହର୍ଷୋତ୍‌ଫୁଲ୍ଲ ଦିନଟି ଉପଭୋଗ୍ୟ ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ କିନ୍ତୁ ବନ୍ଧୁ ମେଳରେ ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ।

**ତୁଳା** କେନ୍ଦ୍ରସ୍ଥ ଶୁକ୍ର ଓ ମଙ୍ଗଳଙ୍କ ସୁପ୍ରଭାବରୁ ପଦସ୍ଥଙ୍କ ପରାମର୍ଶରେ ନୂଆ ଯୋଜନା ପ୍ରସ୍ତୁତ କରିବେ। କଠୋର ବାକ୍ୟାଳାପ ସଙ୍ଗକୁ ସନ୍ଦେହ ଓ ଭୁଲ୍ ବୁଝାମଣା ପରିସ୍ଥିତିକୁ ସଙ୍ଗିନ କରିପାରେ। ପୈତୃକ ସମ୍ପତ୍ତି କିମ୍ବା ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ସୂଚନା ରହିଛି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବିଛା** ଦୁର୍ବଳ ରାଶ୍ୟାଧିପଙ୍କ ଉପରେ ଶୁକ୍ରଙ୍କ ସୁପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ। ସମ୍ପର୍କୀୟଙ୍କ ସହ ସମ୍ପର୍କ ନିବିଡ଼ ହେବ, ଯାହାକି ଆପଣଙ୍କ କାମକୁ ସାହାଯ୍ୟ କରିପାରେ। କୌଣସି ନୂତନ କର୍ମାରମ୍ଭରୁ ଦିନଟିରେ କାର୍ଯ୍ୟବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରତ୍ୟୁଷ ଯାତ୍ରା, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇବେ।

**ଧନୁ** ଗୁରୁଙ୍କ ଷଷ୍ଠ ସ୍ଥିତିର କୁପ୍ରଭାବଜନିତ ସ୍ୱାସ୍ଥ୍ୟ ଗଡ୍‌ବଡ୍ ହେବା ସଙ୍ଗକୁ ମାନସିକ ଅସ୍ଥିରତା ଦେଖାଦେବ। ତଥାପି କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, ବନ୍ଧୁଙ୍କ ସହାନୁଭୂତି, ସମ୍ପର୍କୀୟଙ୍କ ସଦ୍‌ଭାବ ଊଣା ହେବନାହିଁ। ପରିବାରରେ ସୁଖ, ଶାନ୍ତି ଫେରି ଆସିବ। ସାମାଜିକ ସ୍ତରରେ କାର୍ଯ୍ୟଦକ୍ଷତାକୁ ନେଇ ବନ୍ଧୁବର୍ଗ ଓ ପଡ଼ୋଶୀ ଭୂରିଭୂରି ପ୍ରଶଂସା କରିପାରନ୍ତି।

**ମକର** ବିଳାସକାରକ ଶୁକ୍ର ରାଶିରେ ଅବସ୍ଥାନ କରି ଦୀର୍ଘଦିନର ଅଭିଳାଷ ପୂରଣ କରିବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗଜନିତ ସ୍ଥଗିତ କାର୍ଯ୍ୟ ଯଥାଶୀଘ୍ର ସମ୍ପାଦନ ହେବ। ଆର୍ଥିକ ସ୍ଥିତି ସୁଧାରିବା ସକାଶେ ଯୋଜନା ପ୍ରସ୍ତୁତ କରିବେ। ଆଲୋଚନା ପରିସରରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**କୁମ୍ଭ** ବ୍ୟୟଭାବରେ ଶୁକ୍ର ଆପଣଙ୍କୁ ବିଳାସବ୍ୟସନ ମଧ୍ୟରେ ବୁଡାଇ ରଖିବା ସହ ମାନସିକ ଚିନ୍ତାଧାରାକୁ ବିକ୍ଷିପ୍ତ କରିପାରେ। ଷଷ୍ଠାଧିପଙ୍କ ପ୍ରଭାବରେ ଅର୍ଥାଭାବ, ଋଣଭାର ବୃଦ୍ଧି, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନିଜନିତ ବ୍ୟସ୍ତତା ବଢ଼ିଯିବ। ଦୂରଯାତ୍ରା, ଜମିଜମା ବିବାଦ କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମୀନ** ବକ୍ରୀ ଗୁରୁଙ୍କ ହେତୁ କର୍ମଜଞ୍ଜାଳ ପରିସର ବୃଦ୍ଧି ପାଉଥିବାରୁ ମାନସିକ ଅସ୍ଥିରତା ପରିଲକ୍ଷିତ ହେବ। ଚେଷ୍ଟା କରୁଥିବା କାମରେ ଅଗ୍ରଗତି, ପାରିବାରିକ ସମର୍ଥନରୁ ଆତ୍ମତୃପ୍ତି ପାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ହାସଲ କରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଆଶାୟୀ ହେବେ। ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରତି ଜାଗ୍ରତ ହେବେ।

ଆଜି ଡିସେମ୍ବର ୧୧ ତାରିଖ, ଅନ୍ତର୍ଜାତୀୟ ପର୍ବତ ଦିବସ, ୟୁନିସେଫ୍ ଦିବସ, ମାର୍ଗଶିର ଶୁକ୍ଳପକ୍ଷର ମୋକ୍ଷଦା ଏକାଦଶୀ ଉପବାସ ବୁଧବାର, ରାଶିନକ୍ଷତ୍ର–ରେବତୀ/ମୀନ, ଦିବା ଘ.୧୧.୪୭ମି. ଗତେ ଅଶ୍ୱିନୀ/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ସକାଳ ଘ.୦୬.୧୫ମି. ଗତେ ଘ.୦୮.୨୧ମି. ମଧ୍ୟେ, ଘ. ୧୦.୩୫ମି. ଗତେ ଘ.୧୧.୩୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୯ମି. ଗତେ ଘ.୦୧.୦୧ମି. ମଧ୍ୟେ ରାହୁ କାଳ।

# ଜାନୁଆରୀରେ ଓଡ଼ିଶା ଆସିବେ ସିଙ୍ଗାପୁର ରାଷ୍ଟ୍ରପତି

**ଭୁବନେଶ୍ୱର,୧୦।୧୨(ଅନିଲ ଦାସ)**

ସିଙ୍ଗାପୁର ରାଷ୍ଟ୍ରପତି ଥର୍ମନ ସନ୍‌ଗୁମରତ୍ନମ ଆସନ୍ତା ଜାନୁଆରୀରେ ଓଡ଼ିଶା ଆସିବେ। ଜାନୁଆରୀ ୨୮ ତାରିଖରୁ ଭୁବନେଶ୍ୱରରେ ଆୟୋଜନ ହେବାକୁ ଥିବା ୨ଦିନିଆ ଉତ୍କର୍ଷ ଓଡ଼ିଶା–ମେକ୍ ଇନ୍ ଓଡ଼ିଶା–୨୦୨୫ରେ ସେ ଯୋଗଦେବେ। ରାଷ୍ଟ୍ରପତି ସନ୍‌ଗୁମରତ୍ନମଙ୍କ ଓଡ଼ିଶା ଗସ୍ତ ନେଇ ସିଙ୍ଗାପୁର ହାଇକମିଶନର ସିମୋନ୍ ୱଙ୍ଗ୍ ମଙ୍ଗଳବାର ଲୋକସେବା ଭବନରେ ଏହି ସୂଚନା ଦେଇଛନ୍ତି। ୱଙ୍ଗ୍ କହିଛନ୍ତି, ଭାରତ ଗସ୍ତ ଅବସରରେ ରାଷ୍ଟ୍ରପତି ସନଗୁମରତ୍ନମ ଓଡ଼ିଶା ଗସ୍ତରେ ଆସିବେ। ସିଙ୍ଗାପୁର ଓ ଭାରତର ୬୦ ବର୍ଷ କୂଟନୈତିକ ସମ୍ପର୍କ ଅବସରରେ ଏହି ଗସ୍ତ ହେଉଛି।

ସିଙ୍ଗାପୁର ହାଇକମିଶନର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ରାଷ୍ଟ୍ରପତିଙ୍କ ଗସ୍ତ ସମ୍ପର୍କରେ ଅବଗତ କରାଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ସୂଚନା ଦେଇଛନ୍ତି। ପେଟ୍ରୋକେମିକାଲ୍ସ, ଗ୍ରୀନ୍ ଏନର୍ଜି, ସହରାଞ୍ଚଳ ଯୋଜନା ଓ ଦକ୍ଷତା ବିକାଶ ପ୍ରକଳ୍ପ ଉପରେ କାମ ହେବ। ସିଙ୍ଗାପୁରର ଜୁରଙ୍ଗ ପେଟ୍ରୋକେମିକାଲ୍‌ସ କମ୍ପ୍ଲେକ୍ସ ଓ ଟୁଆସ ବନ୍ଦର ମଡେଲରେ ପାରାଦୀପ ବନ୍ଦରର ବିକାଶ କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାରୁ ରାଷ୍ଟ୍ରପତି ସନ୍‌ଗୁମରତ୍ନମଙ୍କ ଓଡ଼ିଶା ଗସ୍ତ ବେଶ୍ ଗୁରୁତ୍ୱ ରଖୁଛି।


ଥର୍ମନ ସନ୍‌ଗୁମରତ୍ନମ

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ତାଙ୍କ ଟିମ୍ ଗତ ନଭେମ୍ବରରେ ସିଙ୍ଗାପୁର ଗସ୍ତ କରିଥିଲେ। ଏହି ଗସ୍ତକାଳରେ ସେ ସିଙ୍ଗାପୁରର ବୈଦେଶିକ ବ୍ୟାପାର ମନ୍ତ୍ରୀ ସିମ୍ ଆନ୍ନଙ୍କ ସହ ସାକ୍ଷାତ ବେଳେ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିଥିଲେ। ଗସ୍ତର ଶେଷ ଦିବସରେ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ଆଲୋଚନା କରି ସେମାନଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ କହିଛନ୍ତି। ଏଥିସହ ସେ ସିଙ୍ଗାପୁରରେ ପ୍ରବାସୀ ଓଡ଼ିଆଙ୍କୁ ଭେଟି ରାଜ୍ୟର ବିକାଶ ବିଷୟରେ ଆଲୋଚନା କରିବା ସହିତ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି।

# ୧୧ ମାସରେ ଓଡ଼ିଶା ଆସିଛି ୧୧୨ ପ୍ରବାସୀ ଶ୍ରମିକଙ୍କ ମୃତଦେହ

**ଭୁବନେଶ୍ୱର,୧୦।୧୨(ଅନିଲ ଦାସ)**

୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ବାହାର ରାଜ୍ୟରୁ ୧୧୨ ପ୍ରବାସୀ ଶ୍ରମିକଙ୍କ ମୃତ ଶରୀର ନିଜ ଗ୍ରାମକୁ ସରକାରଙ୍କ ତତ୍ତ୍ୱାବଧାନରେ ଅଣାଯାଇଅଛି। ୧୪ ଗୋଟି ପ୍ରବାସୀ ଶ୍ରମିକ ପ୍ରବଣ ଜିଲାକୁ ପ୍ରତ୍ୟେକ ୧୫ଲକ୍ଷ ଟଙ୍କାର ସହାୟତା ରାଶି ସେପ୍ଟେମ୍ବର ୨୦୨୪ରେ ଯୋଗାଇ ଦିଆଯାଇଅଛି। ମଙ୍ଗଳବାର ବିଧାନସଭାରେ ମୁଲତବୀ ପ୍ରସ୍ତାବ ଜବାବରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ସରକାର ସାମୂହିକ ଭାବରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବିଷୟରେ ଅବଗତ ଅଛନ୍ତି। ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ଓ ଆର୍ଥିକ ସ୍ଥିତିର ସୁଦୃଢ଼ତା ନିମନ୍ତେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଜୁଲାଇ ୨୦୨୪ ମସିହାରେ ଶ୍ରମିକଙ୍କ ନିମନ୍ତେ

## ଶ୍ରମିକଙ୍କ ପାଇଁ ଗଠନ ହୋଇଛି ଟାସ୍କଫୋର୍ସ: ଶ୍ରମ ମନ୍ତ୍ରୀ

ସର୍ବନିମ୍ନ ମଜୁରିକୁ ୪୫୦ଟଙ୍କା (ଅଣକୁଶଳୀ), ୫୦୦ଟଙ୍କା (ଅର୍ଦ୍ଧକୁଶଳୀ), ୫୫୦ଟଙ୍କା (କୁଶଳୀ) ୬୦୦ଟଙ୍କା (ଉଚ୍ଚକୁଶଳୀ)ଙ୍କ ପାଇଁ ବୃଦ୍ଧି କରିଛନ୍ତି ଏବଂ ଅକ୍ଟୋବର ୨୦୨୪ରୁ ଉପରୋକ୍ତ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରିରେ ପରିବର୍ତ୍ତିତ ମହଙ୍ଗାଭତ୍ତାକୁ ୨ଟଙ୍କାକୁ ବୃଦ୍ଧି କରିଛନ୍ତି। "ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ ଅକ୍ଟୋବରରୁ ରାଜ୍ୟ ସରକାର ସ୍ୱାଭାବିକ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ସହାୟତା ରାଶି ବୃଦ୍ଧି କରାଯାଇଛି।" କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ୨୦୨୨ରେ ବାହାର ରାଜ୍ୟରେ ୯୪,୪୮୨ଜଣ ପ୍ରବାସୀ ଶ୍ରମିକଙ୍କୁ ନିୟୋଜନ ନିମନ୍ତେ ଏବଂ ୨୦୨୩ରେ ୮୧, ୨୩୨ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିୟୋଜନ ନିମନ୍ତେ ଲାଇସେନ୍ସ ଦିଆଯାଇଥିବା ସ୍ଥଳେ, ୨୦୨୪ ମସିହାରେ (ଅଦ୍ୟାବଧି) ୬୦,୬୮୩ଜଣ ପ୍ରବାସୀ ଶ୍ରମିକଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଅଛି। ୧୪ ପ୍ରବାସୀ ଶ୍ରମିକପ୍ରବଣ ଜିଲା ଭାବେ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦ୍ରାପଡ଼ା, ପୁରୀ ଓ ଖୋର୍ଦ୍ଧାକୁ ଚିହ୍ନଟ କରାଯାଇଅଛି। ଦାଦନ ରୋକିବାକୁ ହେଲେ ସମସ୍ତଙ୍କର ମିଳିତ ସହଯୋଗ ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତକରି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା ବାହାରକୁ ଚାଲି ଯାଇଥିଲେ।

# ଡେପୁଟେଶନରେ ଯାଇପାରନ୍ତି ଆଉ ୩ ଆଇପିଏସ୍ ଅଫିସର

**ଭୁବନେଶ୍ୱର,୧୦।୧୨(ସୁନିତ୍ ମିଶ୍ର)**

ଆଇପିଏଏସ୍ ଅଫିସର ଡି.ଏସ୍. କୁଟ୍ଟେ ଏବଂ ଆଶିଷ ସିଂଙ୍କ ପରେ ରାଜ୍ୟର ଆଉ ୩ ଜଣ ଆଇପିଏସ୍ ଅଧିକାରୀ ଡେପୁଟେଶନରେ ଯିବେ ବୋଲି ଜଣାପଡ଼ିଛି। ଆଇପିଏସ୍ ଅଫିସର ଅସିତ ପାଣିଗ୍ରାହୀ, ଅମିତାଭ ଠାକୁର ଏବଂ ରାଜେଶ କୁମାର ଡେପୁଟେଶନରେ ଯିବେ। ଏହି ୩ ଆଇପିଏସ୍ ଅଫିସର ଏନେଇ ଆବେଦନ କରିଥିବା ଗୃହ ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ହଠାତ୍ ରାଜ୍ୟର ଏତେଜଣ ଆଇପିଏସ୍ ଅଫିସର ଡେପୁଟେଶନରେ ଯିବା ଲାଗି କାହିଁକି ଇଚ୍ଛା ପ୍ରକଟ କରୁଛନ୍ତି ସେନେଇ କିଛି ଜଣାପଡ଼ି ନାହିଁ।

**ପ୍ରଥମ ପୃଷ୍ଠାରୁ...**

## ସ୍ତ୍ରୀ ନିର୍ଯାତନାରୁ...

ଛାଡ଼ିଯାଇଛନ୍ତି। ସ୍ତ୍ରୀ ଓ ତାଙ୍କ ସମ୍ପର୍କୀୟ ତଥା ଉତ୍ତରପ୍ରଦେଶର ଜଣେ ବିଚାରପତି ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅତୁଲ ସେଥିରେ ଉଲ୍ଲେଖ କରିଥିବା ପୋଲିସ କହିଛି। ଆତ୍ମହତ୍ୟା ପାଇଁ ବାଧ କରିବା ଅଭିଯୋଗରେ ପୋଲିସ ସେମାନଙ୍କ ନାଁରେ ମାମଲା ରୁଜୁ କରିଛି। ଅତୁଲଙ୍କ ସ୍ତ୍ରୀଙ୍କ ମାଆ, ଭାଇ ଏବଂ ଦାଦା ତାଙ୍କ ନାଁରେ ମିଥ୍ୟା ମାମଲା ଦାଏର କରିବା ସହ ଏହାର ସମାଧାନ ପାଇଁ ୩ କୋଟି ଟଙ୍କା ଦାବି କରିଥିଲେ। ଅତୁଲଙ୍କ ଭାଇ ବିକାଶ କୁମାର ଏହି ସୂଚନା ଦେଇଛନ୍ତି। ଅତୁଲ ତାଙ୍କ ବାସଭବନର ତୃତୀୟ ମହଲାରେ ଆତ୍ମହତ୍ୟା କରିଥିବା ହୋୟସାୟା ଥାନା କଣ୍ଟ୍ରୋଲ ରୁମ୍‌କୁ ସୋମବାର ସକାଳ ୬ଟାରେ ଖବର ମିଳିଥିଲା। ଘର ଭିତରପଟୁ ବନ୍ଦ ଥିଲା। ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପୋଲିସ ତାଲା ଭାଙ୍ଗି ଭିତରେ ଅତୁଲଙ୍କ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲା। ଏନେଇ ଉତ୍ତରପ୍ରଦେଶରେ ରହୁଥିବା ତାଙ୍କ ପରିବାରକୁ ଖବର ଦିଆଯିବା ସହ ବିଏନ୍‌ଏସ୍‌ର ଦଫା ୧୦୮ ୩(୫)ରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ଲାଗି ପୋଲିସ ତଦନ୍ତ ଜାରି ରଖିଛି।

ଅତୁଲ ଆତ୍ମହତ୍ୟା କରିବା ପୂର୍ବରୁ ୨୪ ପୃଷ୍ଠାର ଡେଥ୍ ନୋଟ୍‌କୁ ତାଙ୍କ ଘନିଷ୍ଠ ବନ୍ଧୁମାନଙ୍କୁ ଇମେଲ୍ ଯୋଗେ ପଠାଇବା ସହ ସେ ସମ୍ପୃକ୍ତ ଥିବା ଏକ ଏନ୍‌ଜିଓର ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଶେୟାର କରିଥିଲେ। ପୋଲିସକୁ ମିଳିଥିବା ସୂଚନା ଅନୁଯାୟୀ, ସ୍ତ୍ରୀଙ୍କ ସହ ବୈବାହିକ ବିବାଦରେ ଅତୁଲ ଛନ୍ଦିହୋଇ ପଡ଼ିଥିଲେ। ଉତ୍ତରପ୍ରଦେଶରେ ତାଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ ହୋଇଥିଲା। ତାଙ୍କ ଘରୁ ପୋଲିସ ଏକ ପ୍ଲାକାର୍ଡ ପାଇଛି, ଯେଉଁଥିରେ 'ନ୍ୟାୟ ମିଳିବାକୁ ବାକି ଅଛି' ବୋଲି ଲେଖାଯାଇଛି। ଅତୁଲ ତାଙ୍କ ଗାଡ଼ି ଚାବି ଏବଂ ସେ କେଉଁ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ଓ କ'ଣ ବାକି ରହିଯାଇଛି, ତାହାର ଏକ ତାଲିକା କାନ୍ଥରେ ଲଗାଇଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

## ୧୭ରୁ ରତ୍ନଭଣ୍ଡାର...

ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୧୬ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଥିବା ଶ୍ରୀବିଗ୍ରହଙ୍କ ପହିଲିଭୋଗ, ଜାନୁଆରୀ ୧୩ରେ ଦେବାଭିଷେକ ପୂର୍ଣ୍ଣିମା ନୀତି ଏବଂ ଜାନୁଆରୀ ୧୪ରେ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରତ୍ନଭଣ୍ଡାର ମରାମତି ସମ୍ପର୍କରେ ବିଶେଷ ଆଲୋଚନା କରାଯାଇଥିଲା। ୧୬ ତାରିଖରୁ କାମ ଆରମ୍ଭ କରିବା ପାଇଁ ଏଏସ୍‌ଆଇ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ତେବେ ୧୬ ତାରିଖରେ ସଂକ୍ରାନ୍ତି ପଡୁଥିବାରୁ ଉକ୍ତ ଦିନ ପରିବର୍ତ୍ତେ ୧୭ରୁ କାମ ଆରମ୍ଭ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ ହେବ। କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଶ୍ରମିକମାନେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରଦତ୍ତ ଆଇକାର୍ଡ ପରିଧାନ କରିବେ। ନୀତିକାନ୍ତିକୁ ଦୃଷ୍ଟିରେ ରଖାଯାଇ ମହାପ୍ରଭୁଙ୍କ ଦିବାପହୁଡ଼ ହେବ। ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସରିବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରେ ଥିବା ଅଳଙ୍କାରଗୁଡ଼ିକୁ ସ୍ଥାନାନ୍ତର କରାଯାଇ ରତ୍ନଭଣ୍ଡାରକୁ ଅଣାଯିବ। ଏହାପରେ ରତ୍ନଭଣ୍ଡାର ଭିତରେ ସମସ୍ତ ଅଳଙ୍କାର ଗଣତିମଣତି କରାଯିବ ବୋଲି ମୁଖ୍ୟ ପ୍ରଶାସକ ପାଢୀ ପ୍ରକାଶ କରିଛନ୍ତି। ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଛନ୍ତି, ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଶ୍ରୀବିଗ୍ରହଙ୍କ ନୀତି ଆରମ୍ଭ ହେବ। ରାତି ୧୧ଟା ମଧ୍ୟରେ ରାତ୍ରପହୁଡ଼ କରାଯିବାକୁ ନିଷ୍ପତ୍ତି ହୋଇଛି। ଦ୍ୱିତୀୟ ଭୋଗମଣ୍ଡପ ପରେ କାର୍ଯ୍ୟ ଆରମ୍ଭ ହେବ। ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ ହେବ ବୋଲି ଆଶା କରାଯାଉଛି। ସେହିପରି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ମରାମତି କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ଚେଷ୍ଟା କରାଯିବ।

## ଧନକରଙ୍କ ବିରୋଧରେ...

ଉଭୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ଜର୍ଜ ସୋରୋସ୍‌ଙ୍କସହ କଂଗ୍ରେସର ସମ୍ପର୍କ ରହିଥିବା ଭାଜପା ଅଭିଯୋଗ ଆଣିବା ପରେ ଆଦାନୀ ଗ୍ରୁପ୍‌କୁ ଘଣ୍ଟ ଘୋଡ଼ାଇବା ପାଇଁ ଶାସକ ଦଳ ଏଭଳି ପ୍ରସଙ୍ଗ ଉଠାଉଥିବା କଂଗ୍ରେସ ଅଭିଯୋଗ କରିଥିଲା। ଏହାକୁ ନେଇ ମଙ୍ଗଳବାର ଜୋର୍‌ଦାର ହଙ୍ଗାମା ହେବାରୁ ଉଭୟ ଗୃହକୁ ମୁଲତବୀ ରଖାଯାଇଛି। ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ବହିଷ୍କାର କରିବାକୁ ହେଲେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଅନ୍ୟୁନ ୫୦ ପ୍ରତିଶତରୁ ଅଧିକ ସଦସ୍ୟ ଭୋଟ ଦେବା ଆବଶ୍ୟକ। ରାଜ୍ୟ ସଭାରେ ଯଦି ଏହା ଗୃହୀତ ହୁଏ, ତେବେ ଲୋକ ସଭାରେ ଉକ୍ତ ପ୍ରସ୍ତାବ ସାଧାରଣ ସଂଖ୍ୟାଗରିଷ୍ଠତାରେ ଚୂଡ଼ାନ୍ତ ଗୃହୀତ ହେବା ଦରକାର। ସମ୍ବିଧାନର ଅନୁଚ୍ଛେଦ ୬୭(ବି), ୯୨ ଏବଂ ୧୦୦ରେ ଏହି ପ୍ରକ୍ରିୟା ଉଲ୍ଲେଖ ରହିଛି।



Government of Haryana
Kurukshetra Development Board
कुरुक्षेत्र विकास मंडल
Partner State Odisha
Partner Country Tanzania
International GITA Mahotsav 2024
28 November-15 December
Kurukshetra, Haryana
सर्वधर्मान्परित्यज्य मामेकं शरणं व्रज।
अहं त्वा सर्वपापेभ्यो मोक्षयिष्यामि मा शुचः॥
भगवद्गीता 18.66
सम्पूर्ण कर्तव्य कर्मों का आश्रय छोड़कर तू केवल मेरी शरण में आ जा।
मैं तुझे सभी पापों से मुक्त कर दूंगा, शोक मत कर।
Abandoning all duties, come to Me alone for shelter.
Be not grieved, for I shall release you from all evils.
Margsheersh Shukla Mokshada Ekadashi - Gita Jayanti Samaroh
11 December, 2024 | Venue : Kurukshetra
Chief Guests
Sh. Manohar Lal
Union Minister, Housing & Urban Affairs and Power
Sh. Shivraj Singh Chouhan
Union Minister, Agriculture & Farmers' Welfare and Rural Development
Sh. Suryabanshi Suraj
Minister of Odia Language, Literature & Culture
Ms. Pindi Hazara Channa
Minister, Tanzania
Presided over by
Sh. Nayab Singh Saini
Chief Minister, Haryana
Main Programmes
9:00 am Jyotisar-The Birthplace of Gita and Sannihit Sarovar — Complete recitation of Srimad Bhagavadgita and Gita Yajna
10:00 am Theme Park, Kurukshetra — Global Gita Chanting by 18000 students
11:00 am Purushottampura Baag, Kurukshetra — Cultural Programmes in Odisha Pavilion
02:00 pm Srimad Bhagavadgita Sadan, Kurukshetra University — 48 Kos Tirtha Sammelan
03:00 pm In front of the Kurukshetra Development Board Office — Departure of Gita Shobha Yatra
03:00 pm to 04:30 pm Senate Hall, Kurukshetra — The Resonance of Dialogue: Panchjanye 'Haryana's Transformation'
05:30 pm Brahma Sarovar, Sannihit Sarovar & Jyotisar — Deepotsav
05:30 pm 48 Kos Kurukshetra region — Deepotsav at Tirthas
06:00 pm Purushottampura Baag, Brahma Sarovar — Gita Maha Aarti and Deep Daan
"सभी देशवासियों को गीता जयंती की अनंत शुभकामनाएं।
श्रीमद्भगवद्गीता सदियों से मानवता का मार्गदर्शन करती आई है।
अध्यात्म और जीवन-दर्शन से जुड़ा यह महान ग्रंथ हर युग
में पथ प्रदर्शक बना रहेगा।"
- नरेन्द्र मोदी
Scan QR Code to join Global Gita Chanting
Scan QR Code to join 48 Kos Tirtha Sammelan
Information, Public Relations & Languages Department, Haryana
www.prharyana.gov.in | Follow us on @diprharyana
No.1089/13/1935/2025/30956/276/21 Dated Chandigarh, the 10/12/2024

# ମନ ଛି

ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (ସିଏପିଏଫ୍), ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍ଜି), ଆସାମ ରାଇଫଲ୍ସ (ଏଆର୍) ପରି ଅର୍ଦ୍ଧସାମରିକ ବଳର ୭୩୦ ଯବାନ ଆତ୍ମହତ୍ୟା କରିଛନ୍ତି। ନିକଟରେ ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ଅନେକେ ବ୍ୟକ୍ତିଗତ କାରଣରୁ ଏଭଳି ଆତ୍ମହତ୍ୟା କରୁଛନ୍ତି। ଏଥିସହିତ ଏଇ ୫ ବର୍ଷ ମଧ୍ୟରେ ୫୫, ୫୫୫ ଯବାନ ଇସ୍ତଫା ଦେଇଛନ୍ତି କିମ୍ବା ଇଚ୍ଛାଧୀନ ଅବସର ଗ୍ରହଣ କରିଛନ୍ତି ବୋଲି ଟାସ୍କଫୋର୍ସ ରିପୋର୍ଟ ଆଧାରରେ ମନ୍ତ୍ରୀ ଏଭଳି ତଥ୍ୟ ରଖିଛନ୍ତି। କେବଳ ଅର୍ଦ୍ଧ ସାମରିକ ବଳ ନୁହେଁ, ଖୋଦ୍ ଭାରତୀୟ ସେନାରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଥାଏ। ତେବେ ସରକାରୀ ସଫେଇ ଦିଆଯିବା ବେଳେ ବ୍ୟକ୍ତିଗତ କାରଣ ଭାବେ ସ୍ତ୍ରୀ କିମ୍ବା ପରିବାରର କୌଣସି ସଦସ୍ୟଙ୍କ ମୃତ୍ୟୁ, ଛାଡ଼ପତ୍ର, ଆର୍ଥିକ ସମସ୍ୟା, ପିଲାମାନଙ୍କ ପାଇଁ ଶିକ୍ଷା ସୁଯୋଗର ଅଭାବ ଆଦିକୁ ଦର୍ଶାଯାଉଛି। ବ୍ୟବସ୍ଥାରେ କେଉଁଠି ତ୍ରୁଟି ରହିଛି ଓ ତାହାକୁ ତୁରନ୍ତ କିଭଳି ସଂଶୋଧନ କରାଯିବ, ତାହା ଉପରେ ସେଭଳି ଅନୁଧ୍ୟାନ କରାଯାଇ ସ୍ପଷ୍ଟ ପ୍ରତିକାର ରିପୋର୍ଟ ପ୍ରକାଶ ପାଉଥିବା ଦେଖିବାକୁ ମିଳେ ନାହିଁ। ଯବାନମାନଙ୍କୁ ଅପୁଷ୍ଟିକର ଖାଦ୍ୟ ପରଷା ଯିବା ସହ ନିମ୍ନମାନର ଜୋତା, ପୋଷାକ ଆଦି ଦିଆଯାଉଥିବା ସଂକ୍ରାନ୍ତ ଯେଉଁ କେତେକ ଅଭିଯୋଗ ଅତୀତରେ ଆସିଛି, ତାହା ଉପରେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ହୋଇଥିବା ବିଷୟରେ ସାଧାରଣରେ ଜଣାପଡ଼େ ନାହିଁ। ମନେରଖିବାକୁ ହେବ ଯେ, ସେନାରେ ଚାକିରି ଖୋଜୁଥିବା ଲୋକ ସାଧାରଣ ଦୁର୍ବଳ ଆର୍ଥିକ ବର୍ଗରୁ ଆସିଥାନ୍ତି। ସେଥିପାଇଁ ଶିକ୍ଷିତ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ଉପରେ ଅତ୍ୟାଚାର କରିବାର ଉଦାହରଣ ମଧ୍ୟ ସାଧାରଣରେ ଶୁଣାଯାଉଛି। ପ୍ରତିରକ୍ଷା, ବହିର୍ବ୍ୟାପାର ଓ ଗୋଇନ୍ଦା ଆଦି କ୍ଷେତ୍ରରେ ଗୋପନୀୟତା ବଜାୟ ରହିବାର ବ୍ୟବସ୍ଥା ଥିବାରୁ ତାହାକୁ ଦ୍ୱାହି ଦେଇ ସେନା କର୍ତ୍ତୃପକ୍ଷ ଅସ୍ୱାଭାବିକତାକୁ ସ୍ୱୀକାର କରି ନ ଥାଆନ୍ତି। ଫଳରେ ସାଧାରଣ ଯବାନଙ୍କ ଭଳି ସେନାର ତଳ ସ୍ତରରେ ଥିବା ବ୍ୟକ୍ତିବିଶେଷ ବିଷାଦ ଭିତରକୁ ଚାଲିଯାଇଥାଆନ୍ତି। ଦେଖିବାକୁ ଗଲେ ଦେଶ ପାଇଁ ଲଢ଼ିବା ସକାଶେ ଉଦ୍ଦାମ ଯୁବଶକ୍ତି ପ୍ରାରମ୍ଭିକ ପର୍ଯ୍ୟାୟରେ ସେନାରେ ଭର୍ତ୍ତି ହେବାକୁ ଚାହିଁଥାଆନ୍ତି। ସେମାନଙ୍କୁ ଦରମା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଦିଆଯାଉଥିଲେ ମଧ୍ୟ ମନସ୍ତାତ୍ତ୍ୱିକ ଦିଗକୁ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଏଭଳି ଅଭାବନୀୟ ସ୍ଥିତି ଦେଖାଯାଉଛି। ବାରମ୍ବାର ଯବାନଙ୍କ ଆତ୍ମହତ୍ୟା ସଂକ୍ରାନ୍ତ ଅଭିଯୋଗ ଆସିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତାହାକୁ ରୋକିବା ପାଇଁ '୧୦୦ ଦିନ ଛୁଟି' ନୀତିକୁ କାର୍ଯ୍ୟକାରୀ କରିଛନ୍ତି। ଏହା ସତ୍ତ୍ୱେ ଯବାନ ଆତ୍ମହତ୍ୟା ଘଟୁଥିବା ଦର୍ଶାଉଛି ଯେ, କେବଳ ଛୁଟି ସେମାନଙ୍କ ସମସ୍ୟାକୁ ଟାଳିବା ଲାଗି ଯଥେଷ୍ଟ ନୁହେଁ। ସେମାନଙ୍କ ମନୋବୈଜ୍ଞାନିକ ସ୍ଥିତିକୁ ପଢ଼ି ଏ ଦିଗରେ ସଂସ୍କାର ଆଣିବା ଦରକାର।

> ଯେଉଁଭଳି ରାଜନେତାମାନେ କେବଳ କଥା କହି ନିଜ ସମ୍ପର୍କୀୟଙ୍କୁ ଧନୀ କରାଉଛନ୍ତି, ଯେଉଁଭଳି ନ୍ୟାୟଧୀଶ ଓ ଅଫିସରମାନେ ଚାକିରି କରୁଥିବା ବେଳେ ଓ ଅବସର ନେବା ପରେ ଦେଶକୁ ଲୁଣ୍ଠନ କରୁଛନ୍ତି, ବ୍ୟବସାୟୀମାନେ କେବଳ ଦେଶର ସମ୍ବଳକୁ ନେଇ ଅନେକ ଲକ୍ଷ କୋଟି ଟଙ୍କାର ମାଲିକ ହେଉଛନ୍ତି ଏବଂ ଏହିଭଳି ଚୋର ତସ୍କରଙ୍କୁ ସାଧାରଣ ନାଗରିକ ସବୁ ପ୍ରକାର ସାହାଯ୍ୟ ଦେଉଛନ୍ତି, ସେଥିରେ ସେନାରେ ଯୋଗ ଦେଉଥିବା ଯୁବକମାନଙ୍କ ମନ 'ଛି' ହୋଇଯାଉଥିବା

ସେନା ଏକ ଶୃଙ୍ଖଳିତ କ୍ଷେତ୍ର ବୋଲି ବିବେଚନା କରାଯାଇଥାଏ। କିନ୍ତୁ ଉଚ୍ଚପଦସ୍ଥ ଅଧିକାରୀ ସାଧାରଣ ଯବାନଙ୍କୁ ଶୃଙ୍ଖଳା ନାମରେ ସେମାନଙ୍କ ସ୍ୱରକୁ ଚାପି ଦେଇଥାଆନ୍ତି ବୋଲି ଶୁଣିବାକୁ ମିଳେ। ଫଳରେ ଅନେକଙ୍କଠାରେ ଦେଖାଦେଉଥିବା ଅସନ୍ତୋଷ କେତେବେଳେ ବିଦ୍ରୋହ ସୃଷ୍ଟି କରିଥାଏ। ଯେଉଁମାନେ ସ୍ଥିତି ସହିତ ଖାପ ଖୁଆଇପାରି ନ ଥାଅନ୍ତି ସେମାନେ ଚାକିରିରୁ ଇସ୍ତଫା ଦେବା କିମ୍ବା ସ୍ୱେଚ୍ଛାକୃତ ଅବସର ନେଇ ଯାଉଛନ୍ତି ଏବଂ ସ୍ଥଳବିଶେଷରେ ଆତ୍ମହତ୍ୟା କରୁଥିବା ଖବର ଶୁଣିବାକୁ ମିଳୁଛି। କିଛିବର୍ଷ ହେବ ସାମୟିକ ଭାବେ ସେନାରେ ଯୋଗଦେଉଥିବା ଅଗ୍ନିବୀରଙ୍କ ଭବିଷ୍ୟତ ଦେଖିଲେ ଆହୁରି ତାଜୁବ ହେବାକୁ ପଡୁଛି। ଚାକିରିରେ ସ୍ଥାୟିତ୍ୱ ନ ଥିବାରୁ ଆରମ୍ଭରୁ ସେମାନେ ଚାପରେ ରହୁଛନ୍ତି। ନିଯୁକ୍ତିରେ ସ୍ଥାୟିତ୍ୱ ଥିବା ଯବାନଙ୍କ ଅବସ୍ଥା ଯଦି ଏଭଳି ହେଉଛି, ତାହା ହେଲେ ଆଗକୁ ଅଗ୍ନିବୀରମାନଙ୍କ ସ୍ଥିତି କ'ଣ ହେବ ସେ ଦିଗକୁ ମଧ୍ୟ ସରକାର ଏବେଠୁ ଧ୍ୟାନ ଦେବା ଦରକାର।

ବର୍ତ୍ତମାନ ସମ୍ଭବତଃ ଯେଉଁ ଯୁବକମାନେ ସୁରକ୍ଷା ବଳରେ ଯୋଗ ଦେଉଛନ୍ତି, ତାହା ଅର୍ଦ୍ଧସାମରିକ ହେଉ ବା ସେନା, ସେମାନଙ୍କ ମନ ଭିତରେ ଏହି ଦେଶରେ ରହୁଥିବା ଜନସାଧାରଣଙ୍କ ଚରିତ୍ର ସମ୍ପର୍କରେ ପ୍ରଶ୍ନ ଉପୁଜୁଥିବ। ଯେଉଁଭଳି ରାଜନେତାମାନେ କେବଳ କଥା କହି ନିଜ ସମ୍ପର୍କୀୟଙ୍କୁ ଧନୀ କରାଉଛନ୍ତି, ଯେଉଁଭଳି ନ୍ୟାୟଧୀଶ ଓ ଅଫିସରମାନେ ଚାକିରି କରୁଥିବା ବେଳେ ଓ ଅବସର ନେବା ପରେ ଦେଶକୁ ଲୁଣ୍ଠନ କରୁଛନ୍ତି, ବ୍ୟବସାୟୀମାନେ କେବଳ ଦେଶର ସମ୍ବଳକୁ ନେଇ ଅନେକ ଲକ୍ଷ କୋଟି ଟଙ୍କାର ମାଲିକ ହେଉଛନ୍ତି ଏବଂ ଏହିଭଳି ଚୋର ତସ୍କରଙ୍କୁ ସାଧାରଣ ନାଗରିକ ସବୁ ପ୍ରକାର ସାହାଯ୍ୟ ଦେଉଛନ୍ତି, ସେଥିରେ ସେନାରେ ଯୋଗ ଦେଉଥିବା ଯୁବକମାନଙ୍କ ମନ 'ଛି' ହୋଇଯାଉଥିବ। ସେଭଳି ମାନସିକ ସ୍ତରରେ ସହଯୋଗୀ ଓ ଉପରିସ୍ଥ ଅଧିକାରୀଙ୍କୁ ମାରିବା ସହିତ ଆତ୍ମହତ୍ୟା କରିବା ଭଳି ପରିସ୍ଥିତି ସୃଷ୍ଟି ହେଉଥାଇପାରେ।

# ଭୟ



ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଖ୍ୟାତ ଜର୍ମାନ ଦାର୍ଶନିକ 'ନିତ୍ସା' (ନିତ୍ସେ) କହିଥିଲେ, 'ଭୟ ହେଉଛି ନୈତିକତାର ଜନନୀ'। ପୁଅଝିଅର ମା'ବାପାଙ୍କ ପ୍ରତି ଭୟ, ଛାତ୍ରୀଛାତ୍ରଙ୍କ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପ୍ରତି, ସାନଭାଇର ବଡ଼ଭାଇ ପ୍ରତି, ପରିବାରର କନିଷ୍ଠମାନଙ୍କ ବରିଷ୍ଠ ସଦସ୍ୟମାନଙ୍କ ପ୍ରତି ଏବଂ ସମାଜର ନୀତିନିଷ୍ଠ ଗୁରୁଜନମାନଙ୍କ ପ୍ରତି ଅନ୍ୟମାନଙ୍କର ସ୍ୱାଭାବିକ ଭୟ ପ୍ରଦର୍ଶନ ପଛରେ ଥାଏ ଏକ ଆତ୍ମଗୃହୀତ ନୈତିକତା। ଏ ଭୟ ଏକପ୍ରକାର ଶ୍ରଦ୍ଧାମିଶା ସମ୍ମାନ, ଯାହା ପଛରେ ଦୈହିକ ଯାତନା ବା ଅନ୍ୟ କୌଣସି ପ୍ରକାର ଶୋଷଣର ଭୂମିକା ନ ଥାଏ। ଏହି ଭୟ ଏକ ପ୍ରକାର ନମ୍ର ସଂଭ୍ରମଭାବ, ଯାହା ସାମାଜିକ ସହାବସ୍ଥାନ ପାଇଁ ନିତାନ୍ତ ଆବଶ୍ୟକ।

ଏହି ପ୍ରକାରର ଶ୍ରଦ୍ଧା-ସମ୍ମାନ-ପ୍ରସୂତ ଭୟ ମଣିଷକୁ କାପୁରୁଷ ବା ଭୀରୁ କରେ ନାହିଁ କି ତା'ର ବାକ୍ସ୍ୱାଧୀନତା ଅପହରଣ କରେ ନାହିଁ ବରଂ ତାକୁ ଏକ ନୈତିକ ପଥର ଯାତ୍ରୀ ହେବାରେ ସହାୟକ ହୁଏ। ଉପରୋକ୍ତ ସାମାଜିକ କ୍ଷେତ୍ର ଛଡ଼ା ମଣିଷର ଭୟ କରିବାକୁ ବହୁତ କ୍ଷେତ୍ର ଅଛି, ଯାହା ତାକୁ ନୀତିନିୟମଭରା ଏକ ଶୃଙ୍ଖଳିତ ଜୀବନ ଯାପନ କରିବାକୁ ମାର୍ଗଦର୍ଶନ କରେ। ଏହି କ୍ଷେତ୍ର ଭିତରେ ରହିଛି ଭଗବାନଙ୍କୁ ଭୟ, ମୃତ୍ୟୁ ଭୟ, ସାମାଜିକ ଲୋକଲଜ୍ଜା ଓ ଅପବାଦକୁ ଭୟ, ନିୟମକୁ ଭୟ, ଭୂତପ୍ରେତ ପ୍ରତି ଭୟ ଓ ସର୍ପଦଂଶନକୁ ଭୟ। ଭୂତଭୟ ଓ ସର୍ପଦଂଶନର ଭୟ ଏକ ପ୍ରକାର ସାଂକେତିକ ଭୟ। ସତେ ଯେପରି ମଣିଷକୁ ଶୃଙ୍ଖଳିତ କରି ରଖିବା ପାଇଁ ଏମାନେ ଏକପ୍ରକାର ଅଧିଭୌତିକ ଶକ୍ତି।

ଶିକ୍ଷୟିତ୍ରୀଶିକ୍ଷକ, ମା'-ବାପା, ବଡ଼ଭାଇ ଭଉଣୀ ଓ ଅନ୍ୟଗୁରୁଜନଙ୍କ ପ୍ରତି ପ୍ରଦର୍ଶିତ ଭୟର ଅର୍ଥ ଆକ୍ଷରିକ ନୁହେଁ। ଏହି ତଥାକଥିତ ଭୟ ପଛରେ ଥାଏ ଅନ୍ତରଭରା କୃତଜ୍ଞତା ପ୍ରକାଶର ଏକ ମାନସିକତା। ବାଲ୍ୟାବସ୍ଥା ଓ କିଶୋରଅବସ୍ଥାରେ ଜୀବନର ମାର୍ଗକୁ ଠିକ୍ ଭାବରେ ଚିହ୍ନି ଚାଲିବାର ଅଜ୍ଞତା ଏହି ଭୟ ସଞ୍ଚାର କରେ, ଯାହା ପରବର୍ତ୍ତୀ ଅବସ୍ଥାକୁ ସଂପ୍ରସାରିତ ହୋଇଥାଏ। ଭାରତୀୟ ସଂସ୍କୃତି ପ୍ରେକ୍ଷାପଟରେ ଏହା ଏକ ଗୃହୀତ ସାମାଜିକ ପରମ୍ପରା, ଯାହା ଅନ୍ତରାଳରେ ଥାଏ ଏକ ଭାରସାମ୍ୟ। ଯେଉଁ ଯେଉଁ କ୍ଷେତ୍ରରେ ଭୟଭାବ ମଣିଷକୁ ସୁନାଗରିକ କରେ, ଦେଶର ପ୍ରାକୃତିକ ତଥା ଆର୍ଥିକ ସମ୍ବଳକୁ ସୁରକ୍ଷିତ ରଖେ ଓ ମଣିଷକୁ ନୈଷ୍ଠିକ ଜୀବନଯାପନରେ ଭୂମିକା ନିର୍ବାହ କରେ ଏ ସବୁ କ୍ଷେତ୍ରରେ ଭୟର ଅନୁପସ୍ଥିତି ବ୍ୟକ୍ତି, ସମାଜ ଓ ଦେଶପ୍ରତି କ୍ଷତିକାରକ ସାବ୍ୟସ୍ତ ହୁଏ। ନିୟମକାନୁନ୍ ପ୍ରତି ଭୟ ଅବା ସମ୍ମାନ ପ୍ରଦର୍ଶନ ପୋଲିସର ଉପସ୍ଥିତି ବା ଅନୁପସ୍ଥିତିକୁ



ଅବାନ୍ତର କରି ତୋଳେ ଏବଂ ଏହି ଭୟ ବା ଖାତିର ପରୋକ୍ଷରେ ମଣିଷକୁ ନିର୍ଭୟରେ ଏକ ସୁସ୍ଥ ସମାଜରେ ରହିବାକୁ ସାହାଯ୍ୟ କରେ। ଆଇନକାନୁନ୍‌କୁ ହେୟ ଜ୍ଞାନ କରିବା, ଲୋକ ଅପବାଦ ଓ ଲୋକଲଜ୍ଜା ପ୍ରତି ଚମଡ଼ା ମୋଟ କରିବା ଆଜି ଦେଶ ପାଇଁ, ସମାଜ ପାଇଁ ମହଙ୍ଗା ପଡୁଛି। ନିୟମକାନୁନ୍ ପ୍ରତି ଯଦି ଆଜିର ସରକାରୀ କର୍ମଚାରୀ ବା ଜନସାଧାରଣଙ୍କ ସାମାନ୍ୟତମ ଭୟ ଥାଆନ୍ତା ଅବା ଦୁର୍ନୀତି କି ଅପକର୍ମରେ ଗିରଫ ହେବାର ପରଦିନ ନିଜର କୋମଳମତି ପିଲାଛୁଆମାନଙ୍କ ଲାଞ୍ଛିତ ହେବାର ଦୃଶ୍ୟପ୍ରତି ଯଦି ସାମାନ୍ୟତମ ସମ୍ବେଦନଶୀଳତା ଥାଆନ୍ତା, ଆଜି ରାଜ୍ୟ ବା ରାଷ୍ଟ୍ରର ସ୍ଥିତି ଭିନ୍ନ ହୁଅନ୍ତା। ଉପରୋକ୍ତ ସମସ୍ତ ଭୟ କ୍ଷେତ୍ରର ସମ୍ମିଳିତ ପ୍ରକାଶ ହେଉଛନ୍ତି ଭଗବାନ। ସେଥିପାଇଁ ଲୋକେ କହନ୍ତି, 'ତୁ ଆଉ କାହାକୁ ଡର ନ ଡର ଟିକେ ଭଗବାନଙ୍କୁ ଡର!' ସେ ଭୟ ମଧ୍ୟ ଆଜି ନାହିଁ, କେବଳ ବଜ୍ରପାତ ବେଳେ ଡରିମରି ଟିକେ ଉଚ୍ଚାରଣ କରି ପକାଇବା ଛଡ଼ା!

ବେଳେବେଳେ ପ୍ରକୃତିକୁ ଭଗବାନଙ୍କ ସ୍ଥାନରେ ଛିଡ଼ା କରେଇ ମଣିଷ ମଣିଷକୁ ଡରାଏ, ରାସ୍ତାକୁ ଆଣିବାକୁ ଚେଷ୍ଟାକରେ। ସେଇଠୁ ଆରମ୍ଭ ହୋଇଛି ବଜ୍ରପାତ ଓ ସର୍ପକଥା। ମଣିଷ ପ୍ରତ୍ୟକ୍ଷ ଭଗବାନଙ୍କ କଥା ନ କହି ଅଭିଶାପ ଭଙ୍ଗୀରେ ଏହି ଦୁଇ ଶବ୍ଦର ନାମ ଉଚ୍ଚାରଣ କରି କହେ, "ତୋ ମୁଣ୍ଡରେ ବଜ୍ର ପଡୁ, ତୋତେ ସାପ କାମୁଡୁ!" ଭାରତ ତଥା ପୃଥିବୀର ବହୁ ଦେଶର ଲୋକ ପ୍ରକୃତିର କଳ୍ପିତ ହିଂସାତ୍ମକ ହସ୍ତକ୍ଷେପକୁ ଆତ୍ମ-ସଂଶୋଧନ ଅବା ନୀତିଭ୍ରଷ୍ଟ ନ ହେବାର ଏକ ପଦକ୍ଷେପ ହିସାବରେ ନିଜ ନୈତିକ ଦର୍ଶନରେ ସାମିଲ କରି ନିଜ ଜୀବନକୁ ପରିଚାଳନା କରନ୍ତି। ଏ ପ୍ରସଙ୍ଗରେ ମନେ ପଡ଼େ ଇଂରାଜୀ କବି ୱିଲିୟମ ୱାର୍ଡସ୍‌ୱର୍ଥଙ୍କ କଥା। ପ୍ରକୃତି କବି ୱାର୍ଡସ୍‌ୱର୍ଥ ତାଙ୍କ ନୈତିକ ସତ୍ତାର ବିବର୍ତ୍ତନ, ପ୍ରକୃତି ଯୋଗୁ ସମ୍ଭବ ହୋଇଥିଲା ବୋଲି କହିଥିଲେ। ବାଲ୍ୟକାଳର ଏକ ଘଟଣାର ଉଲ୍ଲେଖ କରିଥିଲେ ଏହା ପ୍ରତିପାଦିତ କରିବା ପାଇଁ। କୈଶୋର ଅବସ୍ଥାର ଦିନେ ନଈକୂଳରେ ବନ୍ଧା ହୋଇଥିବା ଏକ ଅପରିଚିତ ଲୋକର ଡଙ୍ଗା ଫିଟାଇ ସେ ନାବକେଳି କରିବାକୁ ବାହାରି ଯାଇଥିଲେ। ମାଲିକର ବିନା ଅନୁମତିରେ ଏହା କରିଥିବାରୁ ସେ ଏକ ଚୋରିକାର୍ଯ୍ୟରେ ଲିପ୍ତ ଅଛନ୍ତି ବୋଲି ତାଙ୍କୁ ଲାଗିଲା। ହଠାତ୍ ସେ ଅନୁଭବ କଲେ ଯେପରି ନଈର ଦୁଇପାର୍ଶ୍ୱସ୍ଥ ପାହାଡ଼ଗୁଡ଼ିକ ଡେଙ୍ଗା ହୋଇ ବିପରୀତ ପାର୍ଶ୍ୱରୁ ତାଙ୍କ ଉପରେ ନଇଁ ଆସୁଛନ୍ତି। ତୁରନ୍ତ ସେ ନଈକୂଳକୁ ଫେରି ପୂର୍ବସ୍ଥାନରେ ଡଙ୍ଗାଟିକୁ ବାନ୍ଧିଦେଇ ଘରକୁ ଫେରିଲେ। କଥା ହେଲା ସେ ପ୍ରକୃତିକୁ ଯେମିତି ଭଲ ପାଉଥିଲେ, ସେତିକି ଭୟ ମଧ୍ୟ କରୁଥିଲେ। ପ୍ରକୃତି ପ୍ରତି ଭୟ ତାଙ୍କୁ ସବୁବେଳେ ଅବାଟରୁ ଫେରାଇ ଆଣୁଥିଲା।

ଭୟଭାବ ଓ ଅଭାବବୋଧ ମଣିଷକୁ ଏକ ଶୃଙ୍ଖଳିତ ଜୀବନଯାପନ କରିବାରେ ସାହାଯ୍ୟ କରେ। ଏକ ସାଧାରଣ ଉଦାହରଣ ଦେଇ ମୋର ବନ୍ଧୁ ମୋତେ ଏକଦା କହିଥିଲେ କିପରି 'ଆଶଙ୍କାଭାବ' ପୋଷଣ କରୁଥିବା ଗୃହକର୍ତ୍ତାମାନେ ଅତିଥି ସତ୍କାରରେ ସଫଳ ହେଉଥିଲାବେଳେ ଅର୍ଥର ଅହଂକାର ଏବଂ 'ସବୁକିଛି ଯୋଗାଇ ଦେଇଥିବାର ବଡ଼ିମା' ପ୍ରଦର୍ଶନ କରୁଥିବା କର୍ତ୍ତାମାନଙ୍କର ଆପ୍ୟାୟନ ଉଦ୍ୟମ ବିଫଳ ହୁଏ। ଭଗବାନ ହେଉ ଅବା ପ୍ରକୃତିର ରୋଷ ଓ ଅବା ମୃତ୍ୟୁ ମନ ଭିତରେ ଥିବା ସାମାନ୍ୟ ଭୟ ମଣିଷର ଅହଂକାରକୁ ହ୍ରାସ କରାଏ, ମନ ଭିତରେ ଏକ ସମର୍ପଣ ଭାବ ସୃଷ୍ଟିକରେ। ଏହି ପ୍ରକାର ପବିତ୍ର, ନୈତିକ ଭୟ ତା'ର ଆତ୍ମବିଶ୍ୱାସକୁ ପ୍ରତିହତ କରେ ନାହିଁ ବରଂ ପବିତ୍ରତାରେ ଭରା ତା'ର ବ୍ୟକ୍ତିତ୍ୱ ଦୃଢ଼ ଆତ୍ମ-ବିଶ୍ୱାସରେ କାମ କରିବାକୁ ଅଗ୍ରସର ହୁଏ।

ସାଧାରଣ ଭୟ ଓ ନୈତିକ ଭୟ ମଧ୍ୟରେ ଫରକ ରହିଛି। ବ୍ରିଟିଶ ଶାସନକାଳରେ ଆମେ ଭୟର ଏକ ଅତିରଞ୍ଜିତ ଚିତ୍ର ଦେଖୁ। ନାଲି ପଗଡ଼ି ପିନ୍ଧିଥିବା ଓ ହାତରେ ରୋଲବାଡ଼ିଟି ଧରିଥିବା ପୋଲିସଟି ଗାଁ ଦାଣ୍ଡରେ ଯାଉଥିଲେ, ଲୋକେ କବାଟକିଳି ଘରେ ପଶୁଥିଲେ, ଅବା ନିଭୃତରେ କେଉଁ ଗଛରେ ଚଢ଼ି ଆତ୍ମଗୋପନ କରୁଥିଲେ। ସେ ସମୟରେ ପ୍ରଶାସନ ପ୍ରତି ଭୟର ଏକ ଚିତ୍ର ଦେଇ ଫକୀରମୋହନ ଲେଖିଛନ୍ତି କିପରି ତାଙ୍କର ବୁଢ଼ୀମାଆ ଜାତିଯିବା, ଇଜ୍ଜତ ଯିବା ଭୟରେ ନିଜର ଜମିଜମା ପରିବାର ନାମରେ ଲେଖେଇବାକୁ କଚେରି ନ ଯାଇ ପରୋକ୍ଷରେ ଦାରିଦ୍ର୍ୟକୁ ଆମନ୍ତ୍ରଣ କରିଥିଲେ। ଏବେ ସ୍ଥିତି ଅଲଗା। ଏବେ କାହାରି କାହାରିକୁ ଭୟ ନାହିଁ। ତେବେ ସାଧାରଣ ଜୀବନରେ ଭୟର ଏକ ପ୍ରାସଙ୍ଗିକତା ଅଛି। ଆସନ୍ନ ବିପଦକୁ ଭୟକରି ମୁକାବିଲା ପାଇଁ ପ୍ରସ୍ତୁତ ହେବା ପରିବର୍ତ୍ତେ ମନରେ ସଞ୍ଚାରିତ ଭୟର ଭୂତକୁ ଯଦି ଆମେ ଭୟକରୁ, ତା'ହେଲେ ପ୍ରକୃତ ବିପଦ ଉପସ୍ଥିତ ହେଲାବେଳେ ଆମର ପରାଜୟ ଅବଶ୍ୟମ୍ଭାବୀ। ପ୍ରେମକୁ (ପ୍ରେମିକାକୁ ନୁହେଁ; କଳ୍ପିତ ପ୍ରେମ ଅନୁଭୂତିକୁ) ପ୍ରେମକରିବା ଭଳି ଭୟକୁ ଭୟ କରିବା ଏକ ମାନସିକ ଭ୍ରମ, ଯାହାର ପରିଣତି ଦୁଃଖଦାୟକ।

'ନିତ୍ସା'ଙ୍କ ଉକ୍ତି 'ଭୟ ନୈତିକତାର ଜନନୀ' ମଣିଷକୁ ଡରୁଆ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ। ବରଂ ଏକ ପବିତ୍ର ଭୟଭାବ ମଣିଷକୁ ନିରଂହକାର ଓ ନୀତିନିଷ୍ଠ କରାଇ ତାକୁ ଏକ ସଫଳ ବ୍ୟକ୍ତିତ୍ୱ ଓ ଗୁଣବାନ ନାଗରିକରେ ପରିଣତ କରେ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ : ୯୪୩୭୩୭୬୨୧୯**

# ସମବାୟ ଋଣ ଓ ଫସଲ କିଣାବିକା



ପ୍ରତାପ ଚନ୍ଦ୍ର ସାମଲ

ସମସ୍ତ ମନୁଷ୍ୟ ସମାଜର ଜୀବନଧାରଣ ପାଇଁ ଖାଦ୍ୟ ଅପରିହାର୍ଯ୍ୟ। ଚାଷୀର ଫସଲ ତଥା ଶସ୍ୟ ଉତ୍ପାଦନ ବଢ଼ିଲେ ସମସ୍ତଙ୍କୁ ଖାଦ୍ୟ ଯୋଗାଇବା ସମ୍ଭବ ହୁଏ। ଚାଷୀ ଫସଲ ଡେରିବାକୁ ହଳବଳଦ, ବିହନ, ସାର, ପାଣି ଇତ୍ୟାଦି ସମସ୍ତ ଚାଷର ଖର୍ଚ୍ଚଲାଗି ବ୍ୟାଙ୍କ ତଥା ମହାଜନମାନଙ୍କଠାରୁ ପ୍ରତିବର୍ଷ ଋଣ ଆଣେ। କିନ୍ତୁ ଅନେକ ସମୟରେ ବଢ଼ି, ମରୁଡ଼ି, ଝଡ଼ ବତାସ, କରକାପାତ କିମ୍ବା କୀଟପତଙ୍ଗ ଉପଦ୍ରବରେ ତା'ର ଫସଲ ନଷ୍ଟ ହୋଇଥାଏ। ସମସ୍ତ ଖର୍ଚ୍ଚ ଓ ବର୍ଷ ସାରା କରିଥିବା ଶ୍ରମ ପାଣିରେ ପଡ଼େ। ଫଳରେ ଖଳାରୁ ଟୋକେଇ ଓ କୁଲାକୁ ଖାଲି ମୁଣ୍ଡରେ ମୁଣ୍ଡାଇ ଘରକୁ ଫେରେ। କିନ୍ତୁ ବ୍ୟାଙ୍କ କିମ୍ବା ସାହୁକାରମାନେ ସେ ଆଣିଥିବା ଋଣ ଅସୁଲ ପାଇଁ ତାଗିଦାରୁ ନିବୃତ୍ତ ହୁଅନ୍ତି ନାହିଁ। ଯାହାହେଉ ସମବାୟ କଂଗ୍ରେସର ଆନ୍ଦୋଳନ ଫଳରେ ସରକାର କେବେ ଠାରୁ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଚାଷୀର ଫସଲ ନଷ୍ଟ ପାଇଁ ଶସ୍ୟବୀମା ପ୍ରବର୍ତ୍ତନ କରି ବ୍ୟାଙ୍କ ଋଣ ପରିଶୋଧ କରିବା ପାଇଁ ସାଧାରଣ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟକାରୀ କରାଇଛନ୍ତି। ବିଳମ୍ବରେ ହେଉ ପଛକେ ଚାଷୀମାନେ ସରକାରଙ୍କ ନିଷ୍ପତ୍ତି ସହିତ ଏକମତ ହୋଇଛନ୍ତି।

କିନ୍ତୁ ଚାଷୀର ଏତିକିରେ ଦୁଃଖ ଲାଘବ ହେଲାନାହିଁ। ଯେଉଁ ବର୍ଷ ତା'ର ଫସଲ ଭଲହୁଏ ବଳକା ଶସ୍ୟ ବିକିବାକୁ ସମୟେ ସମୟେ ଉପଯୁକ୍ତ ଦର ପାଏ ନାହିଁ। ଲାଭଖୋର ବ୍ୟବସାୟୀଙ୍କୁ ନିତାନ୍ତ କମ୍ ଦରରେ ବିକିବାକୁ ହୁଏ। ମାତ୍ର ବର୍ଷସାରା ତା'ର ଦୈନନ୍ଦିନ ଖର୍ଚ୍ଚ ପିଲାଛୁଆଙ୍କ ପାଠପଢ଼ା ଏବଂ ଲୁଗାପଟା କିଣିବା ପାଇଁ ଖର୍ଚ୍ଚ ତ ନିହାତି ଦରକାର ହୋଇଥାଏ। ଫଳରେ ଫସଲ ପାଇଁ ବ୍ୟାଙ୍କ ଋଣ ଶୁଝିବାକୁ ଅକ୍ଷମ ହୁଏ ଏବଂ ଖିଲାପୀ ହୋଇ ପରବର୍ତ୍ତୀ ଫସଲ ଉତାରିବାକୁ ପୁଣି ଋଣ ପାଇବାରୁ ବଞ୍ଚିତ ହୁଏ। ଅବଶ୍ୟ ଆମ ଦେଶରେ ଭାରତୀୟ ଖାଦ୍ୟ ନିଗମ, ଜାତୀୟ ତଥା ରାଜ୍ୟ ବାଣିଜ୍ୟ ମହାସଂଘମାନେ 'ଜାତୀୟ କୃଷି ଦରଦାମ ନିୟୋଗ'ର ବାର୍ଷିକ ଘୋଷିତ ଏମ୍.ଏସ୍.ପି. ଦରରେ ଚାଷୀମାନଙ୍କର ଫସଲ କେତେକ ପରିମାଣରେ କିଣିଥାନ୍ତି। ତଥାପି ବହୁ ଚାଷୀ ଅନୁଚିତ ଦରରେ ତାଙ୍କ ଉତ୍ପାଦିତ ଶସ୍ୟ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଅନେକ ନିୟନ୍ତ୍ରିତ ବଜାର କମିଟି ମୁଖ୍ୟ କାର୍ଯ୍ୟରୁ ଦୂରେଇ ଚାଷୀମାନଙ୍କଠାରୁ ଖାଲି ପଣ୍ୟଦ୍ରବ୍ୟ କ୍ରୟ ପାଉଣା ଆଦାୟ କରିବାରେ ବ୍ୟସ୍ତ। କିନ୍ତୁ ଚାଷୀର ଫସଲ ନିଲାମ କ୍ଷେତ୍ରରେ ସର୍ବୋଚ୍ଚ ଦରରେ ବିକ୍ରୟ କରିବାକୁ ନିୟନ୍ତ୍ରିତ ବଜାର କମିଟିମାନେ ପଦକ୍ଷେପ ନିଅନ୍ତି ନାହିଁ। ଅଥଚ ସରକାର ନିୟନ୍ତ୍ରିତ ବଜାର କମିଟିମାନଙ୍କର ଅଫିସ୍ ଘର ଓ ଗୋଦାମ



ନିର୍ମାଣରେ ବିପୁଳ ଅର୍ଥ ଶ୍ରାଦ୍ଧ କରୁଛନ୍ତି। ହଲାଣ୍ଡ ସହରରେ ଥିବା ରଟରଡ୍ୟାମ ନିୟନ୍ତ୍ରିତ ବଜାର କମିଟିର ପରିଚାଳନା କର୍ତ୍ତୃପକ୍ଷ ଚାଷୀମାନଙ୍କ ପରିବା, ବ୍ୟବସାୟୀଙ୍କ ସାମନାରେ ନିଲାମ ସୂତ୍ରରେ ସର୍ବୋଚ୍ଚ ବଜାର ଦରରେ ବିକ୍ରି କରୁଛନ୍ତି ଏବଂ ବିକ୍ରି ପରେ ସେଦିନର ବଳକା ପରିବାକୁ ସହାୟକ ଦରରେ 'ପଣ୍ୟଦ୍ରବ୍ୟ କ୍ରୟ ପାଉଣା ପାଣ୍ଠି'ରେ କିଣି ନିଅନ୍ତି। ମାତ୍ର ଓଡ଼ିଶାରେ ନିୟନ୍ତ୍ରିତ ବଜାର କମିଟିରେ ସଭାପତି ହେଉଛନ୍ତି ଜିଲାପାଳ କିମ୍ବା ଅତିରିକ୍ତ ଜିଲାପାଳ ନଚେତ୍ ଉପଜିଲାପାଳ। କମିଟି କେବଳ ଚାଷୀଙ୍କଠାରୁ କମିଶନି ଆଦାୟ କରିବାରେ ବ୍ୟସ୍ତ। ଚାଷୀମାନଙ୍କର ଉତ୍ପାଦିତ କୋବି, ବିଲାତି, ବାଇଗଣ, ବନ୍ଧାକୋବି କିପରି ଗୋରୁ ଚରିଯାନ୍ତି କିମ୍ବା ଟୋକେଇ ଟୋକେଇ ଫସଲକୁ ବେପାରୀ ନିକଟରେ ନେହୁରା ହୋଇ ୧୦-୨୦ ଟଙ୍କାରେ ତାକୁ ବିକ୍ରି କରନ୍ତି। ହାୟରେ ହଲାଣ୍ଡ ଓ ଆମ ଦେଶର ବଜାର କମିଟି ପରିଚାଳନାରେ କି ଆକାଶ ପାତାଳ ପ୍ରଭେଦ। ସେଥିରେ ପୁଣି ଦକ୍ଷତାକୁ ବିଚାରକୁ ନ ନେଇ ରାଜନୈତିକ ଦଳମାନଙ୍କ ଦ୍ୱାରା ନିୟନ୍ତ୍ରିତ ବଜାର କମିଟିରେ ସଭ୍ୟ ମନୋନୟନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୁଏ। ଏପରି ଅଭାବୀ ଦରରେ ଚାଷୀ ତା'ର ଫସଲକୁ ବିକିଲେ କରିଥିବା ଋଣକୁ ଶୁଝିବ ବା କିପରି?

ଯେଉଁଠାରେ ସମବାୟ ସମିତିଗୁଡ଼ିକ ଚାଷୀର ଫସଲକୁ ସହାୟକ ଦରରେ କିଣି ବ୍ୟାଙ୍କ ଋଣକୁ ମଜୁରା କରନ୍ତି ସେଠାରେ ଚାଷୀ ଖିଲାପୀ ନ ହୋଇ ପୁନର୍ବାର ଋଣ ନେଇ ପରବର୍ତ୍ତୀ ଫସଲ ଉତାରିବାକୁ ମହଜୁଦ ହୁଏ। ୧୯୮୦ରେ ମହାରାଷ୍ଟ୍ରର ପୁନା ଜିଲାରେ ପୁନା କେନ୍ଦ୍ର ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ସମବାୟ ସମିତିର ସଭ୍ୟ କରାଇ ଆଖୁ ଚାଷ କରି ସମବାୟ ଚିନିକଳମାନଙ୍କୁ ଆଖୁ ଯୋଗାଇବା ପାଇଁ ଚୁକ୍ତିନାମା ପ୍ରସ୍ତୁତ କରି ଋଣ ଦିଅନ୍ତି ଏବଂ ଚିନିକଳକୁ ଚାଷୀମାନେ ଉଚିତ ଦରରେ ଯୋଗାଇଥିବା ଆଖୁର ମୂଲ୍ୟକୁ ହିସାବକୁ ନେଇ ତାହା ମଧ୍ୟରୁ ବ୍ୟାଙ୍କ ଋଣକୁ ପ୍ରଥମେ ମଜୁରା କରି ଅବଶିଷ୍ଟ ଅର୍ଥ ଚାଷୀର ଆକାଉଣ୍ଟକୁ ଦେଇ ଦିଅନ୍ତି। ଚାଷୀ ଆବଶ୍ୟକ ସମୟରେ ତା'ର ଆକାଉଣ୍ଟରେ ଥିବା ଜମା ଟଙ୍କାକୁ ଉଠାଇ ଗୁଜୁରାଣ ମେଣ୍ଟାଏ। ସେହିପରି କର୍ନାଟକରେ ବ୍ୟାଙ୍କ ଋଣ ଅସୁଲ ଠିକ୍ ନ ଥିଲେ ମଧ୍ୟ ବିଦର କେନ୍ଦ୍ର ସମବାୟ ବ୍ୟାଙ୍କର ଋଣ ଅସୁଲ ଶତକଡ଼ା ୮୦ଭାଗରୁ ଅଧିକ। କାରଣ ବିଦର ଜିଲାର ଚାରିଗୋଟି ସମବାୟ ଚିନିକଳ ଚାଷୀମାନଙ୍କୁ ଆଖୁଚାଷ ପାଇଁ ଋଣ ଯୋଗାଇ ଚାଷୀଙ୍କଠାରୁ ଆଖୁ କିଣିନେଇ ସେମାନଙ୍କ ପ୍ରାପ୍ୟରୁ ପ୍ରଥମେ ବ୍ୟାଙ୍କ ଋଣକୁ ମଜୁରା କରି ଅବଶିଷ୍ଟ ଟଙ୍କା ଚାଷୀକୁ ଫେରାଇ ଦିଅନ୍ତି।

**ବରିଷ୍ଠ ସମବାୟବିତ୍**
**ମୋ:୯୦୯୦୩୨୫୮୦୨**

## ଏଇ ଭାରତରେ

ପ୍ରଥମେ ଶିକ୍ଷକ, ପରେ ମହୁଚାଷୀ। ପ୍ରବୃତ୍ତିରେ ଏଭଳି ପରିବର୍ତ୍ତନ ଜଗପାଲ ସିଂ ଫୋଗଟଙ୍କ ଜୀବନ ଦୃଶ୍ୟପଟକୁ ବଦଳାଇ ଦେଇଛି। ହରିୟାଣାର ଝଜ୍ଜର ଜିଲାରେ ରହନ୍ତି ଜଗପାଲ। ସେ ଗହମ ଚାଷ କରୁଛନ୍ତି ଓ ସେହିସବୁ କ୍ଷେତରେ ମହୁବାକ୍ସ ରଖୁଛନ୍ତି। ଜଗପାଲ ୨୦୦୧ରେ ମହୁଚାଷ ଆରମ୍ଭ କରିଥିଲେ। ଏହି ସମୟରେ ସେ ଏକ ଘରୋଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଇଂଲିଶ ଶିକ୍ଷକ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ। ସେତେବେଳେ ପ୍ରଥମେ ୩୦ଟି ମହୁ ବାକ୍ସରୁ ଚାଷ ଆରମ୍ଭ କରିଥିଲେ। ପରେ ୨୦୦୭ରେ ଚାକିରି ଛାଡ଼ି ପୂରା ସମୟ ମହୁଚାଷରେ ମନୋନିବେଶ କରିଥିଲେ। ଏବେ ସେ ପ୍ରତି ଏକରରୁ ୫୦,୦୦୦ ଟଙ୍କା ରୋଜଗାର କରୁଛନ୍ତି। କେବଳ ଏତିକି ନୁହେଁ ଜଗପାଲ ୫୦୦ କୃଷକଙ୍କୁ ମହୁ ଚାଷରେ ଜଡ଼ିତ କରିଛନ୍ତି। ମାର୍କେଟିଂ ପାଇଁ ଜଗପାଲ ବ୍ୟବସ୍ଥା କରିବା ସହ ବହୁ ବିଜନେସ ଆରମ୍ଭ କରିଛନ୍ତି। ସେ ଏକ ମହୁ ପ୍ରୋସେସିଂ ୟୁନିଟ ସ୍ଥାପନ କରିଛନ୍ତି। ତେବେ ମହୁଚାଷ ଓ ପ୍ରୋସେସିଂ ୟୁନିଟ୍‌ରୁ ସେ ବର୍ଷକୁ ପାଖାପାଖି ୨ କୋଟି ଟଙ୍କା ରୋଜଗାର କରୁଛନ୍ତି। ସେ ବେଙ୍ଗାଲୁରୁ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ଏନ୍‌ସିଆର ଆଦି ସହରରେ ମହୁ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୧ ଡିସେମ୍ବର ୧୯୭୫**

- ପଶ୍ଚିମବଙ୍ଗର ପୁରଲିଆ ଜିଲାର ଜବର ପାହାଡ଼ ଓ ହାଣପଥର ଅଞ୍ଚଳରେ ବ୍ୟାପକ ଚୁନପଥର ଖଣିର ସନ୍ଧାନ।
- ବାଙ୍ଗାଲୋର ନିକଟବର୍ତ୍ତୀ ଗୁରିବିଦ୍ଦୁରଠାରେ ଅବସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରର ଯନ୍ତ୍ରପାତିରେ ଲୁଇସିୟାନ ଦ୍ୱୀପର ଭୂମିତଳେ ଏକ ଆଣବିକ ବିସ୍ଫୋରଣ ହୋଇଥିବା ସୂଚନା।
- ଜାତୀୟ ସର୍ବୋଚ୍ଚ ଜମି ସୀମା ନିର୍ଦ୍ଧାରଣ ବ୍ୟବସ୍ଥା ସହ ଖାପଖୁଆଇବା ପାଇଁ ଦିଲ୍ଲୀ ସର୍ବୋଚ୍ଚ ଜମି ସୀମା ଆଇନ ସଂଶୋଧନ କରିବାକୁ ରାଷ୍ଟ୍ରପତି ଅର୍ଡିନାନ୍ସ ଜାରି କରିଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | | 5 | 7 |
| | | 4 | | 6 | 1 | | | 8 |
| | | | | | | | | |
| | | | 8 | | 5 | | | |
| 2 | | 8 | | | | | | 6 |
| 1 | | | | 7 | | | | |
| 5 | | 1 | 2 | | | 9 | | |
| | | | 6 | 5 | | | | |
| | 7 | 6 | | 9 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 6 | 1 | 7 | 9 | 4 | 5 |
| 4 | 1 | 7 | 8 | 5 | 9 | 6 | 2 | 3 |
| 5 | 9 | 6 | 3 | 4 | 2 | 7 | 8 | 1 |
| 7 | 3 | 4 | 5 | 8 | 6 | 1 | 9 | 2 |
| 1 | 6 | 9 | 7 | 2 | 4 | 3 | 5 | 8 |
| 8 | 2 | 5 | 1 | 9 | 3 | 4 | 6 | 7 |
| 9 | 4 | 8 | 2 | 7 | 1 | 5 | 3 | 6 |
| 6 | 5 | 1 | 9 | 3 | 8 | 2 | 7 | 4 |
| 2 | 7 | 3 | 4 | 6 | 5 | 8 | 1 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସେବକଙ୍କ ପାଇଁ ଦଣ୍ଡବିଧାନ ଆଇନ ଅଣାଯାଉ

ମହାଶୟ,

ପ୍ରଭୁ ଲିଙ୍ଗରାଜ ଓ ପୁରୀର ଚତୁର୍ଦ୍ଧା ମୂର୍ତ୍ତିଙ୍କ ମନ୍ଦିର ଓଡ଼ିଆ ସଂସ୍କୃତିର ଏକ ଆସ୍ଥା ଉପରେ ନିର୍ଭର କରେ। ଏହି ମନ୍ଦିରଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ, ଯଦିଓ ମନ୍ଦିର ପାଇଁ ଏକ ଭିନ୍ନ ଧରଣର ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଅଛନ୍ତି ତଥାପି ଓଡ଼ିଶା ସରକାର ଏହାର ସର୍ବେସର୍ବା । ଅନେକ ସମୟରେ ସେବକମାନଙ୍କ ନିଜ ନିଜ ଭିତରେ ବୁଝାମଣା ଅଭାବରୁ ଠାକୁରଙ୍କ ନୀତିରେ ଘୋର ବିଭ୍ରାଟ ଘଟୁଛି। ଏଇ ନିକଟରେ ଭୁବନେଶ୍ୱରର ପ୍ରସିଦ୍ଧ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିରରେ ପୂଜାପଣ୍ଡା ନିଯୋଗମାନଙ୍କ ଅସହଯୋଗ ଯୋଗୁ ପ୍ରଭୁଙ୍କ ନୀତିକାନ୍ତି ବନ୍ଦ ହୋଇ ପ୍ରଭୁ ୨୪ ଘଣ୍ଟା ଉପବାସରେ ରହିଥିବା ଦୃଷ୍ଟାନ୍ତ ଲୋକ ଲୋଚନକୁ ଆସିଛି । ସେବାୟତଙ୍କ ଭିତରେ ଦୁଇ ଭାଗ ହୋଇ ଯାନିଯାତ୍ରାକୁ ନେଇ ସର୍ବଦା ବିବାଦ ଲାଗି ରହୁଛି । ମନ୍ଦିର ପ୍ରଶାସନ ଓ ଦେବୋତ୍ତର ବିଭାଗ ଓ ସେବାୟତମାନଙ୍କ ଭିତରେ ତାଳମେଳ ଓ ଆନ୍ତରିକତାର ଅଭାବ ଯୋଗୁ ଏପରି ଘଟୁଛି । ସରକାରୀ ସ୍ତରରେ ମଧ୍ୟ ଏହାର ସମାଧାନ ପାଇଁ କୌଣସି ପ୍ରକାର ସ୍ଥାୟୀ ବ୍ୟବସ୍ଥା କରାଯାଉ ନାହିଁ । ଲୋକଙ୍କ ଆସ୍ଥା ଓ ବିଶ୍ୱାସ ଉପରେ ଏହି ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ ଘୋର ଅବହେଳା ପ୍ରଦର୍ଶନ କରୁଛନ୍ତି । ଖୋଦ୍ ରାଜଧାନୀରେ ଯଦି ବାରମ୍ବାର ଏପରି ଘଟଣା ପ୍ରଭୁ ଲିଙ୍ଗରାଜ ମନ୍ଦିରରେ ଘଟୁଛି ତେବେ କାହାକୁ କହିବା । କିଛି ଦିନ ଆଗରୁ ପ୍ରଭୁ କପିଳେଶ୍ୱରଙ୍କ ମନ୍ଦିରରେ ପ୍ରଭୁଙ୍କ ନିତିକାନ୍ତି ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାର ସ୍ଥାୟୀ ସମାଧାନ ଦରକାର । ସରକାର ସେବକମାନଙ୍କୁ ଦଣ୍ଡବିଧାନ କରିବା ସହ ସେମାନଙ୍କୁ ତାଗିଦ କରିବା ଦରକାର ।

**-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟ ନଗର, ଭୁବନେଶ୍ୱର**

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧର
ଚାହାଣୀ
ମନେ ନାହିଁ
କଣ୍ଟେ ଜାଗିଲା କୁଣ୍ଠିତ ଯେତେ କାହାଣୀ
ଦୂରେ ଚାହିଁ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦୁଇ ଯୁବକ କୋର୍ଟ ଚାଲାଣ

## ଚେକ୍‌ଗେଟରେ କର୍ମଚାରୀଙ୍କୁ ଗାଳିଗୁଲଜ ଅଭିଯୋଗ

ଖପ୍ରାଖୋଲ,୧୦।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଥାନା ହରିଶଙ୍କର ମନ୍ଦିର ଚେକ୍ ଗେଟ କର୍ମଚାରୀଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପଡା ଥାନା କପାଣି ଗାଁର ରୋହନ ଶର୍ମା ଓ ମାଲିଝରେ ଗାଁର ଅନିଲ କୁମୁରା। ପ୍ରକାଶ ଯେ, ସୋମବାର ସନ୍ଧ୍ୟାରେ ଏକ ଭ୍ୟାନ୍‌ରେ କେତେଜଣ ଯୁବକ ହରିଶଙ୍କର ମନ୍ଦିର ଚେକ୍‌ଗେଟରେ ପହଞ୍ଚି କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏ ନେଇ ଗେଟ ଠିକା ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଥିଲା।

# ୨ ଟ୍ରକ୍‌ରୁ ୪୦ ଟନ୍ କୋଇଲା ଜବତ, ୩ ଗିରଫ

ସମ୍ବଲପୁର,୧୦।୧୨
(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପୋଲିସ ଦୁଇଟି ପୃଥକ ଘଟଣାରେ ଦୁଇଟି ୧୦ ଚକିଆ ଟ୍ରକ୍ ସହ ମୋଟ ୪୦ ଟନ୍ କୋଇଲା ଜବତ କରିଛି। ଏହାସହ କୋଇଲା ଚୋରା ଚଲାଣରେ ସମ୍ପୃକ୍ତ ୨ ଟ୍ରକ୍ ଚାଳକଙ୍କ ସହ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବିହାର ଭୋଜପୁର ଜିଲା ଖୋଲପୁର ଗ୍ରାମର ମୁକେଶ କୁମାର(୨୪), ସେହି ଗ୍ରାମର ସହଯୋଗୀ ଚାଳକ ଅଶୋକ କୁମାର(୨୨) ଓ ବିହାର ଛାପ୍ରା ଜିଲା ଗଦିପାଟି ଗ୍ରାମର ସତ୍ୟନାରାୟଣ ରାୟ(୩୦)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରେଙ୍ଗାଲି ଥାନା ପୋଲିସକୁ କୌଣସି ବିଶ୍ୱସ୍ତ ସୂତ୍ରରୁ ବ୍ୟାପକ ପରିମାଣରେ କୋଇଲା ଚାଲାଣ ହେଉଥିବା ସମ୍ପର୍କରେ ଖବର ମିଳିଥିଲା। ଉକ୍ତ ଖବର ଅନୁସାରେ ରେଙ୍ଗାଲି ପୋଲିସ ରାମଚନ୍ଦ୍ରନଗର ନିକଟ ପେଟ୍ରୋଲ ପମ୍ପ ନିକଟରୁ ଦୁଇଟି କୋଇଲା ବୋଝେଇ ଟକ୍ ଓଆର୍-୧୫ଏମ୍-୭୧୨୯ ଏବଂ ଓଆର୍ ୧୯ଡି-୬୭୬୭କୁ ଅଟକ ରଖି ପ୍ରଥମେ କାଗଜପତ୍ର ଯାଞ୍ଚ କରିଥିଲା। ମାତ୍ର ଟ୍ରକ୍ ଦ୍ୱୟରେ ବୋଝେଇ ହୋଇଥିବା କୋଇଲାର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ଉଭୟ ଟ୍ରକ୍‌ର ଚାଳକ ଏବଂ ସହଯୋଗୀଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ପଚରା ଉଚରାବେଳେ ଚାଳକ ଦ୍ୱୟ ସୁନ୍ଦରଗଡ଼ରୁ ଉକ୍ତ କୋଇଲା ଚୋରା ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ସେମାନଙ୍କ ସ୍ୱୀକାରୋକ୍ତି ପରେ ଚାଳକ ଦ୍ୱୟ ଓ ସହଯୋଗୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ରେଙ୍ଗାଲି ଥାନାରେ ୨ଟି ମାମଲା (ନଂ.୨୪୭/୨୦୨୪ ଓ ନଂ ୨୪୮/୨୦୨୪) ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି। ଅପରପକ୍ଷରେ ରେଙ୍ଗାଲି ପୋଲିସ ଉଭୟ କୋଇଲା ବୋଝେଇ ଟକ୍ ଦ୍ୱୟକୁ ଜବତ କରି ଓଜନ କରାଯିବା ପରେ ଟ୍ରକ୍ ଦ୍ୱୟରେ ୨୦ ଟନ୍ ଲେଖାଏଁ କୋଇଲା ବୋଝେଇ ହୋଇଥିବା ଜଣା ପଡ଼ିଥିଲା।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ କନଷ୍ଟେବଲ୍ ନିଲମ୍ବିତ

ବଲାଙ୍ଗୀର/ଗୁଡଭେଲା,୧୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର/ମନୋଜ ଜୈନ)

ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ବଲାଙ୍ଗୀର ଏସ୍‌ପି ଋଷିକେଶ ଖିଲାରି ଅଭିଯୁକ୍ତ କନଷ୍ଟେବଲ ଜ୍ୟୋତି ପ୍ରଧାନଙ୍କୁ ମଙ୍ଗଳବାର ଚାକିରିରୁ ନିଲମ୍ବିତ କରିଛନ୍ତି। ତେବେ ଅଭିଯୁକ୍ତ କନଷ୍ଟେବଳ ପ୍ରଧାନ ଫେରାର ଥିବାରୁ ତାଙ୍କୁ ଗିରଫ କରାଯାଇ ପାରିନାହିଁ। ମିଳିଥିବା ସୂଚନା ମୁତାବକ, ତୁଷରା ଥାନା ସମରା ଗାଁର ଜ୍ୟୋତି ପ୍ରଧାନ ଓ ତାଙ୍କ ସ୍ତ୍ରୀ ନୁପୁର ବିଶ୍ୱାଳ ଉଭୟେ ପୋଲିସ କନ୍‌ଷ୍ଟେବଲ ଭାବେ ବଲାଙ୍ଗୀର ରିଜର୍ଭରେ କାର୍ଯ୍ୟ କରନ୍ତି। ଏହି ଦମ୍ପତି ରବିବାର ସନ୍ଧ୍ୟାରେ ସମରା ଗ୍ରାମରେ ହେଉଥିବା ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗଦେଇ ମୋଟରସାଇକେଲ ଯୋଗେ ବଲାଙ୍ଗୀର ଅଭିମୁଖେ ଫେରୁଥିଲେ। ଫେରିବା ବାଟରେ ବଙ୍ଗୋମୁଣ୍ଡା ନିକଟରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଜ୍ୟୋତି ଉତ୍ତ୍ୟକ୍ତ ହୋଇ ତାଙ୍କ ସ୍ତ୍ରୀଙ୍କୁ ଆକ୍ରମଣ କରିଥିଲେ। ଏପରି କି ନିଛାଟିଆ ସ୍ଥାନରେ ତାଙ୍କର ଜଣେ ସହଯୋଗୀଙ୍କ ସହ ମିଶି ପଥରରେ ଛେଚି ହତ୍ୟା ଉଦ୍ୟମ କରିଥିଲେ। ନୁପୁରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବଲାଙ୍ଗୀରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । । ଏ ନେଇ ନୁପୁରଙ୍କ ବାପଘର ଲୋକେ ତୁଷରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନାରେ ଏକ ମାମଲା (ନଂ ୩୫୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ କେଉଁ କାରଣରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କହଳ ଉପୁଜିଲା ଏବଂ ସ୍ୱାମୀ କାହିଁକି ସହଯୋଗୀ ଆଣି ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ କଲେ ତାହା ସ୍ପଷ୍ଟ ହୋଇନାହିଁ।

# ବିପଦସଙ୍କୁଳରେ ବିରାଟକାୟ ବୃକ୍ଷ

କୋଲାବିରା,୧୦।୧୨
(ଚିନ୍ମୟ କୁମାର ବହିଦାର)



## ଧନଜୀବନ ହାନି ଆଶଙ୍କା

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ଅନ୍ତର୍ଗତ ରଘୁନାଥପାଲି ସୁନାରିପଡାସ୍ଥିତ ୫ ନମ୍ବର ଆଙ୍ଗନୱାଡି କେନ୍ଦ୍ରକୁ ଲାଗି ଏକ ବିରାଟକାୟ ଶାଗୁଆନ ଗଛ ରହିଛି। କୌଣସି କାରଣରୁ ଉକ୍ତ ଗଛ ଗୋଟିଏ ପାଖକୁ ଆଙ୍ଗନୱାଡି ଛାତ ଆଡକୁ ବଙ୍କେଇ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ପବନ ହେଲେ ଗଛରୁ କଟକଟ ସଦ୍ଦ ଶୁଭୁଛି ଏବଂ ବିରାଟକାୟ ଏହି ବୃକ୍ଷର ମୂଳରୁ ଦୁର୍ବଳ ହୋଇପଡିଛି। ଅନୁମାନରେ ୪୦ରୁ ୫୦ ଫୁଟରୁ ଅଧିକ ଉଚ୍ଚତା ବିଶିଷ୍ଟ ଏହି ଗଛ ପ୍ରବଳ ବେଗରେ ପବନ ବହିଲେ ଟଳି ପଡିବାର ସମ୍ଭାବନା ରହିଛି। ଏହି ଗଛ ଆଙ୍ଗନୱାଡି ନିକଟରେ ରହିଥିବାରୁ ପବନ ଦ୍ୱାରା ହେଉ କିମ୍ବା ଅନ୍ୟ କୌଣସି କାରଣରୁ ହେଉ ଯେ କୌଣସି ଦିଗକୁ ଗଛ ଢଳିପଡିଲେ ମଧ ଧନଜୀବନ ହାନୀ ହେବାର ସମ୍ଭାବନା ରହୁଛି। ସାମାନ୍ୟ ଝଡ ସୃଷ୍ଟି ହୋଇ ପବନ ବହିଲେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡୁଛନ୍ତି। ସମୟ ଥାଉଥାଉ ଯଦି ଏହି ଗଛ କାଟିଦିଆ ନ ଯାଏ ତେବେ ନିଶ୍ଚିତ ଭାବେ କ୍ଷୟକ୍ଷତିର ଆଶଙ୍କା ରହିଛି। ଏ ସଂକ୍ରାନ୍ତରେ ଆଙ୍ଗନୱାଡି କର୍ମଚାରୀ ଓ ପଡାବାସିନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବନ ବିଭାଗ, ସିଡିପିଓ, ବିଡିଓ ପ୍ରମୁଖ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଇବା ସହିତ ଯଥାଶୀଘ୍ର ଗଛ କାଟିବା ବ୍ୟବସ୍ଥା କରାଯାଇ ଆଙ୍ଗନୱାଡି ପିଲାଙ୍କ ପାଇଁ ସୁରକ୍ଷା କରନ୍ତୁ ବୋଲି ଅନୁରୋଧ କରିଛନ୍ତି। ଏଥିଯୋଗୁ କେତେବେଳେ ଯେ କଣ ଅଘଟଣ ନ ଘଟିବ ସେ ନେଇ ଆସଙ୍କାରେ ରହୁଛନ୍ତି ଲୋକେ। ଏହାର ଶୀଘ୍ର ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା

ଲୋଇସିଂହା,୧୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନାକୁମାରୀ ବେହେରା ଅଧକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ବିଡିଓ ଅକ୍ଷୟପାଣି ଉଦ୍ଗୁ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ପାଢୀ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ ନୁହନ୍ତି ବୋଲି ବିଡିଓ ଉଦ୍ଗୁ କହିଥିଲେ।

# ଶୀତ ମହୋତ୍ସବ ଉଦ୍‌ଯାପିତ

ସମ୍ବଲପୁର,୧୦।୧୨
(ପ୍ରମୋଦ ବହିଦାର)

ସ୍ଥାନୀୟ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଆୟୋଜିତ ଶୀତ ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଛି। ଚିତ୍ତାକର୍ଷକ ଆତସବାଜି ଓ ଉଜ୍ଜ୍ୱଳ ଆଲୋକମାଳା ମଧ୍ୟରେ ଆୟୋଜକଙ୍କ ସହିତ କଳାକାରମାନଙ୍କ ନୃତ୍ୟରେ ଉଚ୍ଛୁଳି ପଡ଼ିଥିଲା ମହୋତ୍ସବ ମଞ୍ଚ। ଉଦଯାପନୀ ସନ୍ଧ୍ୟାରେ ଅତିଥିଭାବେ ନାଟ୍ୟକାର ଡ. ଦ୍ୱାରିକା ନାୟକ ଯୋଗଦେଇ କଳାକାର ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ପ୍ରଥମେ ଅଳକା ମିଶ୍ର, ସାଗର ମିଶ୍ର, ଚେତନାମୟୀ ବେହେରା, ଚିନଟୁ କୁମ୍ଭାର, ଗୋବିନ୍ଦ ବାଗ ଯାଦବ, ନୁପୁର ମଲ୍ଲିକ, ସ୍ୱାଗତ ମହାପାତ୍ର, ସ୍ୱସ୍ତି ହୋତା ତଥା ପ୍ରଣତି ଚକ୍ରବର୍ତ୍ତୀ ଓ ହମିଦ ରହେମାନ୍ ଦ୍ୱୈତ କଣ୍ଠରେ ବିଭିନ୍ନ ହିନ୍ଦୀ ଚଳଚ୍ଚିତ୍ର ଓ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ରୁଦ୍ରାଂଶ ଆହ୍ୱାନ ସିଂଦେଓ ହନୁମାନ ଚାଳିଶା ପାଠ କରିଥିଲେ। ଅଙ୍କନ ଡ୍ୟାନ୍ସ ଅଫ ଏକାଡେମୀର କୁନି କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଦିବ୍ୟାଂଶ ପ୍ରସାଦ ମର୍ଦନ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ନାନକ ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନେ ଭାଙ୍ଗଡା ନୃତ୍ୟ ପରିବକ୍ଷଣ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ନିର୍ବାଣ ନୃତ୍ୟ ଦଳ ଜଗତ ଜଲ୍ ପାୟମ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ରାମାଶିଷ ତ୍ରିପାଠୀ, ପ୍ରତ୍ୟୁଷ କାନ୍ତ ପ୍ରଧାନ, ସୁପ୍ରିୟା ପଶାୟତ, ଅମୃତ ସାଗର ପଣ୍ଡା, ପାୟଲ ବାବୁ, ଉମାଶଙ୍କର ଦାଶ ମଞ୍ଚ ସଂଯୋଜନା କରିଥିଲେ। ଆୟୋଜକ କମିଟି ଅଧକ୍ଷ ମହମ୍ମଦ ପରଭେଜ ଅଲ୍ଲୀ ଖାନ୍, ସଂଯୋଜକ ତ୍ରିଲୋଚନ ତ୍ରିପାଠୀ, ଆବାହକ ହମିଦ ରହେମାନ୍, ସହ ଆବାହକ ଦେବାଶିଷ ପାଢ଼ୀ, ମଞ୍ଚାସୀନ ଥିଲେ। ଶୀତ ମହୋତ୍ସବ ଡିସେମ୍ବର ୧ ତାରିଖରୁ ଆରମ୍ଭ ହେଇଥିଲା।

# ଭିମ୍‌ସାର କଲେଜ୍ ଅଫ୍ ନର୍ସିଂରେ ରାଜ୍ୟସ୍ତରୀୟ କର୍ମଶାଳା




କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଅତିଥିବୃନ୍ଦ।

ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)

ବୁର୍ଲା ଭିମ୍‌ସାରର କଲେଜ ଅଫ୍ ନର୍ସିଂରେ ବିପର୍ଯ୍ୟୟର ମୁକାବିଲା ଏକ ଆହ୍ୱାନ ଶୀର୍ଷକ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇ ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ ପ୍ରଦୀପ ପ୍ରଜ୍ଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ଅଧକ୍ଷା କୃତିଦିପା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ନର୍ସିଂ କଲେଜର ଅଧିକ୍ଷିକା ଗୀତାରାଣୀ କାଣ୍ଡି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଭିମ୍‌ସାର କୁଳସଚିବ ତଥା ଅଧକ୍ଷ ପ୍ରଫେସର ଡା. ପ୍ରଦୀପ କୁମାର ମହାନ୍ତି ଯୋଗଦେଇଥିଲେ। ସଭାପତିତ୍ୱ ଅଭିଭାଷଣରେ ଅଧକ୍ଷା ମହାନ୍ତ ଦୁର୍ବିପାକ ପରିଚାଳନା ଉପରେ ବକ୍ତବ୍ୟ ରଖିଥିଲେ। କର୍ମଶାଳାକୁ ଶିକ୍ଷୟିତ୍ରୀ ରଞ୍ଜୁଲତା ମଲ୍ଲିକ ଓ ମଞ୍ଜୁଲି ନାୟକ ପରିଚାଳନା କରିଥିଲେ। କର୍ମଶାଳା ଆୟୋଜନରେ ନିର୍ସିଂ କର୍ମଚାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପ୍ରମୁଖ ଭୂମିକା ଗ୍ରହଣ କରଥିଲେ।

## ବିଶେଷ ସୂଚନା

କୃଷି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୪, ଆସନ୍ତା ଡିସେମ୍ବର ୧୧ ତାରିଖଠାରୁ ଡିସେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜର୍ଜ ହାଇସ୍କୁଲ ଖେଳପଡ଼ିଆ, ବରଗଡ଼ଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ମେଳାରେ ବିଭିନ ପ୍ରକାର ଉନ୍ନତ ଓ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ଓ ରିହାତି ଦରରେ ବିକ୍ରିର ବ୍ୟବସ୍ଥା, ବିଭିନ୍ନ ବୈଷୟିକ ଆଲୋଚନାଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଣୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ବହୁ ସଂଖ୍ୟାରେ ଉକ୍ତ ମେଳାରେ ଯୋଗଦାନ କରି ଆଲୋଚନାଚକ୍ର ଏବଂ ମେଳାରେ ଭାଗ ନେବା ସହିତ ବିଭିନ୍ନ ଯନ୍ତ୍ରପାତି ସରକାରୀ ରିହାତି ଦରରେ କିଣିବାର ସୁଯୋଗ ନିଅନ୍ତୁ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବରଗଡ଼

## ପୂର୍ବ ତଟ ରେଳପଥ
### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PRKNG
ଷ୍ଟେସନ ଏବଂ ସ୍ଥାନ : ରାଜସୁନାଖଳା-2 ଚକିଆ (RSKA) (ଷ୍ଟେସନ ଭବନର ତଳମହଲାରେ)।
ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : ତା.26.12.2024ରିଖ 1100 ଘଟିକା।
ନିଲାମ ବନ୍ଦ ହେବା ତାରିଖ ଓ ସମୟ : ତା.26.12.2024ରିଖ 1130 ଘଟିକା।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ଲିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-794/P/24-25

## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2024-33, ତା.04.12.2024ରିଖ
କାର୍ଯ୍ୟର ନାମ: (1) DS ବ୍ୟବସ୍ଥା ସହିତ ଟିଟିଲାଗଡ଼ ଷ୍ଟେସନର ସିକିର ଏଣ୍ଡ ଠାରେ R/1 ରେ 80Mର ସଣ୍ଟିଙ୍ଗ୍ ନେକ୍ (Shunting Neck) ବ୍ୟବସ୍ଥା ଏବଂ (2) 12871/72 ଏକ୍ସପ୍ରେସର ରେକ୍‌କୁ ଟିଟିଲାଗଡ଼ରେ ରଖିବା ପାଇଁ R/7ର 550M ଲମ୍ବ ନିମନ୍ତେ ସମ୍ବଲପୁର ଏଣ୍ଡରେ ବର୍ତ୍ତମାନର S/NECKର ସମ୍ପ୍ରସାରଣ ସମ୍ବନ୍ଧୀୟ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ।
ଟେଣ୍ଡର ମୂଲ୍ୟ : ₹ 91,05,840.29, ବିଡ୍ ସିକ୍ୟୁରିଟୀ: ₹ 1,82,100/-
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.27.12.2024ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-790/P/24-25

GOVERNMENT OF ODISHA
OFFICE OF THE EXECUTIVE ENGINEER, P.H. DIVISION, ANGUL
Ph# 06764-296431, Email: eephangul@yahoo.in
CANCELLATION OF TENDER CALL NOTICE
No. C-1226: The tender invited vide Bid Identification No. 07/2024-25 Dt.02.08.2024 for the Work: **"Laying of Raw Water Rising main under Railway Track at Kamakhyanagar"** is hereby cancelled due to unavoidable circumstances.
Sd./- Er. Prasanta Behera
Superintending Engineer
P.H. Division, Angul
OIPR-13056/11/0011/2425

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୪୦. ଦରମା - ୮୦୦୦/- ଅଛି। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 6372825052

WANTED
Work from home: Reputed Real Estate organisation Wanted Sales Executive (Male/ Female) on Commission Basis for Buy or Sale Property in Bhubaneswar/ Cuttack/ Puri. WhatsApp your Biodata to 8984071303

ଆବଶ୍ୟକ/WANTED
1. କାର୍ ଡ୍ରାଇଭର/CAR/SUV Driver for Bhubanewar
2. Accounts Assistant: Must have Tally knowledge for Balasore.
Contact:
MASTERCHEF EXPORTS, B-36, Saheed Nagar, Rupali Square, Bhubaneswar
ଯୋଗାଯୋଗ/Contact:
9439364771 / 6371486881

URGENT HIRING
One year experience **Marketing Executive** required for **EasyEarth Lighting Arrestor and Earthing** company at Bhubaneswar. Interested candidates please send your **CV** to **7787948113** as soon as possible. Selected candidates will be called for an interview soon.

OFFICE OF THE
DIVISIONAL FOREST OFFICER
PARALAKHEMUNDI DIVISION
Gajapati, Odisha, PIN - 761200
E-mail: dfo.parlakhemundi@odisha.gov.in
CANCELLATION OF TENDER
No. MM-319: The following tender vide e-Procurement Notice No. DFO-PKD-01/2024-25 is hereby cancelled due to following reason.

| Sl. No. | Name of the Work | Remarks |
|---|---|---|
| 1 | Construction of Forest Guard Quarter at Antaraba of Mohana Range | Cancelled due to no bidder participated |
| 2 | Construction of Forest Guard Quarter at Gambharigaon of Mohana Range | Cancelled due to no bidder participated |

Sd./- Divisional Forest Officer
Paralakhemundi Division
OIPR-08050/11/0004/2425

# ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ଉପରେ ଗୁରୁତ୍ୱ

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ

ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ମନମୋହନ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାଜସ୍ୱ କିଶୋର ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ମୁରାରୀ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ, ଜିଲା ମୁଖ୍ୟ କୃଷି ଅଧିକାରୀ ଜେନାମଣି ବିଭୂତି ଭୂଷଣ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମନୋରଞ୍ଜନ ନନ୍ଦ ଓ ଉତ୍ତରାଞ୍ଚଳ ଅଧିକ୍ଷଣ ଯନ୍ତ୍ରୀ କୃଷି ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ। କୃଷକ ଉନ୍ନତି କଲେ ହିଁ ଦେଶ ଉନ୍ନତି ସମ୍ଭବ। କୃଷକମାନେ ହେଉଛନ୍ତି ଦେଶର ମେରୁଦଣ୍ଡ। କୃଷକମାନେ କିପରି କୃଷି କାର୍ଯ୍ୟରେ ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର କରି କମ୍ ସମୟ ଓ କମ୍ ପରିଶ୍ରମ ଏବଂ କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିପାରିବେ ସେ ଦିଗରେ ଯତ୍ନବାନ ହେବାକୁ ମୁଖ୍ୟଅତିଥି ସ୍ୱାଇଁ ପରାମର୍ଶ ଦେଇଥିଲେ। ଜିଲା କୃଷକ ମୋର୍ଚ୍ଚା ସଭାପତି ପାଣିଗ୍ରାହୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା, ଋଣ ସକାଶେ ବ୍ୟାଙ୍କ ସହାୟତା ସମ୍ପର୍କରେ କୃଷି ପାଠଶାଳା କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ମେଳା ଆୟୋଜନ ସମ୍ପର୍କରେ ପ୍ରାକ ସୂଚନା ପ୍ରଦାନ କରିଥିଲେ। ମେଳାରେ କୃଷି ଯନ୍ତ୍ରପାତି ବିତରଣ ସହିତ ଜିଲାର ଅଗ୍ରଣୀ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। କୃଷି ଯନ୍ତ୍ରପାତି, କୃଷି ସମ୍ପର୍କିତ ସୂଚନାକୁ ନେଇ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲଖନପୁର ସହକାରୀ କୃଷି ଅଧିକାରୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏହି ମେଳା ଚାଲୁ ରହିବ।

SAMALESWARI REGIONAL CO-OP. MILK PRODUCERS' UNION LTD.
GOSHALA (BOUDIAPARA), PO:KALAMATI, SAMBALPUR, 768025
Phone:(0663) 2999015, Mob.No:9437122477
TENDER NOTICE
Sealed Techno commercial offers in sealed envelope from Manufacturers/ Supplier for supply & installation of following Plants:-
1.Supply of Plate type evaporative Condenser 500 Kw suitable for 90 TR Chiller Package & installation of Condenser in our Ammonia Plant at Milk Chilling Plant Bargarh.
The sealed offers alongwith EMD shall be received at above address upto 2.00 P.M. on 24.12.2024 and shall be opened at the above address at 3.00 P.M. For details please visit our website www.samul.in.
Interested Parties may purchase and submit Tenders by 24.12.2024 upto 2.00 P.M.
EMD-1%
General Manager

ଫର୍ମ ନଂ. ୧୩
ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
୨୦୨୪ର ଓ.ଏ ନଂ. ୨୩୯
କାନାରା ବ୍ୟାଙ୍କ, ଏଆର୍‌ଏମ୍ ଶାଖା ...ଆବେଦନକାରୀ
ବନାମ
ସସ୍ମିତା ମିଶ୍ର ......ପ୍ରତିବାଦୀ(ମାନେ)
ପ୍ରାପ୍ତେଷୁ,
ସସ୍ମିତା ମିଶ୍ର, ବୟସ ୬୮ ବର୍ଷ, ପିତା: ବନମାଳୀ କର, ସା/ପୋ: ପ୍ରତାପରାମଚନ୍ଦ୍ରପୁର, ବିରନରସିଂହପୁର, ଚନ୍ଦନପୁର, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୦୧୨
ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ
ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ୨୦୨୪ର ଓ.ଏ. ନଂ. ୨୩୯ ଦ୍ୱାରା ଟ.୨୬,୨୬,୩୮୮.୮୬ ପଇସା ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନ ତାରିଖର ୩୦ଦିନ ମଧ୍ୟରେ କିମ୍ବା ତା.୦୫/୦୨/୨୦୨୫ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ ।
ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ ।
ଋଣ ଅସୁଲି ଅଦାଲତଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ ୩ ଡିସେମ୍ବର ୨୦୨୪ ରେ ଆଦିଷ୍ଟ ।
ସ୍ୱା/- ନିଖିଳ ରଞ୍ଜନ ପତି
ରେଜିଷ୍ଟ୍ରାର

OFFICE OF THE EXECUTIVE ENGINEER.
MINOR IRRIGATION DIVISION, GARHWA
e-Procurement Tender Notice
Two Envelope System
Tender Reference No:- WRD/MID/GARHWA/B.D./S.L.I.-04/2024-25
Letter No:- 888 Date:-10.12.2024

| | | |
|---|---|---|
| 1 | Name of Work: | Construction of Harta Solar Lift Irrigation Scheme, Village- Harta, Panchyat- Fakiradih, Block- Bhandariya, District- Garhwa |
| 2 | Estimated Cost (Rs.) | 1,10,76,600=00 |
| 3 | Cost of tender document (Rs) | **Rs. 10,000=00** only (non-refundable). |
| 4 | Earnest Money Deposit (Rs.) | **Rs. 1,11,000=00** only. |
| 5 | Time of Completion | 335 Days |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (**http://jharkhandtenders.gov.in**) | Date: 28.12.2024, Time- 04.00 PM |
| 8 | Last Date/Time for downloading of bidding documents and Submission of Tender on Website | Date:- 08.01.2025, Time:- 04.00 PM |
| 9 | Submission of Tender Fee and EMD | Start Date:- 28.12.2024, Time- 4.00 PM Last Date:- 08.01.2025, Time:- 3.00 PM |
| 10 | Technical Bid Opening Date | Date:- 09.01.2025, Time:-04.00 PM |
| 11 | Officer Inviting Bids | Executive Engineer Minor Irrigation Division, Garhwa |
| 12 | (a) Contact No. of e-Procurement Officer ( (b) E-mail of e-Procurement Officer | 8789558294 eemidgarh-cemr-jhr@nic.in |
| 13 | Help line No. of e-Procurement Cell | 0651-2214784 |

Note:-
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/ Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 **HP** pumps (**DC** Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
Further details can be seen on website http://jharkhandtenders.gov.in
Executive Engineer,
Minor Irrigation Division, Garhwa
PR 341641 (Minor Irrigation) 24-25 (D)

कार्यालय कार्यपालन अभियंता
वि/यां. मिनीमाता बांगो संभाग माचाडोली
मुख्यालय कटघोरा, जिला - कोरबा (छ.ग.)
Email ID: eeemrgh@cgwrd.in, (Ph.: 07815-297058)
आदेश क्रमांक..../व.ले.लि/2024-25/कटघोरा दिनांक ..../..../2024
कार्यालयीन आदेश
कार्यालय प्रमुख अभियंता, जल संसाधन विभाग, शिवनाथ भवन, सेक्टर-19, नार्थ ब्लाक, नवा रायपुर, अटल नगर, रायपुर का पत्र क्र. 4263227/नि.प्र./2024/दिनांक 21.11.2024 के परिपालन में इस कार्यालय का निविदा सूचना क्र. 07/व.ले.लि./2024-25 दिनांक 18.09.2024 निविदा सिस्टम क्रं 158631 मिनीमाता (हसदेव) बांगो परियोजना अन्तर्गत जिला-कोरबा विकासखंड कोरबा हसदेव बॅराज दर्री के सभी गेट स्टापलाग एवं संबंधीत रेगुलेटर गेट (RBHR & LBHR) तथा उनके हाईस्टींग अरेजमेंट के मरम्मत एवं पोंटिग कार्य **(प्रथम आमत्रंण)** राशि रूपये 304.00 लाख को अपरिहार्य कारणों से निविदा निरस्त कीया जाता हैं।
विज्ञापन क्रं. जी 242502621/4 हैं।
स्वा./- कार्यपालन अभियंता
वि./यां. मिनीमाता बांगो संभाग माचाडोली
मुख्या. कटघोरा, जिला - कोरबा (छ.ग.)
G-242504431/3

OFFICE OF THE CHIEF ENGINEER & BASIN MANAGER
SUBARNAREKHA & BUDHABALANGA BASIN, LAXMIPOSI
DIST.: MAYURBHANJ, ODISHA, PIN - 757107
Tel. No.: 9438477985, E-Mail: cebmsbb2019@gmail.com
Bid Identification No. 06/2024-25 of CEBM, SBB, Laxmiposi
No. A-695: Online tenders are invited from Super Class or Equivalent Grade Bidders on EPC Contract.

| Name of Work | Class/EMD/Tender Fee/Period of Completion |
|---|---|
| **Name of Work:** Under Ground Pipe Line Irrigation in the Command Area of Baisinga Branch Canal & its Systems (From 00 Km. to 33.865 Km.) of Subarnarekha Irrigation Project, Odisha | 1. Class of Contractor: Super Class or Equivalent Grade Bidders 2. EMD: Rs.54,10,500/- 3. Tender Fee: Rs.10,000.00 to be transferred online (Non-refundable) 4. Period of Completion: 24 (Twenty Four) including rainy seasons. |

A. Period of Availability of Bid Document in the portal : From 16.12.2024, 10.00 A.M. to 20.01.2025, 5.00 P.M.
B. Date & time for Pre-Bid Conference : 30.12.2024, 11.00 A.M.
C. Last Date and Time for Receipt of Bid : 20.01.2025, 5.00 P.M.
D. Place of Sale & Receipt of Bid : Online through e-Procurement
E. Time and Date of Opening of Technical Bid : 21.01.2025, 11.00 A.M.
F. Place of Opening of Bid : O/o. the Chief Engineer & Basin Manager, Subarnarekha & Budhabalanga Basin, Laxmiposi
G. Further details can be seen from E-Procurement Portal **"https://www.tendersodisha.gov.in"**.
Sd./- Chief Engineer & Basin Manager
Subarnarekha & Budhabalanga Basin, Laxmiposi
OIPR-32429/11/0005/2425

## ସଂକ୍ଷେପରେ

### ମାଣବସା ଲକ୍ଷ୍ମୀପୂଜା ପାଇଁ ଅଧିବାସ



କୋକସରା,୧୦।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ସଦର ମହକୁମା ଜଗନ୍ନାଥ ମନ୍ଦିର ବସ୍ତିପଡାରେ ମାଣବସା ଗୁରୁବାର ଲକ୍ଷ୍ମୀ ପୂଜା ଅବସରରେ ଅଧିବାସ ସହ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜାକର୍ତ୍ତାଙ୍କ ସହ ଶତାଧିକ ଯୁବତୀ, ମହିଳା କଳସ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପୂଜାକାର୍ଯ୍ୟ ପଣ୍ଡିତ ଶ୍ରୀପତି ଠାକୁର ଓ କର୍ତ୍ତା ଭାବେ କିଶୋର ଚନ୍ଦ୍ର ପ୍ରଧାନୀ ପତ୍ନୀ ସାରଙ୍ଗିନୀ ପ୍ରଧାନୀ ପୂଜାବିଧି ତୁଲାଇଥିଲେ। ପ୍ରବଚକ ଆଶୀର୍ବାଦ ଜି ମହାରାଜଙ୍କ ପ୍ରବଚନ ସାଙ୍ଗକୁ ନାଟକ ପରିବେଷଣ ଭଳି କାର୍ଯ୍ୟକ୍ରମ ରହିଛି। ପୂଜା କମିଟି ସଭାପତି କୈଳାଶ ଚନ୍ଦ୍ର ଦାସ, ଉପସଭାପତି ଲଳିତ ଶବର, ସମ୍ପାଦକ ମୋକ୍ଷ ରାମ ପ୍ରଧାନୀ, ସହ ସମ୍ପାଦକ ବସନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନୀ ପରିଚଳନାରେ ସହଯୋଗ କରୁଛନ୍ତି।

### ପୁସ୍ତକ ଲୋକାର୍ପଣ ସମାରୋହ

ଖଡ଼ିଆଳ,୧୦।୧୨ (ସୁଜିତ କୁମାର ପ୍ରଧାନ): ସ୍ତମ୍ଭକାର ତଥା ପୂର୍ବତନ ଆୟକର କମିଶନର ଶ୍ରୀକାନ୍ତ ଚାଟାର୍ଜୀଙ୍କ ପୁସ୍ତକ ଓ ଅନ୍ୟାନ୍ୟ ପ୍ରବନ୍ଧ ଲୋକାର୍ପଣ ସମାରୋହ ନୂଆପଡ଼ା ଜିଲା ଖଡ଼ିଆଳ ପାଟଣା କ୍ଷତ୍ରିୟ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଲୋହିତାକ୍ଷ ଜୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଫଣିନ୍ଦମ ସିଂଦେଓ ମୁଖ୍ୟ ଅତିଥି, କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପଦ୍ମଲୋଚନ ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜର ନିଚ୍ଛକ ପ୍ରତିଛବି ଏହି ପୁସ୍ତକରେ ପରିପ୍ରକାଶ ହୋଇଛି ବୋଲି କହିଥିଲେ। ପୁସ୍ତକର ସମୀକ୍ଷାତ୍ମକରି ପ୍ରାଧ୍ୟାପକ ସାମୁଏଲ ଦାନି ରାଜ୍ୟ, ଦେଶ ଓ ପୃଥିବୀରେ ଘଟି ଚାଲିଥିବା ପ୍ରମୁଖ ଘଟଣାବଳୀ ପୁସ୍ତକରେ ଲିପିବଦ୍ଧ ହୋଇଥିବା କହିଥିଲେ। ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଓ କବି ସନାତନ ମହାଉତି ଧନ୍ୟବାଦ ଦେଇଥିଲେ।

# ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଘାଟିତ

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)



ଜଣେ ସଫଳ ମହିଳା ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମଙ୍ଗଳବାର ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବୈତାର ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟଅତିଥି, ରାଜ୍ୟ ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ ମୁଖ୍ୟବକ୍ତା ଓ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ) ଡ. ମଧୁସୂଦନ ଦାସ, ଜିଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ଭବାନୀପାଟଣା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଅମିତାଭ ପଣ୍ଡା, ସାଂସଦ ପ୍ରତିନିଧି ଅନୀଲ ନନ୍ଦ, ଏଡିଭିଓ ଡ. ଅଶୋକ ଚନ୍ଦ୍ର ପଣ୍ଡା, ଡ. ଦୀପକ ବେଉରା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସରକାର ମତ୍ସ୍ୟ ଓ ପ୍ରାଣୀ ବିଭାଗର ଅଭିବୃଦ୍ଧି ପାଇଁ କରିଥିବା ବିଭିନ୍ନ ଯୋଜନା ଓ କଳାହାଣ୍ଡି ଜିଲାରେ ଏହାର ବିକାଶ ଓ କାର୍ଯ୍ୟକାରିତା ଉପରେ ଅତିଥିମାନେ କହିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀ ବିଭାଗରେ ସଫଳ ହୋଇଥିବା ଜିଲାର ୪ ଚାଷୀଙ୍କୁ ୫ହଜାର ଆର୍ଥିକ ରାଶି ସହ ମାନପତ୍ର ଦେଇ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ ମତ୍ସ୍ୟ ବିଭାଗରେ ଲାଞ୍ଜିଗଡ ବ୍ଲକ ପାଣିମୁଣ୍ଡାର ଅଗ୍ରଣୀ ମାଛ ଯାଆଁଳ ଚାଷୀ ସୁରେଖା ଭୋଇ, କେସିଙ୍ଗା କିନର୍କେଲା ଗ୍ରାମର ଚାଷୀ ଅଶ୍ୱିନୀ କୁମାର ଭୋଇ, ପ୍ରାଣୀ ବିଭାଗରେ ଘୁଷୁରୀ ପାଳନ ପାଇଁ ନର୍ଲା ବ୍ଲକ ପଟାଙ୍ଗପଦର ଗ୍ରାମର ମିତାଞ୍ଜଳି ବଳ, କୋକସରା ଖପ୍ରାମାଳ ଗ୍ରାମର ଦଣ୍ଡପାଟେନ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଛେଳି ପାଳନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ସୁଦେବୀ ଭଞ୍ଜ ଓ ଡ. ତେଜସ୍ୱିନୀ ସାହୁ ପରିଚାଳନା କରିଥିଲେ। ଏହି ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ ବିଭାଗୀୟ ୪୧ଟି ଷ୍ଟଲ, ପ୍ରଦର୍ଶନୀ ଆୟୋଜିତ ହେବା ସହ ଜୀବନ୍ତ ଓ ପ୍ରାଣୀ ସମ୍ପଦର ପ୍ରଦର୍ଶନ କରାଯାଇଥିଲା। ପରେ ଜିଲା କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସରକାରଙ୍କ ଯୋଜନା ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଣୀ ସମ୍ପଦ ବିଭାଗର ପ୍ରଭାତ କୁମାର ପରିଡା, ମତ୍ସ୍ୟ ବିଭାଗର ପ୍ରଶାନ୍ତୀ ନାୟକ, ପ୍ରଦୀପ କୁମାର ଘୋଷ, ଲିମନ ଚନ୍ଦ୍ରକାର, ବ୍ରହ୍ମ ପ୍ରକାଶ ପୃଷ୍ଟି, ଶଶିକାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ ଧନ୍ୟବାଦ ଦେଇଥିଲେ। ଏହି ମେଳାରେ ଜିଲାର ୧୩ଟି ବ୍ଲକରୁ ପ୍ରାୟ ହଜାରେ ଊର୍ଦ୍ଧ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ଗୋଷ୍ଠୀର ମହିଳା ମାନେ ଯୋଗଦେଇଥିଲେ। ବୁଧବାର ଏହାର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ।

### ୪ ସଫଳ ଚାଷୀ ସମ୍ବର୍ଦ୍ଧିତ

# ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ



ମହାଦେବ ମନ୍ଦିରରେ ରତ୍ନମୁଦ କାର୍ଯ୍ୟକ୍ରମ।

କୋକସରା,୧୦।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଡାଲଗୁମା ପଞ୍ଚାୟତ ଛିଲିପାମାଲ ଗ୍ରାମରେ ନବନିର୍ମିତ କାଳେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା ସହ ନାମ ସଂକୀର୍ତ୍ତନ ହୋଇଥିଲା। ମୁଖ୍ୟ ପୂଜକ ଗୋପାଳ ଜି ଠାକୁର କାଳେଶ୍ୱର ମହାଦେବଙ୍କ ପୂଜାର୍ଚ୍ଚନା କରିବା ପରେ କର୍ତ୍ତା ଭାବେ ଜିତେନ୍ଦ୍ର ପଣ୍ଡା, ସସ୍ମିତା ପଣ୍ଡା ପୂଜାବିଧି ତୁଲାଇଥିଲେ। ପୂର୍ବ ନିର୍ଦ୍ଧାରିତ ସମୟରେ ରତ୍ନମୁଦ ଉତ୍ସବ ପାଳନ କରାଯାଇଛି। ମନ୍ଦିର କମିଟି ପକ୍ଷରୁ ସଭାପତି ଜନାର୍ଦ୍ଦନ ପଣ୍ଡା, ସମ୍ପାଦକ ଦେବେନ୍ଦ୍ର କୁମାର ପଣ୍ଡା, ବଳଭଦ୍ର ପଣ୍ଡା, ସୁଶାନ୍ତ ପୁରୋହିତ, ସୁରେଶ ନାଗ, କିଶୋର ଚନ୍ଦ୍ର ପଣ୍ଡା, ମଧୁସୂଦନ ପୁଞ୍ଜି, ମୋହନଲାଲ ବିଶି ଉପସ୍ଥିତ ରହି ସହଯୋଗ କରିଥିଲେ।

# ନିଯୁକ୍ତି କ୍ଷେତ୍ରରେ ସଫଳତା ପାଇପାରିବେ ନର୍ସିଂ ଛାତ୍ରୀଛାତ୍ର





ବାର୍ଷିକୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

### ପ୍ରଗତି ଶିକ୍ଷାନୁଷ୍ଠାନରେ ବାର୍ଷିକ ଉତ୍ସବ 'ସମର୍ପଣ'

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ 'ସମର୍ପଣ' ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର କୁମାର ପାଙ୍ଗଯୋଶୀ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼. ନିବେଦିତା ନାଥ, ପ୍ରଗତି କଲେଜର ମୁଖ୍ୟ ଅଜୟ କୁମାର ପଣ୍ଡା, ଚେୟାର ପର୍ସନ ସଙ୍ଗୀତା ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ, ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, ଡିଗ୍ରୀ କଲେଜ ଅଧ୍ୟକ୍ଷ ତାପସ ପରିମାଣିକ, ଜୁନିୟର ସ୍କୁଲ ଅଧ୍ୟକ୍ଷା ଅର୍ପିଆ ସାଏଲା, ପ୍ରଗତି ପରିଚାଳନା ସମିତି ସଭାପତି ଲକ୍ଷ୍ମୀକାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନବନିର୍ମିତ ପ୍ରଗତି ପାରାଡାଇଜ ପାର୍କକୁ ମନ୍ତ୍ରୀ ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ। ପ୍ରଗତି ଶିକ୍ଷାନୁଷ୍ଠାନର ସଫଳତାକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ଜିଲାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଯେଉଁ ବିଏସ୍‌ସି ନର୍ସିଂ ପାଠ୍ୟକ୍ରମ ଆରମ୍ଭ କରାଯାଇଛି ତାକୁ ମନ୍ତ୍ରୀ ମହାଲିଙ୍ଗ ସ୍ୱାଗତ କରିବା ସହିତ ଆଗାମୀ ଦିନରେ ଏହି ଅନୁଷ୍ଠାନରୁ ଅନେକ ନର୍ସିଂ ଛାତ୍ରୀଛାତ୍ର ନିଯୁକ୍ତି କ୍ଷେତ୍ରରେ ସଫଳତା ପାଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟପଟେ ଏହି ଅନୁଷ୍ଠାନ ଆଗାମୀ ଦିନରେ ସ୍ୱାସ୍ଥ୍ୟ କ୍ଷେତ୍ରରେ କିପରି ବିକାଶ ଆଣିପାରିବ ସେ ଦିଗରେ ବିଶେଷ ଦୃଷ୍ଟି ଦେବ ବୋଲି ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଚଳିତ ଶିକ୍ଷା ବର୍ଷରେ ଅନୁଷ୍ଠିତ ପ୍ରଗତି ପ୍ରତିଭା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମୀକ୍ଷା ପ୍ରଧାନଙ୍କୁ ପ୍ରଥମ, ରାଧାକାନ୍ତ ଠେଲାଙ୍କୁ ଦ୍ୱିତୀୟ ଓ ଆଦ୍ୟାଶା ଶତପଥୀଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିଦ୍ୟାସଗାର ମୁଣ୍ଡ ଓ ପୁଣ୍ୟଦୀପା ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

କୋକସରା,୧୦।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ଶିକ୍ଷା ବିକାଶ ସମିତି ଓଡ଼ିଶା ପକ୍ଷରୁ କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ପୂଜାରି, ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ, ଉପସଭାପତି ପରମେଶ୍ୱର ବାଗ, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ନିଆଳ, କୋଷାଧ୍ୟକ୍ଷ ଦିଗନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ କ୍ରୀଡ଼ା ଛାତ୍ର ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଦୌଡ଼, ପୁଚି, ମ୍ୟୁଜିକ ଚେୟାର ଭଳି କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା।

### ଧନୁଯାତ୍ରା ପାଇଁ କଂସ ବରଣ

କୋମନା,୧୦।୧୨(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ଼ରେ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ସୋମବାର କଂସ ବରଣ କରାଯାଇଛି। ଲାଠୋରର ସୁଶାନ୍ତ କୁମାର ମେହେର କଂସ ଭୂମିକାରେ ଅଭିନୟ କରିବେ। ଆସନ୍ତା ୧୭ରୁ ୨୫ ତାରିଖ ପର୍ଯ୍ୟନ୍ତ ତରବୋଡ଼ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମଠାରେ ମହୋତ୍ସବ ପାଳିତ ହେବ। ଏହି ଅବସରରେ କମିଟି ସଭାପତି ଅମିତ କୁମାର ଅହୀର, ଉପସଭାପତି ଦୁଃଖ ଭଞ୍ଜନ ନାୟକ, ସମ୍ପାଦକ ଦୁଷ୍ମନ୍ତ ପୂଜାରୀ, ସହ ସମ୍ପାଦକ ଶିବ ଶଙ୍କର ବେମାଲ, କୋଷାଧ୍ୟକ୍ଷ ଚନ୍ଦ୍ର ଶେଖର ଅହୀର, ଉପଦେଷ୍ଟା ମାଧୋ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିବିର ଉଦ୍‌ଘାଟିତ



ଶିବିରରେ ଅତିଥିଙ୍କ ସହ ଶିବିରାର୍ଥୀମାନେ।

ଖଡ଼ିଆଳ,୧୦।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଲୋହୋରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିକ୍ଷା ଓ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଅଧ୍ୟକ୍ଷତା କରିଥିଲେ। ଏଭେନ ଜେଲିକାଲ ହସ୍ପିଟାଲ ମିଶନର ଡାଇରେକ୍ଟର ଡାକ୍ତର ନିବେଦିତା ପ୍ରମାଣିକ ମୁଖ୍ୟ ଅତିଥି, ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଫଣିନ୍ଦମ ଦେଓ ମୁଖ୍ୟବକ୍ତା ଓ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା, ଖବର ଦାତା କୁନୁ କରୁଆଁ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଜୁନିୟର ରେଡ୍‌କ୍ରସ୍‌ର ଗୁରୁତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଜୟଦେବ ବେହେରା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ରେଡ୍‌କ୍ରସ୍ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷୟିତ୍ରୀ ଆରତି କୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୨୫୦ ଜଣ ଜୁନିୟର ଓ ୫୦ ଜଣ କାଉନସେଲର୍ ଯୋଗଦେଇଛନ୍ତି। ଶିବିରାର୍ଥୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ଲୋକନୃତ୍ୟ, ଡାଏରୀ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

# ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ନୂଆପଡ଼ା,୧୦।୧୨ (ମକାରୁ ବେମାଲ)

ନୂଆପଡ଼ା ସଦର ଥାନା ଗୋଡଫୁଲା ଗାଁରୁ ମଙ୍ଗଳବାର ପୋଲିସ ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତ ଦେହ ଜବତ କରିଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଥିବାବେଳେ ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ବୃଦ୍ଧ ଜଣକ ଏକ ସାଇକେଲରେ ଆସି ଗୋଡଫୁଲା ଗାଁର ସାଲିହା ଯିବା ରାସ୍ତାରେ ଏକ କୁକୁଡା ଘରେ ପଶି ଭିତର ପଟୁ କବାଟ ବନ୍ଦ କରିଦେଇଥିଲେ। ଘର ବାହାରେ ସାଇକେଲ ଓ ଚପଲ ରହିଥିଲା । ଗାଁ ଲୋକେ ଦେଖି ବୃଦ୍ଧଙ୍କୁ ଡାକିଥିଲେ ମଧ୍ୟ କୌଣସି ଉତ୍ତର ନ ଦେବାରୁ ନୂଆପଡା ସଦର ଥାନା ପୋଲିସକୁ ଜଣାଇଥିଲେ। ପୋଲିସ କବାଟ ଖୋଲି ବୃଦ୍ଧଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହା ହତ୍ୟା କି ଆତ୍ମହତ୍ୟା ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ରହସ୍ୟ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି ।

# ଲକ୍ଷ୍ମୀପୂଜା ଉପଲକ୍ଷେ କଳସଯାତ୍ରା

ବେହେରା,୧୦।୧୨(ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ବେହେରା ଗ୍ରାମପଞ୍ଚାୟତ ଭରୁଆମୁଣ୍ଡା ଗ୍ରାମରେ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଭବ୍ୟ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ବାହାରି ପାଖ ନଦୀରୁ ଗଙ୍ଗା ପୂଜନ ପୂର୍ବକ କଳସୀରେ ଜଳ ଧରି ପୂଜା ମଣ୍ଡପ ନିକଟରେ ପହଞ୍ଚିଥିଲେ। ଏହାପରେ ମା'ଙ୍କ ନିକଟରେ ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ୪ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ହେବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ପୂଜାରେ ନିରଞ୍ଜନ ନିଆଲ ଓ ତାଙ୍କ ଧର୍ମପତ୍ନୀ ସୁନୀତା ନିଆଲ କର୍ତ୍ତା ଏବଂ ପୂଜକ ରୂପେ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। କମିଟି ସଭାପତି ଜମ୍ମୁଧର ବାଗ, ଉପସଭାପତି କମଲୁ ନିଆଲ, ସମ୍ପାଦକ ଭାରତ ନିଆଲ ସହଯୋଗ କରୁଛନ୍ତି।

# ଅବଧି ସରିଲା, ରାସ୍ତା ଅଧାପନ୍ତରିଆ

ଥୁଆମୂଳ ରାମପୁର,୧୦।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଥୁଆମୂଳ ରାମପୁର ବ୍ଲକ୍ ଅଧୀନରେ ଥିବା ସିନ୍ଧିପଦର ଗ୍ରାମପଞ୍ଚାୟତ ମୁଖ୍ୟ ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ସାମିଲ କରାଯାଇ ନିର୍ମାଣ କରାଯାଉଛି। ଅବଧି ଶେଷ ପରେ ବି ରାସ୍ତା ଅଧାପନ୍ତରିଆ ରହିଛି। ଶ୍ରୀମସ୍କା ଛକଠାରୁ ସିନ୍ଧିପଦର, ସମାପଲା ଗ୍ରାମକୁ ସଂଯୋଗ କରୁଥିବା ଏହି ରାସ୍ତା ନିର୍ମାଣ ପାଇଁ ୨,୦୬,୮୪,୪୬୧ ଟଙ୍କା ବ୍ୟୟ ଅଟକଳ ହୋଇଛି। ରାସ୍ତାକାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ମାଝୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସଡ଼କ ୧୦।୧୦।୨୦୨୩ରେ ଆରମ୍ଭ ହୋଇ ୧୦।୧୦।୨୦୨୪ରେ ଶେଷ କରିବା ପାଇଁ ସୂଚନା ଫଳକରେ ଦର୍ଶାଯାଇଛି। ଅବଧି ଶେଷ ହେବାର ୨ ମାସ ବିତିଯାଇଥିଲେ ବି ରାସ୍ତା ନିର୍ମାଣ ଶେଷ ହୋଇନାହିଁ। ସେହିପରି ସେତୁ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଏସ୍. ତିୱାରୀ ଆଲମଙ୍କୁ ପଚାରିବାରୁ ରାସ୍ତା ଓ ପୋଲ ନିର୍ମାଣ କାମ ଆଉ ଅଳ୍ପ ବାକିରହିଛି, ଖୁବ୍‌ଶୀଘ୍ର ଏହା ଶେଷ ହୋଇଯିବ। ନିର୍ମାଣ କାମରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଥିଲେ।



ଅଧାପନ୍ତରିଆ ରାସ୍ତା।

# ସମ୍ବଲପୁରୀ ନାଚଗୀତ ବିମୋହିତ କଲା



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ନୂଆପଡ଼ା, ୧୦।୧୨ (ମକାରୁ ବେମାଲ)

### କୋଶଳୀ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

ସ୍ଥାନୀୟ ପୋଲିସ ପଡିଆ ରଙ୍ଗମଞ୍ଚରେ କୋଶଳୀ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ଚାଲିଥିବା କୋଶଳୀ ସାଂସ୍କୃତିକ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ରବି ମଙ୍ଗରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ ମୁଖ୍ୟ ବକ୍ତା ଓ ବିଧାୟକ ପ୍ରତିନିଧି ଜୟ ଢୋଲକିଆ, ଆଦିବାସୀ ନେତା ଘାସିରାମ ମାଝି, ସଦର ବ୍ଲକ ଅଧ୍ୟକ୍ଷା ତରେଶ୍ୱରି ସାହୁ, ନୂଆପଡା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଅନୁଷ୍ଠାନ ସଭାପତି ସୁରଜିତ ସିଂ ମହାରଥା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। କୋଶଳୀ ଭାଷାକୁ ଦ୍ୱିତୀୟ ମାତୃଭାଷା ମାନ୍ୟତା ଦିଆଯିବା ପାଇଁ ମିଳିତ ସ୍ୱର ଉତ୍ତୋଳନ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରକଷ୍ଟାର ରୁକୁ ସୁନା ଓ ତାଙ୍କ ଟିମ୍‌ଙ୍କ ସମ୍ବଲପୁରୀ ନାଚଗୀତ ଦର୍ଶକଙ୍କୁ ବିମୋହିତ କରିଥିଲା। ମୁକେଶ ଦଣ୍ଡସେନା ଓ ସମ୍ପା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନ ଉପସଭାପତି ଦିଲୀପ ନିର୍ମଳକର, ଉପଦେଷ୍ଟା ଅଶ୍ୱିନୀ ଭୋଇ, କୋଷାଧ୍ୟକ୍ଷ ମହେନ୍ଦ୍ର ପଟେଲ, ବିଶାଲ ତାଣ୍ଡି, ପ୍ରଭାତ ମହାନନ୍ଦ, ଗୋଲୁ ଦଣ୍ଡସେନା, ରିଙ୍କୁ ସାହୁ, ଧନେଶ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

### ଏମାନେ କୁହନ୍ତି.....



"କୋଶଳୀ ସାଂସ୍କୃତିକ ମହୋତ୍ସବ କେବଳ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ । ଏହା ହେଉଛି କୋଶଳୀ ଅସ୍ମିତାର ବାର୍ତ୍ତାବହ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ କୋଶଳୀ ଭାଷାକୁ ଘରେ ଘରେ ପହଞ୍ଚାଇବାର ଏକ ପ୍ରୟାସ ଆରମ୍ଭ ହୋଇଛି। କୋଶଳୀ ଭାଷାକୁ ଓଡ଼ିଶାର ଦ୍ୱିତୀୟ ରାଜଭାଷା ମାନ୍ୟତା କରିବାକୁ ଉଦ୍ୟମ ଜାରି ରହିବ।

**– ସୁରଜିତ ସିଂ ମହାରଥା, ସଭାପତି, କୋଶଳୀ ସାଂସ୍କୃତିକ ଅନୁଷ୍ଠାନ**



"ପଶ୍ଚିମ ଓଡିଶାର ଭାଷା ଓ ସଂସ୍କୃତି ଲୋକ କଳାରେ ମାଧୁର୍ଯ୍ୟ ରହିଛି । କୋଶଳୀ ଭାଷାର ରଙ୍ଗବତୀ ଭଳି ଗୀତର ଲାଳିତ୍ୟ ବିଶ୍ୱ ଦରବାରରେ ନାଁ କରିଛି । ନୂଆପଡା ଭଳି ଛତିଶଗଡ ସୀମାନ୍ତ ସହରରେ କୋଶଳୀ ଭାଷାଭାଷୀ ଲୋକ ରହିଛନ୍ତି ଓ ସେମାନଙ୍କ ଭାଷା ମଧ୍ୟ କୋଶଳୀ। କୋଶଳୀ ଭାଷାର ପ୍ରଚାରପ୍ରସାର ପାଇଁ ଏକ ଭାଷା ଆନ୍ଦୋଳନ ଭାବେ ନୂଆପଡ଼ା କୋଶଳୀ ସାଂସ୍କୃତିକ ମହୋତ୍ସବ ଜନ୍ମ ହୋଇଛି।

**– ରବି ମଙ୍ଗରାଜ, ସାଧାରଣ ସମ୍ପାଦକ, କୋଶଳୀ ସାଂସ୍କୃତିକ ଅନୁଷ୍ଠାନ**



"ଲୁଚି ଯାଉଥିବା କୋଶଳୀ ଲୋକ ସାହିତ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ଆନୁଷ୍ଠାନିକ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରୟାସ କୋଶଳୀ ସାଂସ୍କୃତିକ ମହୋତ୍ସବ। ଏହି ଅବସରରେ ଅଞ୍ଚଳର କୋଶଳୀ ଲୋକ କଳାକାରଙ୍କୁ କଳା ପ୍ରଦର୍ଶନ ପାଇଁ ସୁଯୋଗ ଦେଇଛୁ। କଳା ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ। ଏହା ଆଗାମୀ ଦିନରେ କୋଶଳୀ ଭାଷା ଆନ୍ଦୋଳନକୁ ବଳ ଯୋଗାଇବ।

**–ଅଶ୍ୱିନୀ କୁମାର ଭୋଇ, ମୁଖ୍ୟ ଉପଦେଷ୍ଟା, କୋଶଳୀ ସାଂସ୍କୃତିକ ଅନୁଷ୍ଠାନ**



ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଷୀମାନେ ଧାରଣାରେ ବସିବା ସହ ତାଲା ପକାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଚାଷୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

# ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ତାଲା

**ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ସପ୍ତାହେ ବିତିଯାଇଛି। ହେଲେ ଜିଲାରେ ଏହି ପ୍ରକ୍ରିୟା ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। ଅନ୍ୟବର୍ଷ ତୁଳନାରେ ଏଥର ଟୋକନ କଟକଣା ଆହୁରି ଜଟିଳ ହୋଇଛି। ଟୋକନରେ ନିର୍ଦ୍ଧାରିତ ଦିବସ ବିନା ମଣ୍ଡିକୁ ଧାନ ପ୍ରବେଶ କରିପାରୁନାହିଁ। ସେହିପରି ଯେଉଁ ଚାଷୀମାନେ ଟୋକନ ଆଧାରରେ ମଣ୍ଡିକୁ ଧାନ ନେଇଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଜିଲାରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ମଙ୍ଗଳବାର ବରପାଲି ବ୍ଲକ କୁମ୍ଭାରୀ ଅଞ୍ଚଳର ଚାଷୀମାନେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଧାନ ଉଠାଣ ନେଇ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କଠାରୁ ସେଭଳି କିଛି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଚାଷୀମାନେ ତାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ।

ଏଭଳି ସ୍ଥିତିରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ଚ୍ୟାମ୍ବରର ଆବଦ୍ଧ କୋଠରୀ ଭିତରେ ରହିଥିଲେ। ଅନ୍ୟପଟେ ଅସନ୍ତୁଷ୍ଟ ଚାଷୀମାନେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ ଚ୍ୟାମ୍ବର ସମ୍ମୁଖରେ ଧାରଣାରେ ବସିଥିଲେ। ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ଧାରଣାସ୍ଥଳକୁ ପହଞ୍ଚି ସମସ୍ୟା ଲେଖି ଜଣାଇବାକୁ ଚାଷୀମାନଙ୍କୁ କହିଥିଲେ। ଏହାକୁ ନେଇ ଚାଷୀମାନେ ଉତ୍ତେଜିତ ହୋଇ ପଡ଼ିଥିଲେ ଏବଂ କୁମ୍ଭାରୀ ମଣ୍ଡିରେ ଦୀର୍ଘଦିନ ଧରି ପଡ଼ିରହିଥିବା ଧାନ ନ ଉଠିବା ପର୍ଯ୍ୟନ୍ତ ସେମାନେ ତାଲା ଖୋଲିବେ ନାହିଁ କିମ୍ବା ଧାରଣାରୁ ଉଠିବେ ନାହିଁ ବୋଲି ଅଡ଼ି ବସିଥିଲେ। ପରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଦିବ୍ୟସିଂ ବଡ଼ମାଳି ଆଜିଠୁ ୩ ଟ୍ରକ୍‌ରେ ଧାନ ଉଠାଣ କରାଯିବ ଏବଂ ଦିନେ ଦୁଇଦିନ ମଧ୍ୟରେ ମଣ୍ଡିରେ ଥିବା ସମସ୍ତ ଧାନକୁ ଉଠାଯିବ ବୋଲି ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଚାଷୀମାନେ ଧାରଣାରୁ ଉଠିବା ସହିତ ତାଲା ଖୋଲିଥିଲେ।

**ମଣ୍ଡିରୁ ଉଠୁନି ଧାନ, ତାତିଲେ ଚାଷୀ**

ସୂଚନା ଅନୁଯାୟୀ, ଗତ ୨ତାରିଖରେ କୁମ୍ଭାରୀ ମଣ୍ଡିକୁ ଚାଷୀଙ୍କ ଧାନ ଆସିବା ଆରମ୍ଭ ହୋଇଥିଲା। ଗତ ୩ତାରିଖରେ ବରପାଲି ତହସିଲଦାର ଏବଂ ଆର୍‌ଏମ୍‌ସି ସମ୍ପାଦକ ଗୋବିନ୍ଦ ନାଗଙ୍କ ଉପସ୍ଥିତିରେ ଉକ୍ତ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ମଙ୍ଗଳବାର ସୁଦ୍ଧା ଉକ୍ତ ମଣ୍ଡିକୁ ୩୮୭୫ ପ୍ୟାକେଟ୍ ଧାନ ବିକ୍ରି ପାଇଁ ଚାଷୀମାନେ ଆଣି ରଖିଛନ୍ତି। ତେବେ ଉକ୍ତ ମଣ୍ଡିରୁ ଧାନ ଉଠାଇବା ପାଇଁ ୭ ମିଲର୍ସଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଗତ ୭ତାରିଖରେ ୨ ମିଲର୍ସ ୩୦୩ କୁଇଣ୍ଟାଲ ଏବଂ ୮ତାରିଖରେ ଜଣେ ମିଲର କେବଳ ୧୫୦ କୁଇଣ୍ଟାଲ ଧାନ ଉଠାଇଛନ୍ତି। ଅନ୍ୟପଟେ ୨ଦିନ ହେଲା ଉକ୍ତ ମଣ୍ଡିରୁ ଧାନ ଉଠାଣ ସମ୍ପୂର୍ଣ୍ଣ ବନ୍ଦ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳର ଚାଷୀମାନେ ବାରମ୍ବାର ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛି ସୁଫଳ ନ ମିଳିବାରୁ ସେମାନେ ମଙ୍ଗଳବାର ମୁଖ୍ୟ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଆଲୋଚନା କରିଥିଲେ। ଆଲୋଚନା ଫଳପ୍ରଦ ନ ହେବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରି ତାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଗୁଣନିଧି ପ୍ରଧାନ, ଦିବାକର ବୁଧିଆ, ଭୁବନେଶ୍ୱର ଖମାରୀ, ସୁରେନ୍ଦ୍ର ଭୋଇ, ସୁବୋଧ ମାଝିଙ୍କ ସମେତ ଅନେକ ଚାଷୀ ଏଥିରେ ସାମିଲ ହୋଇଥିଲେ। ଚାଷୀନେତା ରମେଶ ମହାପାତ୍ର ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

# ୨୭ କୁଣ୍ଡୀୟ ହନୁମାନ ଚାଳିଶା ଯଜ୍ଞ

**ସୋହେଲା,୧୦।୧୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲାରେ ସାର୍ବଜନୀନ ହନୁମାନ ଚାଳିଶା ଯଜ୍ଞ କମିଟି ପକ୍ଷରୁ ୨୭ କୁଣ୍ଡୀୟ ହନୁମାନ ଚାଳିଶା ଯଜ୍ଞ ସମାପନ ହୋଇଛି। ଏହି ଉପଲକ୍ଷେ ସୋମବାର ସନ୍ଧ୍ୟାରେ ଏକ ଭବ୍ୟ ଝଣ୍ଡା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ଶିଶୁମାନଙ୍କୁ ଏକ ସୁସଜ୍ଜିତ ରଥରେ ନଗର ପରିକ୍ରମା କରାଯାଇଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ଚେତନା ମଣ୍ଡପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ରାଜଗାଙ୍ଗପୁରର ଦୌଲତ ଅଗ୍ରୱାଲ ମୁଖ୍ୟ ଅତିଥି, ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ସହ ମନ୍ତ୍ରୀ ଅଚ୍ୟୁତ ଭାଇ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଶ୍ୱ ହିନ୍ଦୁ ପରିଷଦ ପଶ୍ଚିମ ଓଡ଼ିଶା ସମ୍ପାଦକ ଭକ୍ତଚରଣ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଆର୍‌ଏସ୍‌ଏସ୍‌ର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ସଭା ପରିଚାଳନା କରିଥିଲେ। ସାର୍ବଜନୀନ ହନୁମାନ ଚାଳିଶା କମିଟି ସଭାପତି ବଲବୀର ସିଂ ଠାକୁର, ଶତ୍ରୁଘ୍ନ ଭଞ୍ଜ, ବିପିନ ପଧାନ, ପ୍ରମୋଦ ଦେବତା, ଗିରଜେଶ ଖାଡଙ୍ଗା, କୃଷ୍ଣଚନ୍ଦ୍ର ସାହୁ, ଲଳିତ ଅଗ୍ରୱାଲ, ସଞ୍ଜୀବ ଝାଙ୍କର, ଆଲୋକ ଅଗ୍ରୱାଲ, ବବଲୁ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ମନବୋଧ ମିଶ୍ରଙ୍କ ନେତୃତ୍ୱରେ ସତ୍ୟବାଦୀ ଦେବତା, ଡୋଲାମଣି ଦେବତା, ଦେବେନ୍ଦ୍ର ନାୟକ, କୈଳାଶ ପଣ୍ଡା, ଲଳିତ ମୋହନ ଦାଶ, ସୁମନ୍ତ ପାଣିଗ୍ରାହୀ, ରବି ନାରାୟଣ ଦେବତା, ସରୋଜ ଦେବତା, କିରଣ ହୋତା, ହୃଷୀକେଶ ମହାପାତ୍ର, ମନ ମହାପାତ୍ର ଓ ଅରବିନ୍ଦ ପଶାୟତ ପୂଜାକାର୍ଯ୍ୟ ତୁଲାଇଥିଲେ।



ସୋହେଲାରେ ହନୁମାନ ଚାଳିଶା ଯଜ୍ଞ ଚାଲିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ସଚେତନତା

**ବରଗଡ,୧୦।୧୨(ପ୍ରେମାନନ୍ଦ ଖମାରୀ)**

**ଏନ୍‌ଡିଆରଏଫ୍‌ର ମକ୍‌ଡ୍ରିଲ**

କଟକ ସ୍ଥିତ ୩୯ ବାଟାଲିୟନ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆରଏଫ୍), ମୁଣ୍ଡଳି ଆନୁକୂଲ୍ୟରେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇଶିମା ଦେଉଳ ବନ୍ଧଠାରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରଦର୍ଶନୀ ମକ୍‌ଡ୍ରିଲ ଆୟୋଜିତ ହୋଇଥିଲା। ଏନ୍‌ଡିଆର୍‌ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ବି. କେ. ସାହୁଙ୍କ ତତ୍ତ୍ୱାବଧାନରେ ଦେଉଳ ବନ୍ଧରେ ଟିମ୍ କମାଣ୍ଡର ନିତେଶ କୁମାର ବାଟାଲିୟନର ଉଦ୍ଧାରକାରୀ ଦଳ ସାଧାରଣ ଲୋକ ଓ ଛାତ୍ରୀଛାତ୍ରମାନଙ୍କୁ ବନ୍ୟା, ବାତ୍ୟା ସମୟରେ କିପରି ଏନ୍‌ଡିଆରଏଫ୍ କାର୍ଯ୍ୟ କରିଥାଏ, ତାର ପ୍ରୟୋଗ ପ୍ରଦର୍ଶନ କରିଥିଲେ। ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଜଣେ ସାଧାରଣ ନାଗରିକ କିଭଳି କାର୍ଯ୍ୟ କରିବା ଦରକାର, ସେସବୁ ପ୍ରଦର୍ଶନ କରି ସାଧାରଣ ଉପକରଣରୁ କିଭଳି ରେସକ୍ୟୁ ମେଟେରିଆଲ ତିଆରି କରିହୁଏ, ତାହା ପ୍ରଦର୍ଶିତ କରାଯାଇଥିଲା। ବିପର୍ଯ୍ୟୟ ମୁକାବିଲା, ଉଦ୍ଧାର ଓ ଥଇଥାନ ସମ୍ପର୍କରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ସମେତ, ଜିଲା ଜରୁରୀକାଳୀନ ବିଭାଗ ଡେପୁଟି କଲେକ୍ଟର ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ସମସ୍ତ କର୍ମଚାରୀ, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର ଏବଂ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ।



ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ କରାଯାଉଛି ।

# ଦୁର୍ନୀତି ନିରୋଧୀ ଦିବସ ପାଳିତ



ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ମାଧ୍ୟମରେ ସଚେତନ କରୁଛନ୍ତି।

**ବରଗଡ,୧୦।୧୨(ପ୍ରେମାନନ୍ଦ ଖମାରୀ)**

ବିକାଶ ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜମେଣ୍ଟ ପକ୍ଷରୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଉପାଧ୍ୟକ୍ଷ ଦୀପକ କୁମାର ନାୟକ, ଛାତ୍ର କଲ୍ୟାଣ ଡିନ୍ ଆର୍.ଏସ୍.ଭି. କ୍ରିଷ୍ଣା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଇଂ. ଅଜୟ କୁମାର ମହାପାତ୍ର, ବରିଷ୍ଠ ଆଇନ ପରାମର୍ଶଦାତା ପି. କେ. ଦାସ, ବିବିଏ ବିଭାଗର ମୁଖ୍ୟ ଡ. ଶୁଭମ୍ କୁମାର ଦାଶ, ବିସିଏ ବିଭାଗର ମୁଖ୍ୟ ସରସ୍ୱତୀ ଦାଶ, ଅଧ୍ୟାପକ ବିଜୟ କୁମାର ବିଭାର, ମନୀଷ କୁମାର ସାହୁ, ସୁଦେଶ ବିନାୟକ ଓ ଅଧ୍ୟାପିକା ସୌମ୍ୟା ପ୍ରିୟଦର୍ଶିନୀ ମିଶ୍ର, ମୌସୁମୀ ସ୍ୱାଇଁ, ଅନ୍ୱେଷା ଅଭିଷିକ୍ତା ଉପସ୍ଥିତ ଥିଲେ। ବିବିଏ ଓ ବିସିଏ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ, ପ୍ରେଜେଣ୍ଟେଶନ ଓ ନାଟକ ମାଧ୍ୟମରେ ଦୁର୍ନୀତି ବିରୋଧୀ ସଚେତନତା ବାର୍ତ୍ତା ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼, ୧୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଶ୍ରୀହରିନଗରସ୍ଥିତ ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ବୈଜୟନ୍ତୀ ଦଳପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପର୍ଥଲା ସରପଞ୍ଚ ପ୍ରେମଲତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଗିରିଜା ପ୍ରସାଦ ନାଥଙ୍କ ଦ୍ୱାରା ସମସ୍ତ କ୍ରୀଡ଼ା ପରିଚାଳିତ ହୋଇଥିଲା। ଶିକ୍ଷକ ସୁଶୀଲ କୁମାର ଦାଶ, ପରିତୋଷ ବେହେରା, ଶତ୍ରୁଘ୍ନ ବାରିକ, ଆକାଶ କୁମାର ସାହୁ, ଶିକ୍ଷୟିତ୍ରୀ ରୀନା ପଧାନ, କନିଷ୍ଠ ସହାୟକ ଶୁଭଶ୍ରୀ ସେଠ୍ ତଥା ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ଡ. ଶିବ ପ୍ରସାଦ ବେହେରା ଏବଂ ଜବାହର ନବୋଦୟ ବିଦ୍ୟାଳୟ ଗୋଶାଳାର ଅବସରପ୍ରାପ୍ତ ପ୍ରିନ୍ସପାଲ ପବିତ୍ର ମୋହନ ସାହୁ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ସହିତ ମାର୍ଗଦର୍ଶନ କରିଥିଲେ।



ଅତିଥିଙ୍କ ଗହଣରେ ପ୍ରତିଯୋଗୀବୃନ୍ଦ।

# ବାଣିଜ୍ୟ ମେଳା ଉଦ୍‌ଘାଟିତ

**ପଦ୍ମପୁର,୧୦।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଟାଉନ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ପର୍ବ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ। ଏହାପୂର୍ବରୁ ମଙ୍ଗଳବାର ସ୍ଥାନୀୟ ଅଶୋକ ଖେଳ ପଡ଼ିଆରେ ବାଣିଜ୍ୟ ମେଳା ଉଦ୍‌ଘାଟିତ ହୋଇଯାଇଛି। ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଓ ବିଡିଓ ଦେବାଶିଷ ସିହ୍ନା ଅତିଥି ଭାବେ ଯୋଗ ଦେଇ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଏପରି ମେଳା ବ୍ୟବସାୟର ଆଦାନ ପ୍ରଦାନ ସହ ବ୍ୟବସାୟୀଙ୍କୁ ନୂତନ ସୁଯୋଗ ଆଣିଦେବାର ଏକ ସୁନ୍ଦର ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନ ସମୟରେ ମହୋତ୍ସବ କମିଟି ଆବାହକ ଅଶୋକ କୁମାର ମିଶ୍ର, ସମ୍ପାଦକ ଇଂ. କୁନାଲ ପାଣିଗ୍ରାହୀ, ନରେଶ ସୁନ୍ଦର ସାହୁ, ଦିନେଶ ବାରିକ, ଅଖିଳ ପଟ୍ଟନାୟକ, ସୁରେଶ ସାହୁ, ପ୍ରତାପ ନାଥ, ଜ୍ୟୋତ୍ସ୍ନା କର, ସୁରଜ ଭୋଇ, ଆଦେଶ କୁମାର ସାହୁ, ଆଲୋକ ଯୋଶୀ, ବିନୀତ ପାତ୍ର, ଆୟୁଷ ଯୋଶୀ, ଓମ୍ ସାହୁ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଏହି ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଘରୋପକରଣ, ସାଜସଜ୍ଜା, ମସଲା, କପଡା ଆଦି ସାମଗ୍ରୀ ଓ ଖାଦ୍ୟପେୟ ଆଦି ୧୪୦ଟି ଷ୍ଟଲ ଖୋଲାଯାଇଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଅତିଥିମାନେ ବାଣିଜ୍ୟ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

# ସାଇକେଲ ପରିଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା

**ପଦ୍ମପୁର,୧୦।୧୨ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ସାଇକେଲ ପରିଭ୍ରମଣକାରୀ ନନ୍ଦିଘୋଷ ଖମାରୀଙ୍କୁ ମଙ୍ଗଳବାର ସମ୍ମାନୀତ କରାଯାଇଥିଲା। ନନ୍ଦିଘୋଷ ୫୪୮ ଦିନରେ ସାଇକେଲ ଯୋଗେ ସାରା ଭାରତର ୨୦ ହଜାର କି.ମି ଭ୍ରମଣ କରିଥିଲେ। ପ୍ରକୃତି ସୁରକ୍ଷା, ପ୍ରାକୃତିକ ପରିବେଶର ସଂରକ୍ଷଣ ଏବଂ ପ୍ରଦୂଷଣମୁକ୍ତ ପରିବେଶ ଗଠନରେ ତାଙ୍କ ଉଦ୍ୟମର ବାର୍ତ୍ତା ତଥା ପ୍ରେରଣା ସେ ଛାତ୍ରମାନଙ୍କୁ ଅବଗତ କରାଇଥିଲେ। ପ୍ରକୃତିର ଭାରସାମ୍ୟ ରକ୍ଷା ଦିଗରେ ତାଙ୍କର ପ୍ରଚେଷ୍ଟାକୁ ସମସ୍ତେ ପ୍ରୋତ୍ସାହିତ କରିଥିଲେ। ଉକ୍ତ ସଭାରେ ପ୍ରକୃତି ବନ୍ଧୁ ମୀନକେତନ ସାହୁ ଏବଂ ସାମାଜିକ କର୍ମୀ ନିରୋଜ ଦୋରା ଯୋଗଦାନ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ

**ସୋହେଲା,୧୦।୧୨(ଅଶ୍ୱିନୀ କୁମାର ପାତ୍ର)**

ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ତବଡ଼ା ପଞ୍ଚାୟତର କଲଙ୍ଗାପାଲି ଗ୍ରାମରେ ମଙ୍ଗଳବାର ଜଣେ ନବ ବିବାହିତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ମୋନାଲିସା ବାଗ(୨୦)। ଏ ନେଇ ମୃତା ମହିଳାଙ୍କ ବାପା ମନବୋଧ ବାଗଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୪୨୧/୨୪) ରୁଜୁ କରିବା ସହ ତଦନ୍ତ କରୁଛି।

ସୂଚନା ଅନୁସାରେ, ଗତ ମାର୍ଚ୍ଚ ମାସରେ ସୋହେଲା ଥାନା ଶାରଗୁଣାପାଲି ଗ୍ରାମର ମନବୋଧ ବାଗଙ୍କ ଝିଅ ମୋନାଲିସା କଲଙ୍ଗାପାଲି ଗ୍ରାମର ମଳୟ ନାଗଙ୍କୁ ବିବାହ କରିଥିଲେ। ସୋମବାର ମୋନାଲିସା ତାଙ୍କ ପରିବାର ଲୋକଙ୍କ ସହିତ ଫୋନ୍ ଯୋଗେ କଥା ହୋଇଥିଲେ। ତେବେ ରାତି ୯ଟାରେ ମଳୟଙ୍କ ପରିବାର ଲୋକେ ଫୋନ ଯୋଗେ ମୋନାଲିସାଙ୍କ ଦେହ ଖରାପ ଅଛି ବୋଲି ଝିଅ ବାପଘରକୁ ଖବର ଦେଇ ତୁରନ୍ତ ଆସିବାକୁ କହିଥିଲେ। ଝିଅର ପରିବାର ଲୋକେ କଲଙ୍ଗାପାଲି ଗାଁକୁ ଆସି ମୋନାଲିସାଙ୍କ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ। ଝିଅର ବାପା ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ନେଇ ମଙ୍ଗଳବାର ସୋହେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କଲଙ୍ଗାପାଲି ଗାଁକୁ ଯାଇ ସୋହେଲା ଅତିରିକ୍ତ ତହସିଲଦାର ଅଂଶୁମାନ ଷଡଙ୍ଗୀଙ୍କ ଉପସ୍ଥିତିରେ ଶବର ମାଇନା କରିଥିଲା ଏବଂ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଥିଲା।

# ବିକାଶମୂଳକ ପ୍ରକଳ୍ପର ସାମାଜିକ ସମୀକ୍ଷା

**ବରଗଡ଼, ୧୦।୧୨(ପ୍ରେମାନନ୍ଦ ଖମାରୀ)**

ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ପଞ୍ଚଦଶ ଅର୍ଥ ଆୟୋଗ (କେନ୍ଦ୍ରୀୟ)ର ସାମାଜିକ ସମୀକ୍ଷା ଗ୍ରାମସଭା ଭଟଲି ବ୍ଲକ ଅନ୍ତର୍ଗତ ଡୁମାଲପାଲି ଓ ଖରମୁଣ୍ଡା ଗ୍ରାମପଞ୍ଚାୟତରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧ ଅପ୍ରେଲ ୨୦୨୪ରୁ ୩୦ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟବହୃତ କାଗଜପତ୍ର ଯାଞ୍ଚ ତଥା ଗୃହ ପରିଦର୍ଶନ କରାଯାଇଥିଲା। ଯାଞ୍ଚରେ ବାହାରିଥିବା ବିଭିନ୍ନ ସମସ୍ୟା ଏବଂ ଅଭିଯୋଗ ଗ୍ରାମ୍ୟ ସମ୍ବଳ କର୍ମୀ ତଥା ଜନସାଧାରଣଙ୍କ ଦ୍ୱାରା ଗ୍ରାମସଭାରେ ଉପସ୍ଥିତ ହିତାଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଗୋଷ୍ଠୀ ସାମାଜିକ ସମୀକ୍ଷକ ସାହୁ ଡୁମାଲପାଲି ଗ୍ରାମପଞ୍ଚାୟତ ଗ୍ରାମସଭାରେ ଯୋଗଦେଇ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ଗ୍ରାମସଭାରେ ଡୁମାଲପାଲି ସରପଞ୍ଚ ତପସ୍ୱିନୀ ବଡ଼େଇ, ଖରମୁଣ୍ଡା ସରପଞ୍ଚ କୁମୁଦିନୀ ପଧାନ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ କୁମାର ସେଠ, ସନ୍ୟାସ ସେଠ, ଏଡିଇଓ ଯୁଧିଷ୍ଠିର ପଟେଲ, ଗ୍ରାମ ରୋଜଗାର ସହାୟକ ଜ୍ୟୋତି ଝାଙ୍କର, ଗ୍ରାମ୍ୟ ସମ୍ବଳ କର୍ମୀ, ଶ୍ରମିକ, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ତଥା ଏସ୍‌ଏଚ୍‌ଜିର ସଦସ୍ୟମାନେ ଉପସ୍ଥିତ ଥିଲେ। ରେକର୍ଡପତ୍ର ଯାଞ୍ଚ ସମୟରେ ବାହାରିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା।



# ବିକାଶ ଲ’ ସ୍କୁଲରେ ମାନବାଧିକାର ଦିବସ

**ବରଗଡ,୧୦।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ବିକାଶ ଲ ସ୍କୁଲରେ ମଙ୍ଗଳବାର ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଲ ସ୍କୁଲର ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟକ୍ଷ ଡ. ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିବା ସହିତ ମାନବାଧିକାରର ସଚେତନତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ନିଜ ଅଧିକାର ସହିତ କର୍ତ୍ତବ୍ୟ ପ୍ରତି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅଧ୍ୟାପକ ଜୈମିନି କୁମାର ସାହୁ ସମସ୍ତଙ୍କ ଅଧିକାରକୁ ସମାନ ମର୍ଯ୍ୟାଦା ପ୍ରଦାନ କରିବା ସମସ୍ତଙ୍କ କର୍ତ୍ତବ୍ୟ ଅଟେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଲ ସ୍କୁଲର ଛାତ୍ରୀଛାତ୍ରମାନେ ଏହି ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଏହି ଦିବସର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଲ ସ୍କୁଲର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅଧ୍ୟାପକ ଜୈମିନି କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମାନବାଧିକାର ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିଗଣ।

## କରାଟେ ଚାମ୍ପିୟନଶିପ୍: ଆର୍ଯ୍ୟା, ସୁହାନୀଙ୍କ ପଦକ ହାସଲ




ରାଉରକେଲା,୧୦।୧୨(ଦିନେଶ ମିଶ୍ର): ନୂଆଦିଲ୍ଲୀଠାରେ ସର୍ବଭାରତୀୟ ଡିଏଭି ସ୍କୁଲ ଜାତୀୟ କ୍ରୀଡା ପ୍ରତିଯୋଗିତା ଚଳିତ ମାସ ୨ରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି କରାଟେ କ୍ରୀଡା ପ୍ରତିଯୋଗିତାରେ ଓଡିଶାକୁ ପ୍ରତିନିଧିତ୍ୱ କରି ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡକ୍ଟର ଏ.ଏନ୍.କେ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରୀ ଆର୍ଯ୍ୟା ବଂଶୀକା ରୌପ୍ୟ ପଦକ ଓ ସୁହାନି ମିଶ୍ର କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଦୁଇ କୃତୀ କରାଟେକାଙ୍କୁ ସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ କ୍ରୀଡା ପ୍ରଶିକ୍ଷକ ଦୁଷ୍ମନ୍ତ ବେହେରା ଉପସ୍ଥିତ ଥିଲେ। ଦୁଇ କରାଟେକା ରାଉରକେଲା ଉତ୍କଳ କରାଟେ ସ୍କୁଲରରେ କୋଚ୍ ରାଜୀବ ସିଂଙ୍କ ପାଖରେ ପ୍ରଶିକ୍ଷଣ ନେଇଛନ୍ତି।

# ଅଖିଳ ଭାରତୀୟ କୃଷକ ମୋର୍ଚ୍ଚାର ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ କୃଷକ ମୋର୍ଚ୍ଚା ପକ୍ଷରୁ ବିଭିନ୍ନ ଦାବି ନେଇ ମଙ୍ଗଳବାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ବିଜୟ କୁମାର ନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୫ ଶହ ଟଙ୍କାକୁ ବୃଦ୍ଧି, ସମସ୍ତ ଫସଲର ସହାୟକ ମୂଲ୍ୟର ଆଇନଗତ ଗ୍ୟାରେଣ୍ଟି, ସମସ୍ତ କୃଷିଋଣ ଛାଡ, ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬କୁ ଠିକ୍ ଭାବେ ରୂପାୟନ କରି କୃଷକ, ଦଳିତ ଓ ଆଦିବାସୀ ବର୍ଗଙ୍କୁ ବାସଗୃହ ଓ ଚାଷ ଉପଯୋଗୀ ସ୍ଥାୟୀ ଜମିପଟ୍ଟା ପ୍ରଦାନ, ଧାନ ବିକ୍ରିଜନିତ କଟନି ଛଟନୀ ବନ୍ଦ, କୃଷିଜାତ ଦ୍ରବ୍ୟ, ଯନ୍ତ୍ରପାତି ଏବଂ କୃଷି ଉତ୍ପାଦନ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ଚାଷୀମାନଙ୍କୁ ରିହାତି ପ୍ରଦାନ, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୦କୁ ବାତିଲ, ଆଗୁଆ ବିଲ୍ ପୈଠ ଯୋଜନାକୁ ବନ୍ଦ କରିବା, ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରୁ ୩ଶହ ୟୁନିଟର




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଶୁଳ୍କ ଛାଡ କରିବା, ୬୦ବର୍ଷ ହେଲେ କୃଷକମାନଙ୍କୁ ୧୦ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବା ସହ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତାକୁ ୩ହଜାର ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ସେହିପରି ସମସ୍ତ ବ୍ଲକ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ପ୍ରକୋଷ୍ଠ, କୃଷକମାନଙ୍କ ପାଇଁ ସ୍ୱତନ୍ତ୍ର ଜନଶୁଣାଣି ଶିବିର ବ୍ୟବସ୍ଥା, ସମସ୍ତ ଚାଷ ଉପଯୋଗୀ ଜମିକୁ ଜଳସେଚନ, ବର୍ଷାଜଳ ସଂରକ୍ଷଣ ପାଇଁ ବନ୍ଧ, ପୋଖରୀ ଓ ଜଳାଶୟରୁ ପଙ୍କ ଉଦ୍ଧାର, ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ ଏବଂ ଜିଲାରେ କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରି ବେକାରୀ ବୃଦ୍ଧି ଓ ଦାଦନ ସମସ୍ୟା ନିରାକରଣ କରିବା, ପିତାମହଲ ଡ୍ୟାମ୍‌ର ପୁନରୁଦ୍ଧାର ସହ ଚତୁଃପାର୍ଶ୍ୱରେ ଥିବା କ୍ରଶର ଓ ଖାଦାନଗୁଡିକୁ ବନ୍ଦ କରିବା, ଶିଳ୍ପ ପ୍ରତିଷ୍ଠାନ ପାଇଁ ଅଧିଗୃହୀତ ଜଳସେଚିତ ଚାଷଜମିକୁ ପ୍ରକୃତ ଉତ୍ତରାଧିକାରୀଙ୍କୁ ଫେରସ୍ତ କରାଯିବା ଓ ରାଶନ କାର୍ଡରେ ପରିବାରର ନୂତନ ସଦସ୍ୟଙ୍କ ନାମ ସଂଯୋଗୀକରଣ କରିବାକୁ ମଧ୍ୟ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ କୃଷକ ସଭାର ରାଜ୍ୟ ସାଧାରଣ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ଶ୍ରମିକ ନେତା ପ୍ରଦୋଷ ମହାନ୍ତି, ଚାଷୀ ନେତା ଦଶରୁ କିଷାନ, ବରିଷ୍ଠ ଆଇନଜୀବୀ ସଦାନନ୍ଦ ସାହୁ, ସୁରେନ୍ଦ୍ର ବାହାଲ, ଜନ ଆୟୁବ ଜୋଜୋ, ଗୋବିନ୍ଦ କୁଜୁର, ଜିଜଲା ଲାକ୍ରାଙ୍କ ସମେତ ମୋର୍ଚ୍ଚାର ବହୁ ମହିଳା ପୁରୁଷ ସଦସ୍ୟ ସାମିଲ ହୋଇଥିଲେ।

## ବିଶ୍ୱ ମାନବାଧିକାର ଦିବସରେ ସଚେତନତା ଶୋଭାଯାତ୍ରା

ରାଉରକେଲା,୧୦।୧୨(ଦିନେଶ ମିଶ୍ର)

ବିଶ୍ୱ ମାନବାଧିକାର ଦିବସ ଅବସରରେ ମଙ୍ଗଳବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ଉଦିତନଗରସ୍ଥିତ ଆରଏମ୍‌ସି ସମ୍ମୁଖରୁ ବାହାରି ଏସ୍‌ପିଆଇ ସ୍ଥିତ ମାନବାଧିକାର କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ସଚେତନତା ରାଲିକୁ କେନ୍ଦ୍ରୀୟ ଉପସଭାପତି ଗଗନେଶ୍ୱର ଠାକୁର ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏଥିରେ ସୁନ୍ଦରଗଡ ଜିଲାର ବିଭିନ୍ନ ଅଞ୍ଚଳରୁ ମାନବାଧିକାର କର୍ମୀମାନେ ଯୋଗ ଦେଇଥିଲେ। ପରେ କର୍ମକର୍ତ୍ତାମାନେ ଆରଜିଏଚ୍ ଗସ୍ତ କରି ଡାକ୍ତରଖାନାର ନିର୍ଦ୍ଦେଶକଙ୍କୁ ଭେଟ କରି ରୋଗୀଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। କେନ୍ଦ୍ରୀୟ ମାନବାଧିକାର ସୁରକ୍ଷା ସଙ୍ଗଠନ ଉପସଭାପତି ଗଗନେଶ୍ୱର ଠାକୁର, ଜାତୀୟ ମାନବାଧିକାର ସୁରକ୍ଷା ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଲାକ୍ରା, ରାଜ୍ୟ ସଭାନେତ୍ରୀ ଲଳିତା ଲାକ୍ରା, ଜିଲା ସଭାପତି ଇଂ. ଚକ୍ରାନ୍ତ ଜେନା, ପଶ୍ଚିମ ଓଡ଼ିଶା ବିକାଶ ସେନା ସଭାପତି ଇଂ. ନିର୍ମଳ ଦାସ, ସମ୍ପାଦକ ମୁକ୍ତିକାନ୍ତ ବିଶ୍ୱାଳ, ଶକ୍ତି ବାହିନୀ ସଭାନେତ୍ରୀ ଶ୍ରଦ୍ଧା ଷଡଙ୍ଗୀ, ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ରଞ୍ଜିତା ମଲ୍ଲିକ, ବିଶ୍ୱଜିତ ରାଉତ, ବିଜୟ ରାଉତ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।




ସ୍ୱେଚ୍ଛାସେବୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

## ଘଞ୍ଚ ଜଙ୍ଗଲ ବିନା ବିଶୁଦ୍ଧ ବାୟୁ ଅସମ୍ଭବ

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

**ସରକାରୀ ସ୍କୁଲରେ ଗଜ ଉତ୍ସବ**

ରାଉରକେଲା ବନ ବିଭାଗର ବନ୍ୟପ୍ରାଣୀ ଟ୍ରଷ୍ଟ ଓ ଆର୍ଥ କ୍ରୁସେଡର ସଙ୍ଗଠନ ତରଫରୁ ରାଉରକେଲା ସେକ୍ଟର-୬ ସ୍ଥିତ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଏବଂ ସେକ୍ଟର-୧୬ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଜ ଉତ୍ସବ ପାଳିତ ହୋଇଯାଇଛି। ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମାଙ୍କ ମାର୍ଗଦର୍ଶନ ଏବଂ ବନରକ୍ଷୀ ଅଲିଅଲ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସେକ୍ଟର-୬ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁସ୍ମିତା ମହାପାତ୍ର ଓ ସେକ୍ଟର-୧୬ର ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ଦ୍ୱିବେଦୀ, ଆର୍ଥ କ୍ରୁସେଡର ସଂସ୍ଥାର ରାକେଶ ସାହୁ, ସୁରଜିତ ନାୟକ ଓ ଆକାଶ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ହାତୀ ଓ ଘନଜଙ୍ଗଲ ମଧ୍ୟରେ ଥିବା ନିବିଡତା ବିଷୟରେ ଆଲୋକପାତ କରିଥିଲେ। ହାତୀ ବିନା ଘଞ୍ଚ ଜଙ୍ଗଲ ସୃଷ୍ଟି କଳ୍ପନା କରିବା ଅସମ୍ଭବ ବୋଲି କହିବା ସହିତ ଦିନକୁ ଦିନ ବଢୁଥିବା ପ୍ରଦୂଷଣ ମଣିଷ ସମାଜରେ ଭୟଙ୍କର ରୋଗ ସୃଷ୍ଟି କରୁଛି ବୋଲି ମତ ଦେଇଥିଲେ। ଏଣୁ ଏହାକୁ ପ୍ରତିହତ କରିବାକୁ ହେଲେ ବ୍ୟାପକ ଜଙ୍ଗଲ ଓ ଘଞ୍ଚ ଜଙ୍ଗଲର ବାସ୍ତବିକ ପ୍ରହରୀ ହାତୀବଂଶର ଅଭିବୃଦ୍ଧି ନିହାତି ଆବଶ୍ୟକ ବୋଲି ଲିମା କହିଥିଲେ। ଅନ୍ୟ ଅତିଥିମାନେ କହିଥିଲେ, ଦିନକୁ ଦିନ ବାୟୁମଣ୍ଡଳ ପ୍ରଦୂଷିତ ହେବାରେ ଲାଗିଛି। ଏଥିପାଇଁ ମୁଖ୍ୟତଃ ମାନବ ସମାଜ ହିଁ ଦାୟୀ। ଯେମିତିକି ହାତୀ ବିନା ଘନଜଙ୍ଗଲ ଉଦ୍ଭବ ଅସମ୍ଭବ, ଠିକ୍ ସେଭଳି ଘଞ୍ଚ ଜଙ୍ଗଲ ବିନା ବିଶୁଦ୍ଧ ବାୟୁ ସୃଷ୍ଟି ମଧ୍ୟ ଅସମ୍ଭବ। ଏ ନେଇ ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନୀ, ବକ୍ତୃତା, କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଲିଅଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ତାଲଡିହି ଲୁହାଖଣି ଚୁକ୍ତିନାମା ବାତିଲ ଦାବିରେ ବିକ୍ଷୋଭ




ବିଶ୍ରା ଛକରେ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରାଉରକେଲା,୧୦।୧୨(ଦିନେଶ ମିଶ୍ର)

ତାଲଡିହି ଲୁହାଖଣିକୁ ୨୫ ବର୍ଷ ପାଇଁ ଆଦାନୀକୁ ଦେବାକୁ ହୋଇଥିବା ଚୁକ୍ତିନାମା ବାତିଲ ଦାବିରେ ସିଆଇଟିୟୁ ପକ୍ଷରୁ ରାଉରକେଲା ବିଶ୍ରା ଛକରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଚୁକ୍ତିନାମା ବାତିଲ ଦାବିରେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନକୁ ଜଣାଇ ମଙ୍ଗଳବାର ସିଆଇଟିୟୁ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଆନ୍ଦୋଳନ କରାଯାଇଥିଲା। ଏ ନେଇ ସିଆଇଟିୟୁ ପକ୍ଷରୁ କାରଖାନାର ନିର୍ବାହୀ ନିର୍ଦ୍ଦେଶକ ଓ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ପୃଥକ୍ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ କାରଖାନା ଓ ଜନବିରୋଧୀ ଚୁକ୍ତିନାମାକୁ ବାତିଲ କରିବାକୁ ଦାବି କରାଯାଇଛି। ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଜିଲା ସାଧାରଣ ସମ୍ପାଦକ ବିମାନ ମାଇତି, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ବି. ପି. ମହାପାତ୍ର, ଅଜୟ ଶର୍ମା, ସୁରେନ୍ଦ୍ର ଦାଶ, ବିଶ୍ୱଜିତ ମାଝୀ, ସୁରେନ୍ଦ୍ର ମହାନ୍ତି, ପ୍ରଭାତ ମହାନ୍ତି, ଦିବାକର ମହାରଣା, ଅରୁ ଦାସ, ବିନୟ ବେହୁରିଆ, ଜେ. କେ. ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅରୁଣ ମହାରଣା, ବସନ୍ତ ପାଢୀ, ସଚିନ ରାୟ, ଛବିରାମ ବେହେରା, ସାଗର ଛୋଟରାୟ, ସୁରଜ ଦାସ, ଜଗବନ୍ଧୁ ରାଉତ, ଶତ୍ରୁଘ୍ନ ବେହେରା, ଜନ୍ମେଜୟ ଘୋଷ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଣ୍ଡି ଅଭାବ, ରାସ୍ତାରେ ପରିବା ବଜାର

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ସେକ୍ଟର-୧ ଗ୍ରାମୀଣ ଶକ୍ତି ମାର୍କେଟ**

ରାଉରକେଲା ସେକ୍ଟର-୧ ଗ୍ରାମୀଣ ଶକ୍ତି ବଜାରର ଉନ୍ନତୀକରଣ ହେଉନାହିଁ। ବିଶେଷ କରି ଏହି ବଜାରକୁ ନୂଆଗାଁ ଅଞ୍ଚଳର ଚାଷୀମାନେ ପରିବା ଆଣୁଥିବାବେଳେ ସେମାନଙ୍କୁ ବସିବା ପାଇଁ ପିଣ୍ଡି ମିଳୁନାହିଁ। ଫଳରେ ବହୁ ଚାଷୀ ରାସ୍ତାକଡ଼ରେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳୁଛି।

ରାଉରକେଲା ଇସ୍ପାତ ଅଞ୍ଚଳର ପ୍ରତ୍ୟେକ ସେକ୍ଟରରେ ପରିବା ବଜାର ବସୁଛି। ଏହି କ୍ରମରେ ସେକ୍ଟର-୧ ଗ୍ରାମୀଣ ଶକ୍ତି ମାର୍କେଟକୁ ପ୍ରାୟତଃ ନୂଆଗାଁ ବ୍ଲକର ବହୁ ମହିଳା ଚାଷୀ ଦୈନନ୍ଦିନ ପରିବା ଆଣି ବିକ୍ରି କରିଥାନ୍ତି। ଏହି ବଜାରରେ ପନିପରିବା ସହ ଆମିଷ ବଜାର ମଧ୍ୟ ବସେ। ଏହି ବଜାରକୁ ଗ୍ରାମାଞ୍ଚଳ ବାଡି ବଗିଚାରୁ ପରିବା ଆସୁଥିବାରୁ ଲୋକମାନେ ଏଠାରୁ ତଟକା ପରିବା କିଣିବାକୁ ପସନ୍ଦ କରନ୍ତି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବଜାରରେ ଗ୍ରାହକଙ୍କ ଭିଡ ଜମେ। ମାତ୍ର ପରିତାପର ବିଷୟ ଏହି ବଜାରର ଉନ୍ନତୀକରଣ ବର୍ଷ ବର୍ଷ ଧରି ହେଉନାହିଁ। ବଜାରରେ ନା ଶୌଚାଳୟ ସୁବିଧା ରହିଛି ନା ଆବଶ୍ୟକ ଭିତ୍ତିଭୂମି ରହିଛି। ପରିବା ବିକାଳିମାନଙ୍କ ପାଇଁ ମାତ୍ର ୭ଟି ପିଣ୍ଡି ନିର୍ମାଣ କରା ଯାଇଛି। ପନିପରିବା ବିକିବା ପାଇଁ ଆବଶ୍ୟକ ପିଣ୍ଡି ଅଭାବରୁ ବହୁ ଚାଷୀ ମୁଖ୍ୟରାସ୍ତା କଡ଼ରେ ପରିବା ଧରି ବସୁଛନ୍ତି। ଫଳରେ ଅଧିକାଂଶ ସମୟରେ ବଜାର ସଂଲଗ୍ନ ରାସ୍ତା ଦେଇ ଭାରିଯାନ ଯାତାୟାତ କରୁଥିବା ବେଳେ ଭିଡ଼ ଯୋଗୁ ପରିବା ଦଳିଚକଟି ହୋଇଯାଉଛି। ଏଥିପାଇଁ ପରିବା ବିକାଳିମାନେ ନା ଗାଡି ଚାଳକଙ୍କୁ ଦୋଷ ଦେଇ ପାରୁଛନ୍ତି ନା କ୍ଷୟପୂରଣ ପାଉଛନ୍ତି। ଏଣୁ ଗ୍ରାମୀଣ ମହିଳାମାନଙ୍କ ରୋଜଗାରର ପ୍ରମୁଖ ଉତ୍ସ ସାଜିଥିବା ସେକ୍ଟର-୧ ଗ୍ରାମୀଣ ଶକ୍ତି ବଜାରର ଉନ୍ନତୀକରଣ ନିତାନ୍ତ ଆବଶ୍ୟକ ବୋଲି ନୂଆଗାଁର ପରିବା ଚାଷୀ ସୁଷମା ସିଂ, ଏଲାନି ଟପ୍ପୋ, ସୁମିତ୍ରା ବଡାଇକ ଏବଂ ପ୍ରକାଶ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଏହି ବଜାରର ଉନ୍ନତୀକରଣ ଦିଗରେ ବିଚାର କରୁଥିବା ଜଣାପଡିଛି।



ସେକ୍ଟର-୧ ଗ୍ରାମୀଣ ଶକ୍ତି ମାର୍କେଟ।

## ୧୪ରେ ହ୍ୟୁମାନିଟି ଫାଉଣ୍ଡେଶନର ବାର୍ଷିକୋତ୍ସବ

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ହ୍ୟୁମାନିଟି ଫାଉଣ୍ଡେଶନର ପ୍ରଥମ ବାର୍ଷିକୋତ୍ସବ ଆସନ୍ତା ୧୪ ତାରିଖ ଅପରାହ୍ଣ ୪ଟାରେ ଭଞ୍ଜ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ରାଉରକେଲା କ୍ଲବରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟ ସୁନ୍ଦରରାୟ, ସଭାପତି ଦୀପ୍ତିମୟୀ ସୁନ୍ଦରରାୟ, ସମ୍ପାଦିକା ଲୀନା ତ୍ରିପାଠୀ, ଉପସଭାପତି କାର୍ତ୍ତିକ ରାଉତ, ବରିଷ୍ଠ ଉପଦେଷ୍ଟା ଗ୍ରେସି ଡେଭିଡ ପ୍ରମୁଖ ସୂଚନା ଦେଇ କହିଥିଲେ, ଚଳିତବର୍ଷ ବାର୍ଷିକୋତ୍ସବରେ ଅନୁଷ୍ଠାନ ତରଫରୁ ଶ୍ରେଷ୍ଠ ରକ୍ତଦାତା, ଉଦୀୟମାନ ରକ୍ତଦାତା, ଡାକ୍ତର, ଅଗ୍ରଣୀ ସାମାଜିକ ଅନୁଷ୍ଠାନ, ଭାରତୀୟ ଆର୍ମିର କିଛି ସଦସ୍ୟଙ୍କୁ ସମ୍ମାନିତ କରାଯିବା ସହ କିଛି ଅସହାୟ ବ୍ୟକ୍ତିଙ୍କୁ ହ୍ୱିଲ ଚେୟାର ଓ ଆଶାବାଡି ପ୍ରଦାନ କରାଯିବ। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯିବ। ସମ୍ମିଳନୀରେ ଗରିମା ପତ୍ରି, ଅଞ୍ଜଳି ବିଶ୍ୱାଳ, ରଶ୍ମିତା ମଲ୍ଲିକ, ତାରା କ୍ରିଷ୍ଟାମୂର୍ତ୍ତି, କମଳିନୀ ମହାପାତ୍ର, ସରସ୍ୱତୀ ପାତ୍ର, ସସ୍ମିତା ପାତ୍ର, ରଶ୍ମିତା ବିଶୋଇ, ଅଶ୍ୱିନୀ କୁମାର କିଷାନ, ରୁନୁ ରାଉତ, ଶୁଭଲକ୍ଷ୍ମୀ ପାତ୍ର, ଶଶିଲତା ହୋତା, ଅନୁପମା ଆଚାର୍ଯ୍ୟ, ଶାଶ୍ୱତୀ ରାୟ, ଚିରଞ୍ଜିବୀ ବୁଡେକ, ରାଜରାଣୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିରା ଡ୍ୟାମ୍‌ରେ ୧.୪ ଲକ୍ଷ ମାଛ ଯାଆଁଳ ଛଡାଗଲା

ରାଉରକେଲା,୧୦।୧୨(ବିପ୍ଳବ ରନ ଦାଶ)

ଆର୍‌ଏସ୍‌ପି ପକ୍ଷରୁ ମନ୍ଦିରା ଡ୍ୟାମ୍ ଆଖପାଖରେ ବସବାସ କରୁଥିବା ମତ୍ସ୍ୟଜୀବୀଙ୍କ ଉନ୍ନତ ଜିବୀକା ନିର୍ବାହ ପାଇଁ ମତ୍ସ୍ୟ ବିଭାଗ ସହଭାଗିତାରେ ମନ୍ଦିରା ଡ୍ୟାମ୍ ତଳମୁଣ୍ଡରେ ପ୍ରାୟ ୧.୪ ଲକ୍ଷ ମାଛ ଯାଆଁଳ ଛଡାଯାଇଛି। ଏହି କ୍ରମରେ ଆୟୋଜିତ ୨ଟି ପୃଥକ କାର୍ଯ୍ୟକ୍ରମରେ ୨ଲକ୍ଷ ଟଙ୍କାର ମାଛ ଯାଆଁଳ ଲାଇଙ୍ଗ ଅଞ୍ଚଳ ଓ ଡୁମେରଜୋର ଅଞ୍ଚଳ ସ୍ଥିତ ଜଳ ଭଣ୍ଡାରରେ ଛଡାଯାଇଛି। ଛଡା ଯାଇଥିବା ଯାଆଁଳ ମଧ୍ୟରେ ମୁଖ୍ୟତ ରୋହି, କାଟଲା, ମାଗୁର ଏବଂ ଭାକୁର ପ୍ରଜାତି ମାଛ ରହିଛି। ଏହି ଯାଆଁଳ ଗୁଡିକ ୧ବର୍ଷରୁ ୨ବର୍ଷ ମଧ୍ୟରେ ଆକାର ବୃଦ୍ଧି କରିବେ। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ଉନ୍ନତି ହେବ। ଲାଇଙ୍ଗ ଅଞ୍ଚଳରେ ମତ୍ସ୍ୟ ଯାଆଁଳ ଛଡାଯିବା କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ୍ ମିତ୍ର,ଏଜିଏମ ଟି.ବି ଟପ୍ପୋ, ମ୍ୟାନେଜର ସୁଶ୍ରୀ ରିଟା ସୁଧିରାମ ତଥା ସିଏସଆର ବିଭାଗର ଅନ୍ୟ ଅଧିକାରୀ ଯୋଗ ଦେଇଥିଲେ। ଡୁମେରଯୋରରେ



ମନ୍ଦିରା ଡ୍ୟାମ ତଳମୁଣ୍ଡରେ ମାଛ ଯାଆଁଳ ଛଡାଯାଉଛି।

ଆୟୋଜିତ କାର୍ଯ୍ୟକ୍ରମରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ୍ ଆଦିତ୍ୟ ନାରାୟଣ ପତି ଓ ସିଏସ୍‌ଆର ବିଭାଗୀୟ ଦଳ ଯୋଗ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗର ଏସ୍‌ଟିଏଫ୍‌ଏ ତଥା ପ୍ରକଳ୍ପ ଅଧିକାରୀ ରିଙ୍କୁ ଟପ୍ପୋ, ସ୍ଥାନୀୟ ସରପଞ୍ଚ ଏବଂ ଜିଲା ପରିଷଦ ସଦସ୍ୟ ତଥା ବହୁସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗ ପକ୍ଷରୁ ୨୦୨୧ ନଭେମ୍ବରରେ ଓଡିଶା ସରକାରଙ୍କ ମତ୍ସ୍ୟ ବିଭାଗ ସହଭାଗିତାରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା ଏବଂ ୨ବର୍ଷ ମଧ୍ୟରେ ପ୍ରାୟ ୨.୫ଲକ୍ଷ ମାଛ ଯାଆଁଳ ଜଳ ଭଣ୍ଡାରରେ ଛଡାଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପକୁ ବ୍ୟାପକ କରାଯାଇ ୭ଲକ୍ଷ ମାଛ ଯାଆଁଳ ଛଡାଯାଇଥିଲା।

## ଆର୍‌ଜିଏଚ୍‌ର ଜବରଦଖଲ ଜମି ଫେରାଇ ଆଣ

ରାଉରକେଲା, ୧୦।୧୨(ଦିନେଶ ମିଶ୍ର)

ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ସହରର ଏକ ପ୍ରମୁଖ ଡାକ୍ତରଖାନା ହୋଇଥିବାରୁ ଏଠାକୁ ଚିକିତ୍ସା ହେବା ପାଇଁ ରାତି ପାହିଲେ ହଜାର ହଜାର ସଂଖ୍ୟାରେ ରୋଗୀ ଆସିଥାନ୍ତି। ମାତ୍ର ରୋଗୀ ସଂଖ୍ୟା ତୁଳନାରେ ଡାକ୍ତରଖାନା ସମ୍ପ୍ରସାରଣ ହେବା କଥା। କିନ୍ତୁ ଆବଶ୍ୟକ ଜମି ଅଭାବରୁ ସମ୍ପ୍ରସାରଣ ହୋଇପାରୁନାହିଁ। ଆର୍‌ଜିଏଚ୍‌ର ଜବରଦଖଲ ଜମି ଫେରାଇ ଆଣିବାକୁ ସ୍ଥାନୀୟ ଲୋକେ ଦାବି କରି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଛନ୍ତି।

ଏହି ଡାକ୍ତରଖାନା ନିର୍ମାଣ ପାଇଁ ଆର୍‌ଡିସି ୩୯.୯ ଏକର ଜମି ଆର୍‌ଜିଏଚ୍‌କୁ ୧୯୭୩ ମସିହାରେ ଆବଣ୍ଟନ କରିଥିଲା। କିନ୍ତୁ ଏହା ଏକ ବେସରକାରୀ ସଂସ୍ଥାକୁ ଅନୁକମ୍ପା ପ୍ରଦର୍ଶନକରି ୨୦୦୯ରେ ଜନୈକ ଅଧିକାରୀ ପ୍ରଦାନ କରି ଦେଇଥିଲେ। ଆର୍‌ଜିଏଚ୍‌ର ଚିକିତ୍ସା ଉପରେ ଓଡ଼ିଶାର ପଶ୍ଚିମାଞ୍ଚଳ ଓ ପାଖାପାଖି ଦୁଇଟି



ରାଉରକେଲାବାସୀଙ୍କ ପକ୍ଷରୁ ଏଡିଏମ୍‌ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଉଛି।

**ରାଉରକେଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାଜ୍ୟ ଯଥା ଝାଡ଼ଖଣ୍ଡ ଓ ଛତିଶଗଡ଼ର ଲୋକମାନେ ଏହା ଉପରେ ନିର୍ଭର କରନ୍ତି। ଏହି ଡାକ୍ତରଖାନାରେ ବର୍ତ୍ତମାନ ୭ଶହ ଶଯ୍ୟା ଆବଶ୍ୟକତା ରହିଛି। ଏହାର ସମ୍ପ୍ରସାରଣ ରାଉରକେଲା ସାଧାରଣ ଲୋକଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ। ଅର୍ଥର ସୁବିଧାଥାଇ ମଧ୍ୟ ସମ୍ପ୍ରସାରଣ ହୋଇପାରୁନାହିଁ। ଏଠାରେ ଜମି ଅଭାବରୁ ସୁପରସ୍ପେଶାଲିଷ୍ଟ ବ୍ୟବସ୍ଥା, ଟ୍ରୋମା ସେଣ୍ଟର, ଆଇସିୟୁ ଓ ଅନେକ ବ୍ୟବସ୍ଥା କରାଯାଇପାରୁନାହିଁ। ପ୍ରାୟ ୧୫ ବର୍ଷ ହେଲା ସେଣ୍ଟ୍ରାଲ ଗମେଣ୍ଟର ସହାୟତାରେ ଏହା ଏକ ମେଡିକାଲ କଲେଜ ପାଇଁ ସମସ୍ତ ପ୍ରକାର ଯୋଗ୍ୟତା ଥିବା ସତ୍ତ୍ୱେ ଜାଗା ଅଭାବରୁ ହୋଇପାରିଲା ନାହିଁ। ଏହା ରାଉରକେଲାବାସୀଙ୍କ ପାଇଁ ଏକ ନିନ୍ଦନୀୟ ବିଷୟ। ପ୍ରତ୍ୟେକ ନାଗରିକଙ୍କ ପର୍ଯ୍ୟାପ୍ତମାନର ସ୍ୱାସ୍ଥ୍ୟସେବା ପାଇବା ଏକ ଅଧିକାର ଅଟେ । କିନ୍ତୁ ଏଠାରେ ଲୋକେ ଛୋଟ ଛୋଟ ରୋଗ ପାଇଁ ଅନ୍ୟ ସହରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ଏହା ଦ୍ୱାରା ରାଉରକେଲାବାସୀଙ୍କ ଆର୍ଥିକ ସ୍ଥିତି ଉପରେ ବୋଝ ପଡୁଛି ଓ ଲୋକେ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ରାଉରକେଲା ସରକାରୀ ଡାକ୍ତରଖାନାର ଜବରଦଖଲ ଜମିକୁ ଫେରାଇ ଆଣିବା ଓ ସର୍ବସାଧାରଣଙ୍କ ଉନ୍ନତି ପାଇଁ ଆସିଥିବା ଅର୍ଥର ସଦୁପଯୋଗ କରିବା ଲାଗି ମଙ୍ଗଳବାର ରାଉରକେଲାବାସୀଙ୍କ ପକ୍ଷରୁ ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଯାଇଛି। ଏହାର ନକଲ କପି ଆର୍‌ଜିଏଚ୍ ନିର୍ଦ୍ଦେଶକ, ଓଡିଶା ସ୍ୱାସ୍ଥ୍ୟମନ୍ତ୍ରୀ, ଓଡ଼ିଶା ହ୍ୟୁମାନ ରାଇଟ୍ କମିଶନରଙ୍କ ନିକଟକୁ ପଠାଯାଇଥିବା ଜଣାପଡିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଅନନ୍ତପ୍ରକାଶ ବାରୁଆ, ଜୋମୋନି ଟେଟେ, ଭରତ ଏକ୍କା, ଚକ୍ରାନ୍ତ ଜେନା, ମୁକ୍ତିକାନ୍ତ ବିଶ୍ୱାଳ, ରଲେନ୍ ବୁଡ୍, ଆଲୋକ ଦାସଙ୍କ ସହ ବହୁ ସହରବାସୀ ଯୋଗ ଦେଇଥିଲେ।

# ବାଂଲାଦେଶରେ ହିନ୍ଦୁଙ୍କ ସୁରକ୍ଷା ନିଶ୍ଚିତ କର

## ସନାତନ ସୁରକ୍ଷା ମଞ୍ଚର ଜିଲାପାଳଙ୍କୁ ଦାବିପତ୍ର

ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)

ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁଙ୍କ ଉପରେ କଟରପନ୍ଥୀଙ୍କ ଦ୍ୱାରା ଅତ୍ୟାଚାର ବଢ଼ି ଚାଲିଛି। ହିନ୍ଦୁମାନଙ୍କୁ ହତ୍ୟା, ଲୁଣ୍ଠନ, ଘର ପୋଡ଼ାଜଳା, ମହିଳାମାନଙ୍କୁ ଅମାନବୀୟ ଅତ୍ୟାଚାର, ମଠ, ମନ୍ଦିର ଆଦି ହିନ୍ଦୁ ଧାର୍ମିକ ଅନୁଷ୍ଠାନ ଭଙ୍ଗାରୁଜା ଓ ସାଧୁ, ସନ୍ୟାସୀଙ୍କ ଉପରେ ଆକ୍ରମଣ ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ମହମ୍ମଦ ୟୁନୁସଙ୍କ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ବିନା କୌଣସି ଦୋଷରେ ଇସ୍କନ ସନ୍ୟାସୀ ଚିନ୍ମୟାନନ୍ଦ ଦାସଙ୍କୁ ବାଂଲାଦେଶ ସରକାର ଜେଲରେ ପୂରାଇ ଦେଇଛନ୍ତି। ଏହାର ପ୍ରତିବାଦ କରିବା ସହ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟଙ୍କ ସୁରକ୍ଷା ନିଶ୍ଚିତ କରିବାକୁ ଭାରତ ସରକାରଙ୍କ ନିକଟରେ ଦାବି କରିଛି ସନାତନ ସୁରକ୍ଷା ସମିତି ସମ୍ବଲପୁର ଶାଖା। ମଙ୍ଗଳବାର ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦେରଙ୍କୁ ପ୍ରଦାନ କରାଯାଇଥିଲା

ପୂର୍ବାହ୍ନରେ ସମଲେଶ୍ୱରୀ ମନ୍ଦିର, ବୁଢ଼ାରଜା ଜଗନ୍ନାଥ ମନ୍ଦିର ଓ ଜେଲଛକ




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟ।

ନିକଟରେ ଥିବା କମିସନର୍ସ କଲୋନୀ ପଡ଼ିଆରୁ ୩ଟି ପଟୁଆର ଆସି ଲକ୍ଷ୍ମୀ ଟକିଜ ଛକରେ ଏକତ୍ରିତ ହୋଇଥିଲେ। ଏଠାରୁ ସନାତନ ସୁରକ୍ଷା ମଞ୍ଚ ସମ୍ବଲପୁର ଶାଖା ସଂଯୋଜକ ଡା. ପୁରୁଷୋତ୍ତମ ଅଗ୍ରୱାଲଙ୍କ ନେତୃତ୍ୱରେ ସମସ୍ତ ହିନ୍ଦୁ ସଙ୍ଗଠନ, ଧାର୍ମିକ ଓ ସାମାଜିକ ଅନୁଷ୍ଠାନ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଡା. ଅଗ୍ରୱାଲଙ୍କ ସଂଯୋଜନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ବକ୍ତବ୍ୟ ରଖି ଏକସ୍ୱରରେ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଚାଲିଥିବା ଦମନଲୀଳାକୁ ନିନ୍ଦା କରିବା ସହ ସମଗ୍ର ବିଶ୍ୱରେ ହିନ୍ଦୁ ଏକତା ଓ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଂଲାଦେଶ ପରିସ୍ଥିତିର କୁପ୍ରଭାବ ଭାରତର ପଶ୍ଚିମବଙ୍ଗ, ଆସାମ, ତ୍ରିପୁରା, ମେଘାଳୟ, ନାଗାଲାଣ୍ଡ, ମଣିପୁର ଉପରେ ମଧ୍ୟ ପଡ଼ିବା ସହ ଆମର ଆନ୍ତରିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ଏହାର ତୁରନ୍ତ ପ୍ରତିକାର କରା ନ ଗଲେ ଆଗାକୁ ପରିସ୍ଥିତ ଅଧିକ ଭୟାବହ ହେବ ଆଶଙ୍କା ରହିଛି ବୋଲି ବକ୍ତାମାନେ ଆଶଙ୍କା ପ୍ରକଟ କରିଥିଲେ। ପରେ ଜିଲାପାଳ ବୋନ୍ଦେରଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବାଂଲାଦେଶରେ ହିନ୍ଦୁ ସମ୍ପ୍ରଦାୟର ସାମଗ୍ରିକ ସୁରକ୍ଷାକୁ ନିଶ୍ଚିତ କରିବା, ବାଂଲାଦେଶ ସରକାର ଦେଶଦ୍ରୋହ ଅଭିଯୋଗରେ ଜେଲ ପଠାଇଥିବା ଇସ୍କନ ସନ୍ୟାସୀ ଚିନ୍ମୟକୃଷ୍ଣ ଦାସଙ୍କୁ ତୁରନ୍ତ ମୁକ୍ତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଦୀପ ବହିଦାର, ଗୋଲକ ବିହାରୀ ମିଶ୍ର, ହୋତିଲାଲ ଗୁପ୍ତା, ଦୀପକ ପଣ୍ଡା, ରାଧାମାଧବ ବହିଦାର, ରାମଦାସ ପଣ୍ଡା, ବିପିନ ବିହାରୀ ନନ୍ଦ, ବିକାଶ ବେହେରା, ରାଜୀବ ଶତପଥୀ ଉପସ୍ଥିତ ଥିଲେ।

# ଗିରିପାଲିକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

ପଡିଆବାହାଲ,୧୦।୧୨(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୁକୁଡ଼ାପାଲି ପଞ୍ଚାୟତ ଅଧୀନ କୁସନପୁରି ରାଜସ୍ୱ ଗ୍ରାମ ଅଧୀନରେ ଥିବା ଗିରିପାଲି ପଡା ଗ୍ରାମକୁ ସ୍ୱତନ୍ତ୍ର ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦାବି ହୋଇଛି। ରାଜସ୍ୱ ଗ୍ରାମ ଘୋଷଣା ପାଇଁ ସମସ୍ତ ସର୍ତ୍ତାବଳୀ ଏହି ଗ୍ରାମ ପୂରଣ କରୁଛି। ଗତ ନଭେମ୍ବର ୭ରେ କୁକୁଡ଼ାପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଯୁଯୁମୁରା ତହସିଲଦାରଙ୍କ ଅଧ୍ୟକ୍ଷତାରେ କୁସନପୁରି, ଲଖମନୀ, ଗିରିପାଲି ଓ ଟିଙ୍କିରାପଡାବାସୀ ତର୍ଜମା କରି ଗିରିପାଲିକୁ ରାଜସ୍ୱ ଗ୍ରାମ ଘୋଷଣା କରିବା ଯଥାର୍ଥତା ଉପରେ ଆଲୋଚନା ହୋଇଥିଲା। ଏବେ କୁସନପୁରି ଓ ଗିରିପାଲିର ଜନସଂଖ୍ୟା ପ୍ରାୟ ସମାନ ବୋଲି ସଭାରେ ଜଣାପଡିଥିଲା। ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଗିରିପାଲିକୁ ରାଜସ୍ୱ ଗାଁ ଘୋଷଣା କରିବାକୁ ସରପଞ୍ଚ, ରାଜସ୍ୱ ନିରୀକ୍ଷକ, ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

# ଆମ୍ବଚାଷୀଙ୍କୁ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା



ଉନ୍ନତ ଆମ୍ବଚାଷର ନବୀକରଣ ସଂକ୍ରାନ୍ତରେ ଚାଷୀଙ୍କୁ ତାଲିମ ଦିଆଯାଉଛି।

ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବୀରସିଂହଗଡ ବନ ସୁରକ୍ଷା ସମିତିରେ ଉନ୍ନତ ଆମ୍ବଚାଷର ନବୀକରଣ ସଂକ୍ରାନ୍ତରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଜ୍ଞାନ କେନ୍ଦ୍ର ସମ୍ବଲପୁରର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ, ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, ବିପଣନ ଅଧିକାରୀ ପ୍ରୀତମ ଭରଦ୍ୱାଜ, ଦଳପତି ପଙ୍କଜିନୀ ସାହୁ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁ, ବୀରସିଂହଗଡ ବନସୁରକ୍ଷା ସମିତି ସଭାପତି ସୁଶୀଲ କୁମାର ଭଇଁସାଲ, ବନ ସହାୟିକା କଲ୍ୟାଣୀ ଠେଠୁଆର, କୋଷାଧ୍ୟକ୍ଷ ନବୀନ ଠେଠୁଆର ଉପସ୍ଥିତ ଥିଲେ। କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ ଉତ୍କୃଷ୍ଟ ମାନର ଆମ୍ବ ଚାଷରେ ଦୀର୍ଘସ୍ଥାୟୀ ଜୀବିକାର୍ଜନରେ ଆତ୍ମନିର୍ଭରଶୀଳ ହେବା ନେଇ ଆଲୋକପାତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ସମ୍ବଲପୁରର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ଶ୍ରୀ ଚନ୍ଦନ ଆମ୍ବ ଚାଷର ନବୀକରଣ ପ୍ରଣାଳୀ ଓ ଏହାର କଲମିକରଣ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଆମ୍ବ ଚାଷୀ ମାନଙ୍କୁ ଅତ୍ୟାଧୁନିକ ପ୍ରଣାଳୀରେ ଆମ୍ବଚାଷ କରି ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରାଯାଉଥିବା ବୈଜ୍ଞାନିକ ଶ୍ରୀଚନ୍ଦନ କହିଥିଲେ। ସଭାପତି ସୁଶୀଲ କୁମାର ଭଇଁସାଲ ଧନ୍ୟବାଦ ଅର୍ପଣ ଥିଲେ।

# ଶୈଳବାଳା ବିଶ୍ୱାଳଙ୍କ ପରଲୋକ

ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରର ବିଶିଷ୍ଟ ସାହିତ୍ୟକ ସ୍ୱର୍ଗତ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଧର୍ମପତ୍ନୀ ଶୈଳବାଳା ବିଶ୍ୱାଳ(୮୫)ଙ୍କ ପରମାଣପୁର ବାରତ୍ତୁଙ୍ଗୁରିସ୍ଥିତ ବାସଭବନରେ



ମଙ୍ଗଳବାର ପରଲୋକ ହୋଇଯାଇଛି। ମାସକ ପୂର୍ବରୁ ସେ ଘରେ ପଡିଯିବାରୁ ଗୋଡ ଭାଙ୍ଗି ସେ ଘରେ ଶଯ୍ୟାଶାୟୀ ଥିଲେ। ଶୈଳବାଳାଙ୍କ ପରଲୋକ ଖବର ପାଇ ସମ୍ବଲପୁରର ସାହିତ୍ୟକ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ପ୍ରଶାନ୍ତ, ଅମିତାଭ, ସିଦ୍ଧାର୍ଥ ଏବଂ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ମଝିଆ ପୁଅ ଅମିତାଭ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ। ଡ ମଙ୍ଗଳୁ ବିଶ୍ୱାଳଙ୍କ ସାହିତ୍ୟ ସୃଜନୀରେ ଶୈଳବାଳା ପ୍ରେରଣାର ଅସଲ ଉତ୍ସ ଥିଲେ। ସମ୍ବଲପୁରୀ ସାହିତ୍ୟରେ ତାଙ୍କର ମଧ୍ୟ ଅଗାଧ ପାଣ୍ଡିତ୍ୟ ଥିଲା।

# ବୁର୍ଲାରେ ଜବରଦଖଲ ଉଚ୍ଛେଦ ଜାରି



ବୁର୍ଲା କିର୍ବା ଛକରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ସମ୍ବଲପୁର,୧୦।୧୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ମଙ୍ଗଳବାର ମଧ୍ୟ ଶିକ୍ଷାନଗରୀ ବୁର୍ଲା ସହରରେ ଜବର ଦଖଲ ଉଚ୍ଛେଦ ଜାରି ରହିଛି। ସହରର କିର୍ବା ଛକଠାରୁ ପିଜି ଛକ ପର୍ଯ୍ୟନ୍ତ ରାସ୍ତା ଦଖଲ କରି ହୋଇଥିବା ଜବରଦଖଲ ହଟା ଯାଇଛି। କେତେକ ବ୍ୟକ୍ତି ରାସ୍ତାପାର୍ଶ୍ୱ ଜବରଦଖଲ କରି ଦୋକନ ନିର୍ମାଣ କରି ଭଡା ଲଗାଇଥିବା ଜବରଦଖଲ ଉଚ୍ଛେଦ ସମୟରେ ଜଣାପଡିଥିଲା। ଉଚ୍ଛେଦ ସମୟରେ ଗୋଟିଏ ଦୋକାନକୁ ନେଇ ଦୁଇ ଜଣ ମାଲିକାନା ଦାବି କରିବା ପରେ କଥା ପ୍ରଘଟ ହୋଇଥିଲା। ଏହି ରାସ୍ତା ବୁର୍ଲା ସହର ଯିବାକୁ ପ୍ରମୁଖ ପ୍ରବେଶ ପଥ ହୋଇଥିବା ବେଳେ ରାସ୍ତାକଡରେ ବେଆଇନ ଜବରଦଖଲ ଯୋଗୁ ଟ୍ରାଫିକ ସମସ୍ୟା ଉପୁଜୁଥିଲା। ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ମଙ୍ଗଳବାର ଦ୍ୱିତୀୟ ଦିନରେ ମଧ୍ୟ ଜବରଦଖଲ ହଟାଇବା ଆରମ୍ଭ ବେଳେ କେତେଜଣ ପ୍ରତିବାଦ କରିଥିଲେ। ଖାଲି ବୁର୍ଲା ନୁହେଁ, ମହାନଗରର ସମସ୍ତ ଅଞ୍ଚଳରୁ ଜବରଦଖଲ ହଟାଯାଉଥିବା ପ୍ରବର୍ତ୍ତନ ଅଧିକାରୀ କହିଥିଲେ। ଜବରଦଖଲ ଉଚ୍ଛେଦ ସମୟରେ ସମ୍ବଲପୁର ତହସିଲଦାର, ବୁର୍ଲା ଏସ୍‌ଡିପିଓ, ବୁର୍ଲା ଥାନା ଅଧିକାରୀ, ମହାନଗର ନିଗମ କାର୍ଯ୍ୟାଳୟର ପ୍ରବର୍ତ୍ତନ ବିଭାଗ କର୍ମଚାରୀମାନେ ସାମିଲ ରହିଥିଲେ।

## ଥଇଥାନ ପରେ ଉଚ୍ଛେଦ କର: ରୋହିତ ପୂଜାରୀ

ବୁର୍ଲାରେ ଜବରଦଖଲ ଉଚ୍ଛେଦରେ ମନମାନୀ କରାଯାଉଛି। ଏହିଭଳି ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ। ସ୍ଥାୟୀ ବ୍ୟବସ୍ଥା ଓ ଥଇଥାନ ନ ହେବା ଯାଏ ବୁର୍ଲାରେ ଜବରଦଖଲରେ ଥିବା ଦୋକାନଗୁଡିକୁ ଉଚ୍ଛେଦ ନ କରିବାକୁ ବିଜେଡି ସରକାର ସମୟରେ କୁହାଯାଇଥିଲା। ହେଲେ ବର୍ତ୍ତମାନର ସରକାର ଏବଂ ସ୍ଥାନୀୟ ପ୍ରଶାସନ ଦୋକାନୀଙ୍କ ଜୀବନ ଜୀବିକା ପାଇଁ କୌଣସି ବ୍ୟବସ୍ଥା ନ କରି ଉଚ୍ଛେଦ କରୁଥିବା ଇଂ. ପୂଜାରୀ ଅଭିଯୋଗ କରିଛନ୍ତି। ଗରିବ ଓ ନିଷ୍ପେସିତ ବ୍ୟବସାୟୀଙ୍କ ସ୍ୱାର୍ଥକୁ ବଳି ଦେଇ ସହରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ଠିକ ନୁହେଁ ବୋଲି ସେ କହିଛନ୍ତି। ଏଭଳି ପ୍ରକ୍ରିୟା ଜାରି ରଖିଲେ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ସେ କହିଛନ୍ତି।

# ଗୌଡ଼ପଡା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା

ନାକଟିଦେଉଳ,୧୦।୧୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସରାପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଗୌଡ଼ପଡା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜୁନିୟର ଏବଂ ସବ୍‌ଜୁନିୟର ବିଭାଗରେ ସମୁଦାୟ ୭୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୬ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବାଳକ ବର୍ଗରେ ୫ମ ଶ୍ରେଣୀ ଛାତ୍ର ସତ୍ୟବାନ ବିଶ୍ୱାଳ ଏବଂ ବାଳିକା ବର୍ଗରେ ୩ୟ ଶ୍ରେଣୀ ଛାତ୍ରୀ ଶିବାନୀ ଦେହୁରୀ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାକୁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶିବ ମୋହନ ପ୍ରଧାନ, ଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ପ୍ରଧାନ ଏବଂ ରିତାଞ୍ଜଳି ସାହୁ ପରିଚାଳନା କରିଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶ୍ୱର ଧଳ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ଏବଂ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ।

# ମାନବ ଅଧିକାରର ଆଇନଗତ ଦିଗ ଉପରେ ଆଲୋଚନା




ଆୟୋଜିତ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରେଢ଼ାଖୋଲ,୧୦।୧୨(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ସ୍ଥାନୀୟ ଗୌରଚନ୍ଦ୍ର ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ବେଣୁଧର ବରିହାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ସବଜଜ ତଥା ତାଲୁକ ଆଇନସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ପାଣିଗ୍ରାହୀ ମୁଖ୍ୟଅତିଥିଭାବେ ଯୋଗଦେଇ ମାନବ ଅଧିକାରର ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥିଭାବେ ଓକିଲ ସଂଘ ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ ଓ ତାଲୁକ ଆଇନସେବା ପ୍ରାଧିକରଣ ସମିତି ରିଟେନର ସୁଜିତ କୁମାର ପ୍ରଧାନ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ସୁବ୍ରତ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ମାନବ ଅଧିକାର ଉପରେ ସଚେତନତା ଲୋଡ଼ା

## ସଗରାରେ ବିଶ୍ୱ ମାନବାଧିକାର ଦିବସ ପାଳିତ

କୁଚିଣ୍ଡା,୧୦।୧୨(ବିରଞ୍ଚି ଦର୍ଜ୍ଜା)

ସମ୍ବଲପୁର ଜିଲା ବାମରା ବ୍ଲକ ସଗରା ପଞ୍ଚାୟତର ସଗରା(ତୁରିପଡ଼ା)ର ବାମରା ଲୋକମୁକ୍ତି ସଙ୍ଗଠନ କ୍ଷେତ୍ର ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ସୋମବାର ପାଳିତ ହୋଇଯାଇଛି। ସଗରା ସରପଞ୍ଚ ଗୋଲାପି ବାଘଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସଗରା ଜନତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନବାଧିକାର ଦିବସର ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରି ଏହା ଉପରେ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଲୋକମୁକ୍ତି ସଙ୍ଗଠନ ସଂଯୋଜକ ଜିନିତ ସାମାଦ, ବାମରା ବ୍ଲକ ସଭାପତି ପାତ୍ର ବାଘ, ଝାରସୁଗୁଡା




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ସଙ୍ଗଠନ ନେତୃବୃନ୍ଦ।

ଜିଲା ଲଇକେରା ବ୍ଲକ ସଭାପତି ରସାନନ୍ଦ କିଷାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଶ୍ୱ ମାନବାଧିକାର ଦିବସ, ଜଙ୍ଗଲ ଅଧିକାର ଆଇନ, ପେସା ଆଇନ,ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକ, ନିର୍ମାଣ ଶ୍ରମିକ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ମହିଳା ସୁରକ୍ଷା ଓ ଅଧିକାର, ଶିଶୁ ସୁରକ୍ଷା ଅଧିକାର ବିଷୟରେ ବକ୍ତବ୍ୟ ରଖିଥିଲେ। ଏନ୍‌ଏପିଏମ (ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ) ପକ୍ଷରୁ ଜାନୁଆରୀ ୨୧ରେ ସ୍ଥିରୀକୃତ ହୋଇଥିବା ଜଳ, ଜଙ୍ଗଲ, ଜମିର ସୁରକ୍ଷା ଓ ଅଧିକାର ପାଇଁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମକୁ ଲୋକମୁକ୍ତି ସଙ୍ଗଠନ ପୂର୍ଣ୍ଣ ସମର୍ଥନ କରୁଥିବା ବିଷୟରେ ଅବଗତ କରି ଏଥିରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଲୋକମୁକ୍ତି ସଙ୍ଗଠନ ସଂଯୋଜକ କୈଳାସ ପିଙ୍ଗ, ବାମରା ବ୍ଲକ କୋଷାଧ୍ୟକ୍ଷ ଫୁଲଦେଓ ସାମାଦ, ରାଜେଶ ମାଝି, ଆବେନର ଲୁଗୁନ, ପାତ୍ରାସ ସାମାଦ, ଜୁଲିଆ ଲାକ୍ରା, ପୁଷ୍ପା ଡୁଙ୍ଗଡୁଙ୍ଗ, ଶମ୍ଭୁ ବଡ଼ାଇକ, ରାଜେଶ ବାଘ, ସପ୍ନେଶ୍ୱର ମିଞ୍ଜ, ମିନକୁ ଲାକ୍ରା, କିଶୋର ଲାକ୍ରା ପ୍ରମୁଖଙ୍କ ସମେତ ବାମରା ବ୍ଲକର ବିଭିନ୍ନ ପଞ୍ଚାୟତର ଜଙ୍ଗଲ ଅଧିକାର କମିଟି ସଭ୍ୟାସଭ୍ୟ ଓ ସକ୍ରିୟ ନେତୃବୃନ୍ଦ ଯୋଗଦେଇଥିଲେ। ବରିଷ୍ଠ ସଦସ୍ୟ ତଥା ସଗରା ପଞ୍ଚାୟତ ସମିତି ସଭ୍ୟ ହାବିଲ ଏକ୍କା ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନର କେନ୍ଦ୍ରିୟ ସାଧାରଣ ସମ୍ପାଦକ ଓ ସଂଯୋଜକ ଗ୍ରେଗୋରୀ ସାମାଦ ସଭା ପରିଚାଳନା କରିଥିଲେ।

# ମଣିଷର ଅଧିକାର, କର୍ତ୍ତବ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ

ସମ୍ବଲପୁର,୧୦।୧୨(ବି.ଶଙ୍କର)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନଏସସିବି) ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦୁର୍ଲ୍ଲଭ କୁମାର ସାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ମନୁଷ୍ୟର ଅଧିକାର ଏବଂ କର୍ତ୍ତବ୍ୟ ପରସ୍ପର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କେବଳ ଅଧିକାରର ଦ୍ୱାହି ଦେଇ ଆମେ କର୍ତ୍ତବ୍ୟ ବିମୁଖ ହେବା ଅନୁଚିତ ବୋଲ ଅଧ୍ୟକ୍ଷ ସା କହିଥିଲେ । ଓଡ଼ିଆ ବିଭାଗୀୟ ମୁଖ୍ୟ ଡ. ଶ୍ୟାମ ଭୋଇ ମାନବ ଅଧିକାର ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମସ୍ତେ ମାନବ ଅଧିକାର ସମ୍ବନ୍ଧରେ ସଚେତନ ହୋଇ ନିଜର ତଥା ଅନ୍ୟମାନଙ୍କ ଅଧିକାର ପ୍ରତି ଉପଯୁକ୍ତ ସମ୍ମାନ ତଥା ସୁରକ୍ଷା ଦେଇ ମାନବାଧିକାର




ଆୟୋଜିତ ମାନବାଧିକାର ଦିବସରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ଏନ୍‌ଏସସିବି ହାଇୟର ସେକେଣ୍ଡାରୀ ସ୍କୁଲ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପିକା ମିଲି ସାହୁ ସମ୍ବିଧାନରେ ଉଲ୍ଲେଖ ଥିବା ଅଧିକାର ସମୂହ ଏବଂ ତାର ସୁରକ୍ଷା ପାଇଁ କି ପଦକ୍ଷେପ ନିଆଯାଇପାରିବ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କ ପାଇଁ ମାନବାଧିକାର ସୁରକ୍ଷା ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହେଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୁରେଶ ଏକ୍କା ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ରୋଜାଲି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନବାଧିକାରରେ ଯୁବ ସମାଜର ସହଯୋଗ ଲୋଡ଼ା

ସମ୍ବଲପୁର,୧୦।୧୨(ବି.ଶଙ୍କର)

ସମ୍ବଲପୁର ସହର ସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟରେ ସଭାକକ୍ଷରେ ମାନବାଧିକାର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଏଥିରେ ସଭାପତିତ୍ୱ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଉପାଧ୍ୟକ୍ଷର ଆଇନ ବିଭାଗ ମୁଖ୍ୟ ପ୍ରଫେସର ମୀନ କେତନ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ ମାନବାଧିକାର ଉଲ୍ଲଘଂନର କାରଣ, ନିରାକରଣ, ବିଶ୍ୱ ତଥା ଭାରତ ଏବଂ ଓଡ଼ିଶାରେ ଏହାର ସ୍ଥିତି, ଇତିହାସ ଓ ସାଂପ୍ରତିକ ଆହ୍ୱାନ । ସର୍ବୋପରି ଏହାର ସୁରକ୍ଷାରେ ଯୁବ ସମାଜ କିପରି ସହାୟକ ହୋଇ ପାରିବେ ଉଦାହରଣ ପ୍ରଦାନ କରିଥିଲେ । ଏହା ବ୍ୟତୀତ ମାନବାଧିକାର



ଆୟୋଜିତ ମାନବାଧିକାର ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ଦିବସ କେବଳ ଗୋଟିଏ ଦିନର ପାଳନ ଭିତରେ ନ ରହି ସବୁଦିନକୁ ପରିବ୍ୟାପ୍ତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଭାରତୀୟ ନ୍ୟାୟସଂହିତା, ସାକ୍ଷ୍ୟ ଅଧିନିୟମ ମାନବାଧିକାରକୁ ସୁରକ୍ଷିତ ଓ ସୁନିଶ୍ଚିତ କରିବା ପାଇଁ ଅଭିପ୍ରେତ ବୋଲି ଉଲ୍ଲେଖ କରିଥିଲେ। ଅଧ୍ୟାପକ ଡ. ପ୍ରଶାନ୍ତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଅଧ୍ୟାପିକା ଡ. ଭାରତୀ ମିଶ୍ର। ସେହିପରି ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଫେସର ଶୈଳଜା ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଶତାଧିକ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ, ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉତ୍ସବ ଆୟୋଜନରେ ଅଧ୍ୟାପକ ସଞ୍ଜୟ ପ୍ରସାଦ ପଟ୍ଟନାୟକ, ରାଜେନ୍ଦ୍ର ବିଶ୍ୱାଳ, ଓ ମହମ୍ମଦ ଜାଭେଦ ସହଯୋଗ କରିଥିଲେ ।

# ଡମ୍ଭ କର୍ଲାଖୁଣ୍ଟା ଦଳ ବିଜୟୀ

## ରେଣ୍ଡୋ ମାଝୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ରିଷିଡ଼ା,୧୦।୧୨(ସୁଶାନ୍ତ ମଲ୍ଲିକ)

କର୍ଲାମୁଣ୍ଡା ବ୍ଲକ ତେରେସିଂହା ଗ୍ରାମ ପଞ୍ଚାୟତର ରେଣ୍ଡୋ ମାଝୀ ସ୍ପୋର୍ଟ୍ସ କ୍ଲବ, ବିନ୍ଧାଣୀ ଆନୁକୂଲ୍ୟରେ ରେଣ୍ଡୋ ମାଝୀ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇ ଯାଇଛି। ସ୍ଥାନୀୟ ମେଳନ ଖେଳ ପଡ଼ିଆରେ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝୀଙ୍କ ୧୬୯ତମ ଶହୀଦ ଦିବସ ଓ କ୍ରିକେଟ ଟୁର୍ନାମେଣ୍ଟ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ମାନବ ସେବା ଟ୍ରଷ୍ଟ ପରିଚାଳକ ସଚିନ ଜୈନ ମୁଖ୍ୟଅତିଥି, ତେରେସିଂହା ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ନିର୍ମଳ ରଣା ମୁଖ୍ୟବକ୍ତା, ତେରେସିଂହା ସରପଞ୍ଚ ପ୍ରମୋଦ ସୁନା, ପୂର୍ବତନ ସମିତି ସଭ୍ୟ ବିଦେଶୀ ଘିଭେଲା, ଖବରଦାତା ସୁଶାନ୍ତ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଣ୍ଡୋ ମାଝୀ ସ୍ପୋର୍ଟ୍ସ କ୍ଲବ ସଭାପତି ଚରଣ ବାଗ ସଭାପତିତ୍ୱ କରିଥିବା ବେଳେ ସୁମନ୍ତ ମାଝୀ ଡ଼ମ୍ପଞ୍ଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଡ଼ମ୍ଭ କର୍ଲାଖୁଣ୍ଟା ବନାମ ତୁଣ୍ଡଲାଖମନ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡ଼ମ୍ଭ କର୍ଲାଖୁଣ୍ଟା ଦଳ ବିଜୟୀ ହୋଇଥିଲା। ମ୍ୟାଚକୁ ଠାକୁର ହରପାଲ, ସୁନୀଲ ନାଏକ ଓ ମଧୁସୂଦନ ଘିଭେଲା ପରିଚାଳନା କରିଥିଲେ। କ୍ଲବର ଉପସଭାପତି ଅମରଦାସ ହରପାଲ, ସମ୍ପାଦକ ଯଜ୍ଞ ଭୋଇ, କୋଷାଧ୍ୟକ୍ଷ ଗିରିଧାରୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।


ସମାରୋହରେ ଅତିଥିଙ୍କ ସହ ଖେଳାଳିମାନେ।

# ୧୫ରେ ନିର୍ଝରିଣୀର ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ

କଣ୍ଟାବାଞ୍ଜି,୧୦।୧୨(ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜିର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ନିର୍ଝରିଣୀର ତ୍ରୟୋଦଶ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ ଆସନ୍ତା ୧୫ ତାରିଖରେ ସ୍ଥାନୀୟ ଜି.ଆର.ପେଲେସ ଠାରେ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଚଳିତବର୍ଷ ସାହିତ୍ୟ, କଳା, ସଂସ୍କୃତି ଓ ପରିବେଶର ଉନ୍ନତି ତଥା ଏହାର ପ୍ରଚାର ପ୍ରସାର ଲାଗି କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବିରଞ୍ଚି ନାରାୟଣ ଦାଶ ଏକ ବୈଠକରେ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟସ୍ତରୀୟ ବହୁଭାଷୀ କବିତା ପାଠ, ପତ୍ରିକା ଉନ୍ମୋଚନ, ଆଲୋଚନା ଆଦି ପାଳନ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ସ୍ୱର୍ଗତ ନବୀନ ଚନ୍ଦ୍ର ମହାନ୍ତି ସ୍ମୃତି ପୁରସ୍କାର ପ୍ରଦାନ କରାଯିବ। ଏହାସହିତ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲୋକନୃତ୍ୟ ପରିବେଷଣ କରାଯିବ। ଏହି ବୈଠକରେ ସଭାପତି ରାମଚନ୍ଦ୍ର ସାହୁ,ଉପ ସଭାପତି ସୂର୍ଯ୍ୟକାନ୍ତ ରଣା, ନରେନ୍ଦ୍ର ସୁନା, ଥମିର ଛତ୍ରିଆ, ରବି ନାରାୟଣ ତ୍ରିପାଠୀ, ଅଞ୍ଜଳି ମାଝୀ, ମଞ୍ଜୁଲତା ଧରୁଆ, ମମତା ପଣ୍ଡା, କିଶୋର ବରିହା, ନିରୁପମା ମିଶ୍ର, ମାନସ ରଞ୍ଜନ ଜାଲ, ଧନସିଂ ମାଝୀ, ପ୍ରେମରାଜ ପାଣିଗ୍ରାହୀ,ଉମେଶ ବେହେରା,ଉମେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମହାଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା


କଳସ ଶୋଭାଯାତ୍ରା।

ଖପ୍ରାଖୋଲ,୧୦।୧୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ମହାଲକ୍ଷ୍ମୀ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ମହାଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ମହିଳା ଗାଁ ପୋଖରୀରୁ ପୂର୍ଣ୍ଣ କଳସ ଶୋଭାଯାତ୍ରାରେ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ଘାସିରାମ ଭୋଇ ସପତ୍ନିକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ବୈଦ୍ୟନାଥ ମିଶ୍ର ଓ କମଳା ପତି ମିଶ୍ର ପୂଜା କରିଥିଲେ। ଶୋଭନମୟ ମିଶ୍ର, ଦେବାଶିଷ ବନଛୋର, ଦେବନମୟ ମିଶ୍ର, ଆଶିଷ ସାହୁ, ଆଲୋକ ବନଛୋର, ଜୀବନମୟ ମିଶ୍ର, ରାଜେନ୍ଦ୍ର ପରୁଆ, ଆଶିଷ ବନଛୋର,ସମିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ୧୬ ଦାଦନ ଶ୍ରମିକ ଉଦ୍ଧାର: ଦୁଇ ଦଲାଲ ଅଟକ

ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବଡବନ୍ଧ ଗାଁର ୧୬ ଜଣ ଦାଦନ ଶ୍ରମିକ ତେଲେଙ୍ଗାନାର ଏକ ଇଟା ଭାଟିରେ ବନ୍ଧକ ରହି ନିର୍ଯାତନାର ଶିକାର ହେଉଥିବା ନେଇ ଶ୍ରମିକଙ୍କ ପରିବାରବର୍ଗ ପ୍ରଶାସନର ନିକଟରେ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଦେଓଗାଁ ପୋଲିସ ବେଲପଡାର ଦୁଇ ଜଣ ଦଲାଲଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ସଂପୃକ୍ତ ଦଲାଲଙ୍କୁ ପୋଲିସ ତାଗଦ କରିବା ପରେ ତେଲେଙ୍ଗାନାର ଇଟା ଭାଟି ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା । ସଂପୃକ୍ତ ଇଟା ଭାଟି ମାଲିକ ପୋଲିସ ଭୟରେ ବନ୍ଧକ ରଖିଥିବା ୧୬ ଜଣ ଦାଦନ ଶ୍ରମିକଙ୍କୁ ଟ୍ରେନ ଯୋଗେ ପଠାଇଥିଲେ। ଶ୍ରମିକମାନେ ମଙ୍ଗଳବାର ନିଜ ଗାଁ ବଡବନ୍ଧରେ ପହଞ୍ଚିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦୁଇ ଦଲାଲଙ୍କୁ ପୋଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।


ତେଲଙ୍ଗାନାରୁ ଉଦ୍ଧାର ହୋଇଥିବା ଶ୍ରମିକ।

# ଓମ୍‌ଭେଲିର ବିଦ୍ୟାର୍ଥୀଙ୍କ ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ

ଟିଟିଲାଗଡ,୧୦।୧୨(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡ଼ର ସର୍ଗିଗୁଡ଼ାସ୍ଥିତ ଓମଭେଲି ବିଦ୍ୟାଳୟର ବିଦ୍ୟାର୍ଥୀମାନେ ନିକଟରେ ସହରରେ ଥିବା ଭିନ୍ନକ୍ଷମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟର ତୃତୀୟ,ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦ୍ୟାଳୟର ସଭାପତି ଦୀପକ କୁମାର ସାହୁ, ପରିଚାଳନା ନିର୍ଦ୍ଦେଶିକା ବିଭାରଜ ଗୁପ୍ତା, ପରିଚାଳକ ଶଶାଙ୍କ ସାହୁ, ବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ମୁଖ୍ୟ ଉପଦେଷ୍ଟା ଡ. ରବୀନ ଚନ୍ଦ୍ର ପରମାଣିକ, ସହ ସଂଯୋଜିକା ନିଶି ବେରୀ, ଏଚ.ଆର. ଯୋଷୀ ଓ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ତତ୍ତ୍ୱାବଧାନରେ ସେଠାକୁ ଯାଇଥିଲେ। ଏହାଛଡା ସେମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଏ.ଶୈଳଯା, ସରୋଜିନୀ ପଟ୍ଟନାୟକ, ଯଜ୍ଞ ମହଲା, ବବିତା ମିଶ୍ର, ପ୍ରିୟଙ୍କା ସିଂହ,ସତୀଶ ଛୁରା, ସୁନିକ୍ଷା ମିଶ୍ର , ପି.ଶିବା କୁମାର ଯାଇଥିଲେ। ଏହି ଅବସରରେ ଓମ୍ ଭେଲି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କୁ ଉପହାର ଓ ଖାଦ୍ୟସାମଗ୍ରୀ ଦେଇ ଖୁସି ଅନୁଭବ କରିଥିଲେ। ଏହି ଭ୍ରମଣଦ୍ୱାରା ବିଦ୍ୟାର୍ଥୀମାନେ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ସାଧାରଣ ଛାତ୍ରୀଛାତ୍ରମାନଙ୍କ ଠାରୁ କୌଣସି ଗୁଣରେ କମ ନୁହଁନ୍ତି ବୋଲି ଅନୁଭବ କରିଥିବା ମତ ରଖିଥିଲେ।

# ଏବିଭିପି ପକ୍ଷରୁ ଶହୀଦ ରେଣ୍ଡୋ ମାଝୀଙ୍କ ବଳିଦାନ ଦିବସ

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ଜିଲା ଭବାନୀପାଟଣା ନଗର ପକ୍ଷରୁ ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ୟୁଜି ପିଜି କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରେଣ୍ଡୋ ମାଝୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କ ସଂଗ୍ରାମୀ ଜୀବନକୁ ମନେ ପକାଇବା ସହ ଓ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇ ଶିକ୍ଷାର୍ଥୀଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଛି। ଏକ ସୁସ୍ଥ, ସମୃଦ୍ଧ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ସହିତ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ପାଇଁ ଛାତ୍ରୀଛାତ୍ର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ମହେଶ ସାଗର, ହିତେଶ କୁମାର ସାହୁ, ପ୍ରେମ କୁମାର, ସୌମ୍ୟରଞ୍ଜନ ପଣ୍ଡା, ଆୟୁଷ ମହାନ୍ତି, ଆୟୁଷ ବେହେରା, ଅସୀତ ମହାନ୍ତି, ନିଖିଲ ଗୌଡ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ପଞ୍ଚାୟତ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା


ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା
୩ କୃତୀ ଛାତ୍ରୀ।

ଲାଠୋର,୧୦।୧୨(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରଶ୍ନ ଦାଶଙ୍କ ତତ୍ତ୍ୱାବଧାନରେ ୨୨ ତମ ବାର୍ଷିକ କ୍ରୀଡା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଦୁଇ ଦିନ ଧରି ଚାଲିବାକୁ ଥିବା ବାର୍ଷିକ କ୍ରୀଡ଼ା ଅବସରରେ ଛାତ୍ରୀଛାତ୍ରମାନେ ମଶାଲ ଆଣି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ । କଲେଜ ପରିଚାଳନା ସମିତି ସଭାପତି ନୀଳମାଧବ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । କଲେଜରେ ଅଧ୍ୟୟନ କରୁଥିବା ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି । କୃତୀ ପ୍ରତିଯୋଗୀଙ୍କୁ ଆସନ୍ତା ୧୮ ତାରିଖ ଦିନ ହେବାକୁ ଥିବା ବାର୍ଷିକ ଉତ୍ସବରେ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯିବ । କ୍ରୀଡା ଶିକ୍ଷକ ଅତୁଲ୍ୟ ଭୋଇ କ୍ରୀଡା ପରିଚାଳନା କରୁଥିବା ବେଳେ ଅଧାପିକା ମନ୍ଦାକିନୀ ପୋଢ଼, ଅଧାପକ ଆଶୁତୋଷ ସାହୁ, ସୁଶିଲ ମହାକୁର ଏବଂ କର୍ମଚାରୀ ସହଯୋଗ କରୁଛନ୍ତି ।

# କୋମନାରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି



କୋମନା,୧୦।୧୨(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ ସଭାଗୃହ ଠାରେ ଜିଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିନିଧି ରୂପେ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଳ ସିଂ ଯୋଗଦେଇଥିଲେ। ଶିବିରରେ ୯୪ଟି ବ୍ୟକ୍ତିଗତ ଓ ୪୩ଟି ସାମୂହିକ ମୋଟ ୧୩୭ଟି ଅଭିଯୋଗ ଆସିଥିଲା। ଏସବୁ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ଭାରପ୍ରାପ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ବ୍ଲକ ଅଧ୍ୟକ୍ଷା ଅନସୂୟା କୁମ୍ଭାର, ବ୍ଲକ ଉପାଧ୍ୟକ୍ଷା ଜୟଦେବ ପ୍ରଧାନ, ଏପିଡି ଯୋଗେଶ୍ୱର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। କୋମନା ବିଡିଓ ହେମନ୍ତ ପୁଟା, ତହସିଲଦାର ପ୍ରୟାଶୀ ପ୍ରଧାନ, ଡେପୁଟି କଲେକ୍ଟର ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।




# ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କିତ ସଚେତନତା ଶିବିର


ଶିବିରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

**ଖପ୍ରାଖୋଲ,୧୦।୧୨(ଅଭୟ ତ୍ରିପାଠୀ):** ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ, ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ଉଦ୍ୟମରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ସମ୍ପର୍କିତ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର ଯୋଗଦେଇ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ନେଇ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଉପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଥିଲେ । ଶିବିରରେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ସଚେତନ ନାଗରିକ ଯୋଗ ଦେଇଥିଲେ । ପ୍ରମୋଦ କୁମାର ବଗର୍ତ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ: ଜଳିଗଲା ମୂଲ୍ୟବାନ ସାମଗ୍ରୀ

**କୋକସରା,୧୦।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ବିଜମରା ଗ୍ରାମର ତ୍ରିନାଥ ଦିଶାରୀଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରର ଆସବାବପତ୍ର ସହ ଟିଭି, କୁଲର ଆଦି ମୂଲ୍ୟବାନ ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ପରିବାର ଲୋକେ ରାତିରେ ଶୋଇଥିବା ବେଳେ ନିଆଁ ଲାଗି ଯାଇଥିଲା। ଚିତ୍କାର ଶୁଣି ପଡୋଶୀ ଲୋକେ ପହଞ୍ଚି ପରିବାର ସଦସ୍ୟଙ୍କୁ ଉଦ୍ଧାର କରିବା ସହ ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରଙ୍କ ସହାୟତା ଅପେକ୍ଷା କରିରହିଛନ୍ତି। ଏ ନେଇ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀଙ୍କ ପ୍ରତିକ୍ରିୟା ନେବାରୁ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ପଠାଇବି, କ୍ଷୟକ୍ଷତି ରିପୋର୍ଟ ଦେବାପରେ ସରକାରୀ ଭାବେ ଯାହା କ୍ଷତିପୂରଣ ରହିଛି ଦିଆଯିବ ବୋଲି କହିଛନ୍ତି।



# ଡୁଙ୍ଗୁରିପାଲିରେ ଧାନମଣ୍ଡି ଉଦ୍‌ଘାଟିତ



ଆରଏମ୍‌ସି ପରିସରରେ ଅତିଥିମାନେ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

**ଡୁଙ୍ଗୁରିପାଲି,୧୦।୧୨(ଦୀନବନ୍ଧୁ ସୁନା)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆର୍‌ଏମ୍‌ସି ପରିସରରେ ମଙ୍ଗଳବାର ଡୁଙ୍ଗୁରିପାଲି ପ୍ରାଥମିକ କୃଷି ସମବାୟ ସମିତି ଓ ସହଲା କୃଷି ସମବାୟ ସମିତିରେ ୨୦୨୪-୨୫ ଖରିଫ ଋତୁ ଧାନ କ୍ରୟ ପାଇଁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଉପଜିଲାପାଳ ସୌମ୍ୟରୂପା ରଥ ଯୋଗଦେଇ ଜିଲାରେ ପ୍ରଥମ ଧାନ କ୍ରୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ବିଡ଼ିଓ ଦିଲୀପ କୁମାର ବାରା, ରାମପୁର ଅତିରିକ୍ତ ତହସିଲଦାର ଆନନ୍ଦ କୁମାର ଦାସ, ସୁବର୍ଣ୍ଣପୁର ଉପନିବନ୍ଧକ ରଶ୍ମିଲତା ବେହେରା, ସୁବର୍ଣ୍ଣପୁର ସହକାରୀ ନିବନ୍ଧକ ପାଣ୍ଡୁଚରଣ ସାହୁ, ବ୍ଲକ ଯୋଗାଣ ନିରୀକ୍ଷକ ସୁବ୍ରତ କୁମାର ପାଣି, ଡୁଙ୍ଗୁରିପାଲି ପାକ୍ସ ସମ୍ପାଦକ ରବୀନ୍ଦ୍ରଚନ୍ଦ୍ର ବିଶ୍ୱାଳ, ସହଲା ପାକ୍ସ ସମ୍ପାଦକ ନୀତେଇଚରଣ ପଣ୍ଡା, ଡୁଙ୍ଗୁରିପାଲି ପାକ୍ସ ସଭାପତି ଦାଶରଥି ବିଶ୍ୱାଳ, ସହଲା ପାକ୍ସ ସଭାପତି ହରିବନ୍ଧୁ ପଧାନ,ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟନାରାୟଣ ପଧାନ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ପାକ୍ସରେ ୧୩୫୩ ଚାଷୀ ଓ ସହଲା ପାକ୍ସରେ ୭୨୨ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜିକରଣ କରିଛନ୍ତି। ଚାଷୀ ଧାର୍ଯ୍ୟ ସମୟରେ ଧାନ କିପରି ବିକ୍ରି କରିପାରିବେ, ଟୋକନ ସମସ୍ୟା ନେଇ ଚାଷୀ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ଉପସ୍ଥିତ ଚାଷୀ ଜିଲା ପ୍ରଶାସନକୁ ଜଣାଇଥିଲେ। ଉଦ୍‌ଘାଟନ ବେଳେ ଆରଏମ୍‌ସି ସମ୍ପାଦକ ସୁବାଷଚନ୍ଦ୍ର ପଣ୍ଡା, ଚାଷୀ ରାଜକୁମାର ଦଣ୍ଡସେନା, ତକ୍ଷକ ସାହୁ, ସମ୍ପଦ ମଲ୍ଲିକ, ଅଜିତ ବେହେରା, ସଞ୍ଜୟ ସାହୁ, ପୀତବାସ ଦଣ୍ଡସେନା, ବିମଳ ପଧାନ, ବିଶ୍ୱ ଖମାରୀ, ବୃଷଭ ପଧାନ ଉପସ୍ଥିତ ଥିଲେ। ଶୁଭାରମ୍ଭ ଦିବସରେ କୌଣସି ଚାଷୀଙ୍କ ଧାନକ୍ରୟ ହୋଇନାହିଁ।

## ବିନିକା ଆରଏମ୍‌ସିରେ ଧାନକିଣାର ଶୁଭାରମ୍ଭ

**ବିନିକା,୧୦।୧୨(ରାମ ଗୋପାଳ ବାଘ)** ସୁବର୍ଣ୍ଣପୁର ଜିଲା ବିନିକା ଆରଏମସି ୟାର୍ଡ଼ରେ ମଙ୍ଗଳବାର ଜିଲାପାଳ ଅନ୍ୟା ଦାସ ଖରିଫ ଧାନ କିଣାର ଶୁଭାରମ୍ଭ କରିଛନ୍ତି। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ, ଉପ ଜିଲାପାଳ ସୌମ୍ୟାରୂପା ରଥ, ତହସିଲଦାର ସୀତାରାମ ଭୁଏ, ବିଡ଼ିଓ ପ୍ରମୋଦ କୁମାର ମେହେର, ଜିଲା କୃଷକମୋର୍ଚ୍ଚା ସଭାପତି ଅଶୋକ ପୃଷ୍ଟିଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କୃଷକମାନେ ଉତ୍ପାଦିତ ଧାନ କିପରି ସହଜରେ ବିକ୍ରି କରିପାରିବେ ତାହା ଉପରେ ଆଲୋକପାତ କରିଥିଲେ। ପ୍ରଥମ ଦିନ ଚାଷୀ ସୁବାଷ ଜଗଦଲାଙ୍କଠାରୁ ୭୩ କୁଇଣ୍ଟାଲ ୩୦କେଜି ଧାନ କିଣା ଯାଇଥିଲା। ଚାଷୀମାନେ ପ୍ରାୟ ୯୦ପ୍ରତିଶତ ଧାନ ଅମଳ କରି ସାରିଥିଲେ ମଧ୍ୟ ଟୋକନ ଆସି ନ ଥିବାରୁ ବିକ୍ରି କରି ପାରୁ ନାହାନ୍ତି। ଯେଉଁ ମାନଙ୍କର ଟୋକନ ଆସିଛି ଡିସେମ୍ବର ଶେଷ ସପ୍ତାହ ଓ ଜାନୁୟାରୀ ମାସରେ ବିକ୍ରି ତାରିଖ ଧାର୍ଯ୍ୟ ହୋଇଥିବାରୁ ଧାନ ମଣ୍ଡିକୁ ବିକ୍ରି ପାଇଁ ଆଣି ପାରୁନାହାନ୍ତି। ଏ ବିଷୟରେ ଚାଷୀମାନେ ଜିଲ୍ଲାପାଳଙ୍କୁ ଅବଗତ କରିବାରୁ ସମସ୍ତ ସିବିଧା କରାଯିବ ବୋଲି ଜିଲାପାଳ ପ୍ରତିଶୃତି ଦେଇଥିଲେ। ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାଏକ ମଞ୍ଚ ସଂଯୋଜନା କରିଥିବା ବେଳେ ସଭାପତି ଆନନ୍ଦ ବାବୁ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ଉତ୍ସବ ରେ ବହୁ କୃଷକ ଯୋଗଦେଇଥିଲେ।

## ଲିଙ୍ଗଭିତ୍ତିକ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ସ୍ୱେଚ୍ଛାସେବୀ।

**ସୋନପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ସଖି ୱାନ୍ ଷ୍ଟପ୍ ସେଣ୍ଟରରେ ଲିଙ୍ଗଭିତ୍ତିକ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହାୟତାରେ ନଭେମ୍ବର ମାସ ୨୫ ତାରିଖଠାରୁ ଏହି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଙ୍ଗଳବାର ମାନବ ଅଧିକାର ଦିବସ ଓ ଲିଙ୍ଗଭିତ୍ତିକ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମର ଉଦ୍‌ଯାପନୀ କାର୍ଯ୍ୟକମ ଆୟୋଜିତ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ, ମହିଳା ଓ ଶିଶୁ ବିଭାଗର ଇନିସପେକ୍ଟର ନିର୍ମଳା ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ଅନିତା ଗୁରୁ ଓ ସୁଦେଷ୍ଣା ମେହେର ଯୋଗ ଦେଇଥିଲେ। ପାୟଲ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଖି କର୍ମଚାରୀ, କଲେଜ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟ, ସିଆରପି ଓ ଏମବିକେମାନେ ଉପସ୍ଥିତ ଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ

**ଡୁଙ୍ଗୁରିପାଲି,୧୦।୧୨(ଦୀନବନ୍ଧୁ ସୁନା)** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କୁଦେଇପଡ଼ାର ଧର୍ମ ପରାୟଣ ମହିଳା ମୁଖୀ ବାଗ (୯୨)ଙ୍କ ସୋମବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ବିଦ୍ୟାଧର, ଭୀମସେନ, ବୋହୂ ବେଦମତୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ମଙ୍ଗଳବାର ପୈତୃକ ଗ୍ରାମ ଦିଗଶିରା ଅଣାଯାଇ ଅଙ୍ଗନଦୀ କୂଳ ଶ୍ମଶାନ ଘାଟରେ ସତ୍କାର କରାଯାଇଥିଲା। ବଡ଼ ପୁଅ ବିଦ୍ୟାଧର ମୁଖାଗ୍ନି ଦେଇଥିଲେ।

## ଡୁଲେଶ୍ୱର କ୍ରିକେଟ: ଝାରସୁଗୁଡ଼ା ଫାଇନାଲରେ



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳିମାନେ।

**ଅମରପାଲି,୧୦।୧୨(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ଗ୍ରାମ ପଞ୍ଚାୟତର ଡୁଲେଶ୍ୱର ଗ୍ରାମରେ ମା' ସୁରେଶରୀ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଆନ୍ତଃରାଜ୍ୟ ଡୁଲେଶ୍ୱର କ୍ରିକେଟ କପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ ସଭାପତି ଆଦିକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ପିତାମହୁଲ ପଞ୍ଚାୟତର ସରପଞ୍ଚ ଆକସ୍ମିକ ବଢ଼ିଆ ମୁଖ୍ୟ ଅତିଥି, କ୍ରୀଡାବିତ୍ ପ୍ରଦୀପ ବଢ଼ିଆ ସମ୍ମାନୀତ ଅତିଥିଭାବେ ଯୋଗଦାନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ସୋନପୁର ଓ ଫୁଲବାଣୀ ମଧ୍ୟରେ ହୋଇଥିଲା। ଏଥିରେ ଫୁଲବାଣୀ ଦଳ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ଝାରସୁଗୁଡ଼ା ଓ ବରଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ବିଜୟ ଲାଭ କରି ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲ ମ୍ୟାଚ ପ୍ରଥମ ମ୍ୟାଚର ବିଜେତା ଫୁଲବାଣୀ ଓ ଦ୍ୱିତୀୟ ମ୍ୟାଚ ବିଜେତା ଝାରସୁଗୁଡ଼ା ମଧ୍ୟରେ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଦଳ ବିଜୟ ଲାଭ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚଗୁଡିକରେ ଦର୍ଶନି ଅଦର ଓ ନରୋତ୍ତମ ମହାକୁର ଅମ୍ପେୟାର, ରିଲୁ ପ୍ରଧାନ ସ୍କୋରର ଏବଂ ଧିରେନ ଚାନ୍ଦ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧୁବାର ପ୍ରଥମ ମ୍ୟାଚ ବୌଦ୍ଧ ଓ ଆୟୋଜକ ଡୁଲେଶ୍ୱର ମଧ୍ୟରେ ହେବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ବଲାଙ୍ଗୀର ଓ କଟକ ମଧ୍ୟରେ ହେବ। ପ୍ରଥମ ମ୍ୟାଚ ବିଜେତା ଓ ଦ୍ୱିତୀୟ ମ୍ୟାଚ ବିଜେତା ମଧ୍ୟରେ ପୁଲ 'ବି'ର ସେମି ଫାଇନାଲ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

## ବରିଷ୍ଠ ନାଗରିକ ସଙ୍ଗଠନ ପାଳିଲା ମାନବାଧିକାର ଦିବସ

**ଅମରପାଲି,୧୦।୧୨(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଙ୍ଗଠନ ତରଫରୁ କାର୍ଯ୍ୟାଳୟ ପରିସରରେ ଆନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ପୂର୍ବତନ ସଭାପତି ଭଗବାନ ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରତାପ ଶଙ୍କର ପାଣିଗ୍ରାହୀ ମୁଖ୍ୟ ଅତିଥି, ସପ୍ତଦୀପା ସାହିତ୍ୟ ସଂସଦ ସଭାପତି ଡ.ଦ୍ୱିତୀକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଏବଂ ଦୟାନିଧି ହୋତା ଓ ନାରାୟଣ ପ୍ରସାଦ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦାନ କରିଥିଲେ। ବଳରାମ କାଣ୍ଡ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନବାଧିକାର ଅଇନ ମଧ୍ୟରେ ସ୍ୱାସ୍ଥ୍ୟ, ଆର୍ଥିକ, ସାମାଜିକ ଓ ଶିକ୍ଷା ଭଳି ଅଧିକାର ସାମିଲ ହୋଇଛି। ଏହା ମଣିଷର ଜନ୍ମଗତ ଅଧିକାର। ଯାହାଦ୍ୱାରା ମଣିଷ ଜାତି, ରାଷ୍ଟ୍ରୀୟତା, ଧର୍ମ ଓ ଲିଙ୍ଗ ଆଧାରରେ ସେମାନଙ୍କୁ କେହି ପ୍ରତାରିତ କରିପାରିବେ ନାହିଁ। ସମସ୍ତ ବରିଷ୍ଠ ନାଗରିକ ଏହି ଲକ୍ଷ୍ୟରେ ଅନୁପ୍ରାଣିତ ହୋଇ ସମାଜର ହିତ ସାଧନ ପାଇଁ ସଂକଳ୍ପବଦ୍ଧ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅକ୍ରୁର କୁମାର ଦନ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।






## ତାଲୁକ ଆଇନ ସେବା ପ୍ରାଧିକରଣର ମାନବାଧିକାର ଦିବସ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

**ଅମରପାଲି,୧୦।୧୨(ପୀତାମ୍ବର ସାହୁ)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବ୍ଲକ ଉଚ୍ଚ ବିଦ୍ୟାଳୟରେ ବୀରମହାରାଜପୁର ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ସବଜଜ ତଥା ତାଲୁକ ଆଇନ ସେବା ପ୍ରାଧିକରଣ ଅଧକ୍ଷା ସରୋଜିନୀ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏସଡିଜେଏମ ରାଜଶ୍ରୀ ପଟ୍ଟନାୟକ, ସୁବର୍ଣ୍ଣପୁର ଶିଶୁ ମଙ୍ଗଳ ଅଧକ୍ଷ ଶଙ୍କର୍ଷଣ ପଣ୍ଡା ଯୋଗଦେଇ ମାନବାଧିକାର ରକ୍ଷା କରିବା ପାଇଁ ବିଭିନ୍ନ ଆଇନ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏହି ବର୍ଷର ବିଷୟ ବସ୍ତୁ 'ଆମର ଅଧିକାର, ଆମର ଭବିଷ୍ୟତ, ବର୍ତ୍ତମାନ ଶୀର୍ଷକ ବିଷୟବସ୍ତୁ ଉପରେ ଉଚ୍ଚବିଦ୍ୟାଳୟସ୍ତର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪ ଉଚ୍ଚବିଦ୍ୟାଳୟରୁ ଜଣେ ଲେଖାଏ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କେନ୍ଦୁପାଲି ଉଚ୍ଚବିଦ୍ୟାଳୟ ଛାତ୍ରୀ ନନ୍ଦିନୀ ମେହେର ପ୍ରଥମ, ବୀରମହାରାଜପୁର ସରକାରୀ ଉଚ୍ଚବିଦ୍ୟାଳୟର ଶୁଭମ ମେହେର ଦ୍ୱିତୀୟ ଓ ବୀରମହାରାଜପୁର ବାଳିକା ଉଚ୍ଚବିଦ୍ୟାଳୟର ଲିପ୍ସା ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ଛାତ୍ରୀ ପ୍ରତିଯୋଗୀଙ୍କୁ ପ୍ରାଧିକରଣ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବାଳକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।






ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପନୀରେ କୃତି ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ

କୁତ୍ରା, ୧୦।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ପରିସରରେ ଚାଲିଥିବା ୨ଦିନିଆ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସମ୍ବଲପୁର ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇ ସୁନ୍ଦରଗଡ଼ ଜିଲା ସତରେ ସୁନ୍ଦର ବୋଲି କହିବା ସହିତ କୁନି ଶିଶୁ ବୈଜ୍ଞାନିକମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶାରଙ୍ଗଧର ବରିହା, କୁତ୍ରା ବିଡିଓ ଯୁଗଳକିଶୋର ବିଶ୍ୱାଳ, ସୁନ୍ଦରଗଡ଼ ବିଇଓ ଲିଲିମାଗ୍ଲୋରିଆ ଡୁଙ୍ଗଡୁଙ୍ଗ, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର ବିଭାଗ ପ୍ରବନ୍ଧକ ଅଲେଖ ଦଲେଇ, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର ମୁଖ୍ୟ ରବିକୁମାର ଗୋଦାଲା, ଜେଏସ୍‌ଡବ୍ଲ୍ୟୁ କର୍ପୋରେଟ ମୁଖ୍ୟ କଲ୍ୟାଣ ଉଦ୍ଧବରାଓ ଯୋଡାଭେ, ଯାଜପୁର ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର୍ ମୁଖ୍ୟ ଶୁଭେନ୍ଦୁ ଗୋପେ, ଅନୁଷ୍ଠାନର ଆଲୁମିନି ସଭାପତି ଶଙ୍କର ପ୍ରସାଦ ଟପ୍ପୋ, ଏସ୍‌ଏମ୍‌ସି ସଭାପତି ମହେନ୍ଦ୍ର କୁଜୁର, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ର ଶେଖର ସା ପ୍ରମୁଖ ମଞ୍ଚାସୀନ ରହି କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଡ.ବିଭୀଷଣ ବାରିକ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବିଇଓ ଅଶୋକ ଲାକଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରକୁ ଚୟନ ହୋଇଛନ୍ତି। ସେମାନେ ହେଲେ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଝାରବେଡାର ଅର୍ଚ୍ଚିତା ଓରାମ, ବାଜିରାଉତ ଶିକ୍ଷାନିକେତନର ଦେବଜିତ ନାଏକ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଭଷ୍ମାର ପ୍ରଶଂସା ପଟେଲ, କଲୁଙ୍ଗା ଶିଳ୍ପାଞ୍ଚଳର ଓମପ୍ରକାଶ ଜେନା, ଡିପିଏସ ରାଉରକେଲା ଅନିମେସ ପଟ୍ଟନାୟକ, କୁତ୍ରା ଉଚ୍ଚ ବିଦ୍ୟାଳୟର ଅଲବିନସାହିଦ କୁଜୁର, ସେଣ୍ଟ ଟେରେସା ବିଦ୍ୟାଳୟର ଶ୍ରୀୟାନସି ତ୍ରିପାଠୀ। ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟର ୨୧ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏବିଇଓ ଲକ୍ଷ୍ମଣ ଜାମୁଣ୍ଡା, ମିନା କୁମାରୀ ଜେନା, ନିରଞ୍ଜନ ରାଉଳ, ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ନିତ୍ୟାନନ୍ଦ ବେହେରା, ଅମରେଶ ସାହୁ, ସୁନିତା ସରୋନିଆ, ବିଜୟ ବାରା, ଅନ୍ନପୂର୍ଣ୍ଣା ସା, ସଞ୍ଜିତା କୁଜୁର, ରବୀନ୍ଦ୍ର ପଣ୍ଡା, ମହେନ୍ଦ୍ର ସି, ଦୀପିକା କେର୍କେଟା, ଅବିନାଶ କର, ଧୃତିସୁନ୍ଦର ସାହୁ, ରୋହିତ ଜୟପୁରିଆ, ଜର୍ଷ୍ଟିନ ମିଞ୍ଜ, ରାଧାନାଥ ଦିଶରି, ଅଙ୍କିତା ବା, ସୁବର୍ଣ୍ଣ ସା ପ୍ରମୁଖଙ୍କ ସମେତ ସମସ୍ତ ସିଆର୍‌ସିସି ଓ ବ୍ଲକର ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ନୂଆବସ୍‌ଷ୍ଟାଣ୍ଡରେ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ଼,୧୦।୧୨(ଜୟ ନାରାୟଣ ମେଷ୍ଟୁଳି)

ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ମଙ୍ଗଳବାର ସୁନ୍ଦରଗଡ଼ ଗସ୍ତରେ ଆସି ଜିଲା ପୋଲିସ ମୁଖ୍ୟାଳୟ ପରିଦର୍ଶନ ସହ ସୁନ୍ଦରଗଡ଼ ଲୁହୁରାଡିପା ସ୍ଥିତ ନୂଆ ବସଷ୍ଟାଣ୍ଡ ଠାରେ ପୋଲିସ ସହାୟତା କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏଠାକୁ ଆସୁଥିବା ବସଯାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ପାଇଁ ପୋଲିସ ସେବା ଯୋଗାଇ ଦେବା ପାଇଁ ଏହା ଖୋଲାଯାଇଛି ବୋଲି ସେ କହିଥିଲେ। ଜନସାଧାରଣଙ୍କ ଦୀର୍ଘ ଦିନର ଦାବିକୁ ଉପଲବ୍ଧି କରି ପୋଲିସ ବିଭାଗ ତରଫରୁ ଏହି ପଦକ୍ଷେପ ନିଆଯାଇଛି। ଅଞ୍ଚଳରେ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା ସହ ଯାତ୍ରୀମାନଙ୍କ ନିରାପଦ ପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଉଦ୍‌ଘାଟନୀ



ନୂଆ ବସଷ୍ଟାଣ୍ଡ ଠାରେ ପୋଲିସ ସହାୟତା କେନ୍ଦ୍ର ଉଦ୍‌ଘାଟନୀ ମୁହୂର୍ତ୍ତ।

ସମାରୋହରେ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର, ଆଇପିଏସ୍ ଶିକ୍ଷା ନବୀଶ ଅନନ୍ୟା ଅବସ୍ଥୀ, ପୌରାଧ୍ୟକ୍ଷା ତନୟା ମିଶ୍ର, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡ଼ା, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏବଂ ସ୍ଥାନୀୟ କାଉନସିଲରଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହା ପରେ ରାୟ ଭଷ୍ମା ଥାନା ପରିଦର୍ଶନ କରି ଆମ ପୋଲିସ କମିଟିର ସଭ୍ୟମାନଙ୍କ ସହ ଆଲୋଚନା କରି ଅଞ୍ଚଳରେ ବିଭିନ୍ନ ଅପରାଧୀକ କାର୍ଯ୍ୟକଳାପକୁ ରୋକିବା ସହ ଧନଜୀବନ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ଦିଗରେ ଆଲୋଚନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଭୂୟାଁ ସମାଜ ପ୍ରତିନିଧି ମଣ୍ଡଳୀ

ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲାରେ ଜାତି ୫ ଶହ ଘର ଭୂୟାଁ ସମାଜର ବହୁବିଧ ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଭୂୟାଁ ସମାଜର ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ବିଧାନସଭା ପରିସରରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ଏହି ବିଷୟରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି



ମଣ୍ଡଳୀରେ ଭୂୟାଁ ସମାଜ ବିକାଶ ସଂଘର ସଭାପତି ଇଂ. ଅଜେକ ପ୍ରଧାନ, କେନ୍ଦ୍ରୀୟ କମିଟି ସଭାପତି ଅମୀୟ କୁମାର ପ୍ରଧାନ, ବିକାଶ ସଂଘର ସମ୍ପାଦକ ପ୍ରଦୀପ କାଲୋ, ସଦସ୍ୟ ନେହେରୁ ଧମେଲ, ତପନ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀରେ ଛାତ୍ରୀଛାତ୍ରଙ୍କ ସହିତ ଅତିଥି।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଆଇଟିଆଇ ପରିସରରେ ସୋମବାର ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରିନ୍‌ସିପାଲ ସାଗରିକା ନାଏକଙ୍କ ସଭାପତିତ୍ୱରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବଡ଼ଗାଁ ସରପଞ୍ଚ ସୁନ୍ଦର ସାମୁଏଲ ସଏ, ଆଇଟିଆଇର ଭାଇସ ପ୍ରିନ୍‌ସିପାଲ ଶୁଶିଲ ନାଏକ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସଭାକୁ ଶିକ୍ଷୟିତ୍ରୀ ସରିତା କମାର ପରିଚାଳନା କରିଥିଲେ। ଅନୁଷ୍ଠାନର କ୍ରୀଡ଼ା ସଂଯୋଜକ ସୌରଭ ପଣ୍ଡା ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଏହି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୩ଦିନ ଧରି ଚାଲିବ। ବଡ଼ଗାଁ ସ୍ନାତକ ମହାବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ଜିତେନ୍ଦ୍ର ବୁଡ଼ା କ୍ରୀଡ଼ା ପରିଚାଳନା କରୁଛନ୍ତି।

# ଦିବ୍ୟାଙ୍ଗ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋମବାର ବଡ଼ଗାଁ ବ୍ଲକର ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଦାଣ୍ଡଜମିରା ଗ୍ରାମପଞ୍ଚାୟତର ଦିବ୍ୟାଙ୍ଗ ଅଶୋକ କୁମାର ବେହେରା ଓ ତାଙ୍କର ସ୍ତ୍ରୀ ଜଲିମା କୁମାରୀ ସାହୁଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ଲକ୍ଷ ୫୦ ହଜାର ଓ ପାମରା ପଞ୍ଚାୟତର ଦିବ୍ୟାଙ୍ଗ ପରମେଶ୍ୱର ପ୍ରଧାନ ଓ ତାଙ୍କର ସ୍ତ୍ରୀ ମୁକ୍ତା ପ୍ରଧାନଙ୍କୁ ବିବାହ ପ୍ରୋତ୍ସାହନ ରାଶି ୨ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ବିଏଫ୍‌ଓ ସୁନିଲ ବାର୍ଲା, ବିଏସ୍‌ଏସ୍‌ଓ ରାକେଶ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବ୍ଲକସ୍ତରୀୟ ଯତରା ମହୋତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ସୁନ୍ଦରଗଡ଼, ୧୦।୧୨(ଜୟ ନାରାୟଣ ମେଷ୍ଟୁଳି)

ଜାନୁଆରୀ ୧ ହେଉଛି ସୁନ୍ଦରଗଡ଼ ଜିଲା ପ୍ରତିଷ୍ଠା ଦିବସ 'ସୁନ୍ଦରଗଡ଼ ଦିବସ' ଏବଂ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜିଲା ମହୋତ୍ସବ 'ଯତରା' ମଧ୍ୟ ଅନୁଷ୍ଠିତ ହେବ। ଏହି ଉଭୟ କାର୍ଯ୍ୟକ୍ରମ ସ୍ଥାନୀୟ ସରକାରୀ କଲେଜ ନିକଟ ପଡ଼ିଆଠାରେ ଆୟୋଜିତ ହେବ। ସେହିଭଳି ବ୍ଲକ ସ୍ତରରେ ମଧ୍ୟ ଯତରା ମହୋତ୍ସବ ଆୟୋଜିତ ହେବ। ସେନେଇ ମଙ୍ଗଳବାର ଓସାନ ଭିଡିଓ କନଫରେନ୍ସ ମାଧ୍ୟମରେ ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ନିଷ୍ପତ୍ତି ଅନୁସାରେ ଚଳିତ ମାସ ୧୫ ରୁ ୨୨ ତାରିଖ ପର୍ଯ୍ୟନ୍ତ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଏହି ଉପଲକ୍ଷେ ବ୍ଲକ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଯଥା ବକ୍ତୃତା, କୁଇଜ, ଡ୍ରଇଂ, ପେଣ୍ଟିଂ, ଦଳଗତ ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାଗୁଡ଼ିକ ସୁନ୍ଦରଗଡ଼ ଜିଲାର କଳା, ସଂସ୍କୃତି, ପରମ୍ପରା, ଐତିହ୍ୟ, ଦର୍ଶନୀୟ ସ୍ଥାନ ଆଦି ଉପରେ ପର୍ଯ୍ୟବେସିତ ରହିବ। ଡ୍ରଇଂ ଏବଂ ପେଣ୍ଟିଂରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କ କଳାକୃତିଗୁଡ଼ିକ ଜିଲାସ୍ତରରେ ହେବାକୁ ଥିବା ଚିତ୍ରକଳା ପ୍ରଦର୍ଶନୀରେ ସ୍ଥାନିତ କରାଯିବ। ସେହିଭଳି ବ୍ଲକ ସ୍ତରରେ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନରେ ଉନ୍ନୀତ ହୋଇଥିବା ପ୍ରତିଯୋଗୀମାନଙ୍କୁ ନେଇ ଜିଲା ସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ଏହି ବ୍ଲକସ୍ତରୀୟ ଯତରା କାର୍ଯ୍ୟକ୍ରମ ଉପଲକ୍ଷେ ରାଲି, ମାରାଥନ, ୱାକାଥନ, କଳସ ଯାତ୍ରା ଆଦି ମଧ୍ୟ ଆୟୋଜିତ କରାଯିବ। ବୈଠକରେ ଜିଲାପାଳ ମହାଜନ ବ୍ଲକସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ କିଭଳି ହେବ ତାହା ଉପରେ ଆଲୋଚନା କରିଥିଲେ। ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମଗୁଡ଼ିକ ସରସ ସୁନ୍ଦର ଭାବେ ଆୟୋଜିତ କରିବାକୁ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଶୀଘ୍ର ନିଜ ବ୍ଲକର କାର୍ଯ୍ୟକ୍ରମର କ୍ୟାଲେଣ୍ଡର ପ୍ରସ୍ତୁତି କରିବାକୁ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ପ୍ରମୁଖ ଉପସ୍ଥିତ ଥିଲେ।




# ପଞ୍ଚରାକୁ ହରାଇ ପାମରା ଏକାଦଶ ଚାମ୍ପିୟନ



ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ଗ୍ରାମର ଖେଳପଡିଆରେ ଗତ ୪ ତାରିଖଠାରୁ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ ପାମରା ଏକାଦଶ ଓ ପଞ୍ଚରା ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚରା ଟିମ୍‌କୁ ହରାଇ ପାମରା ଏକାଦଶ ଚାମ୍ପିୟନ ହୋଇଥିଲା। ଆୟୋଜକ କ୍ଲବର ସଦସ୍ୟ ବିଶ୍ୱଜିତ ମହାକୁଡ଼, କ୍ଷୀରୋଦ ବାରିକ, ବିଭୂତି ବାରିକ, ରିଙ୍କୁ ସାହୁ, ଜଗଦୀଶ ଖିଲାରୀ,ଉଦିତ ଖିଲାରୀ, ବିକାଶ ଖିଲାରୀ ଟୁର୍ନାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ଗ୍ରାମବାସୀ ଲଳିତ ରାଉତ, ନଳିନୀ ରଞ୍ଜନ ସାହୁ, କେଶବ ସାଥୁଆ, ବିରେନ୍ଦ୍ର ଖିଲାରୀ, ସନ୍ତୋଷ ସେଠ, ନବକୃଷ୍ଣ ଖିଲାରୀ, ଡମ୍ବରୁଧର ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ତାଲା ଭାଙ୍ଗି ଚୋରି ଅଭିଯୋଗ

ବଡ଼ଗାଁ,୧୦।୧୨(ଅଶୋକଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଚଲନାମୁଣ୍ଡା ଗ୍ରାମର ଜଣେ ମହିଳାଙ୍କ ଘର ତାଲା ଭାଙ୍ଗି ସୋମବାର ରାତିରେ ଚୋରି ହୋଇଛି। ମଙ୍ଗଳବାର ଏ ବିଷୟରେ ମହିଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ଅନୁଯାୟୀ ଚଲନାମୁଣ୍ଡା ଗ୍ରାମର ସୁରମନୀ ନାଏକ ତାଙ୍କର ସ୍ୱାମୀଙ୍କ ପୈତୃକ ଗ୍ରାମ ଗେଡୁବାହାଲ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗ ନେଇ ଚୋର ଦଳ ଘର ତାଲା ଭାଙ୍ଗି ପଶି ଆଲମିରାରେ ଥିବା ୪୦ ହଜାର ଟଙ୍କା ମୂଲ୍ୟର ସୁନାଗହଣା ଓ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ମଙ୍ଗଳବାର ସୁରମନୀ ଘରକୁ ଫେରି ଚୋରି ହୋଇଥିବା ଜାଣିପାରିଥିଲେ। ବଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସପ୍ତାହରେ ଭୋଇପାଲି ପଞ୍ଚାୟତ ନିକଟସ୍ଥ ଏକ ଘରୁ ଦିନ ଦ୍ୱିପ୍ରହରରେ ଚୋରି ହୋଇଥିଲା। ବଡ଼ଗାଁ ପୋଲିସ ଚୋର ଧରିବାରେ ବିଫଳ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଜିଲା ପୋଲିସ ଧ୍ୟାନ ଦେବାକୁ ଦାବି ହେଉଛି।



# ନିରନ୍ତର ଅଭ୍ୟାସ, ଅଧ୍ୟବସାୟରେ ସଫଳତାର ଶୀର୍ଷକୁ ଛୁଇଁପାରିବ

## ଦ୍ୱିତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ

**ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ଶିକ୍ଷା କାର୍ଯ୍ୟାଳୟ ଓ ଟିଆର୍‌ଏଲ କ୍ରୋସାକି ବେଲପାହାଡର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଜୁବଲି ହଲ ଗୁମାଡେରାଠାରେ ଦ୍ୱିତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଘାଟିତ ହୋଇଯାଇଛି। ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୫୦ଜଣ ଏଂ ଆକାଂକ୍ଷୀ ଛାତ୍ରଛାତ୍ରୀମାନଙ୍କୁ ନେଇ ୩ ଦିନିଆ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଅନୁଷ୍ଠିତ ହେଉଛି। ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ନିରନ୍ତର ଅଭ୍ୟାସ ଓ ଅଧ୍ୟବସାୟ ବଳରେ ଆମେ ସଫଳତାର ଶୀର୍ଷକୁ ଛୁଇଁ ପାରିବା ଓ ଦେଶ ଗଠନରେ ସହାୟକ ହୋଇ ପାରିବା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଅଧିକାରୀ ଡ଼ା. ରାଧାକାନ୍ତ ଗଡତିଆ ଯୋଗଦେଇ ଛାତ୍ରଛାତ୍ରୀମାନେ ଉଚ୍ଚାକାଂକ୍ଷୀ ହେବା ସାଙ୍ଗକୁ ଶିକ୍ଷଣକୁ ଏକ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ନିଜ ଛାତ୍ରଜୀବନର ଅନୁଭୂତି ବାଣ୍ଟିବା ସହ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ନ ହୋଇ ଭବିଷ୍ୟତରେ ଜଣେ ସଫଳ ବ୍ୟକ୍ତି ହେବା ସହ ଅଞ୍ଚଳ ତଥା ଦେଶର ସେବା କରିବା ପାଇଁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏହି କାର୍ଯ୍ୟକ୍ରମର ଲାଭ ଉଠାଇବା ସହିତ ଭବିଷ୍ୟତରେ ଜିଲାର ନାଁ ରଖିବା ପାଇଁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଜିଲା ଶିକ୍ଷାଧିକାରୀ ଗଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ଟିଆର୍‌ଏଲ୍ କ୍ରୋସାକି ବେଲପାହାଡର ଦୀପକ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପିଆର୍ ଏଣ୍ଡ ସି.ଏସ.ଆର ଡିଜିଏମ୍ ଡ଼ା ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଏଠାରେ ଚାଲୁ ରହିବ। ଏହାର ସଫଳ ରୂପାୟନ ପାଇଁ ୧୨ଜଣ ଅଭିଜ୍ଞ ବିଷୟ ଶିକ୍ଷକଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଛି। ଶିକ୍ଷକ ମହେଶ ପଧାନ, ଟିଆର୍‌ଏଲ୍ କ୍ରୋସାକିର ବ୍ରଜବନ୍ଧୁ ଶତପଥି ଓ ମନୋଜ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ'ରେ ଉପସ୍ଥିତ ଅତିଥି।

# ଜିଲାର କ୍ଷତିଗ୍ରସ୍ତ ରାସ୍ତା ମରାମତି ପାଇଁ ବିଧାନସଭାରେ ଦାବି କଲେ ଦେବଗଡ଼ ବିଧାୟକ

**ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାରେ କ୍ଷତିଗ୍ରସ୍ତ ରାସ୍ତାଗୁଡ଼ିକର ମରାମତି ପାଇଁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାନସଭାରେ ଦାବି ଉପସ୍ଥାପନ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ଏହାର ଉତ୍ତର ରଖିଛନ୍ତି। ବର୍ଷା ଋତୁ ପରେ ଦେବଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ବିଭିନ୍ନ ରାସ୍ତା କ୍ଷତିଗ୍ରସ୍ତ ହୋଇଛି ଓ ଏ ଗୁଡ଼ିକର ମରାମତି ଆବଶ୍ୟକ ରହିଛି। ସରକାର ଏଥିପ୍ରତି କ'ଣ ପଦକ୍ଷେପ ନେଉଛନ୍ତି ଏବଂ ରାସ୍ତା ମରାମତି ପାଇଁ କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ବିଭାଗୀୟ ମନ୍ତ୍ରୀ ଏହାର ଉତ୍ତର ଦେବା ସହିତ ମରାମତି ଆବଶ୍ୟକ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ପାଇଁ ଚଳିତ ଆର୍ଥିକ ବର୍ଷ ଅଣଯୋଜନା ମାଧ୍ୟମରେ ୨୮୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ୫ ବର୍ଷ ଅବଧି ପୂର୍ଣ୍ଣ ହୋଇଥିବା ୬ଟି ରାସ୍ତାର ସାମୟିକ ମରାମତି ପାଇଁ ୩୮୨ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର ହୋଇଛି ଏବଂ ଟେଣ୍ଡର ପ୍ରକ୍ରିୟା କରଣ ଚାଲିଥିବା ମନ୍ତ୍ରୀ ଉତ୍ତର ଦେଇଥିଲେ।

# ବିଶ୍ୱ ମାନବ ଅଧିକାର ଦିବସରେ ସଚେତନତା କାର୍ଯ୍ୟକ୍ରମ



ଆୟୋଜିତ ସଚେତନତା ଶୋଭାଯାତ୍ରା।

**ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)**

ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ଦେବଗଡ଼ ମହିଳା ଜନ କଲ୍ୟାଣ ସଙ୍ଗଠନ ପକ୍ଷରୁ ଦେବଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଥପ୍ରାନ୍ତ କାର୍ଯ୍ୟକ୍ରମ ମାଧ୍ୟମରେ ସଙ୍ଗଠନର ସଦସ୍ୟାମାନେ ଅଭିନୟ ଜରିଆରେ ଘରୋଇ ହିଂସା, ଯୌତୁକ ନିର୍ଯାତନା, କଲେଜ ଛାତ୍ରୀଙ୍କୁ ଅସଦାଚରଣ, ଯୁବତୀ ଚାଲାଣ ଆଦି ସାମାଜିକ କୁସଂସ୍କାର ବିରୋଧରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଜନ କଲ୍ୟାଣ ସଙ୍ଗଠନ କର୍ମକର୍ତ୍ତା ଓ ସଦସ୍ୟାମାନଙ୍କ ସମେତ ଦେବଗଡ ପୌରାଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲାପାଳ, ଏସ୍‌ପି


ବ୍ଲକ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ଆୟୋଜିତ ଅଭିଯୋଗ ଶୁଣାଣି।

**କୋଲାବିରା,୧୦।୧୨(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଜିଲାପାଳ ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନ ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୩ଟି ଅଭିଯୋଗ ଆଗତ ହୋଇଥିଲା। ସେଥିମଧ୍ୟରୁ ୧୦ଟିବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ପୋଖରାସାଲେରେ ସମବାୟ ସମିତି କାର୍ଯ୍ୟାଳୟ ନିର୍ମାଣ ସକାଶେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର, କୋଲାବିରା ପଞ୍ଚାୟତ ଅଧୀନସ୍ଥ ତରେଇକେଲାରେ ୧୦୦ ଶଯ୍ୟା ବିଶିଷ୍ଟ ଆଦିବାସୀ ହରିଜନ ହଷ୍ଟେଲର ପାଚେରି ନିର୍ମାଣ ଓ ଗହ୍ମାପାଲିରୁ ଜାମଚୁଆଁ ପର୍ଯ୍ୟନ୍ତ ନାଳରେ ସେତୁ ନିର୍ମାଣ ସକାଶେ ପଦକ୍ଷେପ ଗ୍ରହଣ ସମ୍ପର୍କିତ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଛି। ସେହିପରି ଶିବିରରେ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ଉପରେ ଶୁଣାଣି କରାଯାଇଛି।

# ମା' ମହାମାୟୀ ମନ୍ଦିର ରତ୍ନମୁଦ ଉତ୍ସବ ପାଇଁ କଳସ ଶୋଭାଯାତ୍ରା

**ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ଖପରସାହି ୱାର୍ଡ ନମ୍ବର-୧ରେ ନିର୍ମାଣାଧୀନ ମା' ମହାମାୟୀଙ୍କ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ବୁଧବାର ପାଳିତ ହେବାକୁ ଥିବା ବେଳେ ଏଥିପାଇଁ ପବିତ୍ର ମାର୍ଗଶୀ ଶୁକ୍ଳପକ୍ଷ ଦଶମୀ ତିଥିରେ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଡିଜେ ସାଉଣ୍ଡ ଓ ସଂକୀର୍ତ୍ତନର ତାଳେ ତାଳେ ଏକ ବିଶାଳ ଶୋଭାଯାତ୍ରାରେ ପ୍ରଧାନପାଟ ଜଳ ପ୍ରପାତରୁ କଳସୀରେ ଜଳ ସଂଗ୍ରହ କରି ନଗର ପରିକ୍ରମା କରିବା ପରେ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଅନୁରୂପ ଭାବେ ପୂର୍ବାହ୍ନରେ ଇନ୍ଦ୍ର-ଇନ୍ଦ୍ରାଣୀଙ୍କ ମୂର୍ତ୍ତି ନିମିତ ଦାରୁ ସଂଗ୍ରହ କରାଯାଇଥିଲା। ବୁଧବାର ସକାଳ ୮ଟା ସମୟରେ ପୂଜାରମ୍ଭ ଓ ଯଜ୍ଞ କାର୍ଯ୍ୟ ଶୁଭାରମ୍ଭ ହେବା ସହ ପୂର୍ବାହ୍ନ ୧୧ଟାରେ ରତ୍ନମୁଦ ଆଭରଣ କାର୍ଯ୍ୟକ୍ରମ ସମ୍ପନ୍ନ ହେବ। ଏଥିସହ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା ମଧ୍ୟ କରାଯାଇଥିବା ମନ୍ଦିର କମିଟି ପକ୍ଷରୁ ସୂଚନା ମିଳିଛି।



# କାରାଗାର ପ୍ରତିଷ୍ଠା ଦିବସ ପାଳିତ

**ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଜାତୀୟ ମାନବ ଅଧିକାର ଦିବସ ଉପଲକ୍ଷେ ମଙ୍ଗଳବାର ଦେବଗଡ଼ ସ୍ୱତନ୍ତ୍ର ଉପ କାରାଗାରରେ କାରାଗାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଉପ କାରାଗାର ଅଧୀକ୍ଷକ ବିକାଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ବୁଡା ଓ ସମିର କୁମାର ନନ୍ଦ ମଞ୍ଚାସୀନ ଥିଲେ। ଏହି ଅବସରରେ ଜେଲ ଅନ୍ତେବାସୀଙ୍କ ମଧ୍ୟରେ ଚେସ, ଭଲିବଲ, କାରମ, ଲୁଡୁ, ଝୋଟି, ମ୍ୟୁଜିକ ଚେୟାର, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜେଲ ଅନ୍ତେବାସୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସ୍ୱତନ୍ତ୍ର ଉପ କାରାଗାରର ସରିତା ସ୍ୱାଇଁ ଓ ଡୋଳାନନ୍ଦ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



ଜଣେ କୃତୀ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଉଛି।

# ବାଇକ୍‌ରୁ ଖସିପଡ଼ି ୩ ଗୁରୁତର

**ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଖୁଲୁଣ୍ଡିକୁଦର ଗ୍ରାମ ନିକଟସ୍ଥ ୨୩ ନମ୍ବର ଜାତୀୟ ରାଜପଥରେ ଏକ ବାଇକ୍‌ରୁ ଖସିପଡି ୩ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ସୁନ୍ଦରଗଡ଼ ଜିଲା ବଣାଇଁ ଝିଟାପାଲି ଗ୍ରାମର ତପନ କିସାନ(୨୫), ସଞ୍ଜୟ କିଷାନ (୨୨) ଓ ଅନ୍ୟ ଜଣେ ଯୁବକ ଏକ ବାଇକ୍ ଯୋଗେ ବଣାଇ ପଟୁ ଦେବଗଡ଼ ଜିଲା ବାରକୋଟ ଅଭିମୁଖେ ଆସୁଥିଲେ। ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟରେ ଖୁଲୁଣ୍ଡିକୁଦର ଗ୍ରାମ ନିକଟ ୨୩ ନମ୍ବର ଜାତୀୟ ରାଜପଥରେ ହଠାତ ଭାରସାମ୍ୟ ହରାଇ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଭଗବାନ ପାତ୍ର ନାମକ ଜଣେ ପାରା ଲିଗାଲ ଭଲ୍ୟୁଣ୍ଟିୟର ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଏକ ପିକ୍‌ଅପ୍ ଭ୍ୟାନ୍ ଯୋଗେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କ ପରିବାର ଲୋକେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ସେମାନଙ୍କୁ ରାଉରକେଲକୁ ନେଇ ଯାଇଥିବା ସୂଚନା ମିଳିଛି।




# ଝାରସୁଗୁଡ଼ା ସାଇନିଙ୍ଗ ଷ୍ଟାର ବିଜୟୀ

## ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

**ଝାରସୁଗୁଡ଼ା,୧୦।୧୨(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ଖେଳ ପଡିଆଠାରେ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଲିଗ୍‌ର ସପ୍ତମ ଦିନ ମଙ୍ଗଳବାର ସକାଳ ୯ଟାରେ ଝାରସୁଗୁଡ଼ା ସାଇନିଙ୍ଗ ଏବଂ ବ୍ରଜରାଜନଗର ଏମ୍ପିସନ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଝାରସୁଗୁଡ଼ା ସାଇନିଙ୍ଗ ଷ୍ଟାର ବିଜୟୀ ହୋଇଛି। ମ୍ୟାଚରେ ସାଇନିଙ୍ଗ ଷ୍ଟାର କ୍ରିକେଟ ଆସୋସିଏଶନ ବ୍ରଜରାଜନଗର ଏମ୍ପିସନ କ୍ଲବକୁ ୭ ଉଇକେଟରେ ପରାସ୍ତ କରିଛି। ଏମ୍ପିସନ କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରିବା ପାଇଁ ନିଷ୍ପତି ନେଇଥିଲା। ଦଳର କେବଳ ଧନଞ୍ଜୟ ଯାଦବ ୪୫ ବଲରେ ୩୯ ରନ କରିବାରେ ସମର୍ଥ ହୋଇଥିଲେ। ସାଇନିଙ୍ଗ ଷ୍ଟାରର ମୋହିତ କୁମାର ପ୍ରଭାବି ବୋଲିଂ କରି ୪.୧ ଓଭରରେ ମାତ୍ର ୬ ରନ ଦେଇ ୪ଟି ଉଇକେଟ ନେଇ ଏମ୍ପିସନ କ୍ଲବର ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ଏମ୍ପିସନ କ୍ଲବ ମାତ୍ର ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୫ ରନରେ ସୀମିତ ରହିଯାଇଥିଲା। ସାଇନିଙ୍ଗ ଷ୍ଟାର ୭୫ ରନର ଲକ୍ଷ୍ୟ ରଖି ବ୍ୟାଟିଂ ଆରମ୍ଭ କରିଥିଲା। ଦଳର କରନ ସିଂ ୩୦ ବଲରୁ ୨୩ ରନ, ସଚିନ ଶ୍ରେଷ୍ଠ ୨୪ ବଲରେ ୨୭ରନ କରି ୩ ଉଇକେଟ ହରାଇ ୨୩ ଓଭରରେ ସାଇନିଙ୍ଗ ଷ୍ଟାର କ୍ରିକେଟ ଆସୋସିଏଶନ ଝାରସୁଗୁଡା ୭ ଉଇକେଟରେ ବିଜୟୀ ହୋଇଥିଲା। ସାଇନିଙ୍ଗ ଷ୍ଟାରର ବୋଲର ମୋହିତ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଆଶିଷ ଦୁବେ ଯୋଗଦେଇଥିବା ବେଳେ ଗଣେଶ ମରାଇ, ପ୍ରଭଞ୍ଜନ ବଳ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇଥିଲେ।



# ନିର୍ମାଣ ହେବ ଏକାଧିକ ସଡ଼କ, ଫ୍ଲାଏଓଭର, ରିଂରୋଡ୍: ମୁଖ୍ୟମନ୍ତ୍ରୀ

## ଭୁବନେଶ୍ୱରରେ ଗାଡ଼ି ଚଳାଚଳ ଏବଂ ଟ୍ରାଫିକ୍ ସମସ୍ୟା ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଭୁବନେଶ୍ୱର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ଆବଶ୍ୟକତା ଦୃଷ୍ଟିରୁ ଗାଡ଼ି ଚଳାଚଳ ଏବଂ ଟ୍ରାଫିକ୍ ବ୍ୟବସ୍ଥାକୁ ଉପଯୋଗୀ ଓ ସହଜ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରିଛନ୍ତି। ଭୁବନେଶ୍ୱରରେ ଗାଡ଼ି ଚଳାଚଳ ଓ ଟ୍ରାଫିକ୍ ସମସ୍ୟା ଦୂରକରିବା ପାଇଁ ପୂର୍ତ୍ତ ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସହର ପାଇଁ ବିଭିନ୍ନ ସଡ଼କ ପ୍ରକଳ୍ପ ଯୋଜନା ଉପରେ ଲୋକସେବା ଭବନଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଏକ ତଥ୍ୟ ଉପସ୍ଥାପନ କରାଯାଇଛି।

ଏହି ଉପସ୍ଥାପନାରେ ଭୁବନେଶ୍ୱରର ଜୟଦେବ ବିହାର-ନନ୍ଦନକାନନ ନୂତନ ରାସ୍ତା, ଦୟା ୱେଷ୍ଟ କେନାଲ ଉପରେ ପଟିଆ ଷ୍ଟେଶନ ଛକଠାରୁ ଜାତୀୟ ରାଜପଥ-୧୬ ପର୍ଯ୍ୟନ୍ତ ରିଂରୋଡ୍, ସୁନ୍ଦରପଦା-ଜଟଣୀ ରାସ୍ତାର ଉନ୍ନତୀକରଣ, ପିତାପଲ୍ଲୀ-ତ୍ରିଶୂଳିଆ ରାସ୍ତାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାଥ୍‌ମେଟିକ୍ସଠାରୁ ଏକାମ୍ର କାନନ ପର୍ଯ୍ୟନ୍ତ ନୂତନ ରାସ୍ତା, କଳ୍ପନା ଛକ-ମ୍ୟୁଜିୟମ-ରବି ଟକିଜ ନୂତନ ଫ୍ଲାଏଓଭର, ଶିଶୁଭବନ-ମାଉସୀମା ମଧ୍ୟରେ ଆଉ ଏକ ଆର୍‌ଓବି, ତମାଣ୍ଡୋ-ଚନ୍ଦକା-ବାରଙ୍ଗ-ଧଉଳି-ତମାଣ୍ଡୋ ପର୍ଯ୍ୟନ୍ତ ରିଂରୋଡ୍ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରସ୍ତାବିତ ତଥ୍ୟ ଉପସ୍ଥାପନ କରାଯାଇଛି।

ସେହିପରି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱର-କଟକ-ପୁରୀ ଇକୋନୋମିକ୍ ରିଜିଅନ ଗଠନ ଏବଂ ଗ୍ରେଟର ଭୁବନେଶ୍ୱର ଗଠନ ସମ୍ପର୍କିତ ବିସ୍ତୃତ ତଥ୍ୟ ଉପସ୍ଥାପନ କରାଯାଇଛି। ବୈଠକରେ ୨ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ ପ୍ରଭାତୀ ପରିଡ଼ା, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ଭି.ଭି. ଯାଦବ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଲୋକସେବା ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ସଡ଼କ ପ୍ରକଳ୍ପ ଯୋଜନା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପୂର୍ତ୍ତ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ପ୍ରମୁଖ ଉପସ୍ଥିତ ଅଛନ୍ତି।




# ଓଡ଼ିଶାରେ ନଦୀ ଜଳମାର୍ଗର ବିକାଶ ପାଇଁ ହୋଇଛି ଦୀର୍ଘମିଆଦୀ ଯୋଜନା: ଧର୍ମେନ୍ଦ୍ର

**କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀଙ୍କ ସହ ଓଡ଼ିଶା ଏମ୍‌ପିଙ୍କ ଆଲୋଚନା**

## ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ପାରାଦୀପ ବନ୍ଦରର ହେବ ସାମଗ୍ରିକ ବିକାଶ: ସର୍ବାନନ୍ଦ

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଓଡ଼ିଶାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବନ୍ଦର, ନଦୀ ଜଳମାର୍ଗ ସମୂହର ବିକାଶ ପାଇଁ କ୍ରିୟାନ୍ୱୟନ ହେଉଥିବା ପ୍ରକଳ୍ପ ଏବଂ ଆଗାମୀ ଦିନର ଯୋଜନା ସମ୍ପର୍କରେ ମଙ୍ଗଳବାର ନୂଆଦିଲ୍ଲୀଠାରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଭାଜପା ଏମ୍‌ପିମାନେ ବିସ୍ତୃତ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ଧର୍ମେନ୍ଦ୍ର କହିଛନ୍ତି, ପୂର୍ବୋଦୟ ମିଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ଓଡ଼ିଶାର ସାମଗ୍ରିକ ବିକାଶ ବିଶେଷ ଭାବେ ପାରାଦୀପ ବନ୍ଦରକୁ ଅତ୍ୟାଧୁନିକ ବନ୍ଦରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର। ବୈଠକରେ ଓଡ଼ିଶାରେ ବନ୍ଦରଗୁଡ଼ିକର ତ୍ୱରିତ ବିକାଶ ପାଇଁ ଆଲୋଚନା ହୋଇଛି। ସେହିପରି ପୁରୀରେ କ୍ରୁଜ୍ ଟର୍ମିନାଲର ନିର୍ମାଣ, ମତ୍ସ୍ୟ ବିଭାଗ ସହ ମିଶି ରାଜ୍ୟ ଓ ଦେଶ ବାହାରକୁ ସାମୁଦ୍ରିକ ସାମଗ୍ରୀର ରପ୍ତାନି କରିବା ତଥା ମତ୍ସ୍ୟଜୀବୀଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଦିଗରେ ବିସ୍ତୃତ ଆଲୋଚନା ହୋଇଛି। ନଦୀ ଜଳମାର୍ଗର ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା ନେଇ ଡିପିଆର୍ ପ୍ରସ୍ତୁତ ହୋଇଥିବା ମନ୍ତ୍ରୀ ଅବଗତ କରାଇଛନ୍ତି। ଏହି ବୈଠକରେ ସାଗରମାଳା ପ୍ରକଳ୍ପ ସହ ଜାତୀୟ ଜଳମାର୍ଗ ୫ର ତ୍ୱରିତ ବିକାଶ ତଥା ବିଭିନ୍ନ ପର୍ଯ୍ୟାୟରେ ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାର ସଂଯୋଗୀକରଣ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଓଡ଼ିଶାରେ ଜାହାଜ ଶିଳ୍ପରେ କାମ କରୁଥିବା ଯୁବତୀଯୁବକମାନଙ୍କୁ ସ୍କିଲି, ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ ତଥା ଦକ୍ଷ କରିବା ଉପରେ ମଧ୍ୟ ଚର୍ଚ୍ଚା ହୋଇଛି। ଓଡ଼ିଶାରେ ଏହିସବୁ କାର୍ଯ୍ୟକୁ ଗୁରୁତ୍ୱର ସହ ନେଇ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ସୋନୱାଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବୈଠକ ସମ୍ପର୍କରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ପାରାଦୀପ ବନ୍ଦର ଦେଶର ସବୁଠୁ ବୃହତ୍ତମ ବନ୍ଦର ହୋଇସାରିଛି। ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ପାରାଦୀପ ବନ୍ଦରର ସାମଗ୍ରିକ ବିକାଶ, ଭାରତ ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭାରତୀୟ ଜଳମାର୍ଗର ବିକାଶ ନେଇ କ'ଣ ଯୋଜନା କରିହେବ, ସେନେଇ ଓଡ଼ିଶାର ଏମ୍‌ପିମାନଙ୍କ ସହ ଆଲୋଚନା ହୋଇଥିବା ସେ କହିଛନ୍ତ।

## ୨୦୨୩-୨୪ରେ ଗ୍ରାମୀଣ ସାକ୍ଷରତା ହାର ୭୭.୫%ରେ ପହଞ୍ଚିଛି: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଗତ ୧ ଦଶନ୍ଧି ମଧ୍ୟରେ ଭାରତର ସାକ୍ଷରତା ହାରରେ ଉଲ୍ଲେଖନୀୟ ଅଗ୍ରଗତି ତଥା ମହିଳା ସାକ୍ଷରତା ବୃଦ୍ଧି ହେତୁ ୨୦୨୩-୨୪ ବର୍ଷରେ ଭାରତର ଗ୍ରାମୀଣ ସାକ୍ଷରତା ହାର ଯଥେଷ୍ଟ ବୃଦ୍ଧି ପାଇ ୭୭.୫%ରେ ପହଞ୍ଚିଛି। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସ୍କାରମୂଳକ ପଦକ୍ଷେପ ଓ ଉଦ୍ୟମକୁ ଶ୍ରେୟ ଦେଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, କଂଗ୍ରେସ ଶାସନରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଛାତ୍ରୀଛାତ୍ରଙ୍କୁ ସବୁବେଳେ ଗୁଣାତ୍ମକ ଶିକ୍ଷାର ସନ୍ଧାନରେ ରହିବାକୁ ପଡୁଥିଲା। ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିଲା। ଦେଶର ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡ଼ିକ କେତେଜଣ ପ୍ରମୁଖ ଲୋକଙ୍କ ନିୟନ୍ତ୍ରଣରେ ରହୁଥିଲା। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି କ୍ଷେତ୍ରରେ ଅନେକ ସୁଧାର ଆସିଛି। ଗ୍ରାମୀଣ ସାକ୍ଷରତା ୨୦୧୧ରେ ୬୭.୭୭% ଥିବାବେଳେ ୨୦୨୩-୨୪ରେ ଏହା ୭୭.୫% କୁ ବୃଦ୍ଧି ପାଇଛି। ସେହିପରି ମହିଳା ସାକ୍ଷରତା ୫୭.୯୩% ରୁ ୭୪.୬%କୁ ବୃଦ୍ଧି ହୋଇଛି। ଏକବିଂଶ ଶତାବ୍ଦୀରେ ଶିକ୍ଷା ବିନା ଭାରତର ଉନ୍ନତି ଅସମ୍ପୂର୍ଣ୍ଣ। କେହି ଯେପରି ପଛରେ ନ ରହିଯିବେ, ସେଥିପ୍ରତି ପ୍ରଧାନମନ୍ତ୍ରୀ ବିଶେଷ ଦୃଷ୍ଟି ଦେଉଛନ୍ତି। ତାଙ୍କର ସଂସ୍କାର ଭାରତକୁ ଏପରି ଏକ ଭବିଷ୍ୟତ ଆଡ଼କୁ ନେଉଛି, ଯେଉଁଠାରେ ଶିକ୍ଷାର କୌଣସି ସୀମା ନାହିଁ। ୭୦ ବର୍ଷ ମଧ୍ୟରେ କଂଗ୍ରେସ ଦ୍ୱାରା କେବଳ ୭ଟି ଏମ୍‌ସ ପ୍ରତିଷ୍ଠା ହୋଇଥିଲା। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତରେ ୨୩ଟି ଏମ୍‌ସ ସ୍ଥାପିତ ହୋଇଛି। ୭୦୦ରୁ ଅଧିକ ମେଡିକାଲ କଲେଜ, ୫୦ ହଜାରରୁ ଅଧିକ କଲେଜ ରହିଛି। ଏମ୍‌ବିବିଏସ୍ ଓ ଆଇଆଇଟି ସିଟ୍ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଏହି ସଂଖ୍ୟାଗୁଡ଼ିକ ଭାରତର ଶିକ୍ଷା କ୍ଷେତ୍ରକୁ ନୂଆ ରୂପ ଦେଇଥିବା ପରିବର୍ତ୍ତନମୂଳକ ସଂସ୍କାରକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

# ୨ ବାଂଲାଦେଶୀ ମାଛଧରା ବୋଟ୍ ଜବତ: ୭୮ ଗିରଫ

**ଭାରତୀୟ ଜଳସୀମାରେ ମାଛ ଧରୁଥିଲେ**

ପାରାଦୀପ,୧୦।୧୨(ଶରତ ରାଉତ)

ଭାରତୀୟ ତଟରକ୍ଷୀ ବାହିନୀ (କୋଷ୍ଟଗାର୍ଡ) ମଙ୍ଗଳବାର ଭାରତୀୟ ସମୁଦ୍ର ସୀମାରୁ ୨ଟି ବାଂଲାଦେଶୀ ବଡ଼ ମାଛଧରା ବୋଟ୍ ଜବତ କରିଛି। ଗୋଟିଏ ବୋଟ୍‌ର ନାମ ଏଫ୍‌ଭି ମେଘନା ଥିବା ବେଳେ ଅନଟିର ନାମ ଲୈଲା ରହିଛି। ଏଫ୍‌ଭି ମେଘନାରେ ୪୨ ଜଣ ଏବଂ ଲୈଲାରେ ୩୬ ଜଣ କ୍ରିଉ ମେମ୍ବର ଥିବା ଜଣାପଡ଼ିଛି। ଯାଞ୍ଚ ସମୟରେ ସେମାନେ କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ସମସ୍ତ ୭୮ ବାଂଲାଦେଶୀଙ୍କୁ ମେରିଟାଇମ ଜୋନ ଆଇନ ୧୯୮୧ ବଳରେ ଗିରଫ କରାଯାଇଛି।

କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଅମୋଘ ଇଣ୍ଟରନ୍ୟାଶନାଲ ଭାରତୀୟ ଜଳସୀମା ପାଖରେ ସୋମବାର ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ବୋଟ ଦ୍ୱୟକୁ ଠାବ କରିଥିଲା। ଉଭୟ ବୋଟ ଭାରତୀୟ ଜଳସୀମା ମଧ୍ୟରେ ପ୍ରବେଶ କରି ମାଛ ଧରୁଥିଲେ। ସେଥିରୁ ୧୬୦ ଟନ୍ ମାଛ ମିଳିଛି। ଏହାପରେ ଉଭୟ ବୋଟକୁ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ଆଣି ମଙ୍ଗଳବାର ସନ୍ଧ୍ୟାରେ ପାରାଦୀପ ବନ୍ଦର କୋଷ୍ଟଗାର୍ଡ ବର୍ଥରେ ପହଞ୍ଚିଛି। ସେଥିରେ କୌଣସି ସନ୍ଦେହଜନକ ସାମଗ୍ରୀ ଅଛି କି ନାହିଁ ସେନେଇ କୋଷ୍ଟଗାର୍ଡ ପକ୍ଷରୁ ପୁନର୍ବାର ଯାଞ୍ଚ କରାଯାଇଛି। ଏହାଛଡ଼ା କ୍ରିଉ ମେମ୍ବରଙ୍କ ସମ୍ପର୍କରେ ଇମିଗ୍ରେଶନ ବିଭାଗ ସମେତ ଅନ୍ୟାନ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ସବୁ ବିଭାଗ ଯାଞ୍ଚ କରିବା ପରେ ବୋଟ୍‌କୁ ମେରାଇନ ପୋଲିସକୁ ହସ୍ତାନ୍ତର କରାଯିବ ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ମିଳିଛି। ଏଥିସହ କ୍ରିଉ ମେମ୍ବରମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ସେମାନେ ସୁସ୍ଥ ଥିବା ଜଣାପଡ଼ିଛି।

ପୂର୍ବରୁ ଭାରତୀୟ ଜଳସୀମା ପାଖରେ ବାଂଲାଦେଶୀ ବୋଟ୍ ଧରିବା ସମୟରେ ପ୍ରତିପକ୍ଷର କୋଷ୍ଟଗାର୍ଡ ଟିମ୍‌କୁ ଡାକି ହସ୍ତାନ୍ତର କରାଯାଉଥିଲା। ମାତ୍ର ଏଥର ସେପରି ଦେଖିବାକୁ ମିଳିନାହିଁ। ସୂଚନାଯୋଗ୍ୟ, ବାଂଲାଦେଶରେ ବିଦ୍ରୋହ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଦେଶ ଛାଡ଼ି ପଳାଇ ଆସିବା ପରେ ଭାରତ ସରକାର ତାଙ୍କୁ ରାଜନୈତିକ ଶରଣ ଦେଇଛନ୍ତି। ଏଥିଯୋଗୁ ବାଂଲାଦେଶ ଓ ଭାରତ ମଧ୍ୟରେ କୂଟନୈତିକ ସମ୍ପର୍କ ତିକ୍ତ ହେବାରେ ଲାଗିଛି। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ହେଉଛି। ଏପରି ଉତ୍ତେଜନା ସମୟରେ ବାଂଲାଦେଶର ବୋଟ ଜବତ ହେବା ଘଟଣା ଭିନ୍ନ ମୋଡ଼ ନେଇଛି।




ଗିରଫ ବାଂଲାଦେଶୀ

# ଧାନବିଲରେ ପଡ଼ି ହାତୀ ଶାବକ ମୃତ

ନୟାଗଡ଼/ରଣପୁର,୧୦।୧୨
(ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ମୟୂରଝାଲିଆ ଗାଁ ନିକଟସ୍ଥ ବୋରବୋର ବନ୍ଧ ପାଖ ଧାନକ୍ଷେତରେ ପଡି ଏକ ଦନ୍ତା ହାତୀ ଶାବକର ମୃତ୍ୟୁ ଘଟିଛି। ତେବେ ମୃତ୍ୟୁର କାରଣ ଜଣାପଡିନାହିଁ। ସେହି ହାତୀ ଶାବକକୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମଙ୍ଗଳବାର ସକାଳୁ ମୃତଦେହକୁ ବନ ବିଭାଗ କର୍ମଚାରୀମାନେ ଜବତ କରି ବ୍ୟବଚ୍ଛେଦ କରିବା ପରେ ପୋତିଦେଇଛନ୍ତି। ମୃତ ହାତୀ ଶାବକର ବୟସ ୩ ମାସ ହେବ ବୋଲି ବନ ବିଭାଗ କର୍ମଚାରୀମାନେ କହିଛନ୍ତି। ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ବୋରବୋର ବନ୍ଧ ନିକଟସ୍ଥ ଅଞ୍ଚଳରେ ଏକ ୪୨ଟିକିଆ ହାତୀପଲ ବିଲରେ ପଶି ବହୁ ଫସଲ ନଷ୍ଟ କରୁଥିଲେ। ଏହି ହାତୀପଲ ସନ୍ଧ୍ୟା ହେବା ପରେ ଧାନକ୍ଷେତରେ ପଶି ଫସଲ ଖାଇବା ସହ ଉତ୍ପାତ କରୁଥିଲେ। ଏହାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଚିନ୍ତାରେ ଥିଲେ। ସନ୍ଧ୍ୟା ହେବାମାତ୍ରେ ଗ୍ରାମବାସୀ ପଦାକୁ ବାହାରିବାକୁ ଭୟ କରୁଥିଲେ। ହେଲେ ମଙ୍ଗଳବାର ସକାଳେ ଧାନବିଲରେ ଏକ ହାତୀ ଛୁଆ ମରିପଡିଥିବା ଦେଖିବାକୁ ମିଳିଥିଲା। ଚାଷୀମାନେ ଏ ସଂକ୍ରାନ୍ତରେ ବନ ବିଭାଗକୁ ଖବର ଦେବା ପରେ ରଣପୁର ରେଞ୍ଜର, ଖୋର୍ଦ୍ଧା ଡିଏଫ୍‌ଓ ଓ ଏସିଏଫ୍‌ଙ୍କ ସମେତ ବନକର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ରଣପୁର ରେଞ୍ଜର ସୁଶାନ୍ତ ଦଳେଇ କୁହନ୍ତି, ଏହି ଦନ୍ତା ହାତୀ ଶାବକ ପ୍ରାୟ ୨ରୁ ୩ ଦିନ ତଳେ ମରିଥିବା ଜଣାପଡୁଛି। ମୃତ୍ୟୁର କାରଣ ଜଣାପଡିନି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



# ରାୟଗଡ଼ା ମହୋତ୍ସବ 'ଚଇତି'କୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



ଜିଲାପାଳ, ଭାଜପା ଜିଲା ସଭାପତିଙ୍କ ସହ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରୁଛନ୍ତି।

ରାୟଗଡ଼ା,୧୦।୧୨
(ଆଶିଷ ରଞ୍ଜନ ପଣ୍ଡା)

ଆସନ୍ତା ୨୬ରେ ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ 'ଚଇତି' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏ ନେଇ ଭାଜପା ଜିଲା ସଭାପତି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି। ଚଇତିରେ ଯୋଗଦେବା ପାଇଁ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରି, ଭାଜପା ଜିଲା ସଭାପତି ପଟ୍ଟନାୟକ, କାଳିରାମ ମାଝି ଏବଂ କୋରାପୁଟ ବିଧାୟକ ରଘୁରାମ ମାଛ ପ୍ରମୁଖ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ସମେତ ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ସୂର୍ଯ୍ୟବଂଶୀ ସୁରଜ, ବିଭୂତି ଜେନା, ରବି ନାୟକ ପ୍ରମୁଖ ଉପସ୍ଥିତ ରହିବେ ବୋଲି ଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ଚଇତି ଶୁଭ ଉଦ୍‌ଘାଟନ କରିବା ସହ ରାୟଗଡ଼ା ଜିଲାବାସୀଙ୍କୁ ସମ୍ବୋଧନ କରିବେ। ଏଥିସହ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣିବେ ବୋଲି ଜିଲା ସଭାପତି ପଟ୍ଟନାୟକ ସୂଚନା ଦେଇଛନ୍ତି। ଭାଜପା ସରକାର ଗଠନ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଏହା ପ୍ରଥମ ଗସ୍ତ ହୋଇଥିବାରୁ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଆଗାମୀ ଦିନରେ ଦଳର ନୂତନ ଜିଲା ସଭାପତି ପାଇଁ ସାଂଗଠନିକ ନିର୍ବାଚନ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଗୁଡ୍‌ବୁକ୍‌ରେ ଆସିବା ପାଇଁ ଦଳରେ ନେତାମାନଙ୍କ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ରାଜ୍ୟରେ ଭାଜପା ସରକାର ଗଠନ କରିଥିଲେ ମଧ୍ୟ କୋରାପୁଟ ଲୋକ ସଭା ସମେତ ଏହା ଅଧୀନ ୬ଟି ବିଧାନସଭା ଆସନ କଂଗ୍ରେସ ଦଖଲରେ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି।

# ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ପାଇଁ ଗଠନ ହେବ ଟାସ୍କଫୋର୍ସ

ଭୁବନେଶ୍ୱର,୧୦।୧୨
(ଅନିଲ ଦାସ)

ଗଞ୍ଜାମ ଜିଲା ଆସିକା ଚିନି କଳର ପୁନରୁଦ୍ଧାର ଓ ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ। ଏହି ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ। ଆସିକା ଚିନି ଶିଳ୍ପର ପୁନରୁଦ୍ଧାର ନିମନ୍ତେ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସିକା ଚିନିକଳ ଏକ ପୁରାତନ ଚିନିକଳ। ଏହା ଉପରେ ଅନେକ ଚାଷୀ ନିର୍ଭର କରନ୍ତି। ଏହାର ଉନ୍ନତୀକରଣ ଓ ପୁନରୁଦ୍ଧାର କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଏହି ଟାସ୍କଫୋର୍ସ ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟଗୁଡ଼ିକୁ ପରିଦର୍ଶନରେ ଯାଇ ସେଠାକାର ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବେ। ଟାସ୍କଫୋର୍ସ ରିପୋର୍ଟ ଆଧାରରେ ଏହି ଚିନିକଳର ପୁନରୁଦ୍ଧାର କରାଯିବ। ସୂଚନାଯୋଗ୍ୟ, ଆସିକା ସମବାୟ ଚିନିକଳ ୧୯୫୬ରେ ସ୍ଥାପିତ ହୋଇଥିଲା। ୧୯୬୩ରେ ଏଠାରେ ଚିନି ଉତ୍ପାଦନ ଆରମ୍ଭ ହୋଇଥିଲା। ପରେ ଏହାର କ୍ଷମତା ବୃଦ୍ଧି ହୋଇ ଚିନି ସହ ଅନ୍ୟାନ୍ୟ ପଦାର୍ଥ ମଧ୍ୟ ଉତ୍ପାଦନ କରାଯାଉଛି। ତେବେ ବର୍ତ୍ତମାନ ଏହା ଲାଭଜନକ ସ୍ଥିତିରେ ନାହିଁ। ଏହାର ପୁନରୁଦ୍ଧାର ପାଇଁ ପଦକ୍ଷେପ ନେବା ସକାଶେ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବୈଠକରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଅବକାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ହସ୍ତତନ୍ତ, ବୟନ, ହସ୍ତଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ, କୃଷି, ସମବାୟ ତଥା ଅବକାରୀ ବିଭାଗ ସଚିବ ଏବଂ ଗଞ୍ଜାମ ଜିଲାପାଳ ବୈଠକରେ ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଆଦାନୀ ପ୍ରସଙ୍ଗରେ ପାର୍ଲାମେଣ୍ଟ ପରିସରରେ ବିରୋଧୀଙ୍କ ବିକ୍ଷୋଭ

ନୂଆଦିଲ୍ଲୀ,୧୦।୧୨(ପି.ଟି.)

ଆଦାନୀ ଗ୍ରୁପ୍ ଭାରତୀୟ ଅଧିକାରୀମାନଙ୍କୁ ଲାଞ୍ଚ ଦେଇଥିବା ଆମେରିକାର ଏକ ଅଦାଲତ ଅଭିଯୋଗ ଦାଏର କରିଥିବାରୁ ଏହି ପ୍ରସଙ୍ଗରେ ବିରୋଧୀ ସଦସ୍ୟମାନେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କୋଟିପତି ବ୍ୟବସାୟୀ ଗୌତମ ଆଦାନୀଙ୍କ ଫଟୋ ଓ 'ମୋଦି ଆଦାନୀ ଭାଇ ଭାଇ' ଲେଖାଥିବା କଳା ବ୍ୟାଗ୍ ଧରି ବିକ୍ଷୋଭରେ ସାମିଲ ହୋଇଥିଲେ। ପାର୍ଲାମେଣ୍ଟର ମକର ଦ୍ୱାର ସମ୍ମୁଖରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ କଂଗ୍ରେସ, ଡିଏମ୍‌କେ, ଜେଏମ୍‌ଏମ୍, ବାମଦଳର ଏମ୍‌ପିମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। ମୋଦି ଏବଂ ଆଦାନୀ ଅନୈତିକ ମେଣ୍ଟ ବିରୋଧରେ ସେମାନେ ସ୍ଲୋଗାନ ଦେବା ସହ ଜେପିସି ଦ୍ୱାରା ଘଟଣାର ତଦନ୍ତ ଦାବି କରିଥିଲେ।

### ଲିଙ୍ଗାୟତଙ୍କୁ ସଂରକ୍ଷଣ ଦାବିରେ କର୍ନାଟକ ବିଧାନସଭା ଘେରାଉ

ବେଙ୍ଗାଲୁରୁ, ୧୦।୧୨

କର୍ନାଟକରେ ଲିଙ୍ଗାୟତ ପଞ୍ଚମସାଲି ସମୁଦାୟ ପାଇଁ ସଂରକ୍ଷଣ ଦାବିରେ ମଙ୍ଗଳବାର ବିଧାନସଭା ଘେରାଉ କରାଯାଇଛି। ସମୁଦାୟର ଧାର୍ମିକ ମୁଖ୍ୟ ବସଭ୍‌ଜୟ ମୃତ୍ୟୁଞ୍ଜୟ ସ୍ୱାମିଜୀଙ୍କ ନେତୃତ୍ୱରେ ପ୍ରଦର୍ଶନକାରୀ ସୁରକ୍ଷା କର୍ଡନ ଭାଙ୍ଗି ବିଧାନସଭା ଆଡ଼କୁ ଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ଲାଠିଚାର୍ଜ କରିଛି। ଫଳରେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୋଲିସ ସ୍ୱାମିଜୀଙ୍କ ସମେତ କେତେଜଣ ଭାଜପା ବିଧାୟକଙ୍କୁ ଅଟକ ରଖିଛି।

### ଟାଇୱାନ ଚାରିପଟେ ଚାଇନାର ଜାହାଜ, ଯୁଦ୍ଧବିମାନ

ତାଇପେଇ,୧୦।୧୨

ଟାଇୱାନ୍ ଚତୁଃପାର୍ଶ୍ୱରେ ଚାଇନା ଡଜନେ ନୌସେନା ଜାହାଜ ଏବଂ ୪୭ ସାମରିକ ବିମାନ ମୁତୟନ କରିଛି। ତେବେ କୌଣସି ଗୁଳିଗୋଳା କାର୍ଯ୍ୟକ୍ରମ ଦେଖିବାକୁ ମିଳିନାହିଁ। ଟାଇୱାନ ରାଷ୍ଟ୍ରପତି ଲାଇ ଚିଙ୍ଗ-ଟେ ଆମେରିକୀୟ ଅଞ୍ଚଳ ହାୱାଇ ଏବଂ ଗୁଆମ୍ ଗସ୍ତ କରିବା ପରେ ଚାଇନା ଏହାକୁ ଡରାଇବା ପାଇଁ ଶକ୍ତି ପ୍ରଦର୍ଶନ କରୁଥିବା କୁହାଯାଉଛି। ଟାଇୱାନ୍ ଅଧିକାରୀମାନେ ଏହାକୁ ପ୍ରଶିକ୍ଷଣ କହିଛନ୍ତି। ଏହି ପ୍ରଶିକ୍ଷଣ ଯୁଦ୍ଧାଭ୍ୟାସରେ ପରିଣତ ହୋଇ ଯୁଦ୍ଧରେ ରୂପାନ୍ତର ହୋଇପାରେ ବୋଲି ଟାଇୱାନ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ କହିଛନ୍ତି। ଚାଇନା ଟାଇୱାନ୍‌କୁ ନିଜ ଅଞ୍ଚଳ ଦାବି କରୁଥିବାରୁ ଏହାର ନେତାଙ୍କ ଆମେରିକା ସହ ଯୋଗାଯୋଗକୁ ବିରୋଧ କରିଆସୁଛି।

# ମମତାଙ୍କୁ 'ଇଣ୍ଡିଆ'ର ସମର୍ଥନ ବଢ଼ୁଛି

## ରାହୁଲଙ୍କ ଭୂମିକାକୁ ନେଇ ଉଠିଲା ପ୍ରଶ୍ନ

ନୂଆଦିଲ୍ଲୀ/ପାଟନା,୧୦।୧୨


ମମତା ବାନାର୍ଜୀ


ଲାଲୁ ପ୍ରସାଦ ଯାଦବ

ପାର୍ଲାମେଣ୍ଟର ଶୀତ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରକୁ ଘେରିବା ପାଇଁ ବିରୋଧୀ ରଣନୀତି ପ୍ରସ୍ତୁତ କରିଥିବାବେଳେ ଏବେ ସେମାନଙ୍କ ମଧ୍ୟରେ ମତଭେଦ ବଢ଼ିବାରେ ଲାଗିଛି। ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନେବାକୁ ଆଗ୍ରହ ପ୍ରକାଶ କରିବା ପରେ ତାଙ୍କୁ ଜଣେ ପରେ ଜଣେ ବିରୋଧୀ ନେତା ସମର୍ଥନ ଜଣାଇବାରେ ଲାଗିଛନ୍ତି। ଶେଷରେ ଆର୍‌ଜେଡିର ପ୍ରତିଷ୍ଠାତା ତଥା ବରିଷ୍ଠ ରାଜନେତା ଲାଲୁ ପ୍ରସାଦ ଯାଦବ ମଙ୍ଗଳବାର ମମତାଙ୍କ ନେତୃତ୍ୱ ସପକ୍ଷରେ ମତ ଦେଇଛନ୍ତି। ତୃଣମୂଳ କଂଗ୍ରେସ ନେତ୍ରୀ ବିରୋଧୀ ମେଣ୍ଟର ନେତୃତ୍ୱ ନେବା ଉଚିତ। ଆମେ ତାଙ୍କୁ ସମର୍ଥନ ଜଣାଇବୁ। ଏନେଇ କଂଗ୍ରେସ ପ୍ରତିବାଦର କିଛି ମାନେ ନ ଥିବା ଆର୍‌ଜେଡି ସୁପ୍ରିମୋ କହିଛନ୍ତି। ବିହାର ବିଧାନସଭା ନିର୍ବାଚନକୁ ଆଉ ମାତ୍ର ବର୍ଷେରୁ କମ୍ ସମୟ ଥିବାବେଳେ କଂଗ୍ରେସ-ଆର୍‌ଜେଡି ମେଣ୍ଟରେ ଫାଟ ଦେଖିବାକୁ ମିଳିଛି।

ଟିଏମ୍‌ସି ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନେବା ପ୍ରସ୍ତାବକୁ କଂଗ୍ରେସର କେତେଜଣ ଏମ୍‌ପି ବିରୋଧ କରିଥିବାବେଳେ କୌଣସି ପ୍ରତିକ୍ରିୟା ନ ଦେବାକୁ ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ମେଣ୍ଟରେ କଂଗ୍ରେସ ସର୍ବବୃହତ୍ ଦଳ ହୋଇଥିବାରୁ ଏହି ପ୍ରସଙ୍ଗର ସମାଧାନ କରିପାରିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତ ମାସ ଆରମ୍ଭରେ କଂଗ୍ରେସକୁ ପରୋକ୍ଷରେ କଟାକ୍ଷ କରି ଟିଏମ୍‌ସି ଅଧକ୍ଷା ମମତା କହିଥିଲେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧରେ ବିରୋଧୀ ମେଣ୍ଟ ନେଉଥିବା ନିଷ୍ପତ୍ତିରେ ସମସ୍ତଙ୍କୁ ସାଙ୍ଗରେ ନିଆଯିବା ଆବଶ୍ୟକ। ସେ କାହିଁକି ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱ ନ ନେବେ ବୋଲି ପ୍ରଶ୍ନ ହେବାରୁ ଯଦି ସୁଯୋଗ ମିଳେ ସେ ମେଣ୍ଟର ନେତୃତ୍ୱ ନେବା ପାଇଁ ଆଗ୍ରହୀ ବୋଲି ମମତା କହିଥିଲେ। ତେବେ ସେ ପଶ୍ଚିମବଙ୍ଗ ବାହାରକୁ ନ ଯାଇ କୋଲକାତାରୁ ମେଣ୍ଟ ଚଳାଇପାରିବେ ବୋଲି ସୂଚନା ଦେଇଥିଲେ। ପରେ ଇଣ୍ଡିଆ ବ୍ଲକ୍‌ର ପ୍ରମୁଖ ଦଳ ସମାଜବାଦୀ ପାର୍ଟି ଏବଂ ଶିବସେନା (ୟୁବିଟି)ର ନେତା ତଥା ଏନ୍‌ସିପି(ଏସ୍‌ପି)ର ଅଧ୍ୟକ୍ଷ ଶରଦ ପାୱାର ମଧ୍ୟ ମମତାଙ୍କ ନେତୃତ୍ୱ ସପକ୍ଷରେ ମତ ଦେଇଥିଲେ।

ପାର୍ଲାମେଣ୍ଟର ଶୀତ ଅଧିବେଶନ ଚାଲିଥିବାବେଳେ ଇଣ୍ଡିଆ ବ୍ଲକ୍‌ର ନେତୃତ୍ୱକୁ ନେଇ ମତଭେଦ ଦେଖାଦେଇଛି। ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଗୃହରେ ଆଦାନୀ ଗ୍ରୁପ୍ ଅଭିଯୁକ୍ତ ହେବା ପ୍ରସଙ୍ଗ ଉପରେ ଆଲୋଚନା ଦାବିରେ ଅଡିବସିଥିବାରୁ ପାର୍ଲାମେଣ୍ଟର ଉଭୟ ଗୃହ ବାରମ୍ବାର ମୁଲତବୀ ହେଉଛି। ଅନ୍ୟପକ୍ଷରେ ମୂଲ୍ୟ ବୃଦ୍ଧି, ବେରୋଜଗାରି ଏବଂ ମଣିପୁର ହିଂସା ଆଦି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବା ନିମନ୍ତେ ଗୃହ ଚାଲିବା ଟିଏମ୍‌ସି ଚାହୁଁଛି। କଂଗ୍ରେସ ପରେ ଇଣ୍ଡିଆ ବ୍ଲକ୍‌ର ଦୁଇ ବୃହତ୍ ବିରୋଧୀ ଦଳ ତୃଣମୂଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟିର ଏମ୍‌ପିମାନଙ୍କୁ ଆଦାନୀ ପ୍ରସଙ୍ଗ ବିରୋଧରେ ବିକ୍ଷୋଭରେ ଦେଖିବାକୁ ମିଳୁନାହିଁ।

ସୂଚନାଯୋଗ୍ୟ, ଆମେରିକା ନ୍ୟାୟ ବିଭାଗ ଆଦାନୀ ଗ୍ରୀନ୍‌ର ନିର୍ଦ୍ଦେଶକମାନଙ୍କୁ ଅଭିଯୁକ୍ତ କରିବା ପରେ ଏହା ଉପରେ ପାର୍ଲାମେଣ୍ଟରେ ଆଲୋଚନା ପାଇଁ ରାହୁଲ ଦାବି କରିଆସୁଛନ୍ତି। ଲୋକ ସଭା ନିର୍ବାଚନରେ ୯୯ ଆସନରେ ବିଜୟୀ ହେବା ପରେ କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ମାନ୍ୟତା ପାଇଛି। ତେବେ ହରିୟାଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଏହି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ବିରୋଧୀ ମେଣ୍ଟ ନେତୃତ୍ୱକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ମମତା ମେଣ୍ଟର ବୃହତ୍ ଅଂଶୀଦାର ହେବା ଉଚିତ ବୋଲି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ପୂର୍ବରୁ କହିଥିଲେ।

## ସବୁ କୋଭିଡ୍ ଟିକା ସ୍ଥଗିତ ରଖାଯାଉ

### ଡାକ୍ତରମାନଙ୍କ ଆହ୍ୱାନ

ଲଣ୍ଡନ,୧୦।୧୨(ପି.ଟି.)

ସମସ୍ତ କୋଭିଡ୍ ଏମ୍‌ଆର୍‌ଏନ୍‌ଏ ଟିକାକୁ ତୁରନ୍ତ ସ୍ଥଗିତ ରଖିବା ପାଇଁ ବିଶ୍ୱର ଅନେକ ଡାକ୍ତର ଏବଂ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଆହ୍ୱାନ ଦେଇଛନ୍ତି। ଏହି ଟିକା ମୃତ୍ୟୁସଂଖ୍ୟା ଅତ୍ୟଧିକ ବଢ଼ାଇପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରି ଏକ ପିଟିଶନ୍‌ରେ ସ୍ୱାକ୍ଷର କରିଛନ୍ତି। ହୋପ୍ ଆକର୍ଡ ନାମରେ ଏହି ପିଟିଶନ୍‌ରେ ସାରା ବିଶ୍ୱରୁ ସ୍ୱାକ୍ଷର ସଂଗ୍ରହ କରାଯାଇଥିବାବେଳେ ଅନ୍‌ଲାଇନ ଯୋଗେ ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରାଯାଇଛି। କୋଭିଡ୍ ଏମ୍‌ଆର୍‌ଏନ୍‌ଏ ଟିକା ବ୍ୟବହାର ଜାରି ରଖିବାର ପରିଣାମ ସମ୍ପର୍କରେ ଏଥିରେ ସତର୍କ କରିଦିଆଯାଇଛି। ଜିନ୍ ଆଧାରିତ ଟେକ୍ନୋଲୋଜି ବ୍ୟବହାର କରାଯାଇ ପ୍ରସ୍ତୁତ ଏହି ଟିକା କୋଭିଡ୍ ମହାମାରୀ ରୋକିବା ନିମନ୍ତେ ଜରୁରୀ ବ୍ୟବହାର ପାଇଁ ସ୍ୱୀକୃତି ଦିଆଯାଇଥିଲା। ତେବେ ଏହାର ଅତ୍ୟଧିକ ବ୍ୟବହାର ଭିନ୍ନକ୍ଷମ କରାଇବା ସହ ମୃତ୍ୟୁସଂଖ୍ୟା ବଢ଼ାଇବ ବୋଲି ଉକ୍ତ ପିଟିଶନ୍‌ରେ କୁହାଯାଇଛି।


ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ମସ୍କୋର କ୍ରେମଲିନ୍‌ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍‌ଙ୍କୁ ଭେଟୁଛନ୍ତି।

## ଏସ୍.ଏମ୍. କ୍ରିଷ୍ଣାଙ୍କ ପରଲୋକ

ବେଙ୍ଗାଲୁରୁ,୧୦।୧୨



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଏମ୍. କ୍ରିଷ୍ଣାଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ମାଣ୍ଡ୍ୟା ଜିଲାରେ ବୁଧବାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। କର୍ନାଟକ ସରକାର ତାଙ୍କ ପାଇଁ ୩ ଦିନିଆ ରାଜ୍ୟ ଶୋକ ଘୋଷଣା କରିଛନ୍ତି।

ବେଙ୍ଗାଲୁରୁକୁ ପ୍ରଯୁକ୍ତି ରାଜଧାନୀ କରାଇବା ସହ ବିଶ୍ୱ ମାନଚିତ୍ରରେ ସ୍ଥାନ ଦେବାରେ କ୍ରିଷ୍ଣାଙ୍କର ସବୁଠୁ ବଡ଼ ଭୂମିକା ଥିଲା। ଏହି ବର୍ଷୀୟାନ ନେତା ୧୯୩୨ ମେ' ୧ରେ ମାଣ୍ଡ୍ୟା ଜିଲାର ସୋମନାହଲ୍ଲିରେ ଜନ୍ମଗ୍ରହଣ କରିଥିଲେ। ୧୯୬୨ରେ ସେ ମାଦ୍ଦୁର ବିଧାନସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତି ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୧୯୬୮ରେ ମାଣ୍ଡ୍ୟା ଉପନିର୍ବାଚନ ଜିତି ସେ ଲୋକ ସଭାକୁ ଯାଇଥିଲେ। ପ୍ରଜା ସୋସିଆଲିଷ୍ଟ ପାର୍ଟିରେ କିଛିଦିନ ରହିବା ପରେ ସେ ୧୯୭୧ରେ କଂଗ୍ରେସରେ ସାମିଲ ହୋଇଥିଲେ। ୧୯୯୯ରେ କଂଗ୍ରେସ କର୍ନାଟକରେ ବିଜୟୀ ହେବା ପରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୦୪ରୁ ୨୦୦୮ ମହାରାଷ୍ଟ୍ର ରାଜ୍ୟପାଳ ଓ ୨୦୦୯ରେ କେନ୍ଦ୍ରରେ ବହିର୍ବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

କ୍ୟାରିୟରର ଶେଷ ପର୍ଯ୍ୟାୟରେ କ୍ରିଷ୍ଣା ଭାଜପାରେ ସାମିଲ ହୋଇଥିଲେ। ତାଙ୍କ ପରଲୋକରେ ଗଭୀର ମର୍ମାହତ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିବା ସହ ଅନ୍ୟମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ନିମନ୍ତେ ସେ ସବୁବେଳେ ଅକ୍ଳାନ୍ତ ପରିଶ୍ରମ କରୁଥିଲେ ବୋଲି କହିଛନ୍ତି। କ୍ରିଷ୍ଣାଙ୍କ ପରଲୋକରେ ମର୍ମାହତ ବୋଲି କର୍ନାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା କହିବା ସହ କେନ୍ଦ୍ରମନ୍ତ୍ରୀ ତଥା କର୍ନାଟକ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ସେବା ଅଦ୍ୱିତୀୟ ହୋଇ ରହିବ ବୋଲି କହିଛନ୍ତି।

## ମସ୍‌ଜିଦରେ ଚଢ଼ିଲା ବୁଲ୍‌ଡୋଜର



ଫତେପୁର, ୧୦।୧୨ (ପି.ଟି.)

ଉତ୍ତରପ୍ରଦେଶର ଫତେପୁର ଜିଲା ବାନ୍ଦା ରୋଡ୍‌ରେ ୧୮୦ ବର୍ଷ ପୁରୁଣା ନୁରି ଜାମା ମସ୍‌ଜିଦର ବେଆଇନ ଅଂଶକୁ ମଙ୍ଗଳବାର ଜିଲା ପ୍ରଶାସନ ଭାଙ୍ଗିଦେଇଛି। ଏଥି ପାଇଁ ୟୁପି ପିଡବ୍ଲ୍ୟୁଡି ପକ୍ଷରୁ ମାସେ ତଳୁ ନୋଟିସ ଦିଆଯାଇଥିଲା। ଶାନ୍ତି ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ ଫତେପୁର ଓ ଏହାର ଆଖପାଖ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପିଡବ୍ଲ୍ୟୁଡି ନୋଟିସ ବିରୋଧରେ ମସ୍‌ଜିଦ କମିଟି ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ମାମଲା ବିଚାରାଧୀନ ଥିବାବେଳେ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରାଯାଇଛି।

## ସିରିଆରେ ଇସ୍ରାଏଲ୍‌ର ବୋମା ବର୍ଷା

ଡମାସ୍କସ୍,୧୦।୧୨



ସିରିଆରେ ବଶର ଅଲ୍-ଅସାଦ୍ ସରକାର କ୍ଷମତାଚ୍ୟୁତ ହେବା ପରେ ଇସ୍ରାଏଲ୍‌ର ଯୁଦ୍ଧବିମାନଗୁଡ଼ିକ ସୋମବାର ରାତିରୁ ଡମାସ୍କସ୍ ସମେତ ସାରା ଦେଶରେ ପ୍ରବଳ ବୋମାମାଡ଼ ଜାରି ରଖିଛନ୍ତି। ତେବେ ଡମାସ୍କସ୍ ଅଭିମୁଖେ ଯିବା ଖବରକୁ ଇସ୍ରାଏଲ୍ ଖଣ୍ଡନ କରିଛି।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ସୋମବାର ରାତି ଓ ମଙ୍ଗଳବାର ଡମାସ୍କସ୍‌ରେ ବୋମାମାଡ଼ର ଶବ୍ଦ ଶୁଣିବାକୁ ମିଳିଛି। ଏଥିରେ ମିଶାଇଲ୍ ଲଞ୍ଚର, ହେଲିକପ୍ଟର ଏବଂ ଯୁଦ୍ଧବିମାନ ଧ୍ୱଂସ ହୋଇଥିବାର ଫଟୋ ଅନ୍‌ଲାଇନ୍‌ରେ ଘୂରିବୁଲୁଛି। ତେବେ ସିରିଆର ବିଦ୍ରୋହୀ ଉଗ୍ରପନ୍ଥୀ ସଂଗଠନ ହୟାତ୍ ତହରିର ଅଲ୍-ଶାମ (ଏଚ୍‌ଟିଏସ୍) ପକ୍ଷରୁ ତୁରନ୍ତ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ୧୯୭୩ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଇସ୍ରାଏଲ୍ ସିରିଆ ଭିତରେ ୪୦୦ ବର୍ଗ କିଲୋମିଟର ବଫର ଜୋନ୍‌କୁ ଅକ୍ତିଆର କରିଥିଲା। ସିରିଆ ରାଷ୍ଟ୍ରପତି ଅସାଦ କ୍ଷମତାଚ୍ୟୁତ ହେବା ପରେ କୌଣସି ଆକ୍ରମଣ ରୋକିବା ପାଇଁ ଇସ୍ରାଏଲ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ଅନ୍ୟପକ୍ଷରେ ସିରିଆ ପାଖରେ ଥିବା ରାସାୟନିକ ଅସ୍ତ୍ର ଯେପରି ଆତଙ୍କବାଦୀଙ୍କ ହାତରେ ନ ପଡେ, ସେଥିପାଇଁ ସେଠାର ସନ୍ଦିଗ୍ଧ ଅସ୍ତ୍ର ଭଣ୍ଡାରଗୁଡ଼ିକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ କହିଛି। ଯୁଦ୍ଧ ସମୟରେ ସୁରକ୍ଷା ଆଳରେ ପଡୋଶୀ ଅଞ୍ଚଳକୁ ଦଖଲ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ନିଜ ଅକ୍ତିଆରରେ ରଖିବାର ଦୀର୍ଘ ଇତିହାସ ଇସ୍ରାଏଲ୍‌ର ରହିଛି। ୧୯୬୭ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଏହି ଦେଶ ସିରିଆର ଗୋଲାନ ହାଇଟ୍‌କୁ ଦଖଲ କରିବା ସହ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ନ ମିଳିବା ପାଇଁ ଅକ୍ତିଆର କରି ରଖିଥିଲା।

ସିରିଆରେ ପାଖାପାଖି ୧୪ ବର୍ଷ ହେଲା ଗୃହଯୁଦ୍ଧ ଚାଲିଥିବାବେଳେ ବ୍ରିଟେନରେ ଥିବା ସିରିଆ ଅବ୍‌ଜରଭେଟୋରି ଫର୍ ହ୍ୟୁମାନ ରାଇଟ୍ସ ଏହା ଉପରେ ତୀକ୍ଷ୍ଣ ନଜର ରଖିଆସିଛି। ଅସାଦ ସରକାରର ପତନ ପରେ ଇସ୍ରାଏଲ୍ ସିରିଆରେ ୩୦୦ରୁ ଅଧିକ ଥର ଏୟାରଷ୍ଟ୍ରାଇକ୍ କରିଥିବା ଉକ୍ତ ଅବ୍‌ଜରଭେଟୋରି ପକ୍ଷରୁ କୁହାଯାଇଛି। ଇସ୍ରାଏଲ୍‌ର ଆକ୍ରମଣକୁ ତୁର୍କୀ, ଇଜିପ୍ଟ, କାତାର ଏବଂ ସାଉଦି ଆରବ ନିନ୍ଦା କରିଛନ୍ତି।

## ଫୁରସତ୍

# ହ୍ୟୁମାନ ୱାଶିଂ ମେଶିନ

### ୧୫ ମିନିଟ୍‌ରେ ସଫା କରିବ ମଣିଷ ଶରୀର

ଟୋକିଓ



ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଜାପାନ ବିଶ୍ୱର ଅଗ୍ରଣୀ ଦେଶ ଭାବରେ ବହୁ ସଫଳତା ହାସଲ କରିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ୱାଶିଂମେଶିନ ତିଆରି କରିଛନ୍ତି, ଯାହା ଜଣେ ବ୍ୟକ୍ତିଙ୍କର ଶରୀରକୁ ୧୫ରୁ ୨୦ ମିନିଟ୍‌ରେ ସମ୍ପୂର୍ଣ୍ଣ ସଫା କରିପାରିବ। ଏପରି ୱାଶିଂ ମେଶିନ ଦ୍ୱାରା ମଣିଷକୁ ଆଉ ପରିଶ୍ରମକରି ଗାଧୋଇବାର ଆବଶ୍ୟକତା ପଡ଼ିବ ନାହିଁ। ସାଧାରଣତଃ ପୋଷାକ ସଫା କରିବା ପାଇଁ ୱାଶିଂ ମେଶିନର ବ୍ୟବହାର ହେଉଥିବାବେଳେ ମଣିଷର ଶରୀରକୁ ସଫା କରିପାରୁଥିବା ଏହି ହ୍ୟୁମାନ ୱାଶିଂ ମେଶିନ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ଜାପାନର ଏକ ସାଇନ୍ସ କମ୍ପାନୀ ଦ୍ୱାରା ଏହି ହ୍ୟୁମାନ ୱାଶିଂ ମେଶିନକୁ ବିକଶିତ କରାଯାଇଛି । ଏହାର ନାମ 'ମିରାଇ ନିଙ୍ଗେନ୍ ସେଣ୍ଟାକୁକି' ରଖାଯାଇଛି। ଏହି ୱାଶିଂମେଶିନର ବ୍ୟବହାର କରି ଗାଧୋଇବା ଦ୍ୱାରା ସ୍ପା'ର ଅନୁଭୂତି ମିଳିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଏହି ନିଆରା ୱାଶିଂ ମେଶିନରେ ମଣିଷକୁ ସଫା କରିବା ପାଇଁ ଉନ୍ନତ ଜଳ ଜେଟ୍ ଏବଂ ମାଇକ୍ରୋ ଏୟାର ବବଲ୍ ରହିଛି। ଏକ ଜାପାନୀ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଏହି ଆଧୁନିକ ଯନ୍ତ୍ର ପ୍ରଥମେ ଏଆଇର ସାହାଯ୍ୟରେ ଲୋକଙ୍କ ଶରୀରକୁ ବିଶ୍ଳେଷଣ କରିବ ଏବଂ ଆବଶ୍ୟକତା ଅନୁଯାୟୀ ଶରୀରକୁ ସଫା କରିବ। ଏହି ମେଶିନରେ ଅଧା ଉଷୁମ ପାଣି ଭରି ହୋଇ ରହିଥିବା ବେଳେ ଗାଧୋଇବାକୁ ଚାହୁଁଥିବା ବ୍ୟକ୍ତି ଏହା ମଧ୍ୟରେ ପଶି ବସିପାରିବେ। ଏହାପରେ ହାଇ ସ୍ପିଡ୍ ଜେଟ୍‌ରୁ ଛୋଟ ଛୋଟ ଫେଣ ସୃଷ୍ଟି ହେବା ଆରମ୍ଭ ହେବ, ଯାହା ବ୍ୟକ୍ତିଙ୍କର ଚର୍ମରେ ଥିବା ମଇଳାକୁ ସଫା କରିବ। ଏହି ୱାଶିଂ ମେଶିନ ଲଗାତର ଭାବେ ଗାଧୋଉଥିବା ବ୍ୟକ୍ତିଙ୍କର ଶରୀର ସମ୍ପର୍କରେ ସୂଚନା ସଂଗ୍ରହ କରିବ ଏବଂ ତଦନୁଯାୟୀ ଉପଯୁକ୍ତ ତାପମାତ୍ରାର ବ୍ୟବହାର କରି ଶରୀରକୁ ସଫା କରିବ। ତେବେ ଏହି ହ୍ୟୁମାନ ୱାଶିଂ ମେଶିନ କେବଳ ମଣିଷର ଶରୀରକୁ ସଫା କରିବ ତାହା ନୁହେଁ ବରଂ ଏହା ମନକୁ ମଧ୍ୟ ଶାନ୍ତି ପ୍ରଦାନ କରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଜାପାନରେ ଆସନ୍ତା ବର୍ଷ ହେବାକୁ ଥିବା 'ଓସାକୋ ଏକ୍ସପୋ ୨୦୨୫'ରେ ପ୍ରଥମଥର ପାଇଁ ଏହି ଆଧୁନିକ ଯନ୍ତ୍ରକୁ ପ୍ରଦର୍ଶିତ କରାଯିବ। ସେତେବେଳେ ପ୍ରାୟ ହଜାର ଲୋକଙ୍କୁ ଟ୍ରାଏଲ ଭିତ୍ତିରେ ଏହି ୱାଶିଂ ମେଶିନର ବ୍ୟବହାର କରିବା ପାଇଁ ସୁଯୋଗ ଦିଆଯିବ।

## 'ରାମାୟଣ'ରେ ସନ୍ନି

ମୁମ୍ବାଇ



ସମ୍ପ୍ରତି 'ରାମାୟଣ' ଫିଲ୍ମର କାଷ୍ଟିଂକୁ ନେଇ ବହୁ ଚର୍ଚ୍ଚା ଓ ଆଲୋଚନା ଜାରି ରହିଛି। ନୀତୀଶ ତିୱାରୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଥିବା ଏହି ଫିଲ୍ମରେ ଅଭିନେତା ରଣବୀର କପୁର ଭଗବାନ ଶ୍ରୀରାମଙ୍କ ଭୂମିକାରେ ଓ ଅଭିନେତ୍ରୀ ସାଇ ପଲ୍ଲବୀ ମାତା ସୀତାଙ୍କ ଭୂମିକାରେ ନଜରକୁ ଆସିବେ। ସେହିପରି ଏହି ବିଗ୍ ବଜେଟ ଫିଲ୍ମରେ ଲକ୍ଷ୍ମଣଙ୍କ ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି ବୋଲି ଅଭିନେତା ରବି ଦୁବେ କିଛିଦିନ ତଳେ ସୂଚନା ଦେଇଥିଲେ। ଏହାରି ମଧ୍ୟରେ ଅଭିନେତା ସନ୍ନି ଦେଓଲଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର ସାମ୍ନାକୁ ଆସିଛି। ସନ୍ନି 'ରାମାୟଣ'ର ଏକ ଅଂଶ ହେବାକୁ ଯାଉଥିବା ନେଇ ଖୋଦ୍ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। 'ରାମାୟଣ' ଫିଲ୍ମରେ ସନ୍ନି ହନୁମାନଙ୍କ ଚରିତ୍ରରେ ଅଭିନୟ କରିବେ ବୋଲି କିଛି ଦିନ ହେବ ଚର୍ଚ୍ଚା ଲାଗି ରହିଥିଲା। ମଙ୍ଗଳବାର ପ୍ରଥମ ଥର ପାଇଁ ସନ୍ନି 'ରାମାୟଣ' ଫିଲ୍ମକୁ ନେଇ ନିଜର ନୀରବତା ଭାଙ୍ଗିଛନ୍ତି। ଏକ ସାକ୍ଷାତ୍‌କାରରେ ସନ୍ନି କହିଛନ୍ତି, ହଲିଉଡ୍ ଚଳଚ୍ଚିତ୍ର 'ଅବତାର' ଏବଂ 'ପ୍ଲାନେଟ ଅଫ୍ ଆପ୍ସ' ଭଳି 'ରାମାୟଣ' ମଧ୍ୟ ଏକ ବିଗ୍ ବଜେଟ୍ ଫିଲ୍ମ। ଫିଲ୍ମରେ କାହାକୁ କେଉଁ ପ୍ରକାରର ଭୂମିକା ଦିଆଯିବ ସେନେଇ ଫିଲ୍ମର ଲେଖକ ଏବଂ ନିର୍ଦ୍ଦେଶକ ସ୍ପଷ୍ଟ ଅଛନ୍ତି। ସେ ନିଶ୍ଚିତ ଭାବେ 'ରାମାୟଣ' ଫିଲ୍ମରେ ନଜରକୁ ଆସିବେ ଆଉ ଏଥିପାଇଁ ସେ ବହୁତ୍ ଖୁସି ଥିବା ସନ୍ନି କହିଛନ୍ତି। ତେବେ ସେ କେଉଁ ଭୂମିକାରେ ଅଭିନୟ କରିବେ ତାହା ସ୍ପଷ୍ଟ କରିନାହାନ୍ତି।

# ମସ୍‌ଜିଦ କାମକୁ କେନ୍ଦ୍ର କରି ୨ ଗୋଷ୍ଠୀ ମାରପିଟ, ୧୦ କୋର୍ଟଚାଲାଣ



ମସଜିଦ ଅଞ୍ଚଳରେ ପୋଲିସ ଫୋର୍ସ ପଇଁତରା ମାରୁଛନ୍ତି।

ସୋହେଲା,୧୦।୧୨ (ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ ନିର୍ମାଣଧୀନ ମସ୍‌ଜିଦରେ କାମ କରିବାକୁ କେନ୍ଦ୍ର କରି ମଙ୍ଗଳବାର ଦୁଇ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଛି। ଏଥିରେ ଉଭୟ ପକ୍ଷର ଲୋକେ ଆହତ ହୋଇଛନ୍ତି। ଉକ୍ତ ଘଟଣାକୁ ନେଇ ଉଭୟ ପକ୍ଷରୁ ୧୦ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମହମ୍ମଦ ସିରାଜ, ମହମ୍ମଦ ହୁସେନ, ଇରଫାନ ଭୋପଲା, ଶମ୍ଭୁ ମିର୍ଜା, ନବାବ ଖାନ, ମହମ୍ମଦ କରିମ, ଅକ୍ରମ ମିର୍ଜା, ମହମ୍ମଦ ଅରସଦ, ମିର୍ଜା ଅସଲମ ଏବଂ ମହମ୍ମଦ ଗୁଲାମ। ସମସ୍ତ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଛି। ଏ ନେଇ ସୋହେଲା ଥାନାରେ ପୃଥକ୍ ୨ଟି ମାମଲା( ନଂ.୪୨୨/୨୪, ନଂ.୪୨୩/୨୪) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ସୋହେଲାରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ପୁରୁଣା ମସଜିଦକୁ ଭାଙ୍ଗି ନୂଆ ମସଜିଦ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ନୂଆ ମସଜିଦ ନିର୍ମାଣ ହେବା ଦିନଠାରୁ କମିଟିର ଆୟବ୍ୟୟ ହିସାବକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ମଙ୍ଗଳବାର ଗୋଟିଏ ଗୋଷ୍ଠୀ ଜୋର୍‌ଜବରଦସ୍ତ ମସଜିଦରେ କାମ କରିବାକୁ ଯାଇଥିବା ବେଳେ ଅପର ଗୋଷ୍ଠୀ ବିରୋଧ କରିଥିଲେ। ଫଳରେ ସେଠାରେ ଉଭୟ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଖବର ପାଇ ବରଗଡ଼ ଆଡିଶନାଲ ଏସ୍‌ପି ସୌରଭ ଓତା, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ୩ ପ୍ଲାଟୁନ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସେହିପରି ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯିବା ସହ ମସ୍‌ଜିଦ ଅଞ୍ଚଳ ତଥା ପଡ଼ାରେ ଫୋର୍ସ ମୁତୟନ କରାଯାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସୋହେଲା ଥାନା ଆଇଆଇସି ଶଶିଭୂଷଣ ମିଶ୍ର, ବିଜେପୁର ଆଇଆଇସି ଧୀରେନ୍ଦ୍ର ସ୍ୱାଇଁ, ଗାଇସିଲେଟ ଆଇସିସି ପ୍ରଶାନ୍ତ ସାମଲ, ଜଗଦଲପୁର ଆଇଆଇସି କୈଳାଶ ଚନ୍ଦ୍ର ହୋତା, ଝାରବନ୍ଧର କ୍ରେସେନସିଆ ସାମରିଆ ଓ ପାଇକମାଳର ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଅଧିକାରୀ ସୋହେଲାରେ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ରଡ୍‌ରେ ପିଟି ବାପାଙ୍କୁ ହତ୍ୟା

ବାସୁଦେବପୁର,୧୦।୧୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ଖରିଦା ବିନାୟକପୁର ପଞ୍ଚାୟତର ବେଲସାଉଁଳିଆ ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ପୁଅ ରଡ୍‌ରେ ଆକ୍ରମଣ କରିବାରୁ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବସନ୍ତ ମଳିକ(୫୦)। ବାସୁଦେବପୁର ପୋଲିସ ମୃତଦେହ ଜବତ କରିବା ସହ ପୁଅ ଶିବ ମଳିକ(୨୫)ଙ୍କୁ ଥାନାରେ ଅଟକ ରଖିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହିବାର କଥା କି ଯାଉଛି**
**ନଅଟା ଧାନରେ ଛଅଟା ଚକୁଳି**
**ଦି'ପାଖେ ଘିଅ ବହି ଯାଉଛି।**

ବଢ଼େଇ କରି କଥା କହିବାର ବା ଢମ ଗପିବାର ଇଏ ହେଉଛି ଏକ ଶୈଳୀ। ନିଜେ ଯେତେ ନୁହେଁ କି ଯାହା ନୁହଁ, ତା'ଠାରୁ ଅତିରଞ୍ଜିତ କରି ପ୍ରକାଶ କରିବା କିଛି ବ୍ୟକ୍ତିଙ୍କ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କିମ୍ଭୀରିଆ ନଦୀ, କୁଆରିଆ ପାଣି**
**ଗାଧୋଇ ଯିବ ବେଳକାଳ ଜାଣି।**

ଯେଉଁ ନଈରେ କୁମ୍ଭୀର ଥାଏ ସେହି ନଈ ବଡ଼ ବିପଦପୂର୍ଣ୍ଣ ହୋଇଥିବା ଜଣାଯାଏ। ସେହିପରି ପାଣିରେ ଅଧିକ କୁଆର ଉଠୁଥିଲେ କିଛି ଅଘଟଣ ଘଟିବାର ସମ୍ଭାବନା ରହିଥାଏ। ଏପରିସ୍ଥଳେ ସେଠାରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ୍ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

### ଡିଜିପି ସମ୍ମିଳନୀ ବେଳେ ପନ୍ନୁଙ୍କ ନାଁରେ ଧମକପୂର୍ଣ୍ଣ ମେଲ୍ ପ୍ରସଙ୍ଗ

# ବିଦେଶରୁ ଆସିଥିଲା ମେଲ୍

ଭୁବନେଶ୍ୱର,୧୦।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ସର୍ବଭାରତୀୟ ୫୯ତମ ଡିଜିପି- ଆଇଜିପି ସମ୍ମିଳନୀ ଚାଲିଥିବାବେଳେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ତଥା ଶିଖ୍ ଫର୍ ଜଷ୍ଟିସ୍‌ର ମୁଖ୍ୟ ଗୁରୁପତ୍‌ୱନ୍ତ ସିଂ ପନ୍ନୁଙ୍କ ନାଁରେ ଆସିଥିବା ଧମକ୍‌ପୂର୍ଣ୍ଣ ମେଲ୍‌କୁ ନେଇ କ୍ରାଇମବ୍ରାଞ୍ଚ ଅଧିକ ତଦନ୍ତ ଜାରି ରଖିଛି। ତେବେ ଉକ୍ତ ମେଲ୍ ବିଦେଶରୁ ଆସିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ ଏବଂ ଅନ୍ୟ କେତେଜଣ ସାମ୍ବାଦିକଙ୍କୁ ଏଭଳି ମେଲ୍ ଆସିଥିବା ବେଳେ ଏଥିପାଇଁ ୨ଟି ଭିପିଏନ୍ (ଭର୍ଚ୍ଚୁଆଲ୍ ପ୍ରାଇଭେଟ୍ ନେଟୱର୍କ) ସିଷ୍ଟମ ବ୍ୟବହାର ହୋଇଥିଲା। ଗୋଟିଏ କାନାଡ଼ା ଏବଂ ଅନ୍ୟଟି ଆମେରିକାର ଭିପିଏନ୍ ବୋଲି କ୍ରାଇମ୍‌ବ୍ରାଞ୍ଚ ଜାଣିବାକୁ ପାଇଛି। ଏହି ଦୁଇ ଦେଶରୁ ମେଲ୍ ଆସିଥିବା କ୍ରାଇମ୍‌ବ୍ରାଞ୍ଚ ଆଶଙ୍କା କରୁଛି। ତେବେ ଏହି ମାମଲାରେ କ୍ରାଇମବ୍ରାଞ୍ଚ ଅଧିକ ଖୋଳତାଡ କରୁଛି। ଏସମ୍ପର୍କରେ କେନ୍ଦ୍ରୀୟ ଏଜେନ୍ସିକୁ ଅବଗତ କରାଯିବା ସହ ଆବଶ୍ୟକ ପଡ଼ିଲେ ଇଣ୍ଟରପୋଲର ସହାୟତା ନିଆଯିବ ବୋଲି କ୍ରାଇମବ୍ରାଞ୍ଚ ଆଇଜି ସଫିନ୍ ଅହମ୍ମଦ କହିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ମେଲ୍‌ରେ ଡିସେମ୍ବର ୧ ଡି-ଡେ' ବୋଲି ଘୋଷଣା କରାଯିବା ସହ ଉକ୍ତ ଦିନ ଭୁବନେଶ୍ୱର ବିମାନ ବନ୍ଦରକୁ ଉଡ଼ାଣ କରନ୍ତୁ ନାହିଁ ବୋଲି ଚେତାବନୀ ଦିଆଯାଇଥିଲା। ଏଥିସହ ହିନ୍ଦୁ ଆତଙ୍କବାଦୀ ମୋଦି ମନ୍ଦିର ମାଳିନୀ ଭୁବନେଶ୍ୱରକୁ ଏକ ଆତଙ୍କବାଦୀ ସହରରେ ପରିଣତ କରିଛନ୍ତି ବୋଲି କୁହାଯିବା ସହ ମାଓବାଦୀ, ନକ୍ସଲ, କଶ୍ମୀର ଓ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ଆହ୍ୱାନ ଦେଇ ସମ୍ମିଳନୀକୁ ଭଣ୍ଡୁର କରିବାକୁ ଆହ୍ୱାନ ଦିଆଯାଇଥିଲା। ଏପରିକି ଖଲିସ୍ତାନୀ ପତାକା ଉଡ଼ାଇବା ବ୍ୟକ୍ତିଙ୍କୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା ହୋଇଥିଲା। ଏହାପରେ କ୍ରାଇମବ୍ରାଞ୍ଚର ସାଇବର୍ ସେଲ୍ ଅକ୍ଷୟଙ୍କ ଅଫିସରେ ପହଞ୍ଚି ମେଲ୍ ଯାଞ୍ଚ କରିବା ସହ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନେଇଛି।

# ନେତା, ଅଧିକାରୀଙ୍କ ଚାପରେ ହୋଇଥିଲା ଏତଲା

### ଟାଟା ମୋଟର୍ସରେ ଚାକିରି ନାଁରେ ଠକେଇ ମାମଲା

- ଏତଲାକାରୀ କୋର୍ଟରେ ଦେଲେ ବୟାନ
- କୋର୍ଟରେ ହାଜର ହେଲେ ଏମ୍‌ପି ପ୍ରଦୀପ

ବ୍ରହ୍ମପୁର,୧୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲା ମଙ୍ଗଳବାର ଭିନ୍ନ ମୋଡ଼ ନେଇଛି। ଏସଂକ୍ରାନ୍ତରେ ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବା ଦୁଇଟି ଠକେଇ ମାମଲା ଜିଆର୍-୨୨୨୫/୨୦ର ଏତଲାକାରୀ ଲକ୍ଷ୍ମୀଧର ନାୟକ ଓ ଜିଆର୍-୬୨/୨୧ର ଏତଲାକାରୀ ପ୍ରଭାତ ନାୟକ ଭିନ୍ନ ବୟାନ ଦେଇଛନ୍ତି। ସେମାନଙ୍କଠାରୁ ଏହି ମାମଲାର ଅଭିଯୁକ୍ତ ଥିବା ଗୋପାଳପୁରର ପୂର୍ବତନ ବିଧାୟକ ତଥା ଏବେକାର ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ କୌଣସି ଟଙ୍କା ନେଇ ନାହାନ୍ତି ବରଂ ସେ ସମୟରେ ବିଜେଡିର କେତେଜଣ ନେତା, ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ କଥାରେ ପଡ଼ି ପ୍ରଦୀପଙ୍କ ବିରୋଧରେ ଏତଲା ଦେଇଥିଲେ ବୋଲି ଉଭୟେ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଦୁଇ ଏତଲାକାରୀଙ୍କ ଏଭଳି ବୟାନ ଏମ୍‌ପି ପ୍ରଦୀପଙ୍କ ପାଇଁ ଆଶ୍ୱସ୍ତି ଆଣିଛି।

ପ୍ରକାଶ ଯେ, ଏମ୍‌ପି ଓ ବିଧାୟକଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର କୋର୍ଟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାର ମଙ୍ଗଳବାର ଶୁଣାଣି ଆରମ୍ଭ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ଥିବା ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ କୋର୍ଟରେ ହାଜର ହୋଇଥିଲେ। ପ୍ରଥମ ଦିନରେ ଏତଲାକାରୀଦ୍ୱୟଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଲକ୍ଷ୍ମୀଧର ଏବଂ ପ୍ରଭାତ ଉଭୟେ ବିଜେଡିର କେତେଜଣ ନେତା, ବରିଷ୍ଠ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀଙ୍କ କଥାରେ ପଡ଼ି ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ଏତଲା ଦେଇଥିଲେ ବୋଲି ବୟାନରେ ଉଲ୍ଲେଖ କରିଛନ୍ତି। ଏପରି କି ଉଭୟେ ପ୍ରଦୀପଙ୍କୁ କୌଣସି ଟଙ୍କା ଦେଇ ନ ଥିଲେ ବୋଲି କହିଥିବା ପ୍ରଦୀପଙ୍କ ଓକିଲ ଦୀପକ ପଟ୍ଟନାୟକ ଓ ଅସିତ ଶତପଥୀ ସୂଚନା ଦେଇଛନ୍ତି। ଏହାପୂର୍ବରୁ ଉପରୋକ୍ତ ୨ ଜଣଙ୍କ ସମେତ ୪ଜଣ ଏତଲାକାରୀ ଗତ ମେ ମାସରେ ମାମଲା ପ୍ରତ୍ୟାହାର କରିବାକୁ କୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଟଙ୍କା ଠକେଇ କରିବା ନେଇ ଗୋପାଳପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ଏମ୍‌ପି ପ୍ରଦୀପଙ୍କ ନାଁରେ ଅଭିଯୋଗ ହୋଇଥିଲା। ପ୍ରଥମେ କ୍ରାଇମବ୍ରାଞ୍ଚ ନିକଟରେ ଅଭିଯୋଗ ପରେ କଟକ ସାଇବର ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ୨୦୨୦ ନଭେମ୍ବରରେ ବ୍ରହ୍ମପୁର ଆସିଥିଲା। ତଦନ୍ତ ପରେ ପର୍ଯ୍ୟାୟ କ୍ରମେ ପ୍ରଦୀପଙ୍କ ନାମରେ ୫ଟି ଠକେଇ ମାମଲା ରୁଜୁ ହୋଇଥିଲା। ୪ଟି ମାମଲା ଗୋଳନ୍ଥରା ଥାନାରେ ରୁଜୁ ହୋଇଥିବାବେଳେ ଗୋଟିଏ ବୈଦ୍ୟନାଥପୁର ଥାନାରେ ରୁଜୁ ହୋଇଥିଲା। ଗତ ମାସରେ ସମସ୍ତ ମାମଲାର ଚାର୍ଜଫ୍ରେମ ସରିବା ପରେ ଶୁଣାଣି ଆରମ୍ଭ ହୋଇଛି।



ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀ କୋର୍ଟରୁ ବାହାରୁଛନ୍ତି।

## ୨୦ ଦାଦନ ଶ୍ରମିକ ଉଦ୍ଧାର, ୫ ଦଲାଲ ଗିରଫ



ଜବତ ୩ ଚାରିଚକିଆ ଗାଡି।

ନୂଆପଡ଼ା,୧୦।୧୨ (ମକାରୁ ବେମାଲ)

ନୂଆପଡ଼ା ସଦର ଥାନା ପୋଲିସ ସୋମବାର ରାତିରେ ଚାଲାଣ ବେଳେ ୨୦ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ୫ ଦଲାଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ କୋମନା ଥାନା ଠିକପାଲି ପଞ୍ଚାୟତ ସେମେଲପାଲି ଗାଁର କାର୍ତ୍ତିକ ମହତ (୪୩), ଲଖନା ଥାନା ବଙ୍ଗାମୁଣ୍ଡା ଗାଁ ଲୋକେଶ କୁମାର ସାହୁ (୩୭), ମୁକେଶ କୁମାର ସାହୁ (୩୪), ଦିନେଶ କୁମାର ସାହୁ (୩୦) ଓ ନରେନ୍ଦ୍ର ରଣା (୩୨)। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ଦଲାଲମାନେ ୩ଟି ଚାରିଚକିଆ ଗାଡିରେ ୨୦ ଜଣ ଶ୍ରମିକଙ୍କୁ ଆଣି ନୂଆପଡ଼ା ରେଳ ଷ୍ଟେଶନରେ ଟ୍ରେନ୍‌ରେ ବସାଇ କରିମନଗରକୁ ପଠାଇବା ଯୋଜନା କରିଥିଲେ। ସେହି ସମୟରେ ନୂଆପଡ଼ା ପୋଲିସ କୌଣସି ସୂତ୍ରରୁ ଖବର ପାଇ ରେଳଷ୍ଟେଶନ ପାଖରେ ୩ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ିରେ ଥିବା ୨୦ ଜଣ ଶ୍ରମିକ କରିମନଗର ଯାଉଥିବା ସ୍ୱୀକାର କରିଥିଲେ। ପୋଲିସ ୩ ଟି ଚାରିଚକିଆ ଗାଡି, ୫ ମୋବାଇଲ ଫୋନ, ନଗଦ ୨୦ ହଜାର ଟଙ୍କା ଜବତ କରି ୫ ଜଣ ଦାଦନ ଦଲାଲଙ୍କୁ ଗିରଫ କରିଥିଲା। ଦାଦନ ଶ୍ରମିକମାନେ ବଲାଙ୍ଗୀର ଜିଲା ଭେଲୁଆଲ ଖୋଲ ଗାଁ, କୋମନା ଥାନା ସିଙ୍ଗାରି, ସେମେଲପାଲି, ଲଖନା ଓ ବଙ୍ଗାମୁଣ୍ଡା ଗାଁର ଥିଲେ। ସେମାନଙ୍କୁ ପୋଲିସ ଉଦ୍ଧାର କରି ନିଜ ନିଜ ଘରକୁ ପଠାଇ ଦେଇଛି। ଏ ନେଇ ନୂଆପଡା ସଦର ଥାନାରେ ଏକ ମାମଲା (ନଂ.୨୪୨/୨୪) ରୁଜୁ କରି ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏଥିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ କରାଯାଉଛି ବୋଲି ସଦର ଥାନା ଅଧିକାରୀ ଗଙ୍ଗାଧର ମେହେର ସୂଚନା ଦେଇଛନ୍ତି।

## ବିଧବାଙ୍କୁ ଗଣବଳାତ୍କାର, ୪ଜଣଙ୍କ ବିରୋଧରେ ମାମଲା

ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)

ସ୍ୱାମୀଙ୍କ ମୃତ୍ୟୁ ପରେ ଶ୍ୱଶୁର ଘର ଛାଡି ବାପ ଘରେ ରହୁଥିବା ଜଣେ ବିଧବା ମହିଳା (୩୫)ଙ୍କୁ ସ୍ପଷ୍ଟ ଦିବାଲୋକରେ ଜଙ୍ଗଲକୁ ଟେକିନେଇ ୪ଜଣ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ପୀଡ଼ିତା ମହିଳା ଜଣଙ୍କ ବାପା, ମା' ଓ ନାବାଳିକା ଝିଅ ସହିତ ଦେବଗଡ଼ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୪ଜଣଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମହିଳା ଦର୍ଶାଇଥିବା ଘଟଣାସ୍ଥଳକୁ ଯାଇ ତଦନ୍ତ ପରିକ୍ରିୟା ତ୍ୱରାନ୍ୱିତ କରିଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରିଆମାଳ ଥାନା ଅଞ୍ଚଳରେ ବିବାହ କରିଥିବା ଦେବଗଡ଼ ଥାନା ଅଞ୍ଚଳର ଜଣେ ମହିଳା ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ୧୨/୧୩ ବର୍ଷ ହେବ ନିଜ ଝିଅ ସହ ଦେବଗଡ଼ ଥାନା ଅଞ୍ଚଳ ବାପଘରେ ରହନ୍ତି। ମହିଳା ଜଣକ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ବଳମ ସାପ୍ତାହିକ ବଜାରରୁ ବସ୍ ଯୋଗେ ଫେରି କଲାମାଟି ଛକରେ ଓହ୍ଲାଇଥିଲେ। ସେଠାରେ ଗଜୁରୀବଣି ଗ୍ରାମର ଦୀପକ କିଣ୍ଡୋ ତାଙ୍କୁ ବାପଘରେ ଛାଡି ଦେବାକୁ କହି ବାଇକ୍‌ରେ ବସାଇଥିଲେ। ସେ ମହିଳାଙ୍କୁ ତାଙ୍କ ବାପଘରେ ଛାଡିବା ପରେ ସେଠାରେ କିଛି ସମୟ ବସିଥିଲେ। ମହିଳା ଜଣକ ନିକଟ ଗ୍ରାମରୁ ତାଙ୍କ ମା'ଙ୍କୁ ଆଣିବାକୁ ଯିବା ପାଇଁ ତାଙ୍କ ଝିଅକୁ କହିବାରୁ ଦୀପକ ବାଇକ୍ ଯୋଗେ ସେଠାରେ ପହଞ୍ଚାଇଦେବ କହି ମହିଳାଙ୍କୁ ନେଇଥିଲେ। ଅଳ୍ପ ଦୂର ଯିବା ପରେ ଦୀପକ ତାଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଫଳରେ ମହିଳା ଜଣକ ବାଇକ୍ ଅଟକାଇବାକୁ କହି ଓହ୍ଲାଇ ଚାଲି ଘରକୁ ଫେରୁଥିଲେ। ପରେ ଦୀପକ ପଛପଟୁ ଆସି କଲାମାଟିସ୍ଥିତ ଏକଲବ୍ୟ ସ୍କୁଲ ନିକଟରେ ତାଙ୍କ ହାତକୁ ଧରି ପକାଇଥିଲେ। ଏହି ସମୟରେ ଦୀପକ ସହିତ ଅନ୍ୟ ୩ଜଣ ଯୁବକ ମଧ୍ୟ ରହିଥିଲେ। ୪ଜଣ ମିଶି ମହିଳାଙ୍କୁ ଜୋରଜବରଦସ୍ତ ଜଙ୍ଗଲକୁ ଟାଣି ନେବା ସହ ଦୀପକ ଓ ତାଙ୍କ ସମ୍ପର୍କୀୟ ଭାଇ ସରୋଜ ଏକ୍କା ଓ ଅନ୍ୟ ୨ଜଣ ଯୁବକ ଜଣେ ପରେ ଜଣେ ବଳାତ୍କାର କରିଥିଲେ।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ

ନୂଆପଡ଼ା,୧୦।୧୨ (ମକାରୁ ବେମାଲ)

ନୂଆପଡ଼ା ଅତିରିକ୍ତ ଦୌରା ଜଜ୍ ତଥା ପୋକ୍‌ସୋ ଜଜ୍ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ସୂଚନା ମୁତାବକ, ୨୦୨୧ ମାର୍ଚ୍ଚ ୬ରେ ନୂଆପଡ଼ା ଜିଲା ସିନାପାଲି ଥାନାରେ ଏକ ବଳାତ୍କାର ମାମଲା (ନଂ.୬୧/୨୧) ରୁଜୁ ହୋଇଥିଲା। ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୨୦୨୧ ମାର୍ଚ୍ଚ ୪ରେ ତାଙ୍କ ୧୭ ବର୍ଷୀୟା ଝିଅ ସନ୍ଧ୍ୟା ସମୟରେ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କଲା ପରେ ମଧ୍ୟ କୌଣସି ଖବର ପାଇ ନ ଥିଲେ । ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଛାନ୍‌ଭିନ୍ କରିବା ପରେ ପୀଡ଼ିତାଙ୍କୁ ଏକ ସ୍କୁଲ ଶୌଚାଳୟ ଭିତରୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ବୟାନ ଅନୁଯାୟୀ, ସେ ଶୌଚ ପାଇଁ ଯିବା ସମୟରେ ସିନାପାଲି ଥାନା ଗୋରଲା ପଞ୍ଚାୟତ କୁସୁମଖୁଟା ଗାଁର ପୁଷ୍ପରାଜ ମାଝି (୨୩) ଜୋରଜବରଦସ୍ତ ଟେକିନେଇ ସ୍କୁଲ ଶୌଚାଳୟରେ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ବୟାନକୁ ଆଧାର କରି ପୋଲିସ ଆଇପିସି ଦଫା ୩୬୩/୩୭୬(୨) (ଏନ୍) ଓ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରିଥିଲା । ଏହି ମାମଲାରେ ମୋଟ ୨୧ ଜଣଙ୍କ ସାକ୍ଷ୍ୟକୁ ଭିତ୍ତିକରି ନୂଆପଡ଼ା ଅତିରିକ୍ତ ଦୌରା ଜଜ୍ ମୀନାକ୍ଷୀ ଦାସ ଅଭିଯୁକ୍ତ ପୁଷ୍ପରାଜଙ୍କୁ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଘାସିରାମ ବାଗ ଓ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଅଧିବକ୍ତା ଶ୍ୱେତରାମ ଦେୱାଙ୍ଗନ ମାମଲା ପରିଚାଳନା କରୁଥିଲେ।

## ପୂର୍ବତନ ସରପଞ୍ଚଙ୍କୁ ୩ ବର୍ଷ ଜେଲଦଣ୍ଡ

### ୪.୮୪ ଲକ୍ଷ ସରକାରୀ ଅର୍ଥ ଆତ୍ମସାତ୍ ମାମଲା

ଭୁବନେଶ୍ୱର,୧୦।୧୨(ସତ୍ୟଜିତ୍ ରାଉତ)

୪ ଲକ୍ଷ ୮୪ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ରାୟ ପ୍ରକାଶ କରି ନୟାଗଡ଼ ଜିଲା ଡମସାହି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ହରିଚନ୍ଦନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଭୂତିଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୨୫ ହଜାର ଜରିମାନା ଦେବାକୁ ବିଚାରପତି ଦେବାଶିଷ ରାଉତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ବିଭୂତି ସରପଞ୍ଚ ଥିବାବେଳେ ଜାଲିଆତି କରି ଏହି ଦୁର୍ନୀତି କରିଥିଲେ। ଡମସାହି ଗ୍ରାମ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଗୋଡ଼ିପଡ଼ା ଗ୍ରାମ୍ୟ ବ୍ୟାଙ୍କରେ ୩ଟି ଜଏଣ୍ଟ ଆକାଉଣ୍ଟ ଥିଲା। ସେଗୁଡ଼ିକ ହେଲା ଇନ୍ଦିରା ଆବାସ ଯୋଜନା (ଆଇଏୱାଇ), ଟେନ୍‌ଥ ଫାଇନାନ୍ସ କମିଶନ୍(ଟିଏଏଫ୍‌ସି) ଓ ଗ୍ରାମ ପଞ୍ଚାୟତ ଫଣ୍ଡ ଆକାଉଣ୍ଟ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ବିଭୂତି ନ ଜଣାଇ ଉକ୍ତ ବ୍ୟାଙ୍କରୁ ୩ଟି ଆକାଉଣ୍ଟର ୩ଟି ଚେକବୁକ୍ ଆଣିଥିଲେ। ଆଇଏୱାଇରୁ ୯ଟି, ଟିଏଫ୍‌ସିରୁ ୨ଟି ଓ ଗ୍ରାମ ପଞ୍ଚାୟତ ଫଣ୍ଡ ଆକାଉଣ୍ଟରୁ ଗୋଟିଏ ସେଲଫ୍ ଚେକ୍‌ରେ କାର୍ଯ୍ୟନିର୍ବାହୀ ଅଫିସରଙ୍କ ଦସ୍ତଖତକୁ ଜାଲିଆତି କରି ବିଭୂତି ୪ଲକ୍ଷ ୮୪ ହଜାର ଟଙ୍କା ଉଠାଇ ଆଣିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିଭୂତି ଉକ୍ତ ଟଙ୍କା ଆଉ ବ୍ୟାଙ୍କରେ ଜମା କରି ନ ଥିଲେ। ୨୦୦୮ ଜୁନ ୩୦ରେ ଭିଜିଲାନ୍ସ ପକ୍ଷରୁ ଏସଂକ୍ରାନ୍ତରେ ଏକ ମାମଲା (ନଂ.୨୫/୨୦୦୮) ରୁଜୁ କରାଯାଇଥିଲା।

# ରେଳଧାରଣାରୁ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ

- ପରିବାର ଆଣିଲେ ହତ୍ୟା ଅଭିଯୋଗ
- ଥାନାରେ ୨ ଅଟକ

ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ରେଲ୍‌ୱେ ଷ୍ଟେଶନ ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ମଙ୍ଗଳବାର ଜବତ ହୋଇଛି। ମୃତକ ହେଲେ ଦେଓଗାଁ ଥାନା ବନ୍ଧପଡ଼ା ଫାଣ୍ଡି ଅନ୍ତର୍ଗତ ସାହାଜବାହାଲ ଗାଁର ବୁଲୁ ବାଗ ଓରଫ ବାଘ (୩୦)। ତାଙ୍କୁ ହତ୍ୟା କରି ରେଳଧାରଣାରେ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି। ପୋଲିସ ଏହି ଘଟଣାରେ ୨ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ପ୍ରକାଶ ଯେ, ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ନେଇ ଟ୍ରେନଚାଳକ ଭୋର ସମୟରେ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଏହି ଖବର ପାଇ ଦେଓଗାଁ ଥାନାଧିକାରୀ ବୁଲୁ ମୁଣ୍ଡା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ପାରିପାର୍ଶ୍ୱିକ ସ୍ଥିତିରୁ ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରାଯାଇ ରେଳ ଧାରଣାରେ ଫିଙ୍ଗି ଦିଆଯାଇ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଥିବା ପୋଲିସ ଅନୁମାନ କରିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ସାଇଣ୍ଟିଫିକ୍ ଟିମ୍ ଓ ଏସ୍‌ପି ଋଷିକେଶ ଖିଲାରି ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏହି ଅବସରରେ ଏସ୍‌ପି ଖିଲାରି ଦୁଇଟି ଟିମ୍ ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ ତଦନ୍ତରୁ ରେଳଷ୍ଟେଶନ ନିକଟରୁ ୩୦୦ ମିଟର ଦୂର ବାମପାର୍ଶ୍ୱରେ ଥିବା ଏକ ଧାନଖଳା ନିକଟରେ ସଂପୃକ୍ତ ଯୁବକଙ୍କ ମୁଣ୍ଡକୁ କେହି ପଥରରେ ଛେଚି ହତ୍ୟା କରି ସେଠାରେ ପଡିଥିବା ରକ୍ତକୁ ବାଲିରେ ଘୋଡ଼ାଇ ଦେଇଛି। ପରେ ମୃତଦେହ ଘୋଷାଡ଼ି ନେଇ ରେଳଧାରଣାରେ ପକାଇ ଦେଇଥିବା ପୋଲିସକୁ ପ୍ରମାଣ ମିଳିଛି। ମୃତକ ୪ ବର୍ଷ ହେଲା ଡୁଙ୍ଗୁରା ଥାନା ଅନ୍ତର୍ଗତ ସିନ୍ଧିରାବାହାଲିରେ ଥିବା ମାମୁଘରେ ରହୁଥିଲେ। ତାଙ୍କ ସ୍ତ୍ରୀ ଜନନୀ ବାଗଙ୍କ କହିବା ଅନୁଯାୟୀ, ବୁଲୁ ସୋମବାର ପୂର୍ବାହ୍ନ ୧୦ଟା ସମୟରେ ମୋବାଇଲ ସଜାଡ଼ିବା ପାଇଁ ଯାଉଛି ବୋଲି କହି ଘରୁ ଯାଇ ଫେରି ନ ଥିଲେ। ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ଉଠାଇ ନ ଥିଲେ। ପୋଲିସ ଖବର ଦେବାରୁ ପରିବାରବର୍ଗ ଥାନାରେ ପହଞ୍ଚି ଥିଲେ । ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ବଚସାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ଏସ୍‌ଡିପିଓ ସାହୁ ତଦନ୍ତ କରୁଥିବା ବେଳେ ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ କରାଯିବ ବୋଲି ସୂଚନା ଦେଇଛନ୍ତି।




ଏସ୍‌ପି ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# ଜେଲ ଗଲେ କନିଷ୍ଠ କିରାଣି

### ୨୦ ହଜାର ଲାଞ୍ଚ ନେବା ମାମଲା

ଭୁବନେଶ୍ୱର,୧୦।୧୨ (ସତ୍ୟଜିତ୍ ରାଉତ)

ଲାଞ୍ଚ ନେବା ମାମଲାରେ ଭୁବନେଶ୍ୱର ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର (ଉପନିବନ୍ଧକ) କାର୍ଯ୍ୟାଳୟର କନିଷ୍ଠ କିରାଣୀ(ଜୁନିୟର୍ କ୍ଲର୍କ) ଦେବଯାନୀ କରଙ୍କୁ ମଙ୍ଗଳବାର ଭିଜିଲାନ୍ସ ଗିରଫ କରିଛି। ଦେବଜାନୀଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ କାର୍ଯ୍ୟାଳୟରୁ ଠାବ ହୋଇଥିବା ୧୫ ଲକ୍ଷ ୮ହଜାର ୫୫୦ ନଗଦ ଟଙ୍କାକୁ କଟକସ୍ଥିତ ନିବନ୍ଧକ ମହାନିରୀକ୍ଷକ(ଆଇଜିଆର୍)ଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଯାଞ୍ଚ ସରିଛି। ଜବତ ଟଙ୍କା ମଧ୍ୟରେ ଲାଞ୍ଚ ଟଙ୍କା ରହିଥିବା ଆଇଜିଆର୍ ଅଫିସର ବରିଷ୍ଠ ଅଧିକାରୀ ଓ ଭିଜିଲାନ୍ସ ଜାଣିବାକୁ ପାଇଛନ୍ତି। ତେବେ ଏଥିରେ କେତେ ଟଙ୍କା ଲାଞ୍ଚ ରହିଛି ସେନେଇ ଭିଜିଲାନ୍ସ ଯାଞ୍ଚ କରୁଛି। ସୂଚନାଯୋଗ୍ୟ, ଜଣେ ବ୍ୟକ୍ତି ତାଙ୍କ ପୈତୃକ ଜମିର ଆଂଶିକ ପ୍ଲଟ୍ ବିକ୍ରି ସମ୍ପର୍କିତ କାଗଜପତ୍ର (ଆର୍‌ଏସ୍‌ଡି) କରିବାକୁ ଆବେଦନ କରିଥିଲେ। ଏଥିପାଇଁ ଜମି ମାଲିକଙ୍କ ବ୍ୟକ୍ତିଗତ ଓକିଲଙ୍କୁ ଦେବଯାନୀ ଲାଞ୍ଚ ମାଗିଥିଲେ। ଏନେଇ ଆଇନଜୀବୀ ଜଣଙ୍କ ଭିଜିଲାନ୍ସ ନିକଟରେ ରବିବାର ଅଭିଯୋଗ କରିବା ପରେ ଏକ ମାମଲା(ନଂ.୨୬/୨୦୨୪) ରୁଜୁକରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ସୋମବାର ଅପରାହ୍ନରେ ଅଭିଯୋଗକାରୀଙ୍କଠୁ ଦେବଯାନୀ ତାଙ୍କ ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଅତର୍କିତ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଅମ୍ବିକା ପ୍ରସାଦଙ୍କ ଡକ୍ଟରେଟ ଉପାଧି ଲାଭ



ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ୪୦ତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତିଙ୍କ ଯୋଗଦାନରେ ସମ୍ମାନ ସୂଚକ ଭାବେ ଅମ୍ବିକା ପ୍ରସାଦ ମିଶ୍ର ଡକ୍ଟରେଟ ଉପାଧି ଲାଭ କରିଛନ୍ତି। ବର୍ତ୍ତମାନ ଶ୍ରୀ ମିଶ୍ର Asst. Professor ଭାବେ ଶ୍ରୀ ଶ୍ରୀ ୟୁନିଭର୍ସିଟିରେ Soil Science ବିଭାଗରେ କାର୍ଯ୍ୟରତ ଅଛନ୍ତି। ଓୟୁଏଟି ବିଭାଗର ପ୍ରଫେସର ଡା. ଆଶିଷ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ତାଙ୍କର ଗବେଷଣାତ୍ମକ ସନ୍ଦର୍ଭ ଶୀର୍ଷକ "Soil Science & Agriculture Chemistry" ଏବଂ Bidhan Chandra Krushi Viswavidyalaya (BCKV), Kolkata ଦ୍ୱାରା ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ଢେଙ୍କାନାଳ ଜିଲ୍ଲା ଗୁଡ଼ିଆନାଳୀସ୍ଥିତ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର ଏବଂ ସହକାରୀ ଶିକ୍ଷୟିତ୍ରୀ ଅମିତା ମିଶ୍ରଙ୍କର ଜ୍ୟେଷ୍ଠ ପୁତ୍ର ତଥା ସଦାଶିବପୁର, ନୂଆଶାସନ ଗ୍ରାମ ନିବାସୀ ପୂର୍ବତନ ଶିକ୍ଷା ନିରୀକ୍ଷକ ସ୍ୱର୍ଗତ ନୃସିଂହ ଚରଣ ମିଶ୍ର ଓ ସ୍ୱର୍ଗତା ବାସନ୍ତୀ ଦେବୀଙ୍କର ନାତି ଅଟନ୍ତି। ସେ ନିଜର ସଫଳତାର ଶ୍ରେୟ ତାଙ୍କର ପିତା, ମାତା, ବନ୍ଧୁ, ପରିବାରବର୍ଗ, ସାଙ୍ଗସାଥୀ ଓ ସହକର୍ମୀମାନଙ୍କୁ ଦେଇଛନ୍ତି। ତାଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଡକ୍ଟରେଟ୍ ଉପାଧି ଲାଭ କରିପାରିଛନ୍ତି ବୋଲି ବ୍ୟକ୍ତ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ତାଙ୍କର ସଫଳତା ପାଇଁ ବିନମ୍ର ପ୍ରଣତି ଜଣାଇଛନ୍ତି।

ଧ-୭୫୪୭୦


## ପହିଲାରୁ ନୂଆ କାର୍ ଦର

**ନୂଆଦିଲ୍ଲୀ,୧୦।୧୨:** ନୂଆ ବର୍ଷ ଆରମ୍ଭରୁ ନୂଆ ଦର ଲାଗୁହେବ ବୋଲି ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ବ୍ରାଣ୍ଡର ଏସ୍‌ୟୁଭି ଏବଂ ସିଭି ମଡେଲଗୁଡ଼ିକ ଉପରେ ନୂଆ ଦର ୨୦୨୫ ଜାନୁଆରୀ ୧ରୁ ଲାଗୁହେବ।


MARRIAGE WISH



KAMALAKANTA (RAKU)
&
NAMITA (MAMA)
*Best wishes from:*
**Swain, Mohanty Family, Relatives & Friends**

D-2211


# ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାରରେ ଉଲ୍ଲେଖନୀୟ ଅଭିବୃଦ୍ଧି

## ମୁଣ୍ଡ ପିଛା ବ୍ୟବହାରରେ ବୃଦ୍ଧି



ରାଜମଣି କୃଷ୍ଣମୂର୍ତ୍ତି

ନୂଆଦିଲ୍ଲୀ,୧୦।୧୨

ବର୍ତ୍ତମାନ ସମୟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଚାହିଦା ଅନେକାଂଶରେ ବୃଦ୍ଧି ପାଇଛି। ଏପରିକି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ପ୍ରୟୋଗ ସ୍ଥାପତ୍ୟ, କୋଠା, ଅଟୋମୋବାଇଲ, ରେଳବାଇ, ପ୍ରକ୍ରିୟାକରଣ ଶିଳ୍ପ, ପରିବହନ (ଏବିସି), ନିର୍ମାଣ (ଏବିସି) ଏବଂ ଉପଭୋକ୍ତା ସ୍ଥାୟୀ ସାମଗ୍ରୀ ଆଦି କ୍ଷେତ୍ରରେ ରହିଛି ବୋଲି ଇଣ୍ଡିଆନ୍ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡେଭଲପମେଣ୍ଟ ଆସୋସିଏସନ (ଆଇଏସ୍‌ଏସ୍‌ଡିଏ) ପକ୍ଷରୁ କୁହାଯାଇଛି। ଏପରିକି ଆଇଏସ୍‌ଏସ୍‌ଡିଏର ଆକଳନ ଅନୁଯାୟୀ ଆଗାମୀ ଦିନରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଚାହିଦା ଆହୁରି ବୃଦ୍ଧି ପାଇବ ବୋଲି ଆଇଏସ୍‌ଏସ୍‌ଡିଏ ପକ୍ଷରୁ ଆଶା କରାଯାଉଛି। ଅପରପକ୍ଷରେ ଆର୍ଥିକ ବର୍ଷ ୨୦୩୦ ସୁଦ୍ଧା ମୁଣ୍ଡ ପିଛା ବ୍ୟବହାର ୪.୫-୫.୫ କିଲୋଗ୍ରାମ ହେବ। ଏଥିରେ ବିକଳ୍ପ ଶକ୍ତି, ଇଥାନଲ ଉତ୍ପାଦନ, ଜଳ ସଂରକ୍ଷଣ ଏବଂ ଜାତୀୟ ବିକାଶର ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକ ସହାୟକ ହେବ। ସେହିଭଳି ଆଇଏସ୍‌ଏସ୍‌ଡିଏର ସୂଚନା ଅନୁଯାୟୀ ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ବ୍ୟବହାର ୨୦୨୨-୨୩ ଆର୍ଥିକ ବର୍ଷରେ ୪.୦୨ ମିଲିୟନ ଟନ୍ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୧୧% ବୃଦ୍ଧି ପାଇ ୪.୪୬ ମିଲିୟନ ଟନ୍‌ରେ ପହଞ୍ଚିଛି। ଏଥିରେ ଉଭୟ ଫ୍ଲାଟ୍ ଓ ଲମ୍ବା ଉତ୍ପାଦ ଅନ୍ତର୍ଭୁକ୍ତ ରହିଛି। ସେହିପରି ଦେଶରେ ମୁଣ୍ଡ ପିଛା ଷ୍ଟେନ୍‌ଲେସ୍ ଷ୍ଟିଲ୍ ବ୍ୟବହାର ୨୦୧୮-୧୯ ଆର୍ଥିକ ବର୍ଷରେ ୨.୨୫ କିଲୋଗ୍ରାମ (କେଜି) ଥିବା ବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହା ୩.୧ କିଲୋଗ୍ରାମକୁ ବୃଦ୍ଧି ପାଇଛି।

ବିଶେଷକରି ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ସାମଗ୍ରିକ ସ୍ଥାୟିତା ଗୁଣ, କ୍ଷୟ ପ୍ରତିରୋଧ, ସ୍ଥାୟିତ୍ୱ, ଦୃଢ଼ତା କାରଣରୁ ଭିତ୍ତିଭୂମି ନିର୍ମାଣ, ପ୍ରକ୍ରିୟାକରଣ ଶିଳ୍ପ, ରେଲଓ୍ୱେ ଭଳି କ୍ଷେତ୍ରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌କୁ ଅଧିକ ପସନ୍ଦ କରାଯାଉଛି। ଏପରିକି ୨୦୪୭ ସୁଦ୍ଧା ଭାରତ ୪୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବାବେଳେ ମୋଟ ଘରୋଇ ଉତ୍ପାଦର ପ୍ରମୁଖ ଯୋଗଦାନ କରୁଥିବା ନିର୍ମାଣ, ଭିତ୍ତିଭୂମି ଏବଂ ଉତ୍ପାଦନ ଭଳି କ୍ଷେତ୍ର ଷ୍ଟେନ୍‌ଲେସ୍ ଷ୍ଟିଲ୍ ଚାହିଦା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ବୋଲି ଆକଳନ କରାଯାଉଛି।

ଆଇଏସ୍‌ଏସ୍‌ଡିଏର ଅଧ୍ୟକ୍ଷ ରାଜମଣି କୃଷ୍ଣମୂର୍ତ୍ତି କହିଛନ୍ତି, ଭାରତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ ଶିଳ୍ପ ୧୧% ଅଭିବୃଦ୍ଧି ସହ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଏପରିକି ଏହା ସ୍ଥାୟୀ ସାମଗ୍ରୀ ଉପରେ ଦେଶର ନିର୍ଭରଶୀଳତାକୁ ଦର୍ଶାଉଛି। ଗତ ୨ ଦଶନ୍ଧି ମଧ୍ୟରେ ଶିଳ୍ପ ଅନେକ କ୍ଷେତ୍ରରେ ପାରଦର୍ଶିତା ହାସଲ ସହ ବିଭିନ୍ନ କ୍ଷେତ୍ରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଚାହିଦା ବଢ଼ିଛି। ଯଦିଓ ଦେଶର ମୁଣ୍ଡ ପିଛା ବ୍ୟବହାର ବୈଶ୍ୱିକ ହାରାହାରି ୬.୫ କିଲୋଗ୍ରାମଠାରୁ କମ୍ ରହିଛି। ଭାରତରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାଇଁ ବର୍ତ୍ତମାନ ୭.୫ମିଲିୟନ ଟନର କ୍ଷମତା ରହିଛି, ଯାହା ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ମାନଦଣ୍ଡକୁ ପୂରଣ କରୁଥିବା ବିଭିନ୍ନ ପ୍ରକାର ସାମଗ୍ରୀ ଉତ୍ପାଦନ କରିବାରେ ସକ୍ଷମ ହୋଇଛି।

କ୍ରିସିଲ (ସିଆର୍‌ଆଇଏସ୍‌ଆଇଏଲ୍) ସହ ଆମର ଗବେଷଣା ଅନୁଯାୟୀ ଭାରତର ଷ୍ଟେନ୍‌ଲେସ୍ ଇସ୍ପାତ ବ୍ୟବହାର ୨୦୪୦ ଆର୍ଥିକ ବର୍ଷ ସୁଦ୍ଧା ୧୨.୫-୧୨.୭ ମିଲିୟନ ଟନ୍ ଏବଂ ୨୦୪୭ ଆର୍ଥିକ ବର୍ଷ ସୁଦ୍ଧା ୧୯-୨୦ ମିଲିୟନ ଟନରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏଥିରେ ଅଟୋମୋଟିଭ୍, ନିର୍ମାଣ, ଅକ୍ଷୟ ଶକ୍ତି ଏବଂ ସବୁଜ ଅର୍ଥନୀତି, ବ୍ଲୁ ଇକୋନୋମି, ପ୍ରତିରକ୍ଷା, ଏରୋସ୍ପେସ୍ ଇତ୍ୟାଦି ନୂତନ ପ୍ରୟୋଗ ଭଳି କ୍ଷେତ୍ର ଯୋଗୁ ଏହି ଅଭିବୃଦ୍ଧି ହେବ। ଏହା ବ୍ୟତୀତ ସରକାରୀ ପ୍ରୟାସ ଯଥା ମେକ୍ ଇନ୍ ଇଣ୍ଡିଆ, ଉତ୍ପାଦ ଜନିତ ଇନ୍‌ସେଣ୍ଟିଭ (ପିଏଲ୍‌ଆଇ), ଅନୁକୂଳ ବାଣିଜ୍ୟ ନୀତି ଏବଂ ସ୍ଥାୟୀ ଅଭିବୃଦ୍ଧି ଉପରେ ସରକାରଙ୍କ ଗୁରୁତ୍ୱ ଏହାକୁ ଆଗକୁ ବଢ଼ାଇବ ବୋଲି ଆଶା କରାଯାଉଛି। ତେବେ ନିମ୍ନମାନର ଷ୍ଟେନ୍‌ଲେସ୍ ଷ୍ଟିଲ୍ ଡମ୍ପିଂ ହେଉଛି। ବିଶେଷକରି ଚାଇନା ଯୋଗୁ ଘରୋଇ ଶିଳ୍ପ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୋଟ କ୍ଷମତାର କେବଳ ୬୦% ରେ କାର୍ଯ୍ୟକ୍ଷମ ହେଉଥିବା ବେଳେ ଭାରତର ଷ୍ଟେନ୍‌ଲେସ୍ ଶିଳ୍ପ କ୍ଷମତାକୁ ଅଧିକରୁ ଅଧିକ ଉପଯୋଗ କରିବା ପାଇଁ ଏକ ସମାନ ସୁଯୋଗ ସୁନିଶ୍ଚିତ କରିବା ସକାଶେ ଆମେ ସରକାରଙ୍କୁ ଅନୁରୋଧ କରୁଛୁ।

## ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୧୦।୧୨

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨(୧.୫୯) ପଏଣ୍ଟ କମି ୮୧,୫୧୦ (୮୧,୫୧୦.୦୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୯ (୮.୯୫) ପଏଣ୍ଟ ହ୍ରାସ ଘଟି ୨୪,୬୧୯ (୨୪,୬୧୯.୦୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


# Classified Everyday
0674-2580101, 9692975378



MATRIMONIAL

GROOM WANTED

ମା'ଙ୍କ ସଙ୍ଗେ ରହୁଥିବା ବିଧବା Bank Clerk 33 ବୟସ୍କା ବଙ୍ଗାଳୀ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। (Urgent). 6371298869. D-2181

Brahmin girl 1995, 5'4". B.Tech (Burla, PAPC, IIM, Bangalore Serving Software Engineer PWC "SUNASANSAR". 9937512659. D-76222

Beautiful Karan girl 1995, 5'4" MSc. (Zoology), B.Ed. "SUNASANSAR". 9937512659. D-76221

ବୟସ 26 କୌଣସି ଚାକିରି କରୁ ନ ଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7077016578. D-75354

BRIDE WANTED

Handsome Teli boy, 28+, B.Tech., Railway Engineer, Bhubaneswar. 'SUHAG' 9938199964. D-2228



REAL ESTATE

SALE

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

Ready to move 4BHK flat (2050 sqft. SBA) at Saubhagya Nagar, near OUAT with double parking, 6500/- per sqft. Contact: 9439716901. D-75584

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-2218

Two adjacent plots (2600, 2040 sqft.) sthitiban, boundary wall, 25' internal road, in common area of 45 plots sold to dignitaries since 2010, near Chhatabar Chhak (100 meters distance). Family living in duplexes. After purchase cost- Rs.1500/- per sqft. Contact: 7064055712. D-71594

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

**Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914.** D-76223



FOR RENT

Autometic mineral water plant existing sales 800box at Khordha Industrial Estate, also available 7500sqft. RCC building for commercial activity. 9438283062. D-2183

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ACCOMMODATION

ଘରୋଇ ଠାକୁର ସୁଶ୍ରୀ ରାଧାରାଣୀ ଓ ଶାନ୍ତ ଶ୍ରୀକୃଷ୍ଣଙ୍କ ରହିବା ନିମନ୍ତେ ଆବଶ୍ୟକ (1) ସ୍ୱଳ୍ପ ବାରି ସହିତ ସ୍ୱାଧୀନ କୋଠା, (2) କେବଳ ଜମି / ବାରି, ୪୦୦୦ରୁ ୬୦୦୦ ବର୍ଗଫୁଟ, ସମ୍ପୂର୍ଣ୍ଣ ବିବାଦମୁକ୍ତ ସମ୍ପତ୍ତି, କିସମ- ଘରବାରି, ସ୍ଥିତିବାନ, ଭୁବନେଶ୍ୱର (ବୃହତ୍ ମହାନଗର ଅଞ୍ଚଳ)। କେବଳ ଭଲ ଲୋକ, ସହୃଦୟ ବ୍ୟକ୍ତି, ଅସଲ ମାଲିକ-ବିକ୍ରେତା ଯୋଗାଯୋଗ କରିବେ। ନଚେତ୍ ନାହିଁ। ଯୋଗାଯୋଗ: ଡ. ଦୀପକ ଭଟ୍ଟାଚାର୍ଯ୍ୟ, ପ୍ରଧାନ ଖଟଣିଆ, C/o ଶ୍ରୀ ରାଧାକୃଷ୍ଣ କ୍ୟାମ୍ପସ୍, ପ୍ଲଟ୍ ନଂ. ୩୧୬୩, କେଦାରଗୌରୀ ମେନ୍ ରୋଡ (ଭାୟା ବିନ୍ଦୁସାଗର ଛକ), ୭୫୧୦୦୨, Phone: 0674-3577034. D-2229



Healthcare

Newly open full body massage relax with new lady therapist. 7750040475. D-76176

Newly open health benefits spa special offer @799, Bapujinagar. 8018429809. D-76178

BUSINESS

ଓଡ଼ିଶା ପରିବହନର ସ୍ୱୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

AFFIDAVIT

By virtue of an affidavit sworn before Notary, Bhubaneswar, dated 9.12.24, I, B. Prasad, Address: Banafula Basti, Budhanagar, P.S.- Laxmisagar, Bhubaneswar, Dist.- Khordha - 751006, Odisha declare that I have changed my son's name from Banisiti Amar to B. Amar. Henceforth, he shall be known as B. Amar for all purposes. B. Prasad D-2215

Your classified advertisement published in Dharitri will be listed free in Dharitri online edition: dharitriepaper.in

By virtue of an affidavit sworn before the Executive Magistrate, Jagatsinghpur on dated 07.12.2024, I, Mrutyunjaya Sahoo (New Name), At- Kendal, P.O.- Mandasahi, P.S./Dist.- Jagatsinghpur, Odisha (Full Address) declare that I have changed my name from Mrutuja Sahoo (Old Name) to Mrutyunjaya Sahoo (New Name). Henceforth, I shall be known as MRUTYUNJAYA SAHOO for all future purposes. D-76177

By virtue of an affidavit sworn before Notary, Bhubaneswar, dated 09.12.24, Sukanta Biswal, Address: At- Jaisinghpur, P.O.- Gopalpur, P.S.- Tirtol, Dist.- Jagatsinghpur, PIN- 754104, Odisha declare that I have changed my daughter's name from Sanskruti Biswal to Sai Sanskruti Biswal. Henceforth, she shall be known as Sai Sanskruti Biswal for all purposes. D-2214

By virtue of an affidavit sworn before Notary, Bhubaneswar, dated 9.12.24, I, B. Prasad, Address: Banafula Basti, Budhanagar, P.S.- Laxmisagar, Bhubaneswar, Dist.- Khordha - 751006, Odisha declare that I have changed my son's name from Banisiti Subham to B. Subham. Henceforth, he shall be known as B. Subham for all purposes. B. Prasad D-2216

By virtue an affidavit sworn before Executive Magistrate, Dhenkanal, dtd. 05.11.2024, In Aadhaar Card-XXXX XXXX XXXX 7583 my name has wrongly mentioned as Bishnupriya. I have changed my name from Bishnupriya to Bishnupriya Nayak. Henceforth, I shall be known as Bishnupriya Nayak, W/o Samir Samal, Village/P.O.- Gobindaprasad, P.S.- Sadar, Dist.- Dhenkanal, Odisha for all purposes. Bishnupriya Nayak D-75471

I, Raja Rana, S/o Bidyadhar Rana, R/o At- Siluan, P.O.- Marlad, P.S.- Titilagarh, Dist.- Bolangir (Odisha) declare by this affidavit No.731 dt.10.12.2024 sworn before the Executive Magistrate, Titilagarh I have changed my name from Raja Rana to Bishnu Rana. Today onwards I shall be known as Bishnu Rana for all purposes. D-2227

I, Sushant Kumar Mallick, S/o Gobinda Mallick, At- Singhamapur, P.O.- Birabalabhadrapur, Puri, Odisha - 752012 have changed my name from Susanta Kumar Malika to Sushant Kumar Mallick for all future purposes. D-75615

ମନେ ପଡ଼ନ୍ତି

୧ମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମହେନ୍ଦ୍ର ପ୍ରସାଦ ପଣ୍ଡା
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଇଛଦା, ଭଦ୍ରକ
ତିରୋଧାନ: ୧୧।୧୨।୨୦୨୩
କେଉଁ ଅଫେରା ରାଇଜେ ଚାଲିଗଲ ତୁମେ
ଭୁଲି ଘର ଦ୍ୱାର ପରିବାର
ଝୁରୁଛନ୍ତି ଜ୍ଞାତି, ବନ୍ଧୁ, ପରିଜନ
ଝରାଇ ଲୁହର ଧାର
ପ୍ରଣତି ଜଣାଇ ବିନତି କରୁ
ଏତିକି କାମନା ଆମ
ପ୍ରଭୁ କୃପାବଳେ ଶାନ୍ତି, ସ୍ୱସ୍ତି ସହ
ଲଭ ତୁମେ ସ୍ୱର୍ଗଧାମ।
ଶୋକସନ୍ତପ୍ତ : ପଣ୍ଡା ପରିବାର

ଧ-୨୨୦୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## ବେଦାନ୍ତ ଆଲୁମିନିୟମର 'ବେଦାମ୍ରିତ୍ ହନି'



ଭୁବନେଶ୍ୱର,୧୦।୧୨

ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ତଥା ଶତପ୍ରତିଶତ ପ୍ରାକୃତିକ ମହୁ 'ବେଦାମ୍ରିତ୍ ହନି'ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ ମହୁଚାଷୀମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଲଇକେରା ହନିଫେଡ୍ କୃଷକ ଉତ୍ପାଦକ ସଙ୍ଗଠନ ଅଧୀନରେ କାର୍ଯ୍ୟ କରୁଥିବା ଲଇକେରାର କୁଶଳୀ ମହୁଚାଷୀଙ୍କ ଦ୍ୱାରା ନିର୍ମିତ ଏହି 'ବେଦାମ୍ରିତ୍ ହନି'କୁ ଲାଇକେରାର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, 'ବେଦାମ୍ରିତ୍ ହନି' ଏକ ଅଭିନବ ତଥା ପ୍ରଭାବଶାଳୀ ଜୀବିକା ପ୍ରଣାଳୀ ମାଧ୍ୟମରେ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ ଆମର ପ୍ରତିବଦ୍ଧତାର ପ୍ରତିଫଳନ ପାଲଟିଛି। ଏହି ପ୍ରକଳ୍ପ ଜୈବ ବିବିଧତାକୁ ମଧ୍ୟ ବୃଦ୍ଧି ସହିତ କୃଷି ଉତ୍ପାଦନକୁ ଦୃଢ଼ କରିଥାଏ। ଏପରିକି ଏହା ଆମ ସମସ୍ତଙ୍କ ପାଇଁ ଏକ ଗର୍ବର ମୁହୂର୍ତ୍ତ ହୋଇଥିଲାବେଳେ ଲଇକେରାର ମହୁମାଛି ଚାଷୀଙ୍କ ଉତ୍ସର୍ଗୀକୃତ ଫଳାଫଳ, ଆର୍ଥିକ ସଶକ୍ତୀକରଣ ଏବଂ ସମାଜ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ଲାଇକେରା ହନିଫେଡ୍ ଏଫ୍‌ପିଓର ସଚିବ ସୁଲତା ନାୟକ କହିଛନ୍ତି, ମହୁମାଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକଳାପ, ଯାହା କେବଳ ଚାଷୀଙ୍କୁ ଅତିରିକ୍ତ ଆୟର ଉତ୍ସ ଯୋଗାଇ ନ ଥାଏ ବରଂ ପରିବେଶରେ ମଧ୍ୟ ବିଶେଷ ଅବଦାନ ଦେଇଥାଏ।

## ଟିପିସିଓଡିଏଲ୍‌ର ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର



ଭୁବନେଶ୍ୱର,୧୦।୧୨(ଅଭୟ ଦାଶ)

ପ୍ରତି ଥର ପରି ଚଳିତ ଥର ମଧ୍ୟ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍(ଟିପିସିଓଡିଏଲ୍)ର ଭାଗ୍ୟଶାଳୀ ଉପଭୋକ୍ତାଙ୍କୁ ଆକର୍ଷଣୀୟ ପୁରସ୍କାର ଦିଆଯାଇଛି। ଏପରିକି ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ ସମାରୋହ ଉତ୍ସବରେ ଭୁବନେଶ୍ୱରର ୫୬ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ଟିପିସିଓଡିଏଲ୍ ପକ୍ଷରୁ ପୁରସ୍କୃତ କରାଯାଇଛି।

ଏହି ପରିପ୍ରେକ୍ଷୀରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ ଭାଗ୍ୟଶାଳୀ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉପଭୋକ୍ତାଙ୍କୁ ସଶକ୍ତ କରିବା ଓ ସ୍ଥାୟୀ ପରିବେଶ ଉପଯୋଗୀ ଅଭ୍ୟାସର ପ୍ରସାର କରିବା ଲାଗି କମ୍ପାନୀର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏ ନେଇ ସେ କହିଛନ୍ତି,ଠିକ୍ ସମୟରେ ଦେୟ ପୈଠକରିବା ଏବଂ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ଉତ୍ସାହିତ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ଏପରିକି ଡିଜିଟାଲ ମାଧ୍ୟମରେ ବିଲ୍ ପୈଠ କରିବା ଉପଭୋକ୍ତାଙ୍କ ପାଇଁ ସୁବିଧାଜନକ ଓ ଏଥିରେ କାଗଜ ବ୍ୟବହାର କମ୍ ହେଉଛି, ଯାହା ଏକ ସବୁଜ ଭବିଷ୍ୟତ ସୃଷ୍ଟିରେ ଆମକୁ ସହାୟକ ହେଉଛି। ଏହି ଧରଣର ସ୍କିମ୍‌ରେ ଅଂଶଗ୍ରହଣ କରିବା ଲାଗି ଉପଭୋକ୍ତାମାନଙ୍କୁ ଡିଜିଟାଲ ମାଧ୍ୟମରେ ଠିକ୍ ସମୟରେ ଦେୟ ପୈଠ କରିବାକୁ ଉତ୍ସାହିତ କରାଯାଉଛି।

ଉଲ୍ଲେଖଯୋଗ୍ୟ, ଟିପିସିଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ଠିକ୍ ସମୟରେ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଉତ୍ସାହିତ କରିବା ଲାଗି 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ଶୁଭାରମ୍ଭ ହୋଇଯାଇଛି। ଏହି ସ୍କିମ୍‌ରେ ଶୂନ ବକେୟା ସ୍ଥିତି ବଜାୟ ରଖିଥିବା ଓ ଡିଜିଟାଲ୍ ମାଧ୍ୟମରେ ବିଲ୍ ପୈଠ କରୁଥିବା ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରାଯାଉଛି। ଏହି ସ୍କିମ୍‌ରେ ଯେଉଁ ଉପଭୋକ୍ତାମାନେ ଠିକ୍ ସମୟରେ ଓ ଡିଜିଟାଲ ମାଧ୍ୟମରେ ବିଲ୍ ପ୍ରଦାନ କରୁଛନ୍ତି। ଏପରିକି ସେମାନେ ଲକି ଡ୍ର' ଜରିଆରେ ଆକର୍ଷଣୀୟ ପୁରସ୍କାର ଜିତିବା ଲାଗି ଯୋଗ୍ୟ ବିବେଚିତ ହେଉଛନ୍ତି। ଏହି ଅଭିଯାନ ଦାୟିତ୍ୱବାନ ଉପଭୋକ୍ତାମାନଙ୍କୁ ରିୱାର୍ଡ ପ୍ରଦାନ କରିବା ସହିତ ଡିଜିଟାଲ ପେମେଣ୍ଟର ପ୍ରସାର କରିବ। ଯାହା ହେଉଛି ସୁବିଧାଜନକ ଓ ପରିବେଶ ମିତବ୍ୟୟୀ। ସ୍କିମ୍‌ର ଅଂଶ ସ୍ୱରୂପ ଉପଭୋକ୍ତାମାନେ ୪%ର ଡିଜିଟାଲ ରିହାତି ଭଳି ଅତିରିକ୍ତ ସୁବିଧା ଓ ଠିକ୍ ସମୟରେ ବିଲ୍ ପୈଠ ପାଇଁ ୟୁନିଟ୍ ପିଛା ୧୦ପଇସାର ତ୍ୱରିତ ରିହାତି ପାଇପାରୁଛନ୍ତି। ଅନ୍‌ଲାଇନ କାରବାରର ପ୍ରସାର କରି ଟିପିସିଓଡିଏଲ୍ କାଗଜ ବ୍ୟବହାର କମ୍ କରିଛି ଏବଂ ସ୍ଥାୟୀ ପରିବେଶ ଉପଯୋଗୀ ଅଭ୍ୟାସକୁ ସମର୍ଥନ କରୁଛି।

# କଦଳୀ ଚାଷ



କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ଏକ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ

- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଏବଂ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଚଳିତ ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ । ଏମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।



# ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ଦମନ



ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

# ଫସଲ ଉତ୍ପାଦନରେ ମ୍ୟାଗ୍ନେସିୟମର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ପ୍ରତ୍ୟେକ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ଆବଶ୍ୟକ କରିଥାଏ । ସେଥିମଧ୍ୟରୁ ମ୍ୟାଗ୍ନେସିୟମ୍ ଅନ୍ୟତମ । ମ୍ୟାଗ୍ନେସିୟମ୍ ଏକ ଗୌଣ ଖାଦ୍ୟ ଉପାଦାନ । ମୁଖ୍ୟ ଖାଦ୍ୟ ଉପାଦାନ ଯଥା ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପଟାସ୍‌ର ; ମ୍ୟାଗ୍ନେସିୟମ୍ ପରିପୁରକ । ମ୍ୟାଗ୍ନେସିୟମ୍ ଏକ ଗୌଣ ଖାଦ୍ୟ ଉପାଦାନ ହେଲେ ବି ଫସଲ ଉତ୍ପାଦନ ପାଇଁ ଏହାର ଭୂମିକା ଅନେକ ଅଛି।

ମ୍ୟାଗ୍ନେସିୟମ୍ ଗଛର ପତ୍ରର ସବୁଜ କଣିକା ମଧ୍ୟରେ ରହି ଫସଲ ପାଇଁ ଶ୍ୱେତସାର ଖାଦ୍ୟ ପ୍ରସ୍ତୁତିରେ ସାହାଯ୍ୟ କରେ । ମ୍ୟାଗ୍ନେସିୟମ୍ ଫସଲର ବିଭିନ୍ନ ଏନ୍‌ଜାଇମକୁ ସକ୍ରିୟ କରିବା ସହ ପ୍ରୋଟିନ ପ୍ରସ୍ତୁତରେ ସକ୍ରିୟ ଭାଗ ନିଏ । ଫସଲ ପାଇଁ ମାଟିରେ ପ୍ରୟୋଗ ହେଉଥିବା ଫସ୍‌ପରସ୍‌କୁ ପ୍ରୋଟିନ୍ ପ୍ରସ୍ତୁତି ପାଇଁ ମଞ୍ଜି ପାଖକୁ ପଠାଇଥାଏ । କ୍ୟାଲସିୟମ୍ ପରି ମ୍ୟାଗ୍ନେସିୟମ୍ ଫସଲରେ ଥିବା ବିଷାକ୍ତ ଜୈବ ପଦାର୍ଥକୁ ଶୋଧନ କରିପାରେ।

ମ୍ୟାଗ୍ନେସିୟମ୍ ଅଭାବରେ ଫସଲର ତଳପତ୍ର ମଧ୍ୟରେ ଥିବା ଶିରା ପ୍ରଶିରା ସବୁଜ ରହେ। କିନ୍ତୁ ଶିରା ପ୍ରଶିରାର ମଝି ଅଂଶ ହଳଦିଆ ହୁଏ । ଏହି ପତ୍ରର ଆକାର ଛୋଟ ହୁଏ ଏବଂ ଅସମୟରେ ଭାଙ୍ଗିଯାଏ । ପତ୍ରର ଧାର ଉପର ପଟକୁ ମୋଡ଼ି ହୋଇ ରହେ । ଗଛର ଶାଖା ପ୍ରଶାଖା ଦୁର୍ବଳ ହୋଇ ଅସମୟରେ ପତ୍ରଝଡ଼ା ଦିଏ ଏବଂ କବକ ଦ୍ୱାରା ଆକ୍ରାନ୍ତ ହୁଏ । ଆଳୁ ପତ୍ରର ଦୁଇ ଶିରାର ମଧ୍ୟଭାଗ ସବୁଜ ନ ରହି ପାଉଁଶିଆ ରଙ୍ଗ ହୁଏ । କପାଗଛର ପତ୍ର ବାଇଗଣିରୁ ଈଷତ୍ ଲାଲ ଦେଖାଯାଏ । ବାଲି ଏବଂ ବାଲିଆ ଦୋରସା କିସମ ଅମ୍ଳ ମାଟିରେ ମ୍ୟାଗ୍ନେସିୟମ୍‌ର ଅଭାବ ଦେଖାଯାଏ । ଅଧିକ ଥର ଜଳସେଚ଼ନ ହେଉଥିବା ଜମି ଏବଂ ବର୍ଷକୁ ୧୫୦୦ ମି.ମି.ରୁ ଅଧିକ ବର୍ଷା ହେଉଥିବା ଅଞ୍ଚଳର ମାଟିରେ ମ୍ୟାଗ୍ନେସିୟମ୍ ଅଭାବ ହୁଏ । ଅଧିକ ବର୍ଷା ଏବଂ ଜଳସେଚ଼ନ ହେଉଥିବା ମାଟିରୁ ମ୍ୟାଗ୍ନେସିୟମ୍ ଧୋଇ ଭୂଗର୍ଭକୁ ଯାଉଥିବାରୁ ମାଟିରେ ମ୍ୟାଗ୍ନେସିୟମ୍‌ର ଅଭାବ ହୋଇଥାଏ ।

ଫସଲରୁ ମ୍ୟାଗ୍ନେସିୟମ୍‌ର ଅଭାବ ଦୂର ପାଇଁ ମ୍ୟାଗ୍ନେସିୟମ୍ ଜାତୀୟ ରାସାୟନିକ ସାର ପ୍ରୟୋଗ କରିବାକୁ ପଡ଼େ । ସାଧାରଣତଃ ବଜାରରେ ଯବକ୍ଷାରଯାନ, ଫସ୍‌ଫରସ୍ ଏବଂ ପୋଟାସିୟମ ଜାତୀୟ ସାର ପରି ମ୍ୟାଗ୍ନେସିୟମ୍ ସାର ବିକ୍ରି ହୁଏ ନାହିଁ । ବିଭିନ୍ନ ରାସାୟନିକ ଦ୍ରବ୍ୟ ବିକ୍ରୟ କରୁଥିବା କେତେକ ଦୋକାନ ଏବଂ କିଛି ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ ବିକ୍ରି କରୁଥିବା ବ୍ୟବସାୟୀ ମ୍ୟାଗ୍ନେସିୟମ୍ ରାସାୟନିକ ସାର ରଖିଥାନ୍ତି । ମ୍ୟାଗ୍ନେସିୟମ୍ ଥିବା ରାସାୟନିକ ସାର ମଧ୍ୟରେ ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍, ମ୍ୟାଗ୍ନେସିୟମ୍ କ୍ଲୋରାଇଡ୍ ଏବଂ ମ୍ୟାଗ୍ନେସିୟମ୍ ନାଇଟ୍ରେଟ୍ ମୁଖ୍ୟ । ମ୍ୟାଗ୍ନେସିୟମ୍ ସଲ୍‌ଫେଟ୍‌ରେ ଶତକଡ଼ା ୯.୭ ଭାଗ ମ୍ୟାଗ୍ନେସିୟମ୍, ମ୍ୟାଗ୍ନେସିୟମ୍ କ୍ଲୋରାଇଡ୍‌ରେ ଶତକଡ଼ା ୧୧.୮ ଭାଗ ମ୍ୟାଗ୍ନେସିୟମ୍ ଏବଂ ମ୍ୟାଗ୍ନେସିୟମ୍ ନାଇଟ୍ରେଟ୍‌ରେ ଶତକଡ଼ା ୯.୪ ଭାଗ ମ୍ୟାଗ୍ନେସିୟମ୍ ଥାଏ । ଏହି ସବୁ ମ୍ୟାଗ୍ନେସିୟମ୍ ଜାତୀୟ ସାରକୁ ମାଟିରେ ପ୍ରୟୋଗକଲେ ବିଶେଷ ଫଳପ୍ରଦ ହୁଏ ନାହିଁ । ଉକ୍ତ ସାର ସବୁର ଦାମ୍ ଅଧିକ ହୋଇଥିବାରୁ ଚାଷୀକୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ଦ୍ୱିତୀୟତଃ ମ୍ୟାଗ୍ନେସିୟମ୍ ମାଟିରୁ ଫସଲକୁ ଗ୍ରହଣ ହେବାକୁ ଅଧିକ ସମୟ ଲାଗେ । ତେଣୁ ପତ୍ରଛିଞ୍ଚା ମାଧ୍ୟମରେ ଫସଲକୁ ମ୍ୟାଗ୍ନେସିୟମ୍ ଯୋଗାଇ ଦିଆଯାଇପାରିବ । ଫସଲ ୩୦ ରୁ ୪୦ ଦିନ ମଧ୍ୟରେ ହେଲେ ୧୦ ଦିନ ବ୍ୟବଧାନରେ ଦୁଇ ଥର ପତ୍ରଛିଞ୍ଚା କରାଯାଇପାରିବ । ଏଥିପାଇଁ ମ୍ୟାଗ୍ନେସିୟମ ସଲ୍‌ଫେଟ ଶତକଡ଼ା ୮.୪ ଭାଗ ମ୍ୟାଗ୍ନେସିୟମ୍ ନାଇଟ୍ରେଟ୍ ଶତକଡ଼ା ୬୬ ଭାଗ କିମ୍ବା ମ୍ୟାଗ୍ନେସିୟମ୍ ନାଇଟ୍ରେଟ୍ ଶତକଡ଼ା ୭୧ ଭାଗ ପତ୍ରଛିଞ୍ଚା କରାଯାଏ ।

"ମ୍ୟାଗ୍ନେସିୟମ ଅଭାବରେ ଫସଲର ତଳପତ୍ର ମଧ୍ୟରେ ଥିବା ଶିରାପ୍ରଶିରା ସବୁଜ ରହେ । କିନ୍ତୁ ଶିରା ପ୍ରଶିରାର ମଝି ଅଂଶ ହଳଦିଆ ହୁଏ । ଏହି ପତ୍ରର ଆକାର ଛୋଟ ହୁଏ ଏବଂ ଅସମୟରେ ଭାଙ୍ଗିଯାଏ । ପତ୍ରର ଧାର ଉପର ପଟକୁ ମୋଡ଼ିହୋଇ ରହେ । ଗଛର ଶାଖା ପ୍ରଶାଖା ଦୁର୍ବଳ ହୋଇ ଅସମୟରେ ପତ୍ରଝଡ଼ା ଦିଏ ଏବଂ କବକ ଦ୍ୱାରା ଆକ୍ରାନ୍ତ ହୁଏ । ଆଳୁ ପତ୍ରର ଦୁଇ ଶିରାର ମଧ୍ୟଭାଗ ସବୁଜ ନ ରହି ପାଉଁଶିଆ ରଙ୍ଗ ହୁଏ । କପା ଗଛର ପତ୍ର ବାଇଗଣିରୁ ଈଷତ୍ ଲାଲ ଦେଖାଯାଏ । ବାଲି ଏବଂ ବାଲିଆ ଦୋରସା କିସମ ଅମ୍ଳ ମାଟିରେ ମ୍ୟାଗ୍ନେସିୟମ୍‌ର ଅଭାବ ଦେଖାଯାଏ । ଅଧିକ ଥର ଜଳସେଚ଼ନ ହେଉଥିବା ଜମି ଏବଂ ବର୍ଷକୁ ୧୫୦୦ ମି.ମି.ରୁ ଅଧିକ ବର୍ଷା ହେଉଥିବା ଅଞ୍ଚଳର ମାଟିରେ ମ୍ୟାଗ୍ନେସିୟମ ଅଭାବ ହୁଏ ।"



ଡୋଲମାଇଟ୍ ନାମକ ଏକ ଖଣିଜ ପଦାର୍ଥ ଯେଉଁଥିରେ ଉଭୟ କ୍ୟାଲ୍‌ସିୟମ ଏବଂ ମ୍ୟାଗ୍ନେସିୟମ୍ ଉପାଦାନ ରହିଛି; ଏହାକୁ ରାଜସ୍ଥାନରୁ ଅଣାଯାଇ ଓଡ଼ିଶାର ଅମ୍ଳମାଟିରେ ପରୀକ୍ଷା ଚାଲିଛି । ଏହି ଡୋଲମାଇଟ୍‌ରେ ଶତକଡ଼ା ୨୫ରୁ ୨୮ ଭାଗ କ୍ୟାଲ୍‌ସିୟମ ଏବଂ ୧୨ ରୁ ୧୫ ମ୍ୟାଗ୍ନେସିୟମ୍ ଅଛି । ଉକ୍ତ ଡୋଲମାଇଟ ଫସଲ ପାଇଁ ଉପଯୁକ୍ତ ଫଳାଫଳ ଦେଲେ ଅମ୍ଳ ମାଟିରେ ପ୍ରୟୋଗ ପାଇଁ ଏହାକୁ ଅନୁମୋଦନ କରାଯାଇପାରିବ ।

-ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

# ପନିପରିବାରେ ଝାଉଁଳା ରୋଗ



ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ଷ୍ଟ୍ରେଟୋସାଇକ୍ଲିନ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ। ଟମାଟୋ, କୋବି ଓ ଭେଣ୍ଡି ଇତ୍ୟାଦି ଫସଲରେ ପତ୍ରପୋଡ଼ା ରୋଗ ଲାଗିଥିଲେ ଏହାର ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ବାଇଗଣରେ କାଙ୍କିଡ଼ିଆ ପୋକ ଦମନ କରିବା ପାଇଁ ୪ ଗ୍ରାମ୍ କାର୍ବାରିଲ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ବର୍ଷାଦିନେ ବାଇଗଣରେ କାଣ୍ଡ ଓ ଫଳପଚା ରୋଗ ଲାଗିବା ବହୁ ଆଶଙ୍କା ଅଛି। ଏହାର ପ୍ରତିକାର ସକାଶେ ପ୍ରତି ଲିଟର ପାଣିରେ ୩ ମିଲି ହିସାବରେ କପର, ଅକ୍ସିକ୍ଲୋରାଇଡ୍ କିମ୍ବା ବୋଡାକ୍ସ ମିକ୍ସଚର (୫:୫:୫) ହିସାବରେ ମିଶାଇ ସିଞ୍ଚନ କରନ୍ତୁ। କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ଲାଗି ୧ମିଲି ମାଲାଥିଅନ୍ ସହ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷଥୋପ କରି ବ୍ୟବହାର କରନ୍ତୁ। ଆଭ୍ୟନ୍ତରୀଣ ଅଞ୍ଚଳରେ ଅଦିନିଆ ଫୁଲକୋବି କିସମ ଯଥା - ହେମଲତା ତଳି ହୋଇଯାଇଥିଲେ ମୁଖ୍ୟ କିଆରିରେ ରୋଇଦିଅନ୍ତୁ। ଝାଉଁଳା ସହଣି ଥିବା ଲଙ୍କାମରିଚ କିସମ ଯଥା ଉତ୍କଳ ରଶ୍ମି, ଉତ୍କଳ ଆଭା ଲଗାନ୍ତୁ। ଲଙ୍କାରେ ଉକୁଣିଆ ପୋକ ଦେଖାଗଲେ ପତ୍ରମୋଡା ହୋଇଯାଏ। ଏଥିପାଇଁ ଏକର ପ୍ରତି ୩୫୦ ମିଲି ଇଥିଅନ୍ ସିଞ୍ଚନ କରନ୍ତୁ। ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ନିମନ୍ତେ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦ ହଜାର ଟ୍ରାଇକୋଗାମା ପରାଶ୍ରୟୀ ଛାଡ଼ନ୍ତୁ। ୩୦୦ ପିପିଏ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ। ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ୍ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ୍ ଓ କଳା କଖାରୁ ଭୃଙ୍ଗ ଦମନ ଲାଗି ଏକର ପ୍ରତି ୮୦୦ ଗ୍ରାମ୍ କାର୍ବାରିଲ୍ ପ୍ରୟୋଗ କରନ୍ତୁ। ପନିପରିବାରେ ଦହିଆ ପୋକ ଦେଖାଯାଉଥିଲେ ଏହାର ଦମନ ସକାଶେ ଫସଲ ଫଳନ୍ତି ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମାଲାଥିଅନ୍ ଏବଂ ଅନ୍ୟ ଅବସ୍ଥାରେ ଥିଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡିମେଟନ୍ କିମ୍ବା ମେଟାସିଡ୍ ମିଶାଇ ସିଞ୍ଚନ କରନ୍ତୁ।

## ଧାନ ସଂରକ୍ଷଣ ସମୟରେ..



ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣ ଖରାରେ ଶୁଖାଇ ଦେବା ଉଚିତ । ଧାନ ସାଇତିବା ପୂର୍ବରୁ ଅମାର ଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅ ଧାନ ତଳି ପ୍ରସ୍ତୁତି (୧ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

## ଗହମରେ କାଳିଗୁଣ୍ଡି ପୋକ ଲାଗିଲେ...



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତିଦିଅନ୍ତୁ କିମ୍ବା ପୋଡ଼ିଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

## ଚିନାବାଦାମରେ ଘାସ ବଛା



ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ । ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ । ଜଉପୋକ ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍ / ଲିଟର ପାଣି ସିଞ୍ଚନ କରନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୧/୨୦୨୪ Bhubaneswar, Wednesday, December 11/ 2024

**ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ**

## ସାଲବାମ୍‌ଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନି ସାଲବାମ୍ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୬ ବର୍ଷରୁ କମ୍ ବାଳକ ୬୦୦ ମିଟରରେ ସେ ୧:୨୨.୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ଉତ୍ତରାଖଣ୍ଡର ସୂରଜ ସିଂ (୧:୨୧.୭୦) ସ୍ୱର୍ଣ୍ଣ ଓ କର୍ଣ୍ଣାଟକର ଆୟୁଷ ପ୍ରଞ୍ଜଳ (୧:୨୨.୧୦) ରୌପ୍ୟ ପଦକ ହାସଲ କରିଛନ୍ତି। ଏହାକୁ ମିଶାଇ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୫ରେ ପହଞ୍ଚିଛି। ପୂର୍ବରୁ ଦ୍ୱିତୀୟ ଦିବସରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଦଣ୍ଡପତି ମୃତ୍ୟୁମ୍ ଜୟରାମ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ତୃତୀୟ ଦିବସରେ ଡି.ଏମ. ଜୟରାମ, ଆସ୍ତିକ ପ୍ରଧାନ, ମହେନ୍ତ ସାନ୍ତା ଓ ରାଜେନ୍ଦ୍ର ସାହୁଙ୍କୁ ନେଇ ଗଠିତ ୨୦ ବର୍ଷରୁ କମ୍ ଓଡ଼ିଶା ପୁରୁଷ ୪x୧୦୦ ମିଟର ରିଲେ ଦଳ ସ୍ୱର୍ଣ୍ଣ ଏବଂ ସବିତା ଟପ୍ପୋ (ମହିଳା ୧୦୦ ମିଟର ହର୍ଡଲ୍ସ) ଓ ଆସ୍ତିକ ପ୍ରଧାନ(ପୁରୁଷ ୪୦୦ ମିଟର ରେସ୍) ରୌପ୍ୟ ପଦକ ହାସଲ କରିଥିଲେ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ। ଫଟୋ: ରାଜକିଶୋର ମହାନ୍ତି।

## ଧ୍ଲୋଁଙ୍କୁ ୬ ବର୍ଷ ବାସନ୍ଦ କଲା ଆଇସିସି

**ଦୁବାଇ, ୧୦।୧୨ (ପି.ଟି.):** ଆବୁଧାବି ଟି୧୦ ଲିଗ୍‌ର ଏକ ଫ୍ରାଞ୍ଚାଇଜର ପୂର୍ବତନ ସହକାରୀ କୋଚ୍ ସନ୍ନି ଧ୍ଲୋଁଙ୍କୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଖେଳର ସମସ୍ତ ପ୍ରକାର କାର୍ଯ୍ୟକଳାପରୁ ୬ବର୍ଷ ପାଇଁ ବାସନ୍ଦ କରିଛି। ସେ ମ୍ୟାଚ୍ ଫିକ୍ସିଂ ପାଇଁ ଉଦ୍ୟମ କରିଥିଲେ। ଏହାଦ୍ୱାରା ସେ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି)ର ଦୁର୍ନୀତି ନିବାରଣ କୋଡ୍ ଉଲ୍ଲଂଘନ କରିଥିବା ଆଇସିସି ଏକ ବିବୃତିରେ କହିଛି। ଗତବର୍ଷ ଯେଉଁ ୮ଜଣ ଦୁର୍ନୀତି ନିବାରଣ ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା ସେମାନଙ୍କ ମଧ୍ୟରେ ଧ୍ଲୋଁ ଅନ୍ୟତମ ଥିଲେ। ୨୦୨୧ ଆବୁଧାବି ଟି୧୦ କ୍ରିକେଟ ଲିଗ୍ ବେଳେ ମ୍ୟାଚ ଫଳାଫଳକୁ ସେମାନେ ପ୍ରଭାବିତ କରିବା ଲାଗି ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଏମିରେଟ୍ସ ଟି୧୦ ଲିଗ୍ ୨୦୨୧ରେ ଅନ୍ୟ ଦୁଇ ଜଣ ପରାଗ ସାଙ୍ଘଭି ଓ କ୍ରିଷନ କୁମାର ଚୌଧାରୀଙ୍କ ବିରୋଧରେ ମଧ୍ୟ ଭିନ୍ନ ଦୁର୍ନୀତି ଅଭିଯୋଗ ହୋଇଥିଲା।

**ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ୍**

## କିଶୋର-ଜୟଦୁର୍ଗା ମ୍ୟାଚ୍ ଡ୍ର


ପୁରସ୍କାର ଗ୍ରହଣ କରୁଛନ୍ତି ମନୀଷ ହେମ୍ବ୍ରମ।

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ):** ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ମଙ୍ଗଳବାର କିଶୋର ସ୍ପୋର୍ଟିଂ ଓ ଜୟଦୁର୍ଗା ଯୁବକ ସଂଘ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କିଶୋର କ୍ଲବ ପକ୍ଷରୁ ମନୀଷ ହେମ୍ବ୍ରମ ଓ ଜୟଦୁର୍ଗା କ୍ଲବର ଜିତେନ୍ ମାରାଣ୍ଡି ୨୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ମନୀଷ ଅତିଥି ରାଧାନାଥ ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏମ୍.ଏସ୍. ବେଗ୍, ସୁଜିତ କୁମାର ପାତ୍ରୋ, ଶେଖାଓ୍ୱତ ଖାଁ ଓ ଆଲୋକ ଦେହୁରି ମ୍ୟାଚ ପରିଚାଳନା କରିଥିଲେ।

## ରେଡ୍‌ବଲ୍‌ରେ ଭାରତୀୟ ବ୍ୟାଟରଙ୍କ ଅଭ୍ୟାସ

**ବ୍ରିସ୍‌ବେନ୍ ଟେଷ୍ଟ**

**ଆଡିଲେଡ୍, ୧୦।୧୨ (ପି.ଟି.)** ପିଙ୍କ୍ ବଲ୍ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଚଳିତ ବର୍ଡର-ଗାଭାସ୍କର ଟ୍ରଫିରେ ସିରିଜକୁ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି ଭାରତ। ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ନେତୃତ୍ୱରେ ବ୍ୟାଟରମାନେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ନେଟ୍ ସେସନରେ ରେଡ୍‌ବଲ ପ୍ରସ୍ତୁତିରେ ବିଶେଷ ଧ୍ୟାନ ଦେଇଛନ୍ତି। ଅନ୍ୟପକ୍ଷରେ ଶନିବାରଠାରୁ ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ଖେଳିବା ଲାଗି ଅଷ୍ଟ୍ରେଲିଆ ଦଳ ଆଗୁଆ ବ୍ରିସବେନ୍ ଗସ୍ତ କରିଛି। ରେଡ୍‌ବଲ୍‌କୁ କିପରି ରକ୍ଷଣାତ୍ମକ ଖେଳିବା ଏବଂ କେଉଁ ବଲ୍‌କୁ ଛାଡ଼ିବାକୁ ହେବ ତାହାର ଟେକ୍‌ନିକ୍ ହାସଲ କରିବା ଲାଗି ଭାରତୀୟ ବ୍ୟାଟରମାନେ ତା' ଉପରେ ମନୋନିବେଶ କରିଥିଲେ। ଭାରତୀୟ ଅଧିନାୟକ ରୋହିତ ବର୍ତ୍ତମାନ ଭଲ ଫର୍ମରେ ନାହାନ୍ତି। ଗତ ୧୨ଟି ଇନିଂସରେ ସେ ମାତ୍ର ୧୪୨ ରନ ସଂଗ୍ରହ କରିଛନ୍ତି। ତନ୍ମଧ୍ୟରେ ତାଙ୍କର ଗୋଟିଏ ଅର୍ଦ୍ଧ ଶତକ (୫୨) ରହିଛି। ପୁତ୍ର ଜନ୍ମ ପରେ ସେ ଦଳ ସହିତ ଯୋଗଦେଇଥିଲେ। ସେ କିପରି ତାଙ୍କ ଲୟ ଫେରିପାଇବେ ସେଥିଲାଗି ସେ ନେଟ୍ସରେ ଉଭୟ ଭାରତୀୟ ପେସର ଓ ସ୍ପିନରଙ୍କ ବୋଲିଂର ସାମ୍ନା କରିଥିଲେ। ରୋହିତ ବ୍ୟାଟିଂ ଅର୍ଡରରେ ୬ଷ୍ଠ ସ୍ଥାନକୁ ଖସି ଆସିଛନ୍ତି। ଦ୍ୱିତୀୟ ଟେଷ୍ଟରେ ସେ ୩ ଓ ୬ ରନ କରିଛନ୍ତି। ପ୍ରଥମ ଇନିଂସରେ ସେ ଏଲ୍‌ବିଡବ୍ଲ୍ୟୁ ହୋଇଥିବା ବେଳେ ଦ୍ୱିତୀୟ ଇନିଂସରେ ସେ ପ୍ରତିପକ୍ଷ ଦଳର ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଯାଇଥିଲେ। ଅନ୍ୟପକ୍ଷରେ କେ.ଏଲ୍ ରାହୁଲ ତାଙ୍କ ଡିଫେନ୍ସ ଉପରେ ଅଧିକ ଧ୍ୟାନ ଦେଇଥିବାବେଳେ ରିଷଭ ପନ୍ତ କିଛି ପିକ୍ ଅପ୍ ଶଟ୍ ଖେଳିଥିଲେ। ଓପନିଂ ଟେଷ୍ଟରେ ଭାରତର ୨୯୫ରନର ବିପୁଳ ବିଜୟରେ ୧୬୧ ରନ କରିଥିବା ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ କିନ୍ତୁ ଆକ୍ରମଣାତ୍ମକ ଶଟ୍ ଖେଳିଥିଲେ। ବୋଲିଂ ଅଭ୍ୟାସ କରିଥିବା ବେଳେ ମାନେ ହେଲେ ହର୍ଷିତ ରାଣା, ଅକାଶ ଦୀପ, ଯଶ ଦୟାଲ ଏବଂ ସ୍ପିନର ତ୍ରୟ ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ ଓ ୱାଶିଂଟନ ସୁନ୍ଦର। ଏମାନଙ୍କ ବ୍ୟତୀତ କେତେଜଣ ଥ୍ରୋ ଡାଉନ୍ ସ୍ପେସାଲିଟେ ମଧ୍ୟ ବୋଲିଂ କରିଥିଲେ। ଭାରତର ଦୁଇ ପ୍ରମୁଖ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ ଏବଂ ସିମ୍ ବୋଲିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କ ବୋଲିଂ ଖରାପ ଲକ୍ଷ୍ୟ କରାଯାଇଥିଲା। ଭାରତୀୟ ଦଳ ବୁଧବାର ବ୍ରିସ୍‌ବେନରେ ପହଞ୍ଚିବ ବୋଲି ଯୋଜନା ରହିଛି।

## ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ଅନ୍ୟ ଅତିଥିମାନେ।

**କଟକ,୧୦।୧୨ (କାର୍ତ୍ତିକ ସାହୁ)** ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ ଇଣ୍ଡିଆ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍‌ର ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଭାରତ, ଜାପାନ, ଇଣ୍ଡୋନେସିଆ, ଚାଇନା, ବୁଲଗେରିଆ ସମେତ ୨୯ଟି ଦେଶରୁ ପ୍ରାୟ ୩୦୦ କ୍ରୀଡ଼ାବିତ୍ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଟୁର୍ନାମେଣ୍ଟର ସମୁଦାୟ ପୁରସ୍କାର ରାଶି ୧ ଲକ୍ଷ ଆମେରିକୀୟ ଡଲାର ରହିଛି। ତୃତୀୟ ଥର ପାଇଁ କଟକରେ ଅନୁଷ୍ଠିତ ଏହି ଟର୍ନାମେଣ୍ଟକୁ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ୬ ଦିନ ବ୍ୟାପୀ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆସନ୍ତା ୧୫ ତାରିଖରେ ଉଦ୍‌ଯାପିତ ହେବ। ଉଦ୍‌ଘାଟନୀ ସମାରୋହରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା, ମୁଖ୍ୟ ପରିଚାଳନା ଅଧିକାରୀ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, କଟକ ଡିସିପି ଜଗମୋହନ ମୀନା, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଦିବସରେ ସମୁଦାୟ ୮ଟି ମ୍ୟାଚ ଖେଳାଯାଇଛି।

## ଓଡ଼ିଶା ଏଫ୍‌ସି-ଇଷ୍ଟ ବେଙ୍ଗଲ ମୁକାବିଲା ଆଜି

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ବୁଧବାର ଓଡ଼ିଶା ଏଫ୍‌ସି ଓ ଇଷ୍ଟ ବେଙ୍ଗଲ ଏଫ୍‌ସି ମଧ୍ୟରେ ମ୍ୟାଚ କୋଲକାତାସ୍ଥିତ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେବ। କ୍ରମାଗତ ୪ଟି ମ୍ୟାଚରେ ଅପରାଜେୟ ରହିଥିବା କଳିଙ୍ଗ ୱାରିୟର୍ସ ଦଳ ଆଗାମୀ ମ୍ୟାଚରେ ମଧ୍ୟ ଉନ୍ନତ ପ୍ରଦର୍ଶନ ନେଇ ଆଶାବାଦୀ ରହିଛି। ଚଳିତ ସିଜନରେ ଦୁଇ ଦଳ ମଧ୍ୟରେ ଏହା ଦ୍ୱିତୀୟ ମୁକାବିଲା। ପୂର୍ବରୁ ଅକ୍ଟୋବରରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୧ ଗୋଲରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରିଥିଲା। ''ବିଜୟ ସବୁବେଳେ ଗୁରୁତ୍ୱପୂର୍ଣ୍ଣ। ଆଗାମୀ ମ୍ୟାଚ ଅଧିକ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା ରହିଛି। କାରଣ ଆମପରି ଇଷ୍ଟ ବେଙ୍ଗଲ ମଧ୍ୟ ୩ ପଏଣ୍ଟ ପାଇ ଚେଷ୍ଟା କରିବ। ବର୍ତ୍ତମାନ ପରିସ୍ଥିତିରେ ସିଙ୍ଗଲ ପଏଣ୍ଟର ମଧ୍ୟ ମୂଲ୍ୟ ରହିଛି। ଦୀର୍ଘଦିନପରେ ଆମେ ପରବର୍ତ୍ତୀ ଗେମ୍ ଖେଳିବାର ଥିବାରୁ ପୋଜିଶନ ବଜାୟ ରଖିବା ଜରୁରୀ। ଟପ୍-୬ ଟାର୍ଗେଟ ପାଇଁ ଆମ ଲଢ଼େଇ ଜାରି ରହିବ'' ବୋଲି ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ଦଳର ନିର୍ଭରଯୋଗ୍ୟ ଖେଳାଳି ଜେରି ଲାଲରିନଜୁଆଲା ଏହି ଅବସରରେ ଉପସ୍ଥିତ ଥିଲେ।

## ପ୍ରଥମ ଦିବସ ଖେଳ ଟିକେଟ ଶେଷ

**ମେଲବୋର୍ନ, ୧୦।୧୨ (ପି.ଟି.):** ମର୍ଯ୍ୟାଦାପୂର୍ଣ୍ଣ ବର୍ଡର-ଗାଭାସ୍କର ଟ୍ରଫି ଦେଖିବା ଲାଗି ଖେଳପ୍ରେମୀଙ୍କ ଆଗ୍ରହ କ୍ରମେ ବଢ଼ିବାରେ ଲାଗିଛି। ଆଇକନିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁଥିବା ଚତୁର୍ଥ କ୍ରିକେଟ ଟେଷ୍ଟର ପ୍ରଥମ ଦିବସ ଖେଳ ପାଇଁ ଟିକେଟ ବିକ୍ରି ଶେଷ ହୋଇଯାଇଛି। ଆଡିଲେଡ୍‌ଠାରେ ୧୦ ଉଇକେଟରେ ବିଜୟ ହାସଲ କରିବା ସହ ଅଷ୍ଟ୍ରେଲିଆ ୫ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ବରାବର ସ୍ଥିତିକୁ ନେଇ ଆସିବାରୁ ଦର୍ଶକଙ୍କ ଆଗ୍ରହ ବଢ଼ିଥିବା କୁହାଯାଉଛି। ଶନିବାର ବ୍ରିସ୍‌ବେନଠାରେ ତୃତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହେବାକୁଥିବା ବେଳେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଦଳ ଡିସେମ୍ବର ୨୬ରୁ ବ୍ରିସ୍‌ବେନ୍‌ରେ ବକ୍ସିଂ ଡେ' ଟେଷ୍ଟ ଖେଳିବେ। ବକ୍ସିଂ ଡେ' ଟେଷ୍ଟର ସର୍ବସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ସମସ୍ତ ଟିକେଟ ବିକ୍ରି ଶେଷ ହୋଇଥିବା କ୍ରିକେଟ ଅଷ୍ଟ୍ରେଲିଆ ମଙ୍ଗଳବାର ଏହାର 'ଏକ୍ସ' ଆକାଉଣ୍ଟରେ ଉଲ୍ଲେଖ କରିଛି।

## ବିଜୟ ସହ ଓଡ଼ିଶାର ଅଭିଯାନ

**ଜାତୀୟ ମହିଳା ଫୁଟବଲ ଫାଇନାଲ ରାଉଣ୍ଡ**


ପ୍ୟାରୀ ଖାଖା

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)** ରାଜମାତା ଜିଜାବାଇ ଟ୍ରଫି ପାଇଁ ଅନୁଷ୍ଠିତ ୨୯ତମ ଜାତୀୟ ସିନିୟର ମହିଳା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ମଙ୍ଗଳବାର ଛତିଶଗଡ଼ ନରେନପୁରସ୍ଥିତ ରାମକୃଷ୍ଣ ମିଶନ ଆଶ୍ରମ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏଥିରେ ବିଜୟ ସହ ଓଡ଼ିଶା ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୨-୦ ଗୋଲରେ ମରାହାଷ୍ଟ୍ରକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଅଧିନାୟିକା ପ୍ୟାରୀ ଖାଖା ୪୫+୨ ଓ ୫୪ତମ ମିନିଟରେ ୨ଟି ଯାକ ଗୋଲ ସ୍କୋର କରିଥିଲେ। ଲିଗ୍ ପର୍ଯ୍ୟାୟରେ ଗ୍ରୁପ୍ 'ଏ' ବିଜେତା ଓଡ଼ିଶା ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଫାଇନାଲ ରାଉଣ୍ଡ ପାଇ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ର ଅନ୍ୟ ଦଳ ଗୁଡ଼ିକ ହେଲେ ମହାରାଷ୍ଟ୍ର, ଝାଡ଼ଖଣ୍ଡ, ତାମିଲନାଡୁ ଓ ମଣିପୁର। ଗ୍ରୁପ୍ 'ବି'ରେ ରହିଛି ହରିୟାଣା, ପଶ୍ଚିମବଙ୍ଗ, ପଞ୍ଜାବ, ରେଲୱେ ଓ ସିକ୍କିମ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ୧୨ ତାରିଖରେ ଝାଡ଼ଖଣ୍ଡ, ୧୪ରେ ମଣିପୁର ଓ ୧୬ରେ ତାମିଲନାଡୁକୁ ଭେଟିବ। ଆସନ୍ତା ୨୧ରେ ଦୁଇଟି ସେମିଫାଇନାଲ ଓ ୨୩ରେ ଫାଇନାଲ ଅନୁଷ୍ଠିତ ହେବ।

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ବିଜୟ

- **ସିନିୟର ମହିଳା ଦିନିକିଆ କ୍ରିକେଟ**
- **ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ପ୍ରଥମ ଶତକ**

**ଭୁବନେଶ୍ୱର, ୧୦।୧୨ (ତପନ ସ୍ୱାଇଁ)** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଘରୋଇ କ୍ରିକେଟ ସିଜନ ଅନ୍ତର୍ଗତ ଅହମଦାବାଦରେ ଚାଲିଥିବା ସିନିୟର ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ କ୍ୟାରିୟରର ପ୍ରଥମ ଶତକ ସହାୟତାରେ ଓଡ଼ିଶା ୪ ଉଇକେଟରେ କେରଳକୁ ପରାସ୍ତ କରିଛି। ଗୁଜରାଟ କଲେଜ କ୍ରିକେଟ ଗ୍ରାଉଣ୍ଡ 'ଏ'ରେ ଟସ୍ ଜିତି ଓଡ଼ିଶା ଅଧିନାୟିକା ପ୍ରତିପକ୍ଷ କେରଳକୁ ବ୍ୟାଟିଂପାଇଁ ଆମନ୍ତ୍ରଣ କରିଥିଲେ। କେରଳ ୪୪.୪ ଓଭରରେ ୧୯୮ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଶାନି ଟି. ୭୨ ଓ ଦୃଶ୍ୟା ଆଇ.ଭି. ୩୧ ରନ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ସୁଶ୍ରୀ ଚମତ୍କାର ବୋଲିଂ କରି ନିଜ ୮.୪ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେବାସହ ମାତ୍ର ୨୧ ରନଦେଇ ୪ ଉଇକେଟ ଅକ୍ତିଆର କରିଥିଲେ। ଡି. ଜାନକୀ ରେଡ୍ଡୀଙ୍କୁ ୩ ଉଇକେଟ ମିଳିଥିଲା। ଜବାବରେ ଓଡ଼ିଶା ୪୫.୧ ଓଭରରେ ୬ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରି ନେଇଥିଲା। ୧୦୦ ବଲ୍‌ର ସମ୍ମୁଖୀନ ହୋଇ ସୁଶ୍ରୀ ୧୨ ଚୌକା ସହାୟତାରେ ୧୦୨ ରନକରି ଅପରାଜିତ ରହିଥିଲେ। ଜାନକୀ ରେଡ୍ଡୀ ୨୮ ରନର ଯୋଗଦାନ ଦେଇଥିଲେ। କେରଳ ପକ୍ଷରୁ ଦର୍ଶନା ମୋହାନନ ଓ ବିନୟା ୨ଟି ଲେଖାଏ ଉଇକେଟ ନେଇଥିଲେ। ସୁଶ୍ରୀ ନୟାପଲ୍ଲୀସ୍ଥିତ ଇନ୍ଦିରା ମଇଦାନରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ଜାଗୃତି କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ। ଓଡ଼ିଶା ଏହାର ପ୍ରଥମ ୨ ମ୍ୟାଚରେ ଯଥାକ୍ରମେ ଆସାମ ଓ ଉତ୍ତରାଖଣ୍ଡଠାରୁ ହାରିବାପରେ ତୃତୀୟ ମ୍ୟାଚରେ ଅରୁଣାଚଳ ପ୍ରଦେଶକୁ ୧୯୪ ରନରେ ପରାସ୍ତ କରିଥିଲା।



ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

### ନକ୍‌ଆଉଟକୁ ଯିବା ପ୍ରଥମ ଲକ୍ଷ୍ୟ

କ୍ୟାରିୟରର ପ୍ରଥମ ଶତକ ହାସଲରେ ସ୍ୱାଭାବିକଭାବେ ଖୁସି ଜାହିର କରିଛନ୍ତି ସୁଶ୍ରୀ ଦିବ୍ୟଦର୍ଶିନୀ। ''ଶତକ ହାସଲରେ ମୁଁ ଖୁବ୍ ଆନନ୍ଦିତ। ଏହି ଖୁସି ମୋର ଦ୍ୱିଗୁଣିତ ହୋଇଛି, କାରଣ ଏହା ଦଳର ବିଜୟରେ ସହାୟକ ହୋଇପାରିଛି। ନକ୍‌ଆଉଟକୁ ଉନ୍ନୀତ ହେବା ଆମର ମୁଖ୍ୟ ଲକ୍ଷ୍ୟ। ପରବର୍ତ୍ତୀ ଗେମ୍ ନାଗାଲାଣ୍ଡ ବିପକ୍ଷରେ ଅଛି। ତା'ପରେ ମୁମ୍ବାଇକୁ ଭେଟିବୁ। ତେଣୁ ଶ୍ରେଷ୍ଠ ପ୍ରଦର୍ଶନ କରି ବିଜୟଧାରା ଜାରି ରଖିବା ଉପରେ ଆମେ ଫୋକସ କରୁଛୁ। ମୁଁ ଯେଉଁ ସଫଳତା ପାଇଛି ତାହାର ଶ୍ରେୟ କୋଚ୍ କ୍ଷୀରୋଦ ବେହେରା, ମୋ ଟିମ୍ ମେଟ୍ ଏବଂ ଓଡ଼ିଶା କ୍ରିକେଟ ଆସୋସିଏଶନକୁ ଦେବାକୁ ଚାହୁଁଛି'' ବୋଲି ସୁଶ୍ରୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଆନ୍ତଃଜୋନ୍ କରାଟେରେ ଓଡ଼ିଶାରୁ ୧୨

**ଭୁବନେଶ୍ୱର, ୧୦।୧୨ (ବିଜୟ ରଣା)** ଆନ୍ତଃଜୋନ କରାଟେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ମଙ୍ଗଳବାର ୧୨ଜଣ ଖେଳାଳି ଦିଲ୍ଲୀ ଗସ୍ତ କରିଛନ୍ତି। ବିଭିନ୍ନ ବର୍ଗରେ ଭାଗନେବାକୁ ଥିବା ଓଡ଼ିଶାର ଏହି କରାଟେକାମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଓମ୍ ଶୁଭମ ମହାପାତ୍ର, ସୁସ୍ମିନ ପାଲ୍‌ଟାସିଂ, ସିନ୍ଧୁ ତନୟା ଖୁଣ୍ଟିଆ, ମୋନାଲି ସାହୁ, ରୋଶନ ସାଇପାଲ୍, ଆୟୁଷ ରଥ, ଦୀପ୍ତି ନାମଦେଓ, ତ୍ରିଲୋଚନ ରଣା, ଯଶଜିତ୍ ସିଂ ଓ ସୋନିଲୀ ପାଣିଗ୍ରାହୀ। ସର୍ବଭାରତୀୟ କରାଟେ ପ୍ରତିଯୋଗିତାରେ ୫ଟି ଜୋନ୍‌ରୁ ପ୍ରାୟ ୮୦୦ପ୍ରତିଯୋଗୀ ଭାଗ ନେଇଛନ୍ତି। ପ୍ରତିଯୋଗୀମାନଙ୍କୁ ରାଜ୍ୟ କରାଟେ ସଂଘ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ଆନ୍ତଃଜୋନ କରାଟେ ପାଇଁ ମନୋନୀତ ଓଡ଼ିଶା ପ୍ରତିଯୋଗୀ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ